RNI REGD NO: 42041/83 • www.sakalaepaper.com • /sakalanews • /sakalanews • www.thesakala.in




ରଙ୍ଗର ପର୍ବ ହୋଲି ଅବସରରେ ଆମର ପ୍ରିୟ ପାଠକପାଠିକା, ବିତରକ, ସମ୍ବାଦଦାତା, ବିଜ୍ଞାପନଦାତା, ଶୁଭେଚ୍ଛୁ ଓ ପୃଷ୍ଠପୋଷକଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

- 'ସକାଳ' ପରିବାର

**'ସକାଳ'ର ଛୁଟି**

ପବିତ୍ର ଦୋଳ ପୂର୍ଣ୍ଣିମା ଓ ହୋଲି ଉତ୍ସବ ପାଳନ ପାଇଁ ମାର୍ଚ୍ଚ ୨୫ ଓ ୨୬ ତାରିଖ ଛୁଟି ରହୁଥିବାରୁ 'ସକାଳ'ର ମାର୍ଚ୍ଚ ୨୬ ଓ ୨୭ ତାରିଖ ସଂସ୍କରଣ ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୨୮ ତାରିଖ (ଗୁରୁବାର) ପ୍ରକାଶ ପାଇବ।

-ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-270 •BHUBANESWAR •MONDAY •25 MARCH 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୭୦ •ଭୁବନେଶ୍ୱର •ସୋମବାର •୨୫ ମାର୍ଚ୍ଚ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦

## ନବୀନ ନିବାସରେ ୬ ଲୋକସଭା ଓ ୪୨ ବିଧାନସଭାର ରଣନୀତି ସମୀକ୍ଷା

# ସୁନିଶ୍ଚିତ ବିଜୟ ନିମନ୍ତେ 'ନବୀନ' ବ୍ୟୂହ



■ **ଭୁବନେଶ୍ୱର,୨୪।୩ (ସମିସ):** ପଶ୍ଚିମ ଓଡ଼ିଶାର ଦୁଇ ସଂସଦୀୟ କ୍ଷେତ୍ର ସୁନ୍ଦରଗଡ଼ ଓ ସମ୍ବଲପୁର ସହ ଉପକୂଳ ଓଡ଼ିଶାର ଯାଜପୁର, ଜଗତସିଂହପୁର, କଟକ ଓ ଢେଙ୍କାନାଳ ଲୋକସଭା ଏବଂ ଏହା ଅଧୀନସ୍ଥ ୪୨ ବିଧାନସଭା ଆସନ ଦଖଲ ଲକ୍ଷ୍ୟରେ ବିଜୁ ଜନତା ଦଳ ପ୍ରସ୍ତୁତ କରିଛି ବଡ଼ ରଣନୀତି। ସମସ୍ତ ଆସନରେ ବିଜେଡିର ବିଜୟ ସୁନିଶ୍ଚିତ କରିବା ଲାଗି ପ୍ରସ୍ତୁତ ହୋଇଛନ୍ତି ଯୋଦ୍ଧା। ଦିନକ ପୂର୍ବେ ପଶ୍ଚିମ ଓଡ଼ିଶାର ତିନି ସଂସଦୀୟ କ୍ଷେତ୍ରରେ ବିଜୟର ପାଞ୍ଚଜନ୍ୟ ବଜାଇବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ନେତାମାନଙ୍କୁ ମନ୍ତ୍ର ଦେଇଥିବାବେଳେ ଆଜି ଆଉ ୬ ସଂସଦୀୟ କ୍ଷେତ୍ରରେ ନିର୍ବାଚନୀ ରଣନୀତି ସମୀକ୍ଷା କରିଛନ୍ତି ବିଜେଡି ସୁପ୍ରିମୋ । ଏହା ସହିତ ଗତ ଲୋକସଭା ନିର୍ବାଚନର ସବୁ ତ୍ରୁଟି ବିଚ୍ୟୁତିକୁ ଏଡ଼ାଇ ବିଜୟର ନୂଆ ରେକର୍ଡ୍ ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀ ଦଳୀୟ ନେତାମାନଙ୍କୁ ଦେଇଛନ୍ତି ସ୍ୱତନ୍ତ୍ର ନିର୍ବାଚନୀ ମନ୍ତ୍ର। ଅନୁରୂପ ଭାବରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମଧ୍ୟ ଦଳୀୟ ନେତାଙ୍କ ସହ ସାଂଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି ।

ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସକାଳେ ସମ୍ବଲପୁର ସଂସଦୀୟ କ୍ଷେତ୍ରର ପର୍ଯ୍ୟବେକ୍ଷକ ଓ ଅନ୍ୟ ନେତୃବୃନ୍ଦ ନବୀନ ନିବାସରେ ପହଞ୍ଚିଥିଲେ। ଏହା ପରେ ସୁନ୍ଦରଗଡ଼, ଢେଙ୍କାନାଳ ଓ ଅପରାହ୍ନରେ ଯାଜପୁର, ଜଗତସିଂହପୁର ଆସନ ଏବଂ ଏହା ଅନ୍ତର୍ଗତ ବିଧାନସଭା ଆସନ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ଦଳୀୟ ପର୍ଯ୍ୟବେକ୍ଷକ ଓ ଅନ୍ୟ ନେତାମାନଙ୍କ ସହ ଜଣଜଣ କରି ପ୍ରତି ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଗତ ନିର୍ବାଚନରେ ବିଜେଡି ପରାଜିତ ହୋଇଥିବା ସୁନ୍ଦରଗଡ଼ ଓ ସମ୍ବଲପୁର ଲୋକସଭା ଆସନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଲୋକସଭା ଆସନ ବିଜୟ ପାଇଁ ଭିନ୍ନଭିନ୍ନ ରଣନୀତି ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି

**▶ ସୁନ୍ଦରଗଡ଼, ସମ୍ବଲପୁର ନିମନ୍ତେ ଭିନ୍ନ ରଣନୀତି**

**▶ ବୁଥ୍‌ସ୍ତରରୁ ଦଳକୁ ଶକ୍ତିଶାଳୀ କରିବାକୁ ନିର୍ଦ୍ଦେଶ**

**▶ ତାଲିମପ୍ରାପ୍ତ କର୍ମୀଙ୍କୁ ନେଇ ଗଢ଼ାଯିବ ବୁଥ୍ କମିଟି**

ଯେଉଁ ଆସନରେ ବିଜେଡି ଗତ ନିର୍ବାଚନରେ ପରାଜିତ ହୋଇଥିଲା, ସେଠାରେ ବିଜୟ ପାଇଁ ଦଳୀୟ ନେତାମାନଙ୍କୁ କଠୋର ପରିଶ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସରକାରଙ୍କର ଲୋକାଭିମୁଖୀ କାର୍ଯ୍ୟକ୍ରମ, '୫-ଟି' ରୂପାନ୍ତରଣ, ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ଉତ୍କର୍ଷ ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ସେହିପରି '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ଦଳୀୟ ନେତାମାନଙ୍କୁ ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ ଆଗାମୀ ନିର୍ବାଚନ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଥିବା ଉଲ୍ଲେଖ କରି ଏଥିପାଇଁ ଅବିରତ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ନିର୍ବାଚନରେ ବିଜେଡି କ୍ରମାଗତ ଭାବରେ ଷଷ୍ଠଥର ଓଡ଼ିଶାରେ ସରକାର ଗଠନ କରିବ। ଓଡ଼ିଶାକୁ ସମୃଦ୍ଧିର ଶିଖରରେ ପହଞ୍ଚାଇବା ପାଇଁ ଆଗାମୀ ୧୦ ବର୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ଦେଖିଥିବା ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତଙ୍କୁ ସାଙ୍ଗରେ ନେଇ ଆଗକୁ ଯିବା ଲାଗି '୫-ଟି' ଅଧ୍ୟକ୍ଷ ଦଳୀୟ ନେତୃବୃନ୍ଦଙ୍କୁ ପରାମର୍ଶ ଦେଇଥିଲେ।

ପ୍ରାପ୍ତ ସୂଚନା ଅନୁସାରେ ଆଜି ବୈଠକ ପରେ ଦଳୀୟ ନେତାମାନେ ନିଜନିଜ କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରିବେ। ସାଂସଦ, ବିଧାୟକ, ଜିଲ୍ଲା ପରିଷଦ ସଭାପତିଙ୍କଠାରୁ ୱାର୍ଡସ୍ତରରେ ସକ୍ରିୟ କର୍ମୀଙ୍କ ସହ ସମନ୍ୱୟ ରଖି ନିର୍ବାଚନ ପ୍ରସ୍ତୁତି ଚଳାଇବେ। ଅଧିକରୁ ଅଧିକ ଲୋକଙ୍କୁ ବିଜେଡି ସହିତ ଯୋଡ଼ିବା, ଯୁବବର୍ଗ ତଥା ମହିଳାମାନଙ୍କୁ ଅଗ୍ରାଧିକାର ଦେଇ ନିର୍ବାଚନ ରଣନୀତିକୁ କାର୍ଯ୍ୟକାରୀ କରିବେ। ▶ପୃଷ୍ଠା-୯

## ବିଜେପିର ପଞ୍ଚମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ଓଡ଼ିଶାରୁ ୧୮

# ବାଦ୍ ପଡ଼ିଲେ ବିଶ୍ୱେଶ୍ୱର, ବସନ୍ତ, ସୁରେଶ, ନୀତେଶ

■ **ଭୁବନେଶ୍ୱର, ୨୪।୩ (ସମିସ):** ବିଜେପି କେନ୍ଦ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ରବିବାର ପଞ୍ଚମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଓଡ଼ିଶାର ୧୮ ଲୋକସଭା ଆସନ ସହ ଦେଶର ମୋଟ ୧୧୧ ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମରେ ମୋହର ମାରିଛନ୍ତି ଦଳର ଶୀର୍ଷ ନେତୃତ୍ୱ। ଓଡ଼ିଶାର ୨୧ ଲୋକସଭା ଆସନ ମଧ୍ୟରୁ କଟକ, ଯାଜପୁର ଓ କନ୍ଧମାଳ ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ। ଅନ୍ୟପକ୍ଷରେ ଘୋଷିତ ସୂଚୀରେ ବର୍ତ୍ତମାନର ୪ ସାଂସଦ ବସନ୍ତ ପଣ୍ଡା, ସୁରେଶ ପୂଜାରୀ, ନୀତେଶ ଗଙ୍ଗଦେବ ଓ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ନାମ ସ୍ଥାନ ପାଇନାହିଁ। ଏହି ଆସନଗୁଡ଼ିକରେ ଦଳ ଅନ୍ୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି ।

ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି ପୁରୀରୁ ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ ପାତ୍ର, ଭୁବନେଶ୍ୱରରୁ ଅପରାଜିତା ଷଡ଼ଙ୍ଗୀ ପ୍ରତିଦ୍ୱନ୍ଦିତା କରିବେ। ଅନୁରୂପ ଭାବରେ ବରଗଡ଼ରୁ ପ୍ରଦୀପ ପୁରୋହିତ, ମୟୂରଭଞ୍ଜରୁ ନବଚରଣ ମାଝୀ,

**ସମ୍ବଲପୁରରୁ ଧର୍ମେନ୍ଦ୍ର, ବରଗଡ଼ରୁ ପ୍ରଦୀପ, କଳାହାଣ୍ଡିରୁ ମାଳବିକା**

**ଘୋଷଣା ହେଲା ନାହିଁ କଟକ, କନ୍ଧମାଳ, ଯାଜପୁର ପ୍ରାର୍ଥୀଙ୍କ ନାମ**

ବାଲେଶ୍ୱରରୁ ପ୍ରତାପ ଷଡ଼ଙ୍ଗୀ, କେନ୍ଦ୍ରାପଡାରୁ ବୈଜୟନ୍ତ ପଣ୍ଡା, ସୁନ୍ଦରଗଡରୁ ଜୁଏଲ ଓରାମ, କେନ୍ଦୁଝରରୁ ଅନନ୍ତ ନାଏକ, ଭଦ୍ରକରୁ ଅଭିମନ୍ୟୁ ସେଠୀ, ଢେଙ୍କାନାଳରୁ ରୁଦ୍ର ନାରାୟଣ ପାଣିଙ୍କୁ ଦଳ ପ୍ରାର୍ଥୀ କରିଛି। ନବରଙ୍ଗପୁରରୁ ବଳଭଦ୍ର ମାଝୀ, ଜଗତସିଂହପୁରରୁ ▶ପୃଷ୍ଠା-୯

## କେଜ୍ରିୱାଲଙ୍କ ଗିରଫଦାରୀ ବିରୋଧରେ ଏକାଠି ହେବେ ବିରୋଧୀ

# ୩୧ରେ 'ଇଣ୍ଡି' ମେଣ୍ଟର ମହାସମାବେଶ

■ **ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି):** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫ ଘଟଣାକୁ ନେଇ ବିରୋଧୀ ମେଣ୍ଟ ପୁଣି ଏକାଠି ହେବେ। ଆସନ୍ତା ୩୧ ତାରିଖରେ ରାମଲୀଳା ମଇଦାନରେ 'ଇଣ୍ଡି' ମେଣ୍ଟର ନେତାମାନେ ଏକାଠି ହୋଇ ବିଜେପି ସରକାର ବିରୋଧରେ ମହାସମାବେଶ କରିବାକୁ ରବିବାର ଘୋଷଣା କରିଛନ୍ତି। ଏହା କୌଣସି ରାଜନୀତିକ ବିରୋଧୀ ସମାବେଶ ନୁହେଁ; ବରଂ ଦେଶକୁ ଏକଛତ୍ରବାଦ ଶାସନକଳରୁ ମୁକ୍ତ କରିବା ସହିତ ଗଣତନ୍ତ୍ର ବଞ୍ଚାଇବା ଉଦ୍ଦେଶ୍ୟରେ ଏହି ମହାସମାବେଶର ଆୟୋଜନ କରାଯିବ ବୋଲି ଆମ ଆଦମୀ ପାର୍ଟି ନେତା ଗୋପାଳ ରାୟ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ▶ପୃଷ୍ଠା-୯






ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com



# ପ୍ରେମିକା ପାଇଁ ବଢ଼ାଇଲେ କେଶ

## ଉପହାର ଦେଲେ ୱିଗ୍

ପ୍ରେମିକାକୁ ଖୁସି କରିବା ପାଇଁ ପ୍ରେମିକମାନେ ବହୁତ କିଛି କରୁଛନ୍ତି। କିଏ ଦାମୀ ଉପହାର ଦେଉଛି ତ ଆଉ କିଏ ପ୍ରେମିକା ନାଁରେ ଟାଟୁ କରି ନିଜର ଭଲପାଇବାକୁ ପରିପ୍ରକାଶ କରୁଛି। ଏହି ପରିପ୍ରେକ୍ଷୀରେ ମିଚିଗନ୍ ୱାଟର ଫର୍ଡ୍ର ନିବାସୀ କୋଡି ଏନିସ୍ ପାଖାପାଖି ୨ ବର୍ଷ ଧରି କେଶ କାଟି ନଥିଲେ। ସେ ତାଙ୍କ ପ୍ରେମିକା ହନା ହୋସଙ୍କ ୱିଗ୍ ତିଆରି କରିବା ପାଇଁ କେଶ ବଢ଼ାଇଥିଲେ। ଝିଅଙ୍କ ଭଳି କେଶ ବଢ଼ାଇବାକୁ ନେଇ ସେ ଆଦୌ ଅସହଜ ମଧ୍ୟ ଅନୁଭବ କରି ନ ଥିଲେ। ହନା ଆଲୋପେସିଆ ରୋଗରେ ପୀଡ଼ିତ। ଏହି କାରଣରୁ ତାଙ୍କ ମୁଣ୍ଡରେ ଗୋଟିଏ ବି କେଶ ନାହିଁ। ତେବେ ଏନିସ୍, ହନାଙ୍କ ସହିତ ୬ ମାସ ଡେଟ୍ କରିବା ପରେ କେଶ ବଢ଼ାଇବା ନିଷ୍ପତ୍ତି ନେଇଥିବା କହିଛନ୍ତି। ଏନିସ୍ ୱିଗ୍ ପାଇଁ ୨୦ ଇଞ୍ଚ ପର୍ଯ୍ୟନ୍ତ କେଶ ବଢ଼ାଇ ଥିଲେ। ସେ କେବଳ କେଶ ବଢ଼ାଇଥିଲେ ତାହା ନୁହେଁ, କେଶର ଉପଯୁକ୍ତ ଯତ୍ନ ମଧ୍ୟ ନେଇଥିଲେ। ଶେଷରେ ସେ ତାଙ୍କ କେଶକୁ ଗତ ଅକ୍ଟୋବରରେ କାଟିଥିଲେ। କେଶ କାଟିବାର ତୁରନ୍ତ ପରେ ସେ ତାହାକୁ ୱିଗ୍ ନିର୍ମାତାଙ୍କ ପାଖକୁ ପଠାଇଥିଲେ।

# କର୍ମଚାରୀଙ୍କ ଅଦ୍ଭୁତ କର୍ତ୍ତବ୍ୟନିଷ୍ଠା

## ୨୬ ବର୍ଷରେ ଦିନଟିଏ ଛୁଟି

ସାଧାରଣତଃ ଚାକିରିଆମାନେ ସବୁବେଳେ ଛୁଟି ନେବାର ମଉକା ଖୋଜୁଥାନ୍ତି। ଗୋଟେପଟେ କର୍ପୋରେଟ୍ ଦୁନିଆରେ ସପ୍ତାହକୁ ତିନିଦିନର ଛୁଟିକୁ ନେଇ ତର୍କ ଚାଲିଥିବା ବେଳେ ଜଣେ ବ୍ୟକ୍ତି ୨୬ ବର୍ଷରେ ଥରେ ଛୁଟି ନେଇ ସମସ୍ତଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଉତ୍ତର ପ୍ରଦେଶ ବିଜନୌରରେ ରହୁଥିବା ତେଜପାଲ ସିଂହ ଏଥିପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇ ଚର୍ଚ୍ଚା ସାଉଁଟୁଛନ୍ତି। ସେ ଏକ ଚିନି କାରଖାନାରେ ୧୯୯୫ ମସିହାରୁ ଏଯାବତ୍ କାମ କରି ଆସୁଛନ୍ତି। କାମ ପ୍ରତି ସେ ନିଜକୁ ଏମିତି ଉତ୍ସର୍ଗ କରିଛନ୍ତି ଯେ, କେବେ ଛୁଟି ନେବାକୁ ଇଚ୍ଛା କରି ନାହାନ୍ତି। ଏପରିକି ସେ ରବିବାର ମଧ୍ୟ ଅଫିସ୍ ଆସି କାମ କରନ୍ତି। ହୋଲି, ଦୀପାବଳି, ଦଶହରା, ଭାଇଦୁଜ ଏବଂ ରବିବାରରେ ମଧ୍ୟ ତେଜପାଲ ଅଫିସ୍ ଯାଆନ୍ତି। ନିୟମ ଅନୁସାରେ, ବର୍ଷକୁ ୪୫ ଦିନ ଛୁଟି ତାଙ୍କୁ ମିଳିଥାଏ। ଏବେ ସୁଦ୍ଧା ସେ ଏଥିରୁ ମାତ୍ର ଗୋଟିଏ ଦିନ ଛୁଟି ନେଇଛନ୍ତି। ତାହା ପୁଣି ନିଜ ସାନ ଭାଇ ବାହାଘରରେ। ୨୦୦୩ ମସିହାରେ ସେ ତାଙ୍କ ସାନ ଭାଇ ବାହାଘର ପାଇଁ ଦିନକ ପାଇଁ ଅଫିସ୍ ଆସି ନ ଥିଲେ। ତେବେ ଛୁଟି ନେବା ନ ନେବା ତାଙ୍କ ଉପରେ ନିର୍ଭର କରେ। ଯେଉଁଥିପାଇଁ ସେ ୨୬ ବର୍ଷରେ ଦିନଟିଏ ପାଇଁ ଛୁଟି ନେଇଥିବା ତେଜପାଲ୍ କହିଛନ୍ତି। ଅନ୍ୟପଟେ ତେଜପାଲ ଠିକ୍ ସମୟରେ ଅଫିସ୍ ଆସନ୍ତି ଓ କାମ ସାରି ଘରକୁ ଫେରନ୍ତି।







# ଆସିବ ମଧୁବାଲାଙ୍କ ବାୟୋପିକ୍

ହିନ୍ଦୀ ସିନେମାର ଟାଇମ୍ଲେସ୍ ବ୍ୟୁଟି ଭାବେ ଦିବଂଗତ ଅଭିନେତ୍ରୀ ମଧୁବାଲା ଜଣାଯାନ୍ତି। ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରୀକୁ ତାଙ୍କର ବଡ଼ ଯୋଗଦାନ ରହିଛି। ବହୁତ ଦିନରୁ ମଧୁବାଲାଙ୍କ ବାୟୋପିକ୍କୁ ନେଇ ଚର୍ଚ୍ଚା ହେଉଥିବାବେଳେ ଏବେ ଏନେଇ ବିଧିବଦ୍ଧଭାବେ ଘୋଷଣା କରାଯାଇଛି। ଏହି ଫିଲ୍ମର ନିର୍ମାଣ ମଧୁବାଲାଙ୍କ ଭଉଣୀ ମଧୁର ବ୍ରିଜ୍ ଭୂଷଣ କରିବେ। ଅରବିନ୍ଦ କୁମାର ମାଲବୀୟ ଫିଲ୍ମର ସହ ପ୍ରଯୋଜକ ହେବେ। ଫିଲ୍ମର ଟାଇଟଲ୍ 'ମଧୁବାଲା' ହେବ। ଜସ୍ମିତ କେ ରିନ୍ ଏହାର ନିର୍ଦ୍ଦେଶନା ଦେବେ। ଫିଲ୍ମକୁ ନେଇ ଦର୍ଶକେ ମଧ୍ୟ ବେଶ୍ ଉତ୍ସାହିତ ଅଛନ୍ତି। ତେବେ ଏହି ଫିଲ୍ମରେ ହିରୋଇନ୍ ଭାବେ କିଏ ଦେଖାଯିବେ, ତାହା ସ୍ପଷ୍ଟ ହୋଇ ନାହିଁ। ମଧୁବାଲା ମାତ୍ର ୯ ବର୍ଷ ବୟସରେ ଫିଲ୍ମ ଜଗତରେ ଶିଶୁ କଳାକାର ଭାବେ ଯୋଗ ଦେଇଥିଲେ। ୧୪ ବର୍ଷ ବୟସରେ ତାଙ୍କୁ ଲିଡ୍ ରୋଲ ମିଳିଥିଲା। ଏହାପରେ ସେ ଆଉ ପଛକୁ ଫେରି ଚାହିଁ ନଥିଲେ। ମାତ୍ର ୩୬ ବୟସରେ ସେ ଆରପାରିକୁ ଚାଲି ଯାଇଥିଲେ। ତେବେ ତାଙ୍କ ବାୟୋପିକ୍ରେ ତାଙ୍କ ଅଭିନୟ ଯାତ୍ରା ସହ ତାଙ୍କ ସମୟରେ ଇଣ୍ଡଷ୍ଟ୍ରୀରେ ଲାଗି ରହିଥିବା ଜଟିଳତାକୁ ଦେଖାଯିବ। ମଧୁବାଲା ତାଙ୍କ ଫିଲ୍ମ 'ମୁଗଲ-ଏ-ଆଜମ୍', 'ଚଲତି କା ନାମ ଗାଡ଼ି', 'ବସନ୍ତ', 'ନୀଲକମଲ', 'ମହଲ', 'ବାଦଲ', 'ତରାନା' ଆଦି ଜରିଆରେ ଦର୍ଶକଙ୍କ ମନ ଛୁଇଁଥିଲେ।

# ବ୍ୟକ୍ତିତ୍ୱରୁ ମାନସିକ ସ୍ୱାସ୍ଥ୍ୟ ସୂଚନା



ଜଣକ ଚାଲିଚଳଣ, କଥାବାର୍ତ୍ତାରୁ ତାଙ୍କ ବିଷୟରେ ଅନେକ କଥା ଜଣାପଡ଼ିଥାଏ। ତେବେ ବ୍ୟକ୍ତିତ୍ୱ ମଧ୍ୟ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ସଙ୍କେତ ପ୍ରଦାନ କରେ। ସରଳ ଭାଷାରେ କହିଲେ ମଣିଷର ବ୍ୟକ୍ତିତ୍ୱ ଦ୍ୱାରା ତା'ର ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୁଏ। ଯେଉଁ ଲୋକ ଆଶାବାଦୀ ଏବଂ ପଜିଟିଭ୍ ବ୍ୟକ୍ତିତ୍ୱ ସମ୍ପନ୍ନ ହୋଇଥାନ୍ତି, ସେମାନେ କମ୍ ଚାପଗ୍ରସ୍ତ ଥାନ୍ତି। ତା'ସହ ସେମାନଙ୍କର ରୋଗପ୍ରତିରୋଧକ କ୍ଷମତା ଭଲ ଥିବା ବେଳେ ଦୀର୍ଘାୟୁ ମଧ୍ୟ ହୋଇଥାନ୍ତି। ସେହିପରି ମେଳାପୀ ଲୋକଙ୍କ ବ୍ୟକ୍ତିତ୍ୱ ଅନ୍ତର୍ମୁଖୀ ଲୋକଙ୍କଠାରୁ ଉନ୍ନତମାନର ହୋଇଥାଏ। କାରଣ ଆତ୍ମବୋଧରେ ବୁଡ଼ି ରହୁଥିବା ଲୋକ ନାନା ଦୁଶ୍ଚିନ୍ତାରେ ରହନ୍ତି। ଫଳରେ ସେମାନଙ୍କ ଏକୁଟିଆପଣ ଅନେକ ମାନସିକ ରୋଗର କାରଣ ହୋଇଥାଏ। ସେହିପରି ଯେଉଁ ଲୋକ ପ୍ରତିକୂଳ ପରିସ୍ଥିତିରେ ଭୟ ନ କରି ତା'ର ମୁକାବିଲା କରନ୍ତି ଏବଂ ନିଜକୁ ପ୍ରତ୍ୟେକ ପରିସ୍ଥିତିରେ ଖାପଖୁଆଇ ଚଳନ୍ତି, ଏଭଳି ଲୋକଙ୍କଠାରେ ମାନସିକ ସମସ୍ୟା ନ ଥାଏ। ଅନ୍ୟପଟେ ବୋଝ ଭାବି ଜୀବନକୁ ଅତିବାହିତ କରୁଥିବା ଲୋକ ହିଁ ମାନସିକ ରୋଗରେ ପୀଡ଼ିତ ହୋଇଥାନ୍ତି। ସେହିପରି ମନରେ ନକାରାତ୍ମକ ଚିନ୍ତାଧାରା ଥିଲେ ସମୟ ଥାଉ ଥାଉ ସଚେତନ ହେବା ଆବଶ୍ୟକ। କାରଣ ନକାରାତ୍ମକ ଚିନ୍ତାଧାରା ହିଁ ମାନସିକ ସ୍ୱାସ୍ଥ୍ୟ ସହ ଜଡ଼ିତ ସମସ୍ୟାକୁ ସୃଷ୍ଟି କରିଥାଏ। ଏହାବାଦ୍ ପ୍ରତ୍ୟେକ ଜିନିଷରେ ଦୋଷ ବାହାର କରୁଥିବା ଲୋକଙ୍କ ତୁଳନାରେ ଯେଉଁମାନେ ସ୍ୱଳ୍ପରେ ବି ସନ୍ତୁଷ୍ଟୀ ମନୋଭାବ ରଖନ୍ତି, ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଅପେକ୍ଷାକୃତ ଭଲ ରହିଥାଏ।

# ମନୋରଞ୍ଜନ ପାଇଁ ଗ୍ରାମାଞ୍ଚଳରେ ଇଣ୍ଟରନେଟ୍ର ବ୍ୟବହାର ଅଧିକ

କରୋନା ମହାମାରୀ ସମୟରେ ଲୋକେ ଇଣ୍ଟରନେଟ୍ର ଅଧିକ ବ୍ୟବହାର କରୁଥିବାର ଦେଖାଯାଇଥିଲା। ବିଶେଷକରି ପାଠପଢ଼ା କ୍ଷେତ୍ରରେ ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଥିଲା। ଭାରତରେ ଏବେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅନ୍ଲାଇନ୍ ପାଠପଢ଼ା କ୍ଷେତ୍ରରେ ଭାରତ ଏବେ ବି ବହୁତ ପଛରେ ରହିଛି। ଇଣ୍ଟରନେଟ୍ ଆଣ୍ଡ ମୋବାଇଲ ଆସୋସିଏସନ ଅଫ୍ ଇଣ୍ଡିଆ ତଥା ଆଇଏଏମ୍ଏଆଇ ୨୦୨୩ ରିପୋର୍ଟ ଅନୁସାରେ, ଭାରତୀୟମାନେ ପାଠପଢ଼ା ପାଇଁ ଇଣ୍ଟରନେଟ୍ ବ୍ୟବହାର କରନ୍ତିନି। ବରଂ ଭାରତର ଗ୍ରାମାଞ୍ଚଳର ଲୋକେ ମନୋରଞ୍ଜନ ପାଇଁ ଇଣ୍ଟରନେଟ୍ ଅଧିକ ବ୍ୟବହାର କରନ୍ତି। ଭିଡିଓ, ରିଲ୍ସ ଦେଖିବାଠାରୁ ଆରମ୍ଭ କରି ଓଟିଟି ପ୍ଲାଟଫର୍ମ ପାଇଁ ଅଧିକ ଇଣ୍ଟରନେଟ୍ ବ୍ୟବହାର କରନ୍ତି। ରିପୋର୍ଟ ଅନୁଯାୟୀ, ଭାରତର ୮୬ ପ୍ରତିଶତ ଲୋକ ଇଣ୍ଟରନେଟ୍ରେ ଭିଡିଓ, ଅଡିଓ, ଓଟିଟି ଆପ୍ସରେ କଣ୍ଟେଣ୍ଟ ଦେଖୁଥିବାବେଳେ ମାତ୍ର ତିନି ପ୍ରତିଶତ ଲୋକ ଇଣ୍ଟରନେଟ୍ ବ୍ୟବହାର କରି ଶିକ୍ଷା ଗ୍ରହଣ କରନ୍ତି। ଏହାକୁ ଧ୍ୟାନ ଦେଲେ ଭାରତର ଗାଁଗହଳିର ଲୋକେ ୫୩% ଲୋକ ଭିଡିଓ, ଅଡିଓ ତଥା ଓଟିଟି ଆପ୍ସ ଦେଖନ୍ତି। ସେହିଭଳି ମେଟ୍ରୋ ସହରଗୁଡ଼ିକର ଲୋକେ ୧୫% ଓ ଛୋଟ ସହରଗୁଡ଼ିକର ଲୋକେ ୨୩%ଇଣ୍ଟରନେଟ୍ ବ୍ୟବହାର କରିଥାନ୍ତି। କେବଳ ସେତିକି ନୁହେଁ, ଯୋଗାଯୋଗ ପାଇଁ ୫୧ ପ୍ରତିଶତ ଭାରତୀୟ ଇଣ୍ଟରନେଟ୍ ବ୍ୟବହାର କରନ୍ତି। ଯୋଗାଯୋଗ ପାଇଁ ଇଣ୍ଟରନେଟ୍ ବ୍ୟବହାର କରିବାରେ ଭାରତର ସହରଗୁଡ଼ିକ ଅପେକ୍ଷା ଗ୍ରାମାଞ୍ଚଳର ଲୋକେ ଆଗରେ ରହିଛନ୍ତି। ସେହିପରି ୭୦% ଭାରତୀୟ ସାମାଜିକ ଗଣମାଧ୍ୟମ ପାଇଁ ଇଣ୍ଟରନେଟ୍ ବ୍ୟବହାର କରିଥାନ୍ତି। ସେହିଭଳି ଅନ୍ଲାଇନ୍ ଗେମିଂ ପାଇଁ ୫୩% ଭାରତୀୟ ଇଣ୍ଟରନେଟ୍ ବ୍ୟବହାର କରୁଥିବାବେଳେ ଇ-କମର୍ସ ପାଇଁ ୫୨% ବ୍ୟବହାର କରିଥାନ୍ତି।



## ଆଜିର ଇତିହାସ

- ୧୬୫୫- ଶନିର ଉପଗ୍ରହ ଟାଇଟନ୍ର ସନ୍ଧାନ କରାଯାଇଥିଲା।
- ୧୮୯୮- ଭଗିନୀ ନିବେଦିତା ବ୍ରହ୍ମଚର୍ଯ୍ୟ ଦୀକ୍ଷା ନେଲେ।
- ୧୯୨୦- ସ୍ୱାଧୀନତା ସଂଗ୍ରାମୀ ଉଷା ମେହେଟାଙ୍କ ଜନ୍ମ।
- ୨୦୦୧- କାବୁଲ୍ରେ ଭୂମିକମ୍ପ ଯୋଗୁ ହଜାରେ ଲୋକଙ୍କ ପ୍ରାଣହାନି।
- ୨୦୦୭-ଟିମ୍ ଇଣ୍ଡିଆ ବିଶ୍ୱକପ୍ କ୍ରିକେଟ୍ରୁ ବାହାର ହେଲା।

# ବାଉଁଶରେ ହେଡ୍ଫୋନ୍

ଆଇଆଇଟି ବମ୍ବେର ୨୪ ବର୍ଷୀୟ ଛାତ୍ର ଅକାଂଶ ଚତୁର୍ବେଦୀ 'ବମ୍ବାସ' ନାଁରେ ସମ୍ପୂର୍ଣ୍ଣ ଭିନ୍ନଧରଣର ହେଡ୍ଫୋନ୍ ତିଆରି କରିଛନ୍ତି। ଯାହାକି ବାଉଁଶରୁ ନିର୍ମିତ। ଇନ୍ଦୋରରେ ରହୁଥିବା ଅକାଂଶ ଇଞ୍ଜିନିୟରିଂ ଶେଷ କରିବା ପରେ ୨୦୨୦ରେ ଆଇଆଇଟି ବମ୍ବେରେ ପ୍ରଡକ୍ଟ ଡିଜାଇନ କରିବା ଦିଗରେ ଆଗକୁ ଆସିଲେ। ତେବେ ପ୍ରକୃତି ସହିତ ଯେଭଳି ତାଙ୍କ ଉତ୍ପାଦ ସାମଞ୍ଜସ୍ୟ ରଖୁଥିବ, ସେଭଳି ପ୍ରଡକ୍ଟ ଡିଜାଇନ କରିବାରେ ତାଙ୍କର ଇଚ୍ଛା ଥିଲା। ସେଇଠୁ ସେ ପରିବେଶ ଅନୁକୂଳ ହେଡ୍ଫୋନ୍ ତିଆରି କରିବା ଦିଗରେ ଆଗକୁ ବଢ଼ିଲେ। ଏ ନେଇ ସେ କିଭଳି ପରିବେଶ ଅନୁକୂଳ ଜିନିଷ ଉପଯୋଗ କରିବେ, ତାହା ଥିଲା ତାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ। ତା'ସହ ଏହା କିଭଳି ହାଲୁକା, ଆଡଜଷ୍ଟ ହୋଇପାରୁଥିବ ଏବଂ ଲୋକଙ୍କ ଦୃଷ୍ଟିଆକର୍ଷଣ କରିବ, ସେ ଦିଗରେ ମଧ୍ୟ ସେ ଗୁରୁତ୍ୱ ଦେଲେ। ହେଡ୍ଫୋନ୍ ପାଇଁ ସେ ପ୍ଲାଷ୍ଟିକ୍ ବଦଳରେ ବାଉଁଶ ବ୍ୟବହାର କରିବା ପାଇଁ ସ୍ଥିର କଲେ। ବାଉଁଶ କାରିଗରଙ୍କ ସହାୟତାରେ ସେ ଏହାର ପ୍ରୋଟୋଟାଇପ୍ ତିଆରି କରିବାକୁ ତିନି ମାସ ସମୟ ନେଇଥିଲେ। ଶେଷରେ ସେ ବାଉଁଶ ହେଡଫୋନ୍ ତିଆରି କରିବାରେ ସଫଳ ହେଲେ। ବାଉଁଶ ହେଡ୍ଫୋନ୍ କେବଳ ଏକ ଗ୍ୟାଜେଟ୍ ନୁହେଁ, ବରଂ ବାଉଁଶ କାରିଗରଙ୍କ ପ୍ରତି ସମ୍ମାନ ବୋଲି ଅକାଂଶ କହିଛନ୍ତି। ହେଡଫୋନ୍ର ଇଅର୍ କପ୍ର ଉପର ଅଂଶରେ ବାଉଁଶରେ ଅତି ନିଖୁଣ କାମ କରାଯାଇଛି। ଅକାଂଶଙ୍କ ଉଦ୍ୟମ କେବଳ ଏତିକିରେ ସୀମିତ ନାହିଁ, ବିଶ୍ୱର ସବୁ ଗ୍ୟାଜେଟ୍ ଯେଭଳି ପରିବେଶ ଅନୁକୂଳ ହେବ, ସେ ଦିଗରେ ତାଙ୍କର ଉଦ୍ୟମ ଜାରି ରହିବ ବୋଲି କହିଛନ୍ତି।



# ନୂଆ ଘର କିଣୁଥିଲେ...

ପୈତୃକ ଘର ହେଉ ଅଥବା ଫ୍ଲାଟ୍, ଏଥିପାଇଁ ରହିଥିବା ବାସ୍ତୁ ନିୟମ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ। ନଚେତ୍ ଏଥିଯୋଗୁଁ ପରିବାରରେ କଳିଝଗଡ଼ା ଲାଗିରୁହେ ଓ ଅଶାନ୍ତି ସୃଷ୍ଟି ହୁଏ। ତେବେ ନୂଆ ଘର କିଣୁଥିଲେ, କିଛି ବାସ୍ତୁନିୟମ ପ୍ରତି ଦୃଷ୍ଟି ଦିଅନ୍ତୁ।

- ଆପାର୍ଟମେଣ୍ଟ କିଣୁଥିଲେ, ଉକ୍ତ ବ୍ଲକ୍ର ପ୍ରବେଶ ଦ୍ୱାରକୁ ହିଁ ମୁଖ୍ୟ ଦ୍ୱାର ଭାବେ ମାନିବାକୁ ହେବ। ତେଣୁ ପ୍ରବେଶ ଦ୍ୱାର ଉତ୍ତର କିମ୍ବା ଉତ୍ତର-ପୂର୍ବ ଦିଗରେ ରହିବା ଆବଶ୍ୟକ। ଘରର ମୁଖ୍ୟ ଦ୍ୱାର ସାମନାରେ ଲିଫ୍ଟ, କାନ୍ଥ କିମ୍ବା କୌଣସି ବଡ଼ ଗଛ ରହିବା ଉଚିତ ନୁହେଁ।
- ଖୋଲା ପରିବେଶ ଓ ସୂର୍ଯ୍ୟକିରଣ ବାସ୍ତୁଶାସ୍ତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ଫ୍ଲାଟ୍ କିଣିବା ସମୟରେ ଏ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ। ଉତ୍ତର ଓ ପୂର୍ବ ଦିଗରେ ଝରକା କିମ୍ବା ବାଲ୍କୋନି ଥିବା ଘର ଉତ୍ତମ ବୋଲି ଧରାଯାଏ। ଦକ୍ଷିଣ କିମ୍ବା ପଶ୍ଚିମ ଦିଗରେ ଝରକା ଥିବା ଘରେ ବାସ୍ତୁଦୋଷ ଦେଖାଯାଏ।
- ଉତ୍ତର-ପୂର୍ବ ଦିଗରେ ରୋଷେଇ ଘର ଥିଲେ, ଫ୍ଲାଟ୍ କିଣନ୍ତୁ ନାହିଁ। ଦକ୍ଷିଣ –ପୂର୍ବ ଦିଗରେ ଥିବା ରୋଷେଇ ଘର ବାସ୍ତୁ ଅନୁଯାୟୀ ଉପଯୁକ୍ତ।
- ଫ୍ଲାଟ୍ର ଛାତ ଉପରେ ଉତ୍ତର-ପୂର୍ବ କୋଣରେ ପାଣିଟାଙ୍କି ରହିବା ଉଚିତ। ପାଣି ଟାଙ୍କିର ରଙ୍ଗ ଗାଢ଼ା ହେବା ଦରକାର।
- ଶୌଚାଳୟ ବା ସ୍ନାନଘର ଦକ୍ଷିଣ-ପଶ୍ଚିମ କୋଣ କିମ୍ବା ଦକ୍ଷିଣ ଦିଗରେ ରହିବା ଉଚିତ। ଯଦି ଶୌଚାଳୟ ଉତ୍ତର-ପୂର୍ବ ଦିଗରେ ଥାଏ, ତେବେ ନକାରାତ୍ମକ ଶକ୍ତି ଘରେ ପ୍ରବେଶ କରିଥାଏ ବୋଲି କୁହାଯାଏ।
- ବାସ୍ତୁ ଅନୁଯାୟୀ, ପିଲାଙ୍କ କକ୍ଷ ଉତ୍ତର-ପୂର୍ବ କିମ୍ବା ଉତ୍ତର-ପଶ୍ଚିମ ଦିଗରେ ରହିବା ଆବଶ୍ୟକ। ସେହି କୋଠରିର ଝରକା ଉତ୍ତର ଦିଗ କାନ୍ଥରେ ଥିବା ଉଚିତ। ଏହାଦ୍ୱାରା ପିଲାମାନଙ୍କ ଏକାଗ୍ରତା ବଜାୟ ରହିବା ସହ ସେମାନଙ୍କ କ୍ୟାରିୟର ପାଇଁ ଉତ୍ତମ ହୋଇଥାଏ।



## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପ୍ରାପ୍ତ ହେବ। ଅଫିସ୍ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

# ଯବାନଙ୍କ ଗୁଳିରେ ଦୁଇ ମାଓବାଦୀ ନିହତ

**ମାଲକାନଗିରି,୨୪ ।୩(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁରର ନକ୍ସଲ ପ୍ରଭାବିତ ପିଡ଼ିଆ ଜଙ୍ଗଲରେ ପୁଲିସ ଏବଂ ନକ୍ସଲଙ୍କ ମଧ୍ୟରେ ଗୁଳିବିନିମୟରେ ଦୁଇଜଣ ନକ୍ସଲଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଛତିଶଗଡ଼ ରାଜ୍ୟର ବିଜାପୁର ଜିଲ୍ଲାର ନକ୍ସଲ ପ୍ରଭାବିତ ପିଡିଆ ଜଙ୍ଗଲରେ ଡିଆରଜି, ବସ୍ତର ଫାଇଟର୍ସ ଏବଂ କୋବ୍ରା ବାହିନୀର ଯବାନମାନେ ତଲାସି ଅଭିଯାନ କରୁଥିବା ବେଳେ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ନକ୍ସଲ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଏହାର ପାଲଟା ଜବାବ ଦେଇ ଯବାନମାନେ ମଧ୍ୟ ଗୁଳିଚାଳନ କରିଥିଲେ। ଏହି ଗୁଳି ବିନିମୟରେ ସୁରକ୍ଷା ବାହିନୀର ସାମ୍ନା କରି ନ ପାରି ନକ୍ସଲମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ଗୁଳିବିନିମୟ ପରେ ଯବାନମାନେ ସମ୍ପୃକ୍ତ ଅଞ୍ଚଳରେ ତଲାସି କରିବା ବେଳେ ଦୁଇଜଣ ନକ୍ସଲଙ୍କ ମୃତଦେହ ଠାବ କରିଥିଲେ। ଏନେଇ ବିଜାପୁର ଏସପି ଡଃ ଜିତେନ୍ଦ୍ର ଯାଦବ କହିଛନ୍ତି ଯେ ପିଡିଆ ଜଙ୍ଗଲରେ ବର୍ତ୍ତମାନ ମଧ୍ୟ ତଲାସି ଅଭିଯାନ ଜାରି ରହିଛି। ଯବାନମାନେ ଫେରିବା ପରେ ଅଧିକ ତଥ୍ୟ ମିଳିପାରିବ।


ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-270 ◆BHUBANESWAR ◆MONDAY ◆25 MARCH 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୭୦ ◆ଭୁବନେଶ୍ୱର ◆ସୋମବାର ◆୨୫ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦









ନବୀନ ନିବାସରେ ସମ୍ବଲପୁର, ସୁନ୍ଦରଗଡ଼, ଢେଙ୍କାନାଳ, ଯାଜପୁର, ଜଗତସିଂହପୁର ଓ କଟକ ଲୋକସଭା ଆସନ ଏବଂ ତତ୍‌ସଂଲଗ୍ନ ୪୨ଟି ବିଧାନସଭା ଆସନରେ ଦଳୀୟ ରଣନୀତି ସମୀକ୍ଷା କାର୍ଯ୍ୟକ୍ରମ ପରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଓ ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହ ଦଳୀୟ ନେତାମାନେ..

**ନୟାଗଡ଼ରେ ବଢ଼ିଲା ବିଜେଡି ବଳ**

# ଦଳରେ ସାମିଲ ହେଲେ ବିଜେପି ବିଧାୟକ ପ୍ରାର୍ଥୀ ଇରାନୀ

**ଭୁବନେଶ୍ୱର,୨୪ ।୩(ସମିସ):** ବିଜେଡିରେ ସାମିଲ ହୋଇଛନ୍ତି ନୟାଗଡ଼ର ଟାଣୁଆ ନେତ୍ରୀ ତଥା ଗତ ନିର୍ବାଚନରେ ବିଜେପିର ବିଧାୟିକା ପ୍ରାର୍ଥୀ ଇରାନୀ ରାୟ। ନିଜର ସମର୍ଥକଙ୍କ ସହ ସେ ଶଙ୍ଖ ଭବନରେ ବିଧିବଦ୍ଧ ଭାବରେ ଦଳରେ ସାମିଲ ହୋଇଛନ୍ତି।

- **ଇରାନୀଙ୍କ ସମର୍ଥକ ଓ ଶହଶହ ବିଜେପି କର୍ମୀଙ୍କ ଯୋଗଦାନ**
- **ରାଜ୍ୟ ବିଜେପିରେ ମହିଳାଙ୍କୁ ସମ୍ମାନ ମିଳେ ନାହିଁ: ଇରାନୀ**




ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡଃ ଅରୁଣ ସାହୁ, ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଓ ଡଃ ସସ୍ମିତ ପାତ୍ର ଉପଢ଼ୌକନ ପ୍ରଦାନ କରି ଇରାନୀ ଓ ତାଙ୍କ ସମର୍ଥକଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଇରାନୀ ଓ ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ନୟାଗଡ଼ ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜବୁତ୍ ହେବ ବୋଲି ଡଃ ସାହୁ, ଶ୍ରୀ ମଙ୍ଗରାଜ ଓ ଡଃ ପାତ୍ର ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଇରାନୀ କହିଛନ୍ତି ଯେ ବିଜେପିରେ ମୋତେ ବହୁତ ଅଣଦେଖା କରାଯାଉଥିଲା। ବିଜେପିରେ ମହିଳାଙ୍କୁ ସମ୍ମାନ ମିଳେନାହିଁ। ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି। ନୂତନ ଓଡ଼ିଶା ଗଠନ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି। ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ବୋଲି ସେ କହିଛନ୍ତି।

ଏହି ମିଶ୍ରଣ ପର୍ବରେ ବାଲୁଗାଁ ମଣ୍ଡଳ ସଭାପତି ବିନୋଦ କୁମାର ନାୟକ, ଜିଲ୍ଲା କୋଷାଧ୍ୟକ୍ଷ ପ୍ରଭାତ କୁମାର ଷଡ଼ଙ୍ଗୀ, ଓଡଗାଁ ମଣ୍ଡଳ ସଭାପତି ଦୁର୍ଗା ଚରଣ ପଣ୍ଡା, କୃଷକ ମୋର୍ଚ୍ଚା ସଭାପତି ଶିବ ଶଙ୍କର ମହାନ୍ତି, ଓଡଗାଁ ଏନଏସି ମଣ୍ଡଳ ସଭାପତି ପ୍ରକାଶ ଦାସ, ନୟାଗଡ଼ ଜିଲ୍ଲା ଉପସଭାପତି ବୀରେନ୍ଦ୍ର ନାୟକ, ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ମାନସ ରଞ୍ଜନ ସାହୁଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ୍ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା ଓ ଅମିତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଲଡିହାରୁ ଆଉ ଦୁଇ ଶିକାରୀ ଗିରଫ, ବନ୍ଧୁକ ଜବତ




**ନୀଳଗିରି,୨୪ ।୩(ସମିସ):** କୁଲଡିହା ଅଭୟାରଣ୍ୟରେ ଶିକାରୀଙ୍କ ଗୁଳିମାଡ଼ରେ ଦୁଇ ବନ କର୍ମଚାରୀ ଗୁରୁତର ହେବା ଘଟଣା ପରେ ବନ ବିଭାଗ ନୀଳଗିରି ପୁଲିସ ଓ ଶିମିଳିପାଳରୁ ଆସିଥିବା ଷ୍ଟ୍ରାଇକିଂ ଫୋର୍ସର ମିଳିତ ଚଢ଼ଉ ଜାରି ରହିଛି। ବିଗତ ପାଞ୍ଚ ଛଅ ଦିନ ଚଢ଼ଉରେ କୋଡ଼ିଏରୁ ଊର୍ଦ୍ଧ୍ୱ ଶିକାରୀ, ବନ୍ଧୁକ ଓ ବନ୍ଧୁକ ତିଆରି ସରଞ୍ଜାମ ଜବତ ହୋଇଥିବା ବେଳେ ଶିକାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେହି କ୍ରମରେ ଆଜି ସ୍ଥାନୀୟ ଖୁମକୁଟ ଗାଁର ଶିବ ହାଁସଦା (୪୨) ଏବଂ ଗୁଡ଼ିଖୋଲା ଗାଁର ଛୋଟରାୟ ମୁର୍ମୁ (୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଦୁଇଟି ବନ୍ଧୁକ ଜବତ କରାଯାଇଥିବା ନୀଳଗିରି ଥାନା ସୂତ୍ରରୁ ଜଣାଯାଇଛି।

## ହାତୀ ଆକ୍ରମଣରେ ଯୁବକ ମୃତ

**ରାଇବଣିଆ, ୨୪ ।୩ (ସମିସ):** ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ କଇଁଫୁଲିଆ ଗ୍ରାମର ଜଣେ ଯୁବକ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ମୃତକ ହେଲେ, ଭୁଟାନ ସୋରେନ (୪୦)। ସକାଳ ପ୍ରାୟ ୭ଟା ବେଳେ ସେ ବଣକୁ ଶୌଚ ପାଇଁ ଯାଇଥିବା ବେଳେ ବେଢ଼ାଜାଲ-ଭୁଡ୍ରବଣି ରାସ୍ତା ଉପରେ ଦଶଟିକିଆ ଏକ ହାତୀପଲ ହାବୁଡ଼ରେ ପଡ଼ି ଯାଇଥିଲେ। ସେଥିରୁ ଗୋଟିଏ ହାତୀ ଭୁଟାନଙ୍କୁ କଚାଡ଼ି ମାରି ଦେଇଥିଲେ। ଘଟଣାସ୍ଥଳରେ ନୟାଗ୍ରାମ ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପାଞ୍ଚ ଦିନ ଧରି ଓଡ଼ିଶା ତଥା ସୀମାନ୍ତରେ ଝାଡ଼ଖଣ୍ଡ ହାତୀପଲ ତାଣ୍ଡବ ଚଳାଇଥିବା ବେଳେ ବନ ବିଭାଗକୁ ନାକେଦମ୍ ହେବାକୁ ପଡୁଛି।

# ଗଞ୍ଜାମ ଜିଲ୍ଲା ବିଜେପିରେ ଗୋଷ୍ଠୀକନ୍ଦଳ ତୀବ୍ର

**ବ୍ରହ୍ମପୁର, ୨୪ ।୩(ସମିସ):** ଗଞ୍ଜାମ ଜିଲ୍ଲା ବିଜେପିରେ ଥିବା ଗୋଷ୍ଠୀକନ୍ଦଳ କାହାକୁ ଅଛପା ନାହିଁ। ଖାସ କରି ନୂତନ ଜିଲ୍ଲା ସଭାପତିଙ୍କ ନିଯୁକ୍ତି ପରଠାରୁ ଏହା ଉଗ୍ରରୂପ ନେଇଛି। ପୁରୁଣା ନେତାମାନେ ନୂତନ ସଭାପତି ଡାକ୍ତର ସୁବାଷ ସାହୁଙ୍କୁ ଗ୍ରହଣ କରୁ ନ ଥିବା ଦେଖିବାକୁ ମିଳିଛି। ଏପରିକି ସଭାପତିଙ୍କୁ ଅଣଦେଖା କରି ସଭାପତିଙ୍କ ଅନୁପସ୍ଥିତିରେ ବିଭିନ୍ନ ସଭାର ଆୟୋଜନ ହେଉଛି। ଫଳରେ ଜିଲ୍ଲା ବିଜେପିରେ ଥିବା ଗୋଷ୍ଠୀ କନ୍ଦଳ ଦିନକୁ ଦିନ ଉଗ୍ର ରୁପ ଧାରଣ କରିବା ସହ ଦାଣ୍ଡରେ ପଡ଼ି ହାଟରେ ଗଡ଼ିବା ସ୍ଥିତିକୁ ଆସିଯାଇଛି। ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ଦଳ ଭିତରେ ଏଭଳି ଅଶାନ୍ତି ଓ ବିଶୃଙ୍ଖଳାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଜିଲ୍ଲା ସଭାପତି। ସଭାପତିଙ୍କ ବିନା ଅନୁମତିରେ ରବିବାର ସ୍ଥାନୀୟ ମଣ୍ଡପରେ କିଛି ନେତା ନିର୍ବାଚନ ପ୍ରସ୍ତୁତି ବୈଠକ ଓ ସମ୍ବର୍ଦ୍ଧନା ସଭା ଆୟୋଜିତ କରିଛନ୍ତି। ଯାହାକୁ ଖୋଦ୍ ଜିଲ୍ଲା ସଭାପତି ବେଆଇନ ବୋଲି ଘୋଷଣା କରିବା ସହ ଏଥିରେ କୌଣସି କାର୍ଯ୍ୟକର୍ତ୍ତା ଯୋଗ ନଦେବାକୁ ଦଳର ବିଭିନ୍ନ ଗ୍ରୁପରେ ବାର୍ତ୍ତା ଦେଇଥିଲେ। ଫଳରେ ଏହି ସଭାରେ ବହୁ କାର୍ଯ୍ୟକର୍ତ୍ତା ଅନୁପସ୍ଥିତ ଥିବାବେଳେ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀର ନେତା ଓ କର୍ମୀ ଏକଜୁଟ ହୋଇଥିଲେ। ସଭାରେ ପୂର୍ବତନ ଜିଲ୍ଲା ସଭାପତି ବିଭୁତି ଜେନା ଓ କାହ୍ନୁ ଚରଣ ପତିଙ୍କ ସମେତ ବ୍ରହ୍ମପୁର ଲୋକସଭା ପ୍ରଭାରୀ ତଥା ସଂଯୋଜକ ସରୋଜ ସାବତଙ୍କ ସମେତ ନୂତନ ଭାବେ ଦଳରେ ଯୋଗ ଦେଇଥିବା କେ. ଅନୀଲ କୁମାର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସବୁଠାରୁ ବଡକଥା ହେଲା କେନ୍ଦ୍ର ବା ରାଜ୍ୟସ୍ତରରେ ଓଡ଼ିଶାର କେଉଁଠୁ କିଏ ପ୍ରାର୍ଥୀ ହେବେ ତାହା ଘୋଷଣା ହୋଇ ନ ଥିବାବେଳେ ପୂର୍ବତନ ଜିଲ୍ଲା ସଭାପତି ବିଭୁତି ଜେନା, ବ୍ରହ୍ମପୁର ଲୋକସଭା ଆସନ ପାଇଁ ଅନ୍ୟ ଦଳରୁ ବିତାଡ଼ିତ ଜଣେ ନେତାଙ୍କ ନାମ ଘୋଷଣା କରିଥିଲେ।

ପୂର୍ବରୁ ଏକାଧିକ ନିର୍ବାଚନରେ ଗୋପାଳପୁରରେ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଲଢ଼ିଥିବା ବିଭୁତି ଏବେ ଆଗାମୀ ନିର୍ବାଚନରେ ଶ୍ରୀ ପାଣିଗ୍ରାହୀଙ୍କୁ ଲୋକସଭା ପ୍ରାର୍ଥୀ ଭାବରେ ଉପସ୍ଥାପନ କରିବାକୁ ନେଇ ଦଳରେ ସୃଷ୍ଟି ହୋଇଛି ବିବାଦ। ସବୁଠାରୁ ବଡକଥା ହେଲା ବ୍ରହ୍ମପୁର ଲୋକସଭା ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଖୋଦ୍ ଉକ୍ତ ସଭାରେ ଉପସ୍ଥିତ ଥିବା ସତ୍ତ୍ୱେ ନିରବ ରହିବା ଦଳରେ ଫାଟ ସୃଷ୍ଟି କରିଛି। ଏହାକୁ ନେଇ ଜିଲ୍ଲା ସଭାପତି ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତାଙ୍କ ବିନା ଅନୁମତି ଓ ଅନୁପସ୍ଥିତିରେ ଏଭଳି ସଭାର ଆୟୋଜନ ବେନିୟମ ଓ କିଛି ମୁଷ୍ଟିମେୟ ବ୍ୟକ୍ତି ଦଳରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ଉଦ୍ୟମ କରୁଥିବା ସେ ସିଧାସଳଖ ଅଭିଯୋଗ କରିଛନ୍ତି। ଏଭଳି ସଭାରେ ଦଳୀୟ ନିଷ୍ପତ୍ତି ପୂର୍ବରୁ କୌଣସି ପ୍ରାର୍ଥୀଙ୍କ ନାମ ଘୋଷଣା କରିବା ଅର୍ଥାତ୍ ଉଭୟ କେନ୍ଦ୍ରୀୟ ଓ ରାଜ୍ୟ ନେତୃତ୍ୱକୁ ଚାଲେଞ୍ଜ କରିବା ସଦୃଶ। ଆଗକୁ ନିର୍ବାଚନ ଥିବା ବେଳେ ଦଳ ଭିତରେ ଏଭଳି ବିଶୃଙ୍ଖଳାକୁ ଆଦୌ ବରଦାସ୍ତ କରାଯିବନାହିଁ ବୋଲି ନିଜର ପ୍ରତିକ୍ରିୟା ରଖିବା ସହ ଜିଲ୍ଲା ସଭାପତି ରାଜ୍ୟ ନେତୃତ୍ୱଙ୍କ ନିକଟରେ ଘଟଣାକୁ ନେଇ ଫେରାଦ ହୋଇଥିବା କହିଛନ୍ତି। ଏଭଳି ସ୍ଥିତିରେ ଉଭୟ ରାଜ୍ୟ ଓ କେନ୍ଦ୍ର ନେତୃସ୍ଥାନୀୟ ନେତା କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଉପରେ ରହିଛି ସମସ୍ତଙ୍କ ନଜର।



- **ସଭାପତିଙ୍କ ବିନା ଅନୁମତିରେ ନିର୍ବାଚନ ପ୍ରସ୍ତୁତି ବୈଠକ ଓ ସମ୍ବର୍ଦ୍ଧନା ସଭା**
- **ଦଳୀୟ ଘୋଷଣା ପୂର୍ବରୁ ବ୍ରହ୍ମପୁର ସାଂସଦଙ୍କ ନାମ ଘୋଷଣା କଲେ ବିଭୂତି ଜେନା**
- **ଦଳ ଭିତରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ଚାଲିଛି ଉଦ୍ୟମ : ଡାକ୍ତର ସୁବାଷ ସାହୁ**
- **ଘଟଣାକୁ ନେଇ ରାଜ୍ୟ ନେତୃତ୍ୱ ନିକଟରେ ଫେରାଦ ହେଲେ ଜିଲ୍ଲା ସଭାପତି**




● ୨୦୨୪ ଲୋକସଭା ନିର୍ବାଚନ ପାଇଁ ବିଜେପିର ପଞ୍ଚମ ପ୍ରାର୍ଥୀ ତାଲିକା

# କଙ୍ଗନା, ନବୀନ ଜିନ୍ଦଲ, ଅରୁଣ ଗୋବିଲଙ୍କ ସହ ୧୧୧ ପ୍ରାର୍ଥୀ ସାମିଲ

■ ଆରକେଏସ୍ ଭଦୌରିଆଙ୍କୁ ଟିକଟ୍ ମିଳିବା ନେଇ ଚର୍ଚ୍ଚା

■ ବାଦ୍ ପଡ଼ିଲେ ଭି କେ ସିଂ, ରୀତା ବହୁଗୁଣା, ବରୁଣ ଗାନ୍ଧୀଙ୍କ ଭଳି ବହୁ ହାଇପ୍ରୋଫାଇଲ ନେତା



ନୂଆଦିଲ୍ଲୀ,୨୪।୩(ଏଜେନ୍ସି)

୨୦୨୪ ଲୋକସଭା ନିର୍ବାଚନ ପାଇଁ ବିଜେପି ରବିବାର ସନ୍ଧ୍ୟାରେ ପଞ୍ଚମ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଗତ ଶୁକ୍ରବାର ଦଳ ପକ୍ଷରୁ ପ୍ରକାଶ କରାଯାଇଥିବା ଚତୁର୍ଥ ତାଲିକାରେ ମାତ୍ର ୧୫ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା ବେଳେ ପଞ୍ଚମ ତାଲିକାରେ ୧୧୧ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ତେବେ ଏହି ତାଲିକାରେ ଅପ୍ରତ୍ୟାଶିତ ଭାବେ ବହୁ ନୂଆ ମୁହଁ ସାମିଲ ହେବା ଏବଂ ବହୁ ହାଇପ୍ରୋଫାଇଲ ନେତା ବାଦ୍ ପଡ଼ିବା ଘଟଣା ରଜନୀତିକ ମହଲରେ ଗୁଞ୍ଜରଣ ସୃଷ୍ଟି କରିଛି। ଏହି ପର୍ଯ୍ୟାୟରେ ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାଓତ୍‌ଙ୍କ ଠାରୁ ଆରମ୍ଭ କରି ରାମାୟଣ ସିରିୟଲରେ ରାମ ଭୂମିକାରେ ଅଭିନୟ କରି ଲୋକପ୍ରିୟତା ହାସଲ କରିଥିବା ଅରୁଣ ଗୋବିଲ ଏବଂ ଶିଳ୍ପପତି ନବୀନ ଜିନ୍ଦଲଙ୍କୁ ସାମିଲ କରାଯାଇଛି। କଙ୍ଗନା ହିମାଚଳର ମଣ୍ଡି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିପରି ଅରୁଣ ଗୋବିଲ ଉତ୍ତରପ୍ରଦେଶର ମିରଟ୍ ଆସନରୁ ଲଢ଼ିବେ ବୋଲି ଜଣାପଡ଼ିଛି। ନିକଟରେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଛାଡି ବିଜେପିରେ ସାମିଲ ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଭାଉଜ ସୀତା ସୋରେନ, କୋଲକାତା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅଭିଜିତ ଗଙ୍ଗୋପାଧ୍ୟାୟଙ୍କୁ ମଧ୍ୟ ଟିକଟ୍ ମିଳିଛି। ଅନ୍ୟପକ୍ଷରେ ଜେନେରାଲ ଭି କେ ସିଂଙ୍କ ଭଳି କେନ୍ଦ୍ରମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବହୁ ହାଇପ୍ରୋଫାଇଲ ନେତା ଏହି ତାଲିକାରୁ ବାଦ୍ ପଡ଼ିଛନ୍ତି। ଭି କେ ସିଂଙ୍କ ସ୍ଥାନରେ ବିଜେପିରେ ସଦ୍ୟ ସାମିଲ ହୋଇଥିବା ପୂର୍ବତନ ବାୟୁସେନା ମୁଖ୍ୟ ଆରକେଏସ୍ ଭଦୌରିଆ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଚର୍ଚ୍ଚା ହେଉଛି। ଏହି ତାଲିକାରେ ମେନକା ଗାନ୍ଧୀଙ୍କୁ ସାମିଲ କରାଯାଇଥିଲେ ହେଁ ତାଙ୍କ ପୁତ୍ର ବରୁଣ ଗାନ୍ଧୀଙ୍କୁ ବାଦ୍ ଦିଆଯାଇଛି। ସେହିପରି ଉତ୍ତରପ୍ରଦେଶରେ ସଂଘମିତ୍ରା ମୌର୍ଯ୍ୟ, ସନ୍ତୋଷ ଗଙ୍ଗୱର ଏବଂ ରୀତା ବହୁଗୁଣାଙ୍କ ଭଳି ବହୁ ବରିଷ୍ଠ ନେତାଙ୍କୁ ଟିକଟ୍ ମିଳିନାହିଁ। ଦଳୀୟ ନେତାଙ୍କ ଲୋକପ୍ରିୟତା ଏବଂ କର୍ମନିଷ୍ଠାକୁ ନେଇ ଦଳରେ ଆଭ୍ୟନ୍ତରୀଣ ସମୀକ୍ଷା କରାଯିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି।

● ଖାଦ୍ୟ ପାଇଁ ଧାଡ଼ି ଲାଗିଥିବାବେଳେ ଆକ୍ରମଣ

## ୧୯ ପାଲେଷ୍ଟିନୀୟଙ୍କ ମୃତ୍ୟୁ

ତେଲ୍ ଆଭିଭ, ୨୪।୩ (ଏଜେନ୍ସି): ଗାଜା ଷ୍ଟ୍ରିପ୍‌ରେ ପୁଣି ଇସ୍ରାଏଲ ମାନବିକତାର ସୀମା ଲଙ୍ଘିଛି। ଭୋକ ଦାଉରେ ଆଉଟୁପାଉଟୁ ପାଲେଷ୍ଟିନୀୟ ବାସିନ୍ଦା ଗାଜା ସିଟିର ଅଲ୍-କୁଏତ ଏଡ ପଏଣ୍ଟରେ ଅଟା ନେବା ପାଇଁ ଧାଡ଼ିରେ ଛିଡ଼ା ହୋଇଥିବାବେଳେ ଇସ୍ରାଏଲ ସେନା ମେସିନ୍ ଗନ୍‌ରେ ଗୁଳିଗୋଳା ମାଡ଼ କରିଛି। ଏହି ଆକ୍ରମଣରେ ୧୯ ଜଣଙ୍କ ମୃତ୍ୟୁ ହୋଇଛି। ତେବେ ଇସ୍ରାଏଲ ଏହି ଖବରକୁ ଖଣ୍ଡନ କରିଦେଇଛି। ସେନା ଆକ୍ରମଣ କରିନାହିଁ ବୋଲି କୁହାଯାଇଛି। ମାତ୍ର ଏହା ପୂର୍ବରୁ ଖାଦ୍ୟ ପାଇଁ ଛିଡ଼ା ହୋଇଥିବା ଲୋକଙ୍କ ଉପରେ ଇସ୍ରାଏଲ ଆକ୍ରମଣ କରିଥିବାର ନଜିର ରହିଛି। ଏହି ସବୁ ଆକ୍ରମଣରେ ପ୍ରାୟ ୪୦୦ ଲୋକଙ୍କ ଜୀବନ ଯାଇଛି।

● ଆଇଏସଆଇଏସ୍ ଲିଙ୍କ୍

## ଆଇଆଇଟି ଗୌହାଟୀ ଛାତ୍ର ଗିରଫ

ଗୌହାଟୀ, ୨୪।୩ (ଏଜେନ୍ସି): ଆସାମର ହାଜୋରୁ ଆଇଆଇଟି-ଗୌହାଟୀର ଜଣେ ଛାତ୍ରଙ୍କୁ ଗିରଫ କରାଯାଇଛି। ଆଇଏସ୍‌ଆଇଏସ୍ ଲିଙ୍କ୍ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବାୟୋଟେକ୍ନୋଲୋଜିର ଚତୁର୍ଥ ବର୍ଷର ଏହି ଛାତ୍ର ଦିଲ୍ଲୀର ବାସିନ୍ଦା। ସେ କିଛି ଦିନ ତଳେ ଆତଙ୍କବାଦୀ ସଂଗଠନରେ ସାମିଲ ହେବ ବୋଲି ସାମାଜିକ ଗଣମାଧ୍ୟମରେ କହିଥିଲା। ପରେ କଲେଜ ଛାଡ଼ି ପଳାଇ ଥିଲା। ପୁଲିସ ଏହି ଛାତ୍ର ବିରୋଧରେ ବେଆଇନ କାର୍ଯ୍ୟକଳାପ ନିରୋଧି ଆଇନ (ୟୁଏପିଏ) ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଜି ଗୌହାଟୀ କୋର୍ଟ ତାକୁ ୧୦ ଦିନ ପାଇଁ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି। ଏହା ପୂର୍ବରୁ ସେ ଲିଙ୍କଡ୍‌ଇନରେ ଖୋଲା ଚିଠି ଲେଖି ନିଜ ନିଷ୍ପତ୍ତି ବିଷୟରେ ସୂଚନା ଦେଇଥିଲା। ପରେ ପୁଲିସ ତା ବିରୋଧରେ ଲୁକ୍‌ଆଉଟ ନୋଟିସ୍ ଜାରି କରିଥିଲା।

## ଡମ୍ଫର ଚଢ଼ାଇ ୫ ଜଣଙ୍କୁ ହତ୍ୟା

ଜୟପୁର, ୨୪।୩ (ଏଜେନ୍ସି): ରାଜସ୍ଥାନ ଝାଲାୱାଡ଼ର ଭବାନି ମଣ୍ଡିରେ ବିବାଦକୁ ନେଇ ୨ ଭାଇଙ୍କ ସମେତ ୫ ଜଣଙ୍କୁ ଡମ୍ଫର ଚଢ଼ାଇ ହତ୍ୟା କରାଯାଇଛି। ଏହାର ସୂଚନା ମିଳିବା ପରେ ପଗରିୟା ସହିତ ୬ ଥାନାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଛି। ଏହି ମାମଲାରେ ଦୁଇ ଅଭିଯୁକ୍ତ ଡୁଙ୍ଗର ସିଂହ ଏବଂ ରଣଜିତ ସିଂହଙ୍କୁ ଗିରଫ କରାଯାଇଛି। ଉଭୟେ ଝାଲୱାଡ଼ ପୁଲିସ ହେପାଜତରେ ଅଛନ୍ତି। ଘଟଣାକୁ ନେଇ ପଚରାଉଚୁରା ଜାରି ରହିଛି। ପୁଲିସ ସୂଚନା ଅନୁଯାୟୀ ପଗରିୟା ଥାନା କ୍ଷେତ୍ରର ବିନାୟକା ଫଟେ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଉଭୟ ପକ୍ଷଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାକୁ ନେଇ ଗୋଟିଏ ପକ୍ଷର ଲୋକ ଥାନାରେ ଏତଲା ରୁଜୁ କରିବାକୁ ବାହାରି ଥିଲେ। ଏହି ସମୟରେ ଅନ୍ୟ ପକ୍ଷର ଲୋକ ତାଙ୍କ ଉପରେ ଡମ୍ଫର ଚଢ଼ାଇ ଦେଇଥିଲେ।

ଗାଜା ସୀମାରେ ଜାତିସଂଘ ମହାସଚିବ ଗୁଟ୍ରେସ୍

# ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ ଆହ୍ୱାନ

ଗାଜାସିଟି, ୨୪ ।୩(ଏଜେନ୍ସି)

ଗାଜାରେ ଇସ୍ରାଏଲ ଓ ହମାସ ଯୁଦ୍ଧବିରତି ପାଇଁ ରାଜି ହୁଅନ୍ତୁ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟ୍ରେସ ନିବେଦନ କରି କହିଛନ୍ତି, ଯୁଦ୍ଧଧ୍ୱସ୍ତ ଅଞ୍ଚଳର ଅସହାୟ ଲୋକଙ୍କ ପାଖକୁ ଯେପରି ଖାଦ୍ୟ, ପାନୀୟ ଜଳ ଓ ଔଷଧ ଭଳି ଜରୁରୀ ମାନବିକ ସହାୟତା ଓ ଅନ୍ୟ ରିଲିଫ୍ ସାମଗ୍ରୀ ପହଁଚିବ ତାହା ନିଶ୍ଚିତ କରାଯିବା ପାଇଁ ଯୁଦ୍ଧବିରତି ଏକାନ୍ତ ଆବଶ୍ୟକ। ଜାତିସଂଘ ମହାସଚିବ ଗୁଟ୍ରେସ ଗତକାଲି ଗାଜାକୁ ସହାୟତା ପ୍ରେରଣର ଏକମାତ୍ର ସଡ଼କ ସଂଯୋଗ ଗାଜା-ଇଜିପ୍ଟ ସୀମାବର୍ତ୍ତୀ ରାଫାହ ବର୍ଡର କ୍ରସିଂରେ ପହଞ୍ଚିଥିଲେ। ସେଠାରେ ସେ ସାମ୍ବାଦିକମାନଙ୍କୁ କହିଛନ୍ତି, ରାଫାହ ବର୍ଡର କ୍ରସିଂର ଇଜିପ୍ଟ ପଟେ ମାନବିକ ସହାୟତା ଭର୍ତ୍ତିଥିବା ଶହଶହ ଟ୍ରକ ଅଟକି ରହିଛି, ଅନ୍ୟପଟେ ମହିଳା ଓ ଶିଶୁଙ୍କ ସମେତ ଲକ୍ଷଲକ୍ଷ ପାଲେଷ୍ଟିନୀୟ ଭୋକଶୋଷରେ, ନିରନ୍ତର ଭୟ ଓ ଆତଙ୍କରେ କାଳ କାଟୁଛନ୍ତି। ହମାସ-ଇସ୍ରାଏଲ ଯୁଦ୍ଧର ଭୀଷଣତା ଓ ବିନାଶକାରୀ ସ୍ୱରୂପ ସାରା ଦୁନିଆ ଦେଖି ସାରିଲାଣି। ଗୋଷ୍ଠୀମାନେ ନିଶ୍ଚିହ୍ନ ହୋଇସାରିଛନ୍ତି, ବାସଗୃହସବୁ ଧ୍ୱଂସସ୍ତୁପରେ ପରିଣତ ହୋଇସାରିଛି, ଶହଶହ ପରିବାରର ସମସ୍ତେ ମରିସାରିଛନ୍ତି, ଲକ୍ଷଲକ୍ଷ ଲୋକ ସର୍ବସ୍ୱ ହରାଇ ଶରଣାର୍ଥୀ ସାଜିଲେଣି। ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ହିସାବ ଦେଖାଉଛି, ୭ ମାସର ଯୁଦ୍ଧରେ ଏଯାଏ ୩୨ହଜାର ୧୪୨ ଜଣ ନିହତ ହେଲେଣି ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ମହିଳା ଓ ଶିଶୁ। ଏଥର ଯୁଦ୍ଧବିରତି ହେବା ଦରକାର। କିନ୍ତୁ ବିଡ଼ମ୍ବନାର ବିଷୟ, ଇସ୍ରାଏଲ କହୁଛି ହମାସର ଶେଷ ଯୋଦ୍ଧାକୁ ନିପାତ ନକଲା ଯାଏ ଯୁଦ୍ଧ ଅଭିଯାନ ଚାଲୁରଖିବ। ଗତ ଶୁକ୍ରବାର ଦିନ ଜାତିସଂଘ ସୁରକ୍ଷା ପରିଷଦରେ ଆମେରିକା ଏକ ପ୍ରସ୍ତାବ ରଖିଥିଲା ଯେ ପଣବନ୍ଦୀଙ୍କୁ ମୁକ୍ତ କରାଯିବା ନିମନ୍ତେ ପ୍ରୟାସକୁ ଫଳବତୀ କରାଇବାକୁ ହମାସ-ଇସ୍ରାଏଲ ତୁରନ୍ତ ଯୁଦ୍ଧବିରତି ପାଇଁ ଆହ୍ୱାନ ଦିଆଯାଉ। କିନ୍ତୁ ଆମେରିକାର ପ୍ରସ୍ତାବରେ ଇସ୍ରାଏଲର ନିର୍ମମତାକୁ ଅଣଦେଖା କରାଯାଇଥିବା ଓ ଇସ୍ରାଏଲକୁ କଡ଼ା ଭାଷାରେ ଚେତାଇଦେବା ଭଳି କିଛି ଲେଖାନଥିବାରୁ ଚୀନ ଓ ରୁଷ ଭିଟୋ ପ୍ରୟୋଗ କରି ପ୍ରସ୍ତାବକୁ ଅଗ୍ରାହ୍ୟ କରିଛନ୍ତି। ଆସନ୍ତା କାଲି(ସୋମବାର) ନୂଆ ଚିଠା ପ୍ରସ୍ତାବ ପ୍ରସ୍ତୁତ କରାଯିବା ନିମନ୍ତେ ସ୍ଥିର ହୋଇଛି।



## 'ଶିବ ଶକ୍ତି' ପଏଣ୍ଟକୁ ଆର୍ନ୍ତଜାତିକସ୍ତରରେ ସ୍ୱୀକୃତି

ନୂଆଦିଲ୍ଲୀ,୨୪।୩(ଏଜେନ୍ସି): ୨୦୨୩ ଅଗଷ୍ଟ ୨୩ରେ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ଚନ୍ଦ୍ରଯାନ-୩ ଅଭିଯାନରେ ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିବା ସ୍ଥଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଶିବ ଶକ୍ତି' ସ୍ଥଳ ଭାବେ ଘୋଷଣା କରିଥିଲେ। ଏହାର ପ୍ରାୟ ୭ ମାସ ପରେ ଏହି ସ୍ଥଳକୁ ଶିବ ଶକ୍ତି ପଏଣ୍ଟ ଭାବେ ନାମକରଣ କରିବାକୁ ଆନ୍ତର୍ଜାତିକ ଜ୍ୟୋତିର୍ବିଜ୍ଞାନ ସଂଘ (ଆଇଏୟୁ) ର ଅନୁମୋଦନ ମିଳିଛି। ଲ୍ୟାଣ୍ଡର ବିକ୍ରମ ଅବତରଣ ସ୍ଥଳକୁ ଏହି ନାମରେ ନାମିତ କରିବାକୁ ପ୍ୟାରିସ୍‌ସ୍ଥିତ ଏହି ସଂଗଠନ ପକ୍ଷରୁ ଗତ ୧୯ରେ ଆନୁଷ୍ଠାନିକ ଭାବେ ଅନୁମୋଦନ ମିଳିଥିଲା।

## ଜେଏନ୍‌ୟୁ ଛାତ୍ର ସଂସଦ ନିର୍ବାଚନ: ବାମଦଳ ୪ ପଦବୀରେ ଆଗୁଆ

ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): ଜବାହାରଲାଲ ନେହରୁ ୟୁନିଭର୍ସିଟି ଛାତ୍ର ସଂସଦ (ଜେଏନଏସ୍‌ୟୁ) ନିର୍ବାଚନର ଭୋଟ ଗଣତି ଜାରି ରହିଛି। ଅଧ୍ୟକ୍ଷ ସହିତ ୪ଟି ପଦବୀରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ପ୍ରାର୍ଥୀ ପଛରେ ରହିଛନ୍ତି। ମାତ୍ର ବାମ ଦଳ ପ୍ରାର୍ଥୀ ଆଗରେ ଅଛନ୍ତି। ରବିବାର ରାତି ସୁଦ୍ଧା ବାମଦଳର ଅଧ୍ୟକ୍ଷ ପ୍ରାର୍ଥୀ ଧନଞ୍ଜୟଙ୍କୁ ୨୪୧୧ ଏବଂ ଏବିଭିପିର ଉମେଶ ଚନ୍ଦ୍ର ଅଜମିରାଙ୍କୁ ୧୭୮୭ ଖଣ୍ଡ ଭୋଟ ମିଳିଛି।

## ବ୍ରାଜିଲରେ ଝଡ଼ ତୋଫାନ; ୨୦ ମୃତ

ବ୍ରାସିଲିଆ, ୨୪।୩ (ଏଜେନ୍ସି): ବ୍ରାଜିଲରେ ଝଡ଼ ତୋଫାନ ବିପର୍ଯ୍ୟୟ ସୃଷ୍ଟି କରିଛି। ଏଥିରେ ୨୦ ଜଣଙ୍କ ମୃତ୍ୟୁ ହୋଇଛି। ଅନେକ ଲୋକ ମଧ୍ୟେ ଆହତ ହୋଇଛନ୍ତି। ୨୪ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଝଡ଼ ତୋଫାନ ପ୍ରଭାବରେ ପ୍ରବଳ ବର୍ଷା ହେଉଛି। କେବଳ ଗତ ୨୪ ଘଣ୍ଟା ମଧ୍ୟରେ ୨୭୦ ମିମି (୧୦ ଇଞ୍ଚ) ବର୍ଷା ହୋଇଛି। ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହୋଇଛି। ବିଭିନ୍ନ ସ୍ଥାନରେ ଫସି ରହିଥିବା ୧୦୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି। ଝଡ଼ ତୋଫାନାରେ ରିଓ ଡେ ଜେନିରୋ ଏବଂ ଏସପିରିଟୋ ସାଣ୍ଟୋ ରାଜ୍ୟ ସର୍ବାଧିକ ପ୍ରଭାବିତ ହୋଇଛି। ଉଭୟେ ରାଜ୍ୟରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି।

## ଜୁନ୍ ୧ରେ ହିମାଚଳ ଉପନିର୍ବାଚନ

ସିମଲା, ୨୪ ।୩(ଏଜେନ୍ସି): କଂଗ୍ରେସର ଅଯୋଗ୍ୟଘୋଷିତ ୬ ବିଦ୍ରୋହୀ ବିଧାୟକଙ୍କ ଆସନ ଖାଲିହେବାରୁ ସେହି ୬ ବିଧାନସଭା ଆସନରେ ଜୁନ୍ ୧ ତାରିଖରେ ଉପନିର୍ବାଚନ ହେବା ନିମନ୍ତେ ଇଲେକ୍ସନ୍ କମିଶନ ଅଫ୍ ଇଣ୍ଡିଆ(ଇସିଆଇ) ଦିନ ଧାର୍ଯ୍ୟ କରିଛନ୍ତି। ଜୁନ୍ ୧ରେ ରାଜ୍ୟର ସମସ୍ତ ୪ ଲୋକସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବା ନିମନ୍ତେ ଆଗରୁ ଇସିଆଇ ଘୋଷଣା କରିଛନ୍ତି। ପୁଣି ରାଜ୍ୟର ୩ ସ୍ୱାଧୀନ ବିଧାୟକ ଗତକାଲି ସେମାନଙ୍କ ଇସ୍ତଫାପତ୍ର ବିଧାନସଭା ସଚିବଙ୍କ ପାଖକୁ ପଠାଇଛନ୍ତି। ଯଦି ସେମାନଙ୍କ ଇସ୍ତଫା ଅନତିବିଳମ୍ବେ ଗୃହୀତ ହୁଏ ତେବେ ଆଉ ୩ ଆସନ ଖାଲି ହେବ ଓ ସେହି ୩ ଆସନ ପାଇଁ ମଧ୍ୟ ଉପନିର୍ବାଚନ ଦରକାର ପଡ଼ିବ। ହୁଏତ ସେହି ୩ ଆସନରେ ମଧ୍ୟ ଜୁନ୍ ୧ ତାରିଖରେ ଉପନିର୍ବାଚନ ହୋଇପାରେ। ହିମାଚଳ ପ୍ରଦେଶର ୬୮ ଆସନବିଶିଷ୍ଟ ବିଧାନସଭାରେ ଏବେ କଂଗ୍ରେସର ବାଚସ୍ପତିଙ୍କୁ ଛାଡ଼ି ୩୩ ଓ ବିଜେପିର ୨୫ ବିଧାୟକ ଅଛନ୍ତି।

## ସୁପ୍ରିମକୋର୍ଟ ଗଲେ କର୍ଣ୍ଣାଟକ ସରକାର

ନୂଆଦିଲ୍ଲୀ, ୨୪।୩ (ଏଜେନ୍ସି): କେନ୍ଦ୍ର ସରକାରଙ୍କ ବିରୋଧରେ କର୍ଣ୍ଣାଟକ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଆରଏଫ) ପାଣ୍ଠି ଜାରି କରିବା ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେବାକୁ ଦାବି କରି ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୟ୍ୟା ଏହି ସୂଚନା ଦେଇଛନ୍ତି। ସେ ଶନିବାର ଅଭିଯୋଗ କରିଥିଲେ ଯେ ଜଳ ସଙ୍କଟର ସମ୍ମୁଖୀନ ହେଉଥିବା କର୍ଣ୍ଣାଟକକୁ କେନ୍ଦ୍ର ସରକାର ପାଣ୍ଠି ଦେଉନାହାନ୍ତି। ଏଥିପାଇଁ ୫ ମାସ ହେଲା ଅପେକ୍ଷା କରାଯାଇଛି। ତେଣୁ ସୁପ୍ରିମକୋର୍ଟ ପାଣ୍ଠି ଜାରି କରିବାକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି କହିଛନ୍ତି। ସୁପ୍ରିମକୋର୍ଟ ସପ୍ତାହେ ଛୁଟିଥିବାରୁ ଆଗାମୀ ସପ୍ତାହରେ ମାମଲାର ଶୁଣାଣି ହେବ ବୋଲି ଉଲ୍ଲେଖ କରିଛନ୍ତି। ଏବେ ରାଜ୍ୟର ୨୨୩ ବ୍ଲକ୍‌କୁ ମରୁଡ଼ି ପ୍ରଭାବିତ ଘୋଷଣା କରାଯାଇଛି। ୪୮ ହେକ୍ଟର କ୍ଷେତ୍ରର ଫସଲ ବର୍‌ବାଦ ହୋଇଯାଇଛି।

## ଟିକଟ ନ ପାଇ ସାଂସଦଙ୍କ ଆତ୍ମହତ୍ୟା ଉଦ୍ୟମ



ଚେନ୍ନଇ, ୨୪।୩ (ଏଜେନ୍ସି): ତାମିଲନାଡୁ ଡିଏମ୍‌କେ ସାଂସଦ ଏ ଗଣେଶମୂର୍ତ୍ତି (୭୬) ରବିବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ କୀଟନାଶକ 'ସଲ୍‌ଫାସ' ପିଇ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଲୋକସଭା ନିର୍ବାଚନ ପାଇଁ ଟିକଟ ନ ପାଇବାରୁ ଇରୋଡେ ସାଂସଦ ଏଭଳି ଚରମ ପଦକ୍ଷେପ ନେଇଥିଲେ ବୋଲି ସୂଚନା ମିଳିଛି। ସାଂସଦଙ୍କ ସମ୍ପର୍କୀୟଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ସକାଳେ ଗଣେଶମୂର୍ତ୍ତିଙ୍କ ଦେହ ଖରାପ ହେବାରେ ଲାଗିଥିଲା। ସେ ବାରମ୍ବାର ବାନ୍ତି କରି ଚାଲିଥିଲେ। ପରେ କୀଟନାଶକ ପିଇଥିବା କହିଥିଲେ। ପରିବାର ସଦସ୍ୟ ତାଙ୍କୁ ତୁରନ୍ତ ଇରୋଡେ ସହରର ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ। ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ।

## ୨ ଆତଙ୍କବାଦୀ ଗିରଫ; ଆଇଇଡି ଜବତ

ଅନନ୍ତନାଗ, ୨୪।୩ (ଏଜେନ୍ସି): ଜମ୍ମୁ-କାଶ୍ମୀର ଅନନ୍ତନାଗର ଲୁଖଭବନ ଅଞ୍ଚଳରୁ ଆତଙ୍କବାଦୀଙ୍କ ୨ ସହଯୋଗୀଙ୍କୁ ଗିରଫ କରାଯାଇଛି। ଏମାନଙ୍କ ନିକଟରୁ ଗୋଟିଏ ପିସ୍ତଲ, ହ୍ୟାଣ୍ଡ ଗ୍ରେନେଡ, ଇମ୍ପ୍ରୋଭାଇଜଡ ଏକ୍ସପ୍ଲୋଜିଭ ଡିଭାଇସ (ଆଇଇଡି) ଏବଂ ଯୁଦ୍ଧରେ ବ୍ୟବହୃତ ହେବା ଭଳି ଉପକରଣ ଜବତ କରାଯାଇଛି। ଜମ୍ମୁ-କାଶ୍ମୀର ପୁଲିସ ଏବଂ ସେନାର ମିଳିତ ଟିମ୍‌କୁ ଏହି ସଫଳତା ମିଳିଛି। ରିପୋର୍ଟ ଅନୁଯାୟୀ ଲୁଖଭବନ ଅଞ୍ଚଳରେ ଆତଙ୍କବାଦୀ ଲୁଚି ରହିଥିବା ନେଇ ଗୁଇନ୍ଦା ସୂଚନା ମିଳିଥିଲା। ଏହି ଆଧାରରେ ଆତଙ୍କବାଦୀଙ୍କୁ ଧରିବା ପାଇଁ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା। ଏହା ପୂର୍ବରୁ ଶନିବାର ପୁଲିସ ଏବଂ ସୁରକ୍ଷାବାହିନୀର ମିଳିତ ଟିମ୍ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ (ଜେଇଏମ)ର ଏକ ସାକ୍ଷାର ପର୍ଦ୍ଦାଫାସ କରି ୪ ଆତଙ୍କବାଦୀଙ୍କୁ ଗିରଫ କରିଥିଲା।

● ମୋବାଇଲ ବିସ୍ଫୋରଣ

## ୪ ଶିଶୁ ମୃତ; ବାପାମାଆ ଗୁରୁତର

ମିରଠ, ୨୪।୩ (ଏଜେନ୍ସି): ଉତ୍ତରପ୍ରଦେଶ ମିରଟର ପଲ୍ଲବପୁରମ ଥାନା ଅନ୍ତର୍ଗତ ଜନତା କଲୋନୀରେ ଶନିବାର ସନ୍ଧ୍ୟାରେ ବଡ଼ ଅଘଟଣ ଘଟିଛି। ଏଠାରେ ମୋବାଇଲ ବିସ୍ଫୋରଣ ହୋଇ ଏକ ଘରେ ନିଆଁ ଲାଗିଯାଇଛି। ଏହି ଦୁର୍ଘଟଣାରେ ୪ ଶିଶୁଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରେ ୨ ଝିଅ ନିହାରିକା (୯), ସାରିକା (୧୨) ଏବଂ ୨ ପୁଅ କଲ୍ଲୁ (୫) ଓ ଗୋଲୁ (୭) ସାମିଲ ଅଛନ୍ତି। ତାଙ୍କ ମାତାପିତା ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ପ୍ରଥମେ ସର୍ଟ ସର୍କିଟରୁ ୱାୟେରିଂରେ ନିଆଁ ଲାଗିଥିଲା। ପରେ ଫୋମ୍‌ର ଗଦିରେ ରଖାଯାଇଥିବା ୨ଟି ମୋବାଇଲ ବିସ୍ଫୋରଣ ହୋଇଥିଲା। ଏହି ସମୟରେ ୪ ଶିଶୁ ଗଦିରେ ଶୋଇ ରହିଥିଲେ। ସମସ୍ତେ କିଛି ବୁଝିବା ଆଗରୁ ନିଆଁରେ ଫସି ଯାଇଥିଲେ। ତରଳି ଯାଇଥିବା ଫୋମ ୪ ଶିଶୁଙ୍କ ଶରୀରରେ ଲାଗି ଯାଇଥିଲା। ଏହି ସମୟରେ ମାଆ ରୋଷେଇ ଘରେ ଥିଲେ। ଶିଶୁଙ୍କୁ ଉଦ୍ଧାର କରିବାକୁ ଯାଇ ମାଆବାପା ଗୁରୁତର ଆହତ ହୋଇଥିଲେ। ନିଆଁ ଦ୍ରୁତଗତିରେ ବ୍ୟାପିଯିବାରୁ କେହି ବାହାରକୁ ବାହାରି ପାରି ନ ଥିଲେ। ଏହି ପରିବାର ମୁଜଫରନଗର ସିଖେଡ଼ା ଗ୍ରାମର ବାସିନ୍ଦା। ଜାନି ତାଙ୍କ ପତ୍ନୀ ବବିତା ଏବଂ ୪ ଶିଶୁଙ୍କୁ ଧରି ମେରଠର ଜନତା କଲୋନୀରେ ଭଡ଼ାରେ ରହୁଥିଲେ। ସେ ଦିନ ମଜୁରିଆ ଭାବେ କାମ କରୁଥିଲେ। ହୋଲି ଯୋଗୁଁ ସେ ଶନିବାର ଘରେ ଥିଲେ।

ୟୁକ୍ରେନକୁ ଚେତାଇଲା ଆମେରିକା

# ରୁଷର ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରନି

ୱାଶିଂଟନ, ୨୪ ।୩(ଏଜେନ୍ସି)

ରୁଷର ତୈଳ ବିଶୋଧନାଗାରଗୁଡ଼ିକ ଉପରେ ଆକ୍ରମଣ ବନ୍ଦ ରଖିବାକୁ ୟୁକ୍ରେନର ସାମରିକ ଗୋଇନ୍ଦା ନିର୍ଦ୍ଦେଶାଳୟ ଓ ରାଷ୍ଟ୍ରୀୟ ନିରାପତ୍ତା ସେବା ବିଭାଗକୁ ଆମେରିକା ସରକାର ଚେତାବନୀ ଦେଇଛନ୍ତି। ରୁଷର ତୈଳ ବିଶୋଧନାଗାରଗୁଡ଼ିକ ଉପରେ ଆକ୍ରମଣ ହେଲେ ତୈଳ ଉତ୍ପାଦନ ବାଧାପ୍ରାପ୍ତ ହୋଇ ବିଶ୍ୱରେ ତୈଳର ଚାହିଦା ଓ ଯୋଗାଣ ସନ୍ତୁଳନ ବିଗିଡ଼ି ବିଶ୍ୱ ବଜାରରେ ତୈଳର ଦରବୃଦ୍ଧି ଘଟିବ। ପୁଣି ରୁଷର ତୈଳ ଭିତ୍ତିଭୂମୀ ନଷ୍ଟ ହେଲେ ରୁଷ ତାହା ବରଦାସ୍ତ ନକରି ୟୁକ୍ରେନ ଉପରେ ଆକ୍ରମଣକୁ ଜୋରଦାର କରିବା ଆଶଙ୍କା ରହୁଛି। ତେବେ ଆମେରିକାର ଏହି ଚେତାବନୀକୁ ୟୁକ୍ରେନ ସରକାର ଗ୍ରହଣ କରିବାକୁ ନାରାଜ ହୋଇଛନ୍ତି। ୟୁକ୍ରେନର ଉପପ୍ରଧାନମନ୍ତ୍ରୀ କହିଛନ୍ତି, ଶତ୍ରୁ ପକ୍ଷର ତୈଳ ବିଶୋଧନାଗାର ହେଉଛି ଯୋଗ୍ୟ(ଲେଜିଟିମେଟ୍) ମିଲିଟାରୀ ଟାର୍ଗେଟ୍। ବିଶୋଧନାଗାରରୁ ଉତ୍ପାଦିତ ଦ୍ରବ୍ୟ, ସାମଗ୍ରୀ ଯୁଦ୍ଧରେ ବ୍ୟବହାର ହୋଇଥାଏ। ତେଣୁ ବିଶୋଧନାଗାର ଉପରେ ଆକ୍ରମଣରୁ ନିବୃତ୍ତ ରହିବାକୁ କିଏ ଆମକୁ ପରାମର୍ଶ ଛଳରେ ଚେତାବନୀ ଦେଇପାରିବେ ନାହିଁ। ରୁଷର ପ୍ରତ୍ୟେକ ଯୋଗ୍ୟ ମିଲିଟାରୀ ଟାର୍ଗେଟ୍ ଉପରେ ଆକ୍ରମଣ କରିବାର ଅଧିକାର ୟୁକ୍ରେନ ସେନାର ଅଛି ବୋଲି ୟୁକ୍ରେନ ରାଷ୍ଟ୍ରପତି ଭଲଦୋମୀର ଜେଲେଁସ୍କିଙ୍କ ଘନିଷ୍ଠ ସହଯୋଗୀ ମିଖାଇଲୋ ପୋଡୋଲ୍ୟାକ କହିଛନ୍ତି।



ଦିଲ୍ଲୀରେ ଜଳକଷ୍ଟ ଦୂର କରିବାକୁ ଜଳ ବିଭାଗୀୟ ମନ୍ତ୍ରୀଙ୍କୁ କେଜ୍ରିୱାଲଙ୍କ ନିର୍ଦ୍ଦେଶ

# ଇଡି ହେପାଜତରୁ ନିର୍ଦ୍ଦେଶନାମାକୁ ନେଇ ପ୍ରଶ୍ନ

ନୂଆଦିଲ୍ଲୀ, ୨୪ ।୩(ଏଜେନ୍ସି)

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ଗିରଫ ହେବାପରେ ରିମାଣ୍ଡରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ରବିବାର ନିଜ ମନ୍ତ୍ରିମଣ୍ଡଳର ଜଣେ ମନ୍ତ୍ରୀଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। କେଜ୍ରିୱାଲ ଗିରଫ ହେଲେ ମଧ୍ୟ ଜେଲରୁ ଅଫିସ ଚଳାଇବେ ବୋଲି ଆପ୍ ପକ୍ଷରୁ ଯେଭଳି ଦାବି କରାଯାଇଥିଲା ତାହା ଏକପ୍ରକାର ସ୍ପଷ୍ଟ ହୋଇଛି। ମୁଖ୍ୟମନ୍ତ୍ରୀ ଭାବେ ସେ ଜଳ ବିଭାଗୀୟ ମନ୍ତ୍ରୀ ଆତିଶୀ ମାର୍ଲିନାଙ୍କୁ ନିଜ ନିର୍ଦ୍ଦେଶନାମାରେ ଦିଲ୍ଲୀବାସୀଙ୍କ ଜଳକଷ୍ଟ ଦୂର କରିବାକୁ କହିଛନ୍ତି। ମନ୍ତ୍ରୀ ଅତିଶୀ ମଧ୍ୟ ରବିବାର ଏହି ଚିଠିକୁ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦର୍ଶନ କରି ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଛନ୍ତି। ଇଡି ହେପାଜତରେ ରହି ମଧ୍ୟ କେଜ୍ରିୱାଲ ଦିଲ୍ଲୀବାସୀଙ୍କ ସମସ୍ୟା ପ୍ରତି କେତେ ସମ୍ବେଦନଶୀଳ ରହିଛନ୍ତି ସେ କଥା ବଖାଣିବା ସହିତ ଏହା କେବଳ କେଜ୍ରିୱାଲଙ୍କ ଭଳି ବ୍ୟକ୍ତି କରିପାରନ୍ତି ବୋଲି କହିଛନ୍ତି। ଦିଲ୍ଲୀର ଯେଉଁ ଅଞ୍ଚଳକୁ ଠିକ୍ ଭାବେ ଜଳଯୋଗାଣ ହୋଇପାରୁନାହିଁ, ସେଠାକୁ ଯଥାଶୀଘ୍ର ଆବଶ୍ୟକ ସଂଖ୍ୟକ ପାଣି ଟ୍ୟାଙ୍କର ପଠାଯିବା ବନ୍ଦୋବସ୍ତ କରିବାକୁ ସେ କହିଥିବା ମାର୍ଲିନା କହିଛନ୍ତି। ଆବଶ୍ୟକ ମନେକଲେ ଉପରାଜ୍ୟପାଳ ଭିକେ ସକ୍ସେନାଙ୍କ ସହାୟତା ଲୋଡ଼ିବାକୁ ମଧ୍ୟ କେଜ୍ରିୱାଲ ଆତିଶୀଙ୍କୁ ପରାମର୍ଶ ଦେଇଛନ୍ତି। କେଜ୍ରିୱାଲଙ୍କ ଏହି ନିର୍ଦ୍ଦେଶନାମାକୁ ନେଇ ଆପ୍ ଉତ୍ସାହିତ ରହିଥିଲା ବେଳେ ସେ ଏବେ ମଧ୍ୟ ଦିଲ୍ଲୀ ଶାସନକଳର ମୁଖ୍ୟ ରହିଛନ୍ତି ବୋଲି ଦଳ ସ୍ପଷ୍ଟ କରିଛି। କିନ୍ତୁ ଆତିଶୀ ଦେଖାଇଥିବା ଚିଠିକୁ ନେଇ ଏବେ ରାଜନୀତିକ ସ୍ତର ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଆତିଶୀ ସାମ୍ବାଦିକ ସମ୍ମିଳନୀରେ ଯେଉଁ ଚିଠି ଦେଖାଇଥିଲେ ତାହା ତାଙ୍କ ନିକଟକୁ କିଭଳି ଆସିଲା ତାହା ବିଭିନ୍ନ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ଏହି ଚିଠିଟି ଟାଇପ ହୋଇଥିଲା ବେଳେ ଉପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଜାରି ବୋଲି ଉଲ୍ଲେଖ ରହିଛି। କିନ୍ତୁ ସେଥିରେ କୌଣସି ତାରିଖ ପଡ଼ିନାହିଁ। ଏଠାରେ ପ୍ରଶ୍ନ ଉଠୁଛି ଯେ, କେଜ୍ରିୱାଲ ଯେତେବେଳେ ଇଡି ହେପାଜତରେ ଅଛନ୍ତି ସେ ସମୟରେ ସେ ଚିଠି ଟାଇପ୍ କଲେ କେମିତି। ଇଡି ହେପାଜତରେ ଥିବା ବେଳେ କେବଳ ତାଙ୍କୁ କେବଳ ତାଙ୍କର ଓକିଲ କିମ୍ବା ପରିବାରର ଲୋକ ସାକ୍ଷାତ କରିପାରିବାର ବ୍ୟବସ୍ଥା ରହିଛି। ଯଦି ସେମାନଙ୍କ ମାଧ୍ୟମରେ କେଜ୍ରିୱାଲ କିଛି ବାର୍ତ୍ତା ଦେଇଥିବେ ତାହା ହେଲେ ତାହାକୁ ଟାଇପ କରାଯାଇଥାଇପାରେ । କିନ୍ତୁ ଏହାକୁ କେଜ୍ରିୱାଲଙ୍କ ଚିଠି ବୋଲି ଆତିଶୀ କେମିତି କହିଲେ ତାହା ମଧ୍ୟ ପ୍ରଶ୍ନ ସୃଷ୍ଟି କରିଛି। ଏହାବ୍ୟତୀତ ଜଣେ ରାଜନେତା କୌଣସି ଯାଞ୍ଚ ହେପାଜତରେ ରହିଥିଲା ବେଳେ ଶାସନ ପ୍ରଣାଳୀକୁ ନେଇ ସେଠାରୁ ଏଭଳି ବାର୍ତ୍ତା ଦେବା ଆଇନ ସମ୍ମତ କି ନୁହେଁ ତାହା ମଧ୍ୟ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ସୃଷ୍ଟି କରିଛି। ଏହି ପ୍ରସଙ୍ଗକୁ ନେଇ ବିଜେପି ଆପ୍ ବିରୋଧରେ ବର୍ଷିବା ସହିତ ଏହା ଆପ୍‌ର ଆଉ ଏକ ଘୋଟାଲା ବୋଲି କହିଛି। ଉଲ୍ଲେଖଯୋଗ୍ୟ ଯେ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଇଡି ଗତ ଗୁରୁବାର ରାତିରେ ଗିରଫ କରିବା ପରେ ୬ଦିନିଆ ରିମାଣ୍ଡରେ ନେଇ ଜେରା ଚଳାଇଛି। ମୁଖ୍ୟମନ୍ତ୍ରୀ ଥାଇ ଗିରଫ ହେବାରେ କେଜ୍ରିୱାଲ ହେଉଛନ୍ତି ପ୍ରଥମ ବ୍ୟକ୍ତି। ଗିରଫ ହେବା ପରେ ବି ସେ ମୁଖ୍ୟମନ୍ତ୍ରୀ ପଦବୀରୁ ଇସ୍ତଫା ଦେଇନାହାନ୍ତି।



### ବିଜୁ ଛାତ୍ର ଜନତା ଦଳର ନିର୍ବାଚନୀ ପ୍ରସ୍ତୁତି

# ଐତିହାସିକ ବିଜୟରେ ସାରଥୀ ହେବେ ଛାତ୍ର କର୍ମକର୍ତ୍ତା



**ଭୁବନେଶ୍ୱର, ୨୪ ।୩ (ସମିସ):** ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ବୃହତ୍ ବିଜୟ ସୁନିଶ୍ଚିତ କରିବ ଛାତ୍ର ବିଜେଡି । ଦଳର ପ୍ରତ୍ୟେକ କର୍ମକର୍ତ୍ତା ପୂରା ଦମ୍‌ରେ ବିରୋଧୀଙ୍କୁ ମୁହଁତୋଡ଼ ଜବାବ୍ ଦେବା ଲାଗି ପ୍ରସ୍ତୁତ ହୋଇଛନ୍ତି । ଯୁବ ଭୋଟର୍‌ଙ୍କୁ ଆକୃଷ୍ଟ କରିବା ସହ ମୁଖ୍ୟମନ୍ତ୍ରୀ ସେମାନଙ୍କ କଲ୍ୟାଣ ପାଇଁ ନେଇଥିବା ଉଲ୍ଲେଖନୀୟ ପଦକ୍ଷେପ ଜଣାଇବେ । ସାମାଜିକ ଗଣମାଧ୍ୟମରେ ରାଜ୍ୟ ସରକାରଙ୍କ ସଫଳତା, ଛାତ୍ର ସମାଜର କଲ୍ୟାଣ ବାର୍ତ୍ତା ପ୍ରଚାର କରିବା ସହ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ବସାଇ ଐତିହାସିକ ବିଜୟ ହାସଲ ପାଇଁ ଗୁରୁଦାୟିତ୍ୱ ନେବେ ଛାତ୍ର ବିଜେଡି କର୍ମକର୍ତ୍ତା । ଆଜି ଶଙ୍ଖ ଭବନରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ କର୍ମକର୍ତ୍ତା, ଜିଲ୍ଲା ସଭାପତି, ଜୋନ୍ ସଭାପତିଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ । ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତରାୟ, ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟ, ଛାତ୍ର ବିଜେଡି ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ମଧ୍ୟ କର୍ମକର୍ତ୍ତାଙ୍କୁ ଦୁର୍ବାର ଲଢ଼େଇ ପାଇଁ ଆହ୍ୱାନ ଜଣାଇଥିଲେ ।

ନିଜ ବକ୍ତବ୍ୟରେ ସଂଗଠନ ସମ୍ପାଦକ ଶ୍ରୀ ଦାସ କହିଥିଲେ, ଓଡ଼ିଶାର ନେତୃତ୍ୱ ଯଦି କେହି ନେଇପାରିବେ, ଏକ ସଶକ୍ତ ଓଡ଼ିଶା କେହି ଗଢ଼ି ପାରିବେ; ସେ ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସାଢ଼େ ଚାରି କୋଟି ଓଡ଼ିଆଙ୍କ ହୃଦୟର ସ୍ପନ୍ଦନ ଶ୍ରୀ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ଲାଗି ଦଳ ଯେଉଁ ପଣ ନେଇଛି, ସେଥିରେ ସାରଥୀ ସାଜିବେ ଆମର ଛାତ୍ର କର୍ମୀମାନେ । ୨୦୩୬ରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ବର୍ଷ ପୂର୍ତ୍ତି ପାଳନ କରାଯିବ । ତେଣୁ ଆଗାମୀ ୧୦ବର୍ଷ ମଧ୍ୟରେ ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନରେ ବିଜୁ ଛାତ୍ର ଜନତା ଦଳର ଗୁରୁ ଦାୟିତ୍ୱ ତୁଲାଇବେ । ଶ୍ରୀ ଦାସ କହିଥିଲେ, ଛାତ୍ର ସମାଜ ସର୍ବଦା ଏକ ସୁସ୍ଥ ସମାଜ ଗଠନରେ ଆଗୁଆ ରହିଥାଏ । ଛାତ୍ର ସମାଜକୁ ବଳଶାଳୀ କରିବା, ସେମାନଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ମୁଖ୍ୟମନ୍ତ୍ରୀ ସର୍ବଦା ଉଦ୍ୟମରତ । ତେଣୁ ଆଗାମୀ ନିର୍ବାଚନରେ ବିଜେଡିର ରେକର୍ଡ ବିଜୟ ସହିତ ପୁନର୍ବାର ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ଲାଗି ପ୍ରତ୍ୟେକ ଛାତ୍ର ବିଜେଡି କର୍ମକର୍ତ୍ତା ପଣ କରନ୍ତୁ ବୋଲି ଶ୍ରୀ ଦାସ ଆହ୍ୱାନ ଜଣାଇଥିଲେ ।



ନିଜ ବକ୍ତବ୍ୟରେ ସାଧାରଣ ସମ୍ପାଦକ (ଛାତ୍ର ଓ ଯୁବ ବ୍ୟାପାର) ପ୍ରଣବ ବଳବନ୍ତରାୟ କହିଥିଲେ, ବିଜୁ ଜନତା ଦଳକୁ ସୁଦୃଢ଼ କରିବାରେ ଯୁବ ଓ ଛାତ୍ର କର୍ମକର୍ତ୍ତା ବେଶ୍ ଦକ୍ଷତା ପ୍ରଦର୍ଶନ କରିଛନ୍ତି । ଛାତ୍ରମାନେ ହିଁ ଆମର ବାର୍ତ୍ତାବହ । ତେଣୁ ସମସ୍ତ କର୍ମକର୍ତ୍ତା ଜିଲ୍ଲାରୁ ନେଇ ବ୍ଲକ୍ ପର୍ଯ୍ୟନ୍ତ, ତୃଣମୂଳସ୍ତରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆ ଓଡ଼ିଶା ଗଠନର ବାର୍ତ୍ତା ପହଞ୍ଚାଇବା ଦିଗରେ କାମ କରନ୍ତୁ ବୋଲି ଶ୍ରୀ ବଳବନ୍ତରାୟ ପରାମର୍ଶ ଦେଇଥିଲେ । ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ହେତୁ ଛାତ୍ର ସମାଜ ଆଜି ଦେଶ ବିଦେଶରେ ଓଡ଼ିଶା ପାଇଁ ସୁନାମ ଆଣୁଛନ୍ତି । 'ନୂଆ-ଓ' ଭଳି ଅଭିନବ କାର୍ଯ୍ୟକ୍ରମ ସଶକ୍ତ ଓଡ଼ିଶା ଗଠନ କରିବା ଦିଗରେ ଅଗ୍ରସର ହେଉଛି । ଆଗାମୀ ନିର୍ବାଚନରେ ବିଜେଡିର ଐତିହାସିକ ବିଜୟ ସୁନିଶ୍ଚିତ କରିବା ଲାଗି ଆମର ଛାତ୍ର ବିଜେଡି ବେଶ୍ ସମର୍ଥ ବୋଲି ଶ୍ରୀ ରାୟ ବିଶ୍ୱାସବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜନା କରି ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ କହିଥିଲେ, ବିଜୁ ଜନତା ଦଳର ସଂଗଠନକୁ ସୁଦୃଢ଼ କରିବାରେ ଆମର ଛାତ୍ର କର୍ମକର୍ତ୍ତା ବେଶ୍ ସଫଳ ହୋଇଛନ୍ତି । ସେହିପରି ଆଗାମୀ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ଲାଗି ଛାତ୍ର ବିଜେଡିର ପ୍ରତ୍ୟେକ କର୍ମକର୍ତ୍ତା ସଂକଳ୍ପବଦ୍ଧ ବୋଲି ସେ କହିଥିଲେ ।



ମେଣ୍ଢାପୋଡ଼ି ନୀତି ପୂର୍ବରୁ ଶ୍ରୀମନ୍ଦିର ନିକଟ ଦୋଳବେଦୀଠାରେ ମାରୱାଡି ସଂପ୍ରଦାୟର ମହିଳାମାନେ ଘସି ଚାରିପଟେ ସୂତାବାନ୍ଧି ବ୍ରତ ପାଳନ କରୁଛନ୍ତି (ଫଟୋ:ଅନୀଲ)

# ଶିକ୍ଷକ ଗୁରୁତର, ଗୁଳିମାଡ଼ ସନ୍ଦେହ

**କାମାକ୍ଷାନଗର, ୨୪ ।୩ (ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଥାନା ବାହାଡ଼ାପାଳ ନିକଟ ରାସ୍ତାରୁ ଶିକ୍ଷକ ଚନ୍ଦ୍ରମଣି ପାତ୍ର (୪୬)ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ତାଙ୍କୁ କେହି ଦୁର୍ବୃତ୍ତ ଗୁଳିମାଡ଼ କରିଥିବା ସନ୍ଦେହ କରାଯାଇଛି । କଙ୍କଡ଼ାହାଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । କିନ୍ତୁ ଶିକ୍ଷକ ଗୁଳିମାଡ଼ ଘଟଣାକୁ ଖଣ୍ଡନ କରିଛନ୍ତି । ବାଇକ୍‌ରୁ ଖସିପଡ଼ିବାରୁ ସେ ଆହତ ହୋଇଥିବା କହିଛନ୍ତି ।



ସୂଚନାନୁସାରେ, ଶିକ୍ଷକ ଚନ୍ଦ୍ରମଣି ପାତ୍ର ନିଜ ବାଇକ୍‌ରେ ଯାଉଥିବା ବେଳେ ବାହାଡ଼ାପାଳ ନିକଟରେ ପଡ଼ିଥିବା ଖବର ପାଇ ତାଙ୍କର ସମ୍ପର୍କୀୟ ସେଠାରୁ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି । ତାଙ୍କର ଦୁଇ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ଗୋଡ଼ ଭାଙ୍ଗିଥିବା ପ୍ରାଥମିକ ଭାବେ ଜଣାପଡ଼ିଛି । ଗୋଡ଼ରେ ଗୁଳି ପଶିଯିବା ଭଳି ଗାତ ହୋଇଛି । ତେବେ କେଉଁ କାରଣରୁ ଓ କିଏ ଗୁଳିମାଡ଼ କରିଛି, ସେ ସଂପର୍କରେ ସଠିକ୍ ସୂଚନା ମିଳିପାରିନାହିଁ । ଘଟଣାସ୍ଥଳରେ କାମାକ୍ଷାନଗର ଏସ୍‌ଡିପିଓ ସ୍ନେହାଶିଷ ସାହୁ ଓ କଙ୍କଡ଼ାହାଡ଼ ଥାନା ଅଧିକାରିଣୀ କଳ୍ପନା ବେହେରା ପ୍ରମୁଖ ଅଧିକ ତଦନ୍ତ ଜାରି ରଖିଛନ୍ତି । ପ୍ରାଥମିକ ଚିକିତ୍ସା ପରେ ଶିକ୍ଷକଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । କାମାକ୍ଷାନଗର ମେଡିକାଲରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ପ୍ରଧାନ ପହଞ୍ଚି ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ଏ ସଂକ୍ରାନ୍ତରେ କଙ୍କଡାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା କହିଛନ୍ତି ଯେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି । ଏ ସମ୍ପର୍କରେ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ ।

## ଲୋକକଥା



ବରଷକେ ଥରେ ଆସଇ ହୋଲି
ଭାଇଚାରା ପ୍ରୀତି ନେଇ,
ଏବେ କିନ୍ତୁ ସ୍ଥିତି ଅଲଗା ଅଲଗା
ରାଜନୀତି ଫେଣ୍ଟି ହୋଇ !
ଚବିଶି ଭୋଟ ପାଇଁ,
ରଙ୍ଗ ଖେଳ ଢଙ୍ଗ ବଦଳୁଛି ସତେ
ନେତା କର୍ମୀ ଥେଇ ଥେଇ !!

# ନିର୍ଣ୍ଣାୟକ ଭୂମିକା ନେବେ ମହିଳା ଭୋଟର୍

**ଭୁବନେଶ୍ୱର,୨୪ ।୩(ସମିସ):** ଗଣତନ୍ତ୍ରର ମହାପର୍ବରେ ବଢୁଛି ମହିଳା ଭୋଟର୍‌ଙ୍କ ଭାଗୀଦାରି । ଗୋଟିଏପଟେ ପୁରୁଷ ଓ ମହିଳା ଭୋଟର୍‌ଙ୍କ ମଧ୍ୟରେ ତାରତମ୍ୟହ୍ରାସପାଉଥିବାବେଳେଅନ୍ୟପଟେଅଧିକରୁ ଅଧିକ ସଂଖ୍ୟକ ମହିଳା ନିଜ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ ପାଇଁ ମତଦାନ କେନ୍ଦ୍ରରେ ପହଞ୍ଚୁଛନ୍ତି । ଏପରିସ୍ଥଳେ ୨୦୨୪ ସାଧାରଣ ନିର୍ବାଚନରେ ମହିଳା ଭୋଟର୍‌ଙ୍କ ଶକ୍ତିର ସାକ୍ଷୀ ହେବ ଓଡ଼ିଶା ।

ସାଧାରଣତଃ ମହିଳାଙ୍କ ତୁଳନାରେ ପୁରୁଷ ଭୋଟର୍‌ଙ୍କ ସଂଖ୍ୟା ଅଧିକ ରହିଥାଏ । ତେବେ ସଚେତନତା ବୃଦ୍ଧି ହେଉ ଅବା ଭୋଟଦାନର ମୂଲ୍ୟବୋଧ, ଅଧିକରୁ ଅଧିକ ମହିଳା ମତଦାନ ପାଇଁ ଆସୁଛନ୍ତି । ଆଗାମୀ ନିର୍ବାଚନରେ ମହିଳା ଭୋଟର୍‌ମାନଙ୍କୁ ଆକୃଷ୍ଟ କରିବା ପାଇଁ ଭାରତୀୟ ନିର୍ବାଚନ କମିସନ (ଇସିଆଇ) ବ୍ୟାପକ ବ୍ୟବସ୍ଥା କରିଛନ୍ତି । ଏଥର ଓଡ଼ିଶାରେ ପ୍ରାୟ ୪ହଜାର ବୁଥ୍ ପରିଚାଳନା ଦାୟିତ୍ୱରେ କେବଳ ମହିଳାମାନଙ୍କୁ ନିୟୋଜିତ କରାଯିବ । ସେହିପରି ୭୦୦ ମତଦାନ କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଯୁବକଯୁବତୀ ରହିଥିବା ବେଳେ ୭୦୦ଟି ଆଦର୍ଶ ମତଦାନ କେନ୍ଦ୍ର ଚିହ୍ନଟ କରାଯାଇଛି । ମହିଳା ଭୋଟର୍‌ମାନଙ୍କୁ ଆକୃଷ୍ଟ କରିବା ଲାଗି 'ସକ୍ଷୀ' ବୁଥ୍ ସ୍ଥାପନ କରାଯିବ । ୨୦୧୯ ନିର୍ବାଚନରେ ଯେଉଁସବୁ ଅଞ୍ଚଳରେ ମହିଳା ମତଦାନ ହାର କମ୍ ରହିଥିଲା, ସେଠାରେ ସକ୍ଷୀ ବୁଥ୍ ସ୍ଥାପନ କରାଯିବ । ହାଦ୍ୱାରା ମହିଳା ଭୋଟରମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ିବ ଆଉ ସେମାନେ ମଧ୍ୟ ନିଜ ଅଧିକାର ସାବ୍ୟସ୍ତ କରିବା ପାଇଁ ଆସିବେ । ମହିଳା ବୁଥ୍‌ରେ ମହିଳା କର୍ମଚାରୀମାନେ ଓଡ଼ିଶା ହସ୍ତତନ୍ତ ପ୍ରସ୍ତୁତ ପୋଷାକ ପିନ୍ଧିବେ ।

**■ ଅନ୍ୟୂନ ୧୦% ବୁଥ୍ ପରିଚାଳନା ଦାୟିତ୍ୱରେ ମହିଳା; ପିନ୍ଧିବେ ହସ୍ତତନ୍ତ ନିର୍ମିତ ପୋଷାକ**

**■ ହ୍ରାସ ପାଉଛି ଲିଙ୍ଗଗତ ତାରତମ୍ୟ; ୪୩ ଆସନରେ ପୁରୁଷଙ୍କଠାରୁ ମହିଳା ଭୋଟର ଅଧିକ**

ହସ୍ତଗତ ସୂଚନା ଅନୁସାରେ, ପ୍ରତି ଜିଲ୍ଲାରେ ଅନ୍ୟୂନ ୨୦% ଆଦର୍ଶ ମତଦାନ କେନ୍ଦ୍ର ରହିବ । ଏସବୁ ବୁଥ୍ ଯୁବଗୋଷ୍ଠୀ ଓ ଦିବ୍ୟାଙ୍ଗମାନେ ପରିଚାଳନା କରିବେ । ସେହିପରି ଅନ୍ୟୂନ ୧୦% ସକ୍ଷୀ ବୁଥ୍ ପ୍ରତିଷ୍ଠା କରାଯିବ, ଯାହାକୁ କେବଳ ମହିଳା କର୍ମଚାରୀମାନେ ପରିଚାଳନା କରିବେ ।

ଆଗାମୀ ନିର୍ବାଚନରେ ମହିଳା ଭୋଟର୍‌ମାନେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବେ ବୋଲି ଚର୍ଚ୍ଚା ଜୋର୍ ଧରିଥିବା ବେଳେ ରାଜ୍ୟରେ ମହିଳା ଭୋଟରଙ୍କ ସଂଖ୍ୟା ବୃଦ୍ଧି ଉତ୍ସାହଜନକ ରହିଛି । ରାଜ୍ୟରେ କ୍ରମାଗତ ଭାବେ ପୁରୁଷ-ମହିଳା ଭୋଟର ତାରତମ୍ୟ ହ୍ରାସ ପାଇବାରେ ଲାଗିଛି । ୨୦୨୪ ଭୋଟର ତାଲିକା ଅନୁସାରେ ରାଜ୍ୟରେ ପ୍ରତି ୧ ହଜାର ପୁରୁଷ ଭୋଟରଙ୍କ ତୁଳନାରେ ମହିଳା ଭୋଟର୍‌ଙ୍କ ସଂଖ୍ୟା ହେଉଛି ୯୭୨ । ୨୦୨୩ରେ ଏହି ସଂଖ୍ୟା ୯୬୧ ଥିବା ବେଳେ ୨୦୧୯ରେ ୯୪୬ ଓ ୨୦୧୪ରେ ୯୨୨ ରହିଥିଲା । ୨୦୨୯ ଓ ୨୦୨୪ ମଧ୍ୟରେ ଲିଙ୍ଗଗତ ତାରତମ୍ୟ ୩୬ ପଏଣ୍ଟ ହ୍ରାସ ପାଇଛି । ତେବେ ନୂଆ ଭୋଟର୍ ତାଲିକା ଅନୁସାରେ, ରାଜ୍ୟର ୪୩ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ପୁରୁଷ ଭୋଟର୍‌ଙ୍କ ତୁଳନାରେ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ ରହିଛି । ରାଜ୍ୟରେ ପୁରୁଷ ଭୋଟରଙ୍କ ସଂଖ୍ୟା ୧.୬୮କୋଟି ଥିବା ବେଳେ ମହିଳା ଭୋଟରଙ୍କ ସଂଖ୍ୟା ହେଉଛି ୧.୬୪ କୋଟି । ୧୮-୧୯ ବର୍ଷ ମଧ୍ୟରେ ସମୁଦାୟ ଭୋଟର୍‌ଙ୍କ ସଂଖ୍ୟା ୭.୫୫ ଲକ୍ଷ ଥିବା ବେଳେ ସେଥିରୁ ମହିଳାଙ୍କ ସଂଖ୍ୟା ହେଉଛି ୩.୪ ଲକ୍ଷ । ଗତବର୍ଷ ଅକ୍ଟୋବର ୨୭ ତାରିଖ ପରେ ଓଡ଼ିଶାରେ ୧୮-୧୯ବର୍ଷ ମଧ୍ୟରେ ୪.୭ଲକ୍ଷ ନୂଆ ଭୋଟର୍ ଯୋଡ଼ି ହୋଇଛନ୍ତି । ଏହି ବର୍ଗର ଭୋଟର୍‌ଙ୍କ ମଧ୍ୟରେ ପୁରୁଷ ଓ ମହିଳା ଅନୁପାତ ୭୩୯ରୁ ୮୩୭କୁ ବୃଦ୍ଧି ପାଇଛି ।

### ■ ଜମିବାଡ଼ି ବିବାଦ ନେଲା ଜୀବନ

# ସାନଭାଇ ଆକ୍ରମଣରେ ବଡ଼ ମୃତ

**ଢେଙ୍କାନାଳ, ୨୪ ।୩ (ସମିସ):** ସଦର ଥାନା ଅନ୍ତର୍ଗତ କାଉଁରିଆପାଳ ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ସାନଭାଇ ଆକ୍ରମଣରେ ବଡ଼ଭାଇର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । କାଉଁରିଆପାଳ ଗ୍ରାମର ପଦ୍ମଚରଣ ମହାନ୍ତି (୫୭) ଓ ତାଙ୍କ ସାନଭାଇ ବରୁଣ ମହାନ୍ତି (୫୦)ଙ୍କ ମଧ୍ୟରେ ଦୀର୍ଘଦିନରୁ ଜମିବାଡ଼ିକୁ କେନ୍ଦ୍ର କରି କଳହ ଲାଗି ରହିଥିଲା । ରବିବାର ପୂର୍ବାହ୍ନରେ କୌଣସି କାରଣରୁ ପଦ୍ମଚରଣ ସହ ବରୁଣର ବଚସା ହୋଇଥିଲା । ଏହା ଉଗ୍ରରୂପ ନେଇଥିଲା । ସାନଭାଇ ବରୁଣ ବଡ଼ଭାଇ ପଦ୍ମଙ୍କୁ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଏହି ଘଟଣା ପରେ ସଦର ଥାନା ପୁଲିସ ବରୁଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । ମୃତ ପଦ୍ମଚରଣଙ୍କ ପରିବାରର ଲିଖିତ ଅଭିଯୋଗ କ୍ରମେ ସଦର ପୁଲିସ ୨୫୪/୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି ।

# ଗଞ୍ଜାମ ଜିଲ୍ଲା ବିଜେପିରେ ଗୋଷ୍ଠୀକନ୍ଦଳ ତୀବ୍ର

**ବ୍ରହ୍ମପୁର, ୨୪ ।୩(ସମିସ):** ଗଞ୍ଜାମ ଜିଲ୍ଲା ବିଜେପିରେ ଥିବା ଗୋଷ୍ଠୀକନ୍ଦଳ କାହାକୁ ଅଛପା ନାହିଁ । ଖାସ କରି ନୂତନ ଜିଲ୍ଲା ସଭାପତିଙ୍କ ନିଯୁକ୍ତି ପରଠାରୁ ଏହା ଉଗ୍ରରୂପ ନେଇଛି । ପୁରୁଣା ନେତାମାନେ ନୂତନ ସଭାପତି ଡାକ୍ତର ସୁବାଷ ସାହୁଙ୍କୁ ଗ୍ରହଣ କରୁ ନ ଥିବା ଦେଖିବାକୁ ମିଳିଛି । ଏପରିକି ସଭାପତିଙ୍କୁ ଅଣଦେଖା କରି ସଭାପତିଙ୍କ ଅନୁପସ୍ଥିତିରେ ବିଭିନ୍ନ ସଭାର ଆୟୋଜନ ହେଉଛି । ଫଳରେ ଜିଲ୍ଲା ବିଜେପିରେ ଥିବା ଗୋଷ୍ଠୀ କନ୍ଦଳ ଦିନକୁ ଦିନ ଉଗ୍ର ରୂପ ଧାରଣ କରିବା ସହ ଦାଣ୍ଡରେ ପଡ଼ି ହାଟରେ ଗଡ଼ିବା ସ୍ଥିତିକୁ ଆସିଯାଇଛି । ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ଦଳ ଭିତରେ ଏଭଳି ଅଶାନ୍ତି ଓ ବିଶୃଙ୍ଖଳାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଜିଲ୍ଲା ସଭାପତି । ସଭାପତିଙ୍କ ବିନା ଅନୁମତିରେ ରବିବାର ସ୍ଥାନୀୟ ମଣ୍ଡପରେ କିଛି ନେତା ନିର୍ବାଚନ ପ୍ରସ୍ତୁତି ବୈଠକ ଓ ସମ୍ବର୍ଦ୍ଧନା ସଭା ଆୟୋଜିତ କରିଛନ୍ତି । ଯାହାକୁ ଖୋଦ୍ ଜିଲ୍ଲା ସଭାପତି ବେଆଇନ ବୋଲି ଘୋଷଣା କରିବା ସହ ଏଥିରେ କୌଣସି କାର୍ଯ୍ୟକର୍ତ୍ତା ଯୋଗ ନଦେବାକୁ ଦଳର ବିଭିନ୍ନ ଗ୍ରୁପରେ ବାର୍ତ୍ତା ଦେଇଥିଲେ । ଫଳରେ ଏହି ସଭାରେ ବହୁ କାର୍ଯ୍ୟକର୍ତ୍ତା ଅନୁପସ୍ଥିତ ଥିବାବେଳେ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀର ନେତା ଓ କର୍ମୀ ଏକଜୁଟ ହୋଇଥିଲେ । ସଭାରେ ପୂର୍ବତନ ଜିଲ୍ଲା ସଭାପତି ବିଭୁତି ଜେନା ଓ କାହ୍ନୁ ଚରଣ ପତିଙ୍କ ସମେତ ବ୍ରହ୍ମପୁର ଲୋକସଭା ପ୍ରଭାରୀ ତଥା ସଂଯୋଜକ ସରୋଜ ସାବତଙ୍କ ସମେତ ନୂତନ ଭାବେ ଦଳରେ ଯୋଗ ଦେଇଥିବା କେ. ଅନୀଲ କୁମାର ଓ ଅନ୍ୟମାନେ ଉପସ୍ଥିତ ଥିଲେ । ସବୁଠାରୁ ବଡକଥା ହେଲା କେନ୍ଦ୍ର ବା ରାଜ୍ୟସ୍ତରରେ ଓଡ଼ିଶାର କେଉଁଠୁ କିଏ ପ୍ରାର୍ଥୀ ହେବେ ତାହା ଘୋଷଣା ହୋଇ ନ ଥିବାବେଳେ ପୂର୍ବତନ ଜିଲ୍ଲା ସଭାପତି ବିଭୁତି ଜେନା, ବ୍ରହ୍ମପୁର ଲୋକସଭା ଆସନ ପାଇଁ ଅନ୍ୟ ଦଳରୁ ବିତାଡ଼ିତ ଜଣେ ନେତାଙ୍କ ନାମ ଘୋଷଣା କରିଥିଲେ ।

**■ ସଭାପତିଙ୍କ ବିନା ଅନୁମତିରେ ନିର୍ବାଚନ ପ୍ରସ୍ତୁତି ବୈଠକ ଓ ସମ୍ବର୍ଦ୍ଧନା ସଭା**

**■ ଦଳୀୟ ଘୋଷଣା ପୂର୍ବରୁ ବ୍ରହ୍ମପୁର ସାଂସଦଙ୍କ ନାମ ଘୋଷଣା କଲେ ବିଭୂତି ଜେନା**

**■ ଦଳ ଭିତରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ଚାଲିଛି ଉଦ୍ୟମ : ଡାକ୍ତର ସୁବାଷ ସାହୁ**

**■ ଘଟଣାକୁ ନେଇ ରାଜ୍ୟ ନେତୃତ୍ୱ ନିକଟରେ ଫେରାଦ ହେଲେ ଜିଲ୍ଲା ସଭାପତି**

ପୂର୍ବରୁ ଏକାଧିକ ନିର୍ବାଚନରେ ଗୋପାଳପୁରରେ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଲଢ଼ିଥିବା ବିଭୁତି ଏବେ ଆଗାମୀ ନିର୍ବାଚନରେ ଶ୍ରୀ ପାଣିଗ୍ରାହୀଙ୍କୁ ଲୋକସଭା ପ୍ରାର୍ଥୀ ଭାବରେ ଉପସ୍ଥାପନ କରିବାକୁ ନେଇ ଦଳରେ ସୃଷ୍ଟି ହୋଇଛି ବିବାଦ । ସବୁଠାରୁ ବଡକଥା ହେଲା ବ୍ରହ୍ମପୁର ଲୋକସଭା ନିର୍ବାଚନ ମଣ୍ଡଳୀର ପ୍ରଭାରୀ ଖୋଦ୍ ଉକ୍ତ ସଭାରେ ଉପସ୍ଥିତ ଥିବା ସତ୍ତ୍ୱେ ନିରବ ରହିବା ଦଳରେ ଫାଟ ସୃଷ୍ଟି କରିଛି । ଏହାକୁ ନେଇ ଜିଲ୍ଲା ସଭାପତି ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ତାଙ୍କ ବିନା ଅନୁମତି ଓ ଅନୁପସ୍ଥିତିରେ ଏଭଳି ସଭାର ଆୟୋଜନ ବେନିୟମ ଓ କିଛି ମୁଷ୍ଟିମେୟ ବ୍ୟକ୍ତି ଦଳରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ଉଦ୍ୟମ କରୁଥିବା ସେ ସିଧାସଳଖ ଅଭିଯୋଗ କରିଛନ୍ତି । ଏଭଳି ସଭାରେ ଦଳୀୟ ନିଷ୍ପତ୍ତି ପୂର୍ବରୁ କୌଣସି ପ୍ରାର୍ଥୀଙ୍କ ନାମ ଘୋଷଣା କରିବା ଅର୍ଥାତ୍ ଉଭୟ କେନ୍ଦ୍ରୀୟ ଓ ରାଜ୍ୟ ନେତୃତ୍ୱକୁ ଚାଲେଞ୍ଜ କରିବା ସଦୃଶ । ଆଗକୁ ନିର୍ବାଚନ ଥିବା ବେଳେ ଦଳ ଭିତରେ ଏଭଳି ବିଶୃଙ୍ଖଳାକୁ ଆଦୌ ବରଦାସ୍ତ କରାଯିବନାହିଁ ବୋଲି ନିଜର ପ୍ରତିକ୍ରିୟା ରଖିବା ସହ ଜିଲ୍ଲା ସଭାପତି ରାଜ୍ୟ ନେତୃତ୍ୱଙ୍କ ନିକଟରେ ଘଟଣାକୁ ନେଇ ଫେରାଦ ହୋଇଥିବା କହିଛନ୍ତି । ଏଭଳି ସ୍ଥିତିରେ ଉଭୟ ରାଜ୍ୟ ଓ କେନ୍ଦ୍ର ନେତୃସ୍ଥାନୀୟ ନେତା କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଉପରେ ରହିଛି ସମସ୍ତଙ୍କ ନଜର ।

### ଦିନକରେ ବ୍ରହ୍ମପୁର ଓ ଶ୍ରୀକାକୁଲମ୍ ଲୋକସଭା ପାଇଁ ମତଦାନ

# ସୀମାନ୍ତ ଭୋଟର୍‌ଙ୍କୁ ଆଖେଇଲାଣି ଆନ୍ଧ୍ର

**ବ୍ରହ୍ମପୁର, ୨୪ ।୩(ସମିସ):** ଓଡ଼ିଶାର ସୀମାନ୍ତ ଅଞ୍ଚଳରେ ରହୁଥିବା ଭୋଟର୍‌ଙ୍କ ଉପରେ ଆନ୍ଧ୍ରର ଲୋଲୁପ ଦୃଷ୍ଟି । ସାଧାରଣ ନିର୍ବାଚନ ପାଇଁ ଏବେ ନେତା-ମନ୍ତ୍ରୀ ଲୋକଙ୍କ ନିକଟତର ହେବାରେ ବ୍ୟସ୍ତ ଥିବା ବେଳେ ଆନ୍ଧ୍ରର ନେତା-ମନ୍ତ୍ରୀ ଓ ପ୍ରଶାସନ ଏଥିରୁ ଦୁଇ ପାଦ ଆଗରେ । ନିର୍ବାଚନୀ ବୈତରଣୀ ପାର୍ ହେବା ପାଇଁ ଏବେ ସେମାନେ ଓଡ଼ିଶା ସୀମାନ୍ତ ଭୋଟର୍‌ଙ୍କୁ ଆଖେଇଛନ୍ତି । ଏଥର ଗୋଟିଏ ପର୍ଯ୍ୟାୟରେ ବ୍ରହ୍ମପୁର ଲୋକସଭା ଆସନ ସହ ଆନ୍ଧ୍ରର ଗୋଟିଏ ଲୋକସଭା ପାଇଁ ମତଦାନ ହେବାକୁ ଥିବାରୁ ଆନ୍ଧ୍ରର ନେତା ମନ୍ତ୍ରୀମାନେ ଓଡ଼ିଶାର ଏହି ଭୋଟର୍‌ମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାରେ ଲାଗି ପଡ଼ିଛନ୍ତି । ଏହି ପ୍ରସଙ୍ଗକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି ।

ସୂଚନାନୁସାରେ, ଆସନ୍ତା ମେ' ୧୩ ତାରିଖରେ ଆନ୍ଧ୍ରର ଶ୍ରୀକାକୁଲମ ଲୋକସଭା କ୍ଷେତ୍ର ସମେତ ବ୍ରହ୍ମପୁର ଲୋକସଭା ନିର୍ବାଚନୀ ମଣ୍ଡଳୀର ମଧ୍ୟ ଭୋଟ ରହିଛି । ଏଥିଲାଗି ଆନ୍ଧ୍ରର କିଛି ନେତା ଓ କର୍ମୀ ଏବଂ ସେଠାକାର ପ୍ରଶାସନ ଏବେ ସୀମାନ୍ତର କିଛି ଗ୍ରାମର ଭୋଟରଙ୍କ ନିକଟତର ହେବା ଆରମ୍ଭ କରିଦେଇଥିବା ସ୍ଥାନୀୟ ସୂତ୍ରରୁ ପ୍ରକାଶ । ବିଭିନ୍ନ ସମୟରେ ଭୋଟରଙ୍କୁ ଆକୃଷ୍ଟ କରିବାରେ ବ୍ୟସ୍ତ ଥିବା ଆନ୍ଧ୍ର ନେତା ଓ ପ୍ରଶାସନ ବିଭିନ୍ନ ଗ୍ରାମରେ ଆନ୍ଧ୍ର ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟ ପ୍ରଚାର କରୁଛନ୍ତି । ଏପରିକି ବିଗତ ଦିନରେ ଆନ୍ଧ୍ର ସରକାରଙ୍କ ଯୋଜନାର କିଛି ପୋଷ୍ଟର ସୀମାନ୍ତ ଗ୍ରାମମାନଙ୍କରେ ଦେଖିବାକୁ ମିଳିଥିଲା । କିଛି ଲୋକ ସେଠାକାର ପ୍ରଶାସନ ଦ୍ୱାରା ସରକାରୀ ସହାୟତା ମଧ୍ୟ ପାଇଥିବା ଖବର ବହୁବାର ନଜରକୁ ଆସିଛି ।





ସୂଚନାନୁଯାୟୀ, ଗଞ୍ଜାମ ଜିଲ୍ଲା ସୀମାନ୍ତରେ ଥିବା ପାତ୍ରପୁର ବ୍ଲକ ଆନ୍ଧ୍ର ସୀମାକୁ ଲାଗି ରହିଛି । ଏଠାକାର ବହୁ ଗ୍ରାମରେ ଆନ୍ଧ୍ର ସରକାର ଓ ପ୍ରଶାସନ ସେମାନଙ୍କ ଲୋଲୁପ ଦୃଷ୍ଟି ଢାଳିଥିବା କଥା କାହାକୁ ଅଛପା ନାହିଁ । ଏପରିକି ପାତ୍ରପୁର ବ୍ଲକର ବୁରାତାଲ, ତୁମ୍ବା, ବି ନୂଆଗାଁ ଆଦି ପଞ୍ଚାୟତର କିଛି ଗ୍ରାମରେ ଆନ୍ଧ୍ର ପ୍ରଶାସନ ଓ ସରକାରଙ୍କ ବେଆଇନ ଅନୁପ୍ରବେଶ କଥା ମଧ୍ୟ ବିଗତ ଦିନରେ ଦେଖିବାକୁ ମିଳିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ଅଞ୍ଚଳର ବହୁ ଭୋଟରଙ୍କଠାରେ ଦୁଇଟି ରାଜ୍ୟର ପ୍ରମାଣପତ୍ର ମଧ୍ୟ ରହିଛି । କିଛି ଭୋଟର୍ ଗତ ପଞ୍ଚାୟତ ନିର୍ବାଚନରେ ଆନ୍ଧ୍ରରେ ମଧ୍ୟ ମତଦାନ କରିଥିବା ଦେଖିବାକୁ ମିଳିଥିଲା । ଏଣୁ ଆନ୍ଧ୍ର ପ୍ରଦେଶର ପଞ୍ଚାୟତ ନିର୍ବାଚନ ଦିନ ଓଡ଼ିଶା ପ୍ରଶାସନ ସେଠାରେ ଡେରା ପକାଇ ରହିଥିଲା । ହେଲେ ଚଳିତ ସାଧାରଣ ନିର୍ବାଚନରେ ସୀମାନ୍ତ ଭୋଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି । ଏମାନେ କେଉଁଠାରେ ମତଦାନ କରିବେ ସେନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

**ଆନ୍ଧ୍ର ପଞ୍ଚାୟତ ନିର୍ବାଚନରେ ମତଦାନ କରିଥିଲେ କିଛି ଗାଁ ଭୋଟର୍**

ତେଣୁ ନିର୍ବାଚନ ଲାଗି ଉଭୟ ପୁଲିସ ଓ ପ୍ରଶାସନ ଆଗୁଆ ସଜାଗ ହୋଇ ସୀମାନ୍ତ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମଧ୍ୟ ଦାବି ହୋଇଛି । ଗତ ୨୦୨୦ ମସିହା ଆନ୍ଧ୍ର ପ୍ରଦେଶ ପଞ୍ଚାୟତ ନିର୍ବାଚନରେ ତୁମ୍ବା ପଞ୍ଚାୟତର କୁଲାଡ଼ି ଗ୍ରାମର ଜଣେ ମହିଳା ୱାର୍ଡ଼ସଭ୍ୟ ଭାବେ ନାମାଙ୍କନ ଦାଖଲ କରିଥିବା ସେତେବେଳେ ଚର୍ଚ୍ଚା ଜୋର୍ ଧରିଥିଲା । ସେହିଭଳି ଇଚ୍ଛାପୁର ନିକଟସ୍ଥ ଓଡ଼ିଶାର ବି ନୂଆଗାଁ ପଞ୍ଚାୟତ ଅଧୀନ କିଛି ଗ୍ରାମର ଭୋଟର୍ ନିକଟସ୍ଥ ପଞ୍ଚାୟତରେ ମଧ୍ୟ ମତଦାନ କରିଥିବା ଦେଖିବାକୁ ମିଳିଥିଲା । ଅନ୍ୟ ଏକ ସୂତ୍ର ଅନୁଯାୟୀ, ପାତ୍ରପୁର ବ୍ଲକ୍ ଏକ ନିର୍ଦ୍ଦିଷ୍ଟ ଗ୍ରାମ ଆନ୍ଧ୍ରପ୍ରଦେଶର ମଞ୍ଜୁଷା ମଣ୍ଡଳ, ଗଜପତି ଜିଲ୍ଲାର ରାୟଗଡ଼ ବ୍ଲକ ସମେତ ପାତ୍ରପୁର ବ୍ଲକ ଅଧୀନରେ ଭିନ୍ନଭିନ୍ନ ନାମରେ ରହିଥିବା ସୂଚନା ମିଳିଛି । ଏଥିପ୍ରତି ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି । ଅନ୍ୟପକ୍ଷରେ ଓଡ଼ିଶା ଭୋଟର୍ ଓଡ଼ିଶାରେ ହିଁ କିଭଳି ମତଦାନ କରିବେ, ସେନେଇ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଉଥିବା ସ୍ଥାନୀୟ କିଛି ନେତା କହିଛନ୍ତି । ଏ ସଂପର୍କରେ ପ୍ରଶାସନକି ସ୍ତରରେ ମତାମତ ମିଳିପାରିନାହିଁ ।

# ଗୁଜରାଟରେ ମୃତ ଯୁବକଙ୍କ ପରିବାରକୁ ବିଧାୟକଙ୍କ ସହାୟତା



**ବାରିପଦା/ରାସଗୋବିନ୍ଦପୁର, ୨୪।୩(ସମିସ):** ରାସଗୋବିନ୍ଦପୁର ବ୍ଲକର ଜଣେ ଯୁବକ ଗୁଜୁରାଟରେ କାମ କରିବାକୁ ଯାଇ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଉକ୍ତ ମୃତକ ଯୁବକ ଜଣକ ହେଲେ ଛାତନା ପଞ୍ଚାୟତରେ ରଥ ବିନ୍ଧାଣୀଙ୍କ ପୁଅ ଗୁରୁପ୍ରସାଦ ବିନ୍ଧାଣି (୨୨)। ଘଟଣା ଜାଣି ରବିବାର ମୋରଡ଼ା ବିଧାୟକ ରାଜକିଶୋର ଦାସ ମୃତକଙ୍କ ଶେଷକୃତ୍ୟ ସମ୍ପନ୍ନ ପାଇଁ ତାଙ୍କ ପରିବାର ପାଖରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ ସହିତ ସମବେଦନା ଜଣାଇଛନ୍ତି। ବିଧାୟକ ଶ୍ରୀ ଦାସ ପରିବାର ଲୋକଙ୍କ ସହିତ ଆଲୋଚନା କରି ୨୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ଗୁରୁପ୍ରସାଦ ଗତ ୫ବର୍ଷ ହେବ ଗୁଜୁରାଟ ସ୍ଥିତ ଏକ ଟାଇଲ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଗତ ୨୦ ତାରିଖ ରାତିରେ ଜଣେ ବନ୍ଧୁଙ୍କ ସହ ସ୍କୁଟି ଯୋଗେ ଯାଉଥିବା ବେଳେ ଧକ୍କା ହେବାରୁ ୨ଜଣଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ପୁଲିସ ଶବ ବ୍ୟବଚ୍ଛେଦ କରାଇବା ପରେ ଆମ୍ବୁଲାନ୍ସ ଯୋଗେ ଶବକୁ ରାସଗୋବିନ୍ଦପୁରର ଛାତନା ସ୍ଥିତ ଗ୍ରାମକୁ ପଠାଇଥିଲେ। ଗାଁରେ ଗୁରୁଙ୍କ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ ହୋଇଥିଲା। ଗରିବ ବାପା ରୋଜଗାରିଆ ପୁଅକୁ ହରାଇ ବହୁ କଷ୍ଟରେ ଥିବା ବେଳେ ବିଧାୟକ ଶ୍ରୀ ଦାସ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ମୟୂରଭଞ୍ଜରେ କାର୍ଯ୍ୟକ୍ଷମ ହେବ ଏଆର୍‌ସି

## ଡିଡିଆରସି ପରିସରରେ ସ୍ଥାପନ ହେବ ୨୦ ଶଯ୍ୟାବିଶିଷ୍ଟ ଏଆର୍‌ସି

## ଚୂଡ଼ାନ୍ତ ପର୍ଯ୍ୟାୟରେ କୃତ୍ରିମ ଅଙ୍ଗ ଯୋଗାଣ ଟେଣ୍ଡର

**ବାରିପଦା, ୨୪।୩(ସମିସ)**

ମୟୂରଭଞ୍ଜ ଜିଲ୍ଲାରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର (ଏଆରସି)। କାର୍ଯ୍ୟକ୍ଷମ ଥିବା ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର (ଡିଡିଆରସି) ପରିସରରେ ୨୦ ଶଯ୍ୟା ବିଶିଷ୍ଟ ଏଆରସି ସ୍ଥାପନ କରାଯିବ। ଫଳରେ ସରକାରଙ୍କଠାରୁ ବିନାମୂଲ୍ୟରେ କୃତ୍ରିମ ଅଙ୍ଗ ପାଇବା ପାଇଁ ଦିବ୍ୟାଙ୍ଗମାନଙ୍କୁ ଆଉ ଭୁବନେଶ୍ୱର, କେନ୍ଦୁଝର କିମ୍ବା ସୁନ୍ଦରଗଡ଼ ଦୌଡ଼ିବାକୁ ପଡ଼ିବନାହିଁ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍‌ଏସ୍‌ଇପିଡି) ବିଭାଗ ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କୁ ପତ୍ର ଲେଖି ଏଆରସି ପାଇଁ ଉପଲବ୍ଧ ଭିତ୍ତିଭୂମି ସମ୍ପର୍କରେ ସୂଚନା ଦେବା ପାଇଁ କହିଛନ୍ତି।

ସୂଚନା ଅନୁସାରେ, ଡିଡିଆରସିରେ ଦିବ୍ୟାଙ୍ଗ ହିତାଧିକାରୀଙ୍କ ଉଦ୍ଦେଶ୍ୟରେ ୨୦ ଶଯ୍ୟା ବିଶିଷ୍ଟ ଡର୍ମିଟୋରି ଥିବା ଏଆର୍‌ସି ପ୍ରତିଷ୍ଠା ପାଇଁ ଗତବର୍ଷ ଅକ୍ଟୋବରରେ ବିଭାଗ ପକ୍ଷରୁ ତତକାଳୀନ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ଏସବୁ



ପ୍ରସ୍ତାବିତ ଏଆରସିରେ କୃତ୍ରିମ ଅଙ୍ଗ ଯୋଗାଣ ନିମନ୍ତେ ଇତିମଧ୍ୟରେ ଟେଣ୍ଡର୍ ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ଶୀଘ୍ର କୃତ୍ରିମ ଅଙ୍ଗ ଯୋଗାଣ ଆରମ୍ଭ ହେବ। ଏହି କେନ୍ଦ୍ରରେ ଦିବ୍ୟାଙ୍ଗ ନାଗରିକଙ୍କୁ ପ୍ରୋସ୍ଥେସିସ୍ ଓ ଅର୍ଥୋସିସ୍ ବର୍ଗରେ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯିବ। ଅଚଳ ଅଙ୍ଗକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଏଆରସିରେ ରୋବୋଟିକ୍ ଥେରାପି ୟୁନିଟ୍ ରହିବ। ଏହା ଦ୍ୱାରା ସ୍ୱାସ୍ଥ୍ୟଗତ ଅକ୍ଷମତାର ଉପଚାର ହେବ।

ସେହିପରି କୃତ୍ରିମ ଅଙ୍ଗ ପ୍ରତିରୋପଣ ପାଇଁ ବ୍ୟବସ୍ଥା ଉପଲବ୍ଧ ହେବ। ସେଥିପାଇଁ ଜିଲ୍ଲାରେ କାର୍ଯ୍ୟକ୍ଷମ ଥିବା ଡିଡିଆରସିରେ ୨/୩ଟି ହଲ୍ ଏବଂ ୪/୫ଟି କୋଠରି ବ୍ୟବସ୍ଥା କରିବା ଲାଗି ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଆବଶ୍ୟକ ସ୍ଥଳେ ଏଥିପାଇଁ ପାଣ୍ଠି ଯୋଗାଇ ଦେବାକୁ ମଧ୍ୟ ଗତବର୍ଷ ଅକ୍ଟୋବରରେ କୁହାଯାଇଥିଲା। ଏଆରସି ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ ହୋଇଥିଲା ବେଳେ ଆବଶ୍ୟକ ମାନବସମ୍ବଳ ଯୋଗାଇ ଦିଆଯିବ। ଏବେ ସେହି ନିର୍ଦ୍ଦେଶ ଅନୁସାରେ ୨୦ ଶଯ୍ୟା ଡର୍ମିଟୋରି ଏବଂ ଅନ୍ୟ କାର୍ଯ୍ୟ ପାଇଁ ସ୍ଥାନ ଉପଲବ୍ଧ ହୋଇଛି କି ନାହିଁ, ତାହା ଜଣାଇବା ପାଇଁ ଜିଲ୍ଲାପାଳଙ୍କୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ରାଜ୍ୟରେ ଏବେ ଭୁବନେଶ୍ୱର, କେନ୍ଦୁଝର ଏବଂ ସୁନ୍ଦରଗଡ଼ରେ ଏଆରସି କାର୍ଯ୍ୟକ୍ଷମ ଅଛି। କୌଣସି କାରଣବଶତଃ ଅଙ୍ଗ ହରାଇଥିବା ବ୍ୟକ୍ତିଙ୍କୁ ଏଆରସି ଜରିଆରେ ଉଚ୍ଚମାନର କୃତ୍ରିମ ଅଙ୍ଗ ଯୋଗାଇ ଦିଆଯାଉଛି। କୃତ୍ରିମ ଅଙ୍ଗ ପାଇଥିବା ବ୍ୟକ୍ତି ପୁଣିଥରେ ସ୍ୱାଭାବିକ ଜୀବନ ବିତାଇବା ପାଇଁ ସୁଯୋଗ ପାଉଛନ୍ତି। ତେବେ ଦୂରଦୂରାନ୍ତରୁ ଆସି ଏଆରସିରେ ପହଞ୍ଚିବା ଦିବ୍ୟାଙ୍ଗମାନଙ୍କ ପକ୍ଷରେ ବଡ଼ ସମସ୍ୟା। ଦିବ୍ୟାଙ୍ଗଙ୍କର ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସରକାର ଜିଲ୍ଲା ସ୍ତରରେ ଏଆରସି ସ୍ଥାପନ ପାଇଁ ପଦକ୍ଷେପ ନେବା ଘଟଣା ଜଣା ପଡ଼ିବା ପରେ ମୟୂରଭଞ୍ଜ ଜିଲ୍ଲାରେ ଖୁସି ଖେଳିଯାଇଛି। ଜିଲ୍ଲା ଦିବ୍ୟାଙ୍ଗ ସଂଘର ସଭାପତି ଅରୁଣ ବେହେରା ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ● ସେଙ୍ଗେଲ ପକ୍ଷରୁ ସାର୍ନା ଧର୍ମକୋଡ଼ ଜନସଭା

# ମାଝୀବାବା ବଦଳାଅ, ଗାଁକୁ ବଞ୍ଚାଅ ପାଇଁ ଆହ୍ୱାନ



**ବାରିପଦା, ୨୪।୩(ସମିସ):** ରବିବାର ବାରିପଦା ଛଉ ପଡ଼ିଆରେ ଜୋନାଲ କମିଟିର ସେଙ୍ଗେଲ ସଭାପତି ସହ ଓଡ଼ିଶା ପ୍ରଦେଶ ସେଙ୍ଗେଲ ପାର୍ଗାନା ନାରାନ ମୁର୍ମୁଙ୍କ ନେତୃତ୍ୱରେ ସାର୍ନା ଧର୍ମ କୋଡ ଏକ ଜନସଭା ଆୟୋଜିତ ହୋଇଯାଇଛି। ବକ୍ତାମାନେ ଏଥିରେ ଆଦିବାସୀ ସମାଜକୁ ବିକାଶ ପଥରେ ଆଗକୁ ନେବା ପାଇଁ ସେଙ୍ଗେଲର ସ୍ଲୋଗାନ୍ ଭାବେ ମାଝୀବାବା (ଗ୍ରାମମୁଖ୍ୟ) ବଦଳାଅ, ଗାଁକୁ ବଞ୍ଚାଅ ବୋଲି କହିଥିଲେ। କାରଣ ଅଧିକାଂଶ ମାଝୀବାବାଙ୍କ ଦ୍ୱାରା ପ୍ରତ୍ୟେକ ଆଦିବାସୀ ଗ୍ରାମରେ ବ୍ୟାପକ ନିଶା ସେବନ, ଅନ୍ଧବିଶ୍ୱାସ, ଡାହାଣୀ ପ୍ରଥା (ଡାହାଣୀ ନାମରେ ହତ୍ୟା), ଇର୍ଷା-ଦ୍ୱେଷ, କଙ୍ଗାରୁ କୋର୍ଟ (ମନଇଚ୍ଛା ଜୋରିମାନା), ସାମାଜିକ ବହିଷ୍କାର, ଭୋଟ୍ କ୍ରୟ ବିକ୍ରୟ, ମହିଳା ବିରୋଧୀ ମାନସିକତା ଆଦି ପରମ୍ପରା ନାମରେ ପ୍ରଚଳନ କରି ଆସୁଛନ୍ତି। ସାର୍ନା ଧର୍ମ କୋଡ ମାନ୍ୟତା ପାଇଁ ନିଜ ଗ୍ରାମରେ ବୈଠକ କରି ନାହାନ୍ତି କି ସହଯୋଗ ମଧ୍ୟ କରୁନାହାନ୍ତି। ତେଣୁ ଏଭଳି ପରମ୍ପରାକୁ ହଟାଇବା ପାଇଁ ସେଙ୍ଗେଲ ସଂକଳ୍ପବଦ୍ଧ। ତେବେ ଆଦିବାସୀ ସମାଜ ବଞ୍ଚାଇବାକୁ ହେଲେ ସାମାଜିକ ଏକତା ଗଠନ ଦୃଢ କରିବା ସହିତ ସାରନା ଧର୍ମ କୋଡ ମାନ୍ୟତା ନିତାନ୍ତ ଆବଶ୍ୟକ ବୋଲି ସମସ୍ତ ଅତିଥିମାନେ ପ୍ରକାଶ କରିଥିଲେ। ତେଣୁ ପ୍ରକୃତି ପୂଜକ ଆଦିବାସୀଙ୍କୁ ଧାର୍ମିକ ସ୍ୱାଧୀନତା ଦେବା ଦରକାର ବୋଲି ଆହ୍ୱାନ ଦେଇଥିଲେ। ୨୦୧୧ ଜନଗଣନାରେ ୫୦ଲକ୍ଷ ଆଦିବାସୀ ସାରନା ଧର୍ମ ଲେଖିଥିଲେ; କିନ୍ତୁ ଜୈନମାନେ ଲେଖିଥିଲେ ମାତ୍ର ୪୪ ଲକ୍ଷ, ହେଲେ ବି ଉକ୍ତ ସାମ୍ବିଧାନିକ ମୌଳିକ ଅଧିକାର ସାର୍ନା ଧର୍ମ କୋଡ ନ ଦେବା ଏକ ଷଡଯନ୍ତ୍ର ବୋଲି କହିଛନ୍ତି। ଏଣୁ ବର୍ତ୍ତମାନ ବୃହତ ଆଦିବାସୀ ଜନଏକତା ଏବଂ ବୃହତ ନିର୍ଣ୍ଣାୟକ ଜନ ଆନ୍ଦୋଳନ ବିନା କିଛି ରହିବ ନାହିଁ ବୋଲି କହିଛନ୍ତି। ସାର୍ନା ଧର୍ମ କୋଡର ଜବାବ ଦିଅ, ଆଦିବାସୀଙ୍କ ଭୋଟ୍ ନିଅ ସ୍ଲୋଗାନ୍ ପ୍ରତ୍ୟେକ ଆଦିବାସୀ ଗ୍ରାମରେ ସ୍ୱର ଉଠାଇବା ପାଇଁ ଆହ୍ୱାନ ଦିଆଯାଇଛି। କେନ୍ଦ୍ରୀୟ ସେଙ୍ଗେଲ ସଂଯୋଜକ ବୁଢାନ ମାର୍ଣ୍ଡି, ଓଡ଼ିଶା ପ୍ରଦେଶ ସେଙ୍ଗେଲ ସଭାପତି ନରେନ୍ଦ୍ର ହେମ୍ବ୍ରମ, ଓଡ଼ିଶା ପ୍ରଦେଶ ମହିଳା ମୋର୍ଚ୍ଚା ସଭାପତି ମାଲହ ମାର୍ଣ୍ଡି, ପାନମଣି ହେମ୍ବ୍ରମ, ବାରିପଦା ଉପଖଣ୍ଡ ସେଙ୍ଗେଲ ସଭାପତି ବିକାଶ ଚନ୍ଦ୍ର ହେମ୍ବ୍ରମ, ଜୋନାଲ ଉପସଭାପତି ବାହାଦୁର ମୁର୍ମୁ, ଜିତେନ୍ଦ୍ରନାଥ ହେମ୍ବ୍ରମ, ଜୋନାଲ ପାର୍ଗାନା ମାଧବ ଚନ୍ଦ୍ର ମୁର୍ମୁ, ବାବୁଲୁ ମୁର୍ମୁ, ଉଦୟନାଥ ହେମ୍ବ୍ରମ, ଚନ୍ଦନ କୁମାର ସୋରେନ, ପିଥ ମାଝି ଓ ମେଘ୍ରାୟ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

# ହାତୀଗୋଡ଼ା ମୁନି ସମାଜର ବାର୍ଷିକ ସତ୍‌ସଙ୍ଗ

**ଠାକୁରମୁଣ୍ଡା, ୨୪।୩ (ସମିସ):** ଠାକୁରମୁଣ୍ଡା ବ୍ଲକର ହାତୀଗୋଡା ମୁନିସମାଜ ଆଶ୍ରମରେ ବାର୍ଷିକ ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଯୋଗୀ ଚୈତନ୍ୟ ମୁନି ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ପଣ୍ଡିତ ନିରଞ୍ଜନ ଶାସ୍ତ୍ରୀ ଯୋଗଦେଇ ମୁନି ସମାଜର ସ୍ଥାପୟୀତା ଦର୍ଶନ ଓ ଆଧ୍ୟାତ୍ମିକ ସାହିତ୍ୟକୁ ଅନୁଶୀଳନ କରି ଜୀବନରେ ପ୍ରତିଫଳିତ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗୀ ପ୍ରଫୁଲ୍ଲ ମୁନି ଯୋଗଦେଇ ସଦଗୁରୁ ଶିବମୁନିଙ୍କ ଆବିଷ୍କୃତ ଚକ୍ରଭେଦନ ଯୋଗ, ଆ।ଜ୍ଞାନ ଓ ସ୍ୱାସ୍ଥ୍ୟ ରକ୍ଷା ଉପରେ ଆଲୋଚନା କରିଥିଲେ। ମୁନି କୁମାରୀ ପାୟେଲ ଓ ଜୁଏଲ ମୁନି, ମୁନି କୁମାରୀ ଦେବସ୍ମିତା, ଅଧ୍ୟାପକ ଯୋଗୀ ଦନାର୍ଦ୍ଦନ ମୁନି ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ଏସ୍‌ଏସ୍ ରାଷ୍ଟ୍ରୀୟ ସଂହତି ଶିବିର

**ବାରିପଦା, ୨୪।୩(ସମିସ):** ରାଷ୍ଟ୍ରୀୟ ସେବା ଯୋଜନା ଆନୁକୂଲ୍ୟରେ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ରାଷ୍ଟ୍ରୀୟ ସଂହତି ଶିବିର ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ତରଫରୁ ୧୦ ଜଣ ଛାତ୍ରଛାତ୍ରୀ ଜିଲ୍ଲା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳ ଓ କପ୍ତିପଦା ମହାବିଦ୍ୟାଳୟର ଏନ୍‌ଏସଏସ





କାର୍ଯ୍ୟକ୍ରମ ଅଫିସର ମଞ୍ଜନା ମହାପାତ୍ରଙ୍କ ନେତୃତ୍ୱରେ ଯୋଗ ଦେଇଥିଲେ। ଶିବିରରେ ଦେଶର ୧୫ଟି ରାଜ୍ୟରୁ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଦେଶର ଯୁବକ ଯୁବତୀଙ୍କ ଦ୍ୱାରା ନିଜ ରାଜ୍ୟର ସଂସ୍କୃତି ଓ ପରମ୍ପରାକୁ ଲୋକଲୋଚନକୁ ଆଣି ଏକ ଶ୍ରେଷ୍ଠ ଭାରତ ବର୍ଷ ଗଠନ କରିବା ହେଉଛି ଏହି ଶିବିରର ଲକ୍ଷ୍ୟ। ଶିବିରରେ ପ୍ରତିଦିନ ପ୍ରଭାତରେ ଯୋଗ ଓ ପ୍ରାଣାୟାମ ଶିଖାଯାଉଥିଲା। ବିଭିନ୍ନ ପ୍ରାନ୍ତରରୁ ଆସିଥିବା ସ୍ୱେଚ୍ଛାସେବୀ ନିଜ ରାଜ୍ୟର ସାଂସ୍କୃତିକ କଳା ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଶେଷଦିନ ସମସ୍ତ ଛାତ୍ରଛାତ୍ରୀଙ୍କୁ ବାଲେଶ୍ୱର ଡିଆରଡିଓର ଆଟିଆର୍ ଭ୍ରମଣ ପାଇଁ ନିଆଯାଇଥିଲା। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀ ଋତୁପର୍ଣ୍ଣା ସାହୁ, ନିବେଦିତା ମହାନ୍ତ, ଶୁଭମ ମହାନ୍ତ, ନିକିତା ମହାନ୍ତ, ବିଜୟ ଟୁଡୁ, ଜିତରାୟ ମୁର୍ମୁ, ଯଶୋବନ୍ତ ମହାନ୍ତ, ନାରାୟଣ ସିଂ, ଅଂଶୁ ଅମିତ ବେହେରା ଓ ଶୁଶ୍ରୀ ସଂହିତା ପାତ୍ର ସାମିଲ ହୋଇଥିଲେ। ଏହି ଶିବିର ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ନୂତନ ଆଲୋକ ସଞ୍ଚାର ହୋଇପାରିବ ବୋଲି ସଂଯୋଜକ ଡଃ ବସନ୍ତ ମହାନ୍ତ ପ୍ରକାଶ କରିଛନ୍ତି। ଏନ୍‌ଏସ୍‌ଏସ୍ ରିଜିଓନାଲ ଡାଇରେକ୍ଟର ସୁଶ୍ରୀ ସରିତା ପଟେଲ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

# ବାଜୁନ ହାଁସଦା ଭଞ୍ଜସେନା ସମର୍ଥିତ ଲୋକସଭା ପ୍ରାର୍ଥୀ



**ବାରିପଦା, ୨୪।୩(ସମିସ):** ବାଜୁନ ହାଁସଦାଙ୍କୁ ଭଞ୍ଜସେନା ସମର୍ଥିତ ମୟୂରଭଞ୍ଜ ଜିଲ୍ଲାର ଲୋକସଭା ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ରବିବାର ବାରିପଦାର ଷ୍ଟେସନ ବଜାର ସ୍ଥିତ ଆରଏମସି କଲ୍ୟାଣ ମଣ୍ଡପରେ ସଂଗଠନ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ଘୋଷଣା କରାଯାଇଛି। ଜିଲ୍ଲାର ସମସ୍ତ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ସାଧାରଣ ନିର୍ବାଚନରେ ମୟୂରଭଞ୍ଜ ଜିଲ୍ଲାର ସ୍ୱାର୍ଥ ଏବଂ ବିକାଶ ପାଇଁ ଭଞ୍ଜସେନା ସିଧାସଳଖ ଅଂଶ ଗ୍ରହଣ କରିବ। ତେଣୁ ଭଞ୍ଜସେନାର ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦାଙ୍କୁ ସର୍ବସମ୍ମତିକ୍ରମେ ଲୋକସଭା ପ୍ରାର୍ଥୀଭାବେ ସ୍ଥିର କରାଯାଇଛି। ଭଞ୍ଜସେନା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ପ୍ରତି ହୋଇ ଆସୁଥିବା ବୈମାତୃକ ମନୋଭାବ ବାବଦରେ ଜିଲ୍ଲାର ସମସ୍ତ ବ୍ଲକ ଓ ପଞ୍ଚାୟତସ୍ତରୀୟ ନିର୍ବାଚନୀ ସଭା କାର୍ଯ୍ୟ କରି ଲୋକଙ୍କ ପାଖକୁ ପହଞ୍ଚାଇବ ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଭଞ୍ଜସେନା କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୀବ ରାଉତ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ବାମନଘାଟି ଉପଖଣ୍ଡ ସଂଯୋଜକ ଅଞ୍ଜନ ବରାଳ, ଜିଲ୍ଲା ଓବିସି ଶାଖା ସଭାପତି ରାକେଶ ବେହେରା, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା ସୋସିଆଲ ମିଡିଆ ମୁଖ୍ୟ ସନ୍ତୋଷ ଗିରି, ଜିଲ୍ଲା ମହିଳା ସଭାନେତ୍ରୀ କନିକା ବୋଷ, ଜିଲ୍ଲା ଯୁବ ଶାଖା ସଭାପତି ସୌମ୍ୟରଞ୍ଜନ ମିଶ୍ର, ଜିଲ୍ଲା ଉପସଭାପତି ରାକେଶ ମହାନ୍ତି, ଇଂ. ରମଜାନ ବେଗ, ଜିଲ୍ଲା ଆଦିବାସୀ ଶାଖା କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ମୁର୍ମୁ, ବାରିପଦା ଉପଖଣ୍ଡ ସଂଯୋଜକ ପାରିତୋଷ ବାରିକ, ବାରିପଦା ଉପଖଣ୍ଡ ସଭାପତି ଜ୍ୟୋତିରଞ୍ଜନ ପୃଷ୍ଟି, ବାମନଘାଟି ଉପଖଣ୍ଡ ଆଦିବାସୀ ଶାଖା ସଭାପତି ସୁନ୍ଦର ମୋହନ ଟୁଡୁ, କପ୍ତିପଦା ଉପଖଣ୍ଡ ଶାଖା ସଭାପତି ରବିନ ମହାନ୍ତି, କପ୍ତିପଦା ଉପଖଣ୍ଡ ଆଦିବାସୀ ଶାଖା ସଭାପତି ସଞ୍ଜୟ ହାଁସଦା, ବାମନଘାଟି ଉପଖଣ୍ଡ ଆଦିବାସୀ ଶାଖା ସାଧାରଣ ସମ୍ପାଦକ ବିଘ୍ନେଶ୍ୱର ଟୁଡୁ, ବାଙ୍ଗିରିପୋଷି ବ୍ଲକ ସଭାପତି ସତ୍ୟପ୍ରକାଶ ମହାନ୍ତି, ବାରିପଦା ଉପଖଣ୍ଡ ସାଧାରଣ ସମ୍ପାଦକ ମନୋରଞ୍ଜନ ବାରିକ, ଜାମଦା ବ୍ଲକ ସମ୍ପାଦକ ଭାଗବତ ହେମ୍ବ୍ରମ ଓ ମହିଳା ସଂଗଠକ ସୁଭଦ୍ରା ହେମ୍ବ୍ରମଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗଞ୍ଜେଇ ବୋଝେଇ ସ୍କର୍ପିଓ ଜବତ ଘଟଣା; ୩ କୋର୍ଟ ଚାଲାଣ

**ବାରିପଦା, ୨୪।୩(ସମିସ):** ଅବୈଧ ନିଶା କାରବାର ରୋକିବା ପାଇଁ ମୟୂରଭଞ୍ଜ ପୁଲିସକୁ ୨ ଦିନ ତଳେ ମିଳିଥିବା ସଫଳତାର ତଥ୍ୟ ପୁଲିସ ପ୍ରକାଶ କରିଛି।



ବାରିପଦା ସଦର ଥାନା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ଉ କରି ୪୦କେଜିରୁ ଅଧିକ ଗଞ୍ଜେଇ ଜବତ କରାଯିବା ସହିତ ଏଥିରେ ସମ୍ପୃକ୍ତ ଥିବା ୩ଜଣକୁ ଅଟକ ରଖାଯାଇଥିଲା। ବାରିପଦା ଏସଡିପିଓ ସୁଜିତ ପ୍ରଧାନ ଓ ଆଇଆଇସି ମଧୁସ୍ମିତା ମହାନ୍ତି ମିଳିତ ଭାବେ ଦୁଇଦିନ ଧରି ତଦନ୍ତ କରିବା ପରେ ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଇଟାମୁଣ୍ଡିଆ ନିକଟରୁ ବାରିପଦା ସଦର ଓ ବେତନଟୀ ଥାନା ପୁଲିସ ପକ୍ଷରୁ ମିଳିତ ଭାବେ ଚଢଉ କରିଥିଲେ। ଉକ୍ତ ସମୟରେ ସ୍କର୍ପିଓରୁ ୪୦କିଲୋ ୬୮୬ଗ୍ରାମର ଗଞ୍ଜେଇ ଜବତ କରାଯାଇଥିଲା। ଉକ୍ତ ଗଞ୍ଜେଇକୁ ବିକ୍ରି ନିମନ୍ତେ ବେପାରୀମାନେ ଡିଲ କରିବାକୁ ଯାଉଥିଲେ। ଗଞ୍ଜେଇର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କାର ହେବ ବୋଲି ସୂଚନା ମିଳିଛି। ଏଥିସହିତ ଉକ୍ତ କାରବାରରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ଇଟାମୁଣ୍ଡିଆ ଗ୍ରାମର ସୁଜିତ ନାଏକ(୨୯), ବେତନଟୀ ଥାନା ଅନ୍ତର୍ଗତ ଭାଳିଆ ଗ୍ରାମର ବିଜୟ କୁମାର ନାଏକ (୩୪) ଓ ଶିବ ସିଂ (୩୧)। ଏଥିସହିତ ତାଙ୍କ ନିକଟରୁ ଗୋଟିଏ ସ୍କର୍ପିଓ ସମେତ ୪ଟି ମୋବାଇଲ ମଧ୍ୟ ଜବତ କରାଯାଇଛି। ଏହି ଘଟଣାରେ ଅନ୍ୟ କେଉଁମାନେ ସମ୍ପୃକ୍ତ ରହିଛନ୍ତି, ସେ ନେଇ ପୁଲିସ ତଦନ୍ତ ଜାରି ରହିଛି।

SGI FOUNDATION | LTIMindtree | KOSHER CLIMATE

**PUBLIC NOTICE**

**LTIM and SGI Foundation** in association with **Kosher Climate India Pvt. Ltd.**, is providing services on **"Agro-Forestry Project"** for the farmers of Odisha State.

The project **"Sustainable agroforestry initiative by LTIM in India"** in the Odisha State is designed with an objective of Afforestation and Reforestation activity. The planting of diverse tree species contributes significantly to carbon sequestration by reducing carbon emissions, improving soil health, and promote resilience against climate challenges. Simultaneously, the project empowers local communities by providing sustainable livelihoods, fostering a symbiotic relationship between agriculture, forestry, and environmental conservation contributing to various Sustainable Development Goals.

**LTIM, SGI Foundation and Kosher** is undertaking this project which will be registered and undergo certification for Carbon Credits under Verified Carbon Standard (VCS). In this regard, **the project coordinators** are conducting a stakeholders consultation meeting (Public Meeting) at the below mentioned locations, to know the public views or hear suggestions on the program's social and environmental impacts.

| Date | Time | Location |
| --- | --- | --- |
| 31/03/2024 | 9.30 AM | Community Hall , Mahulpati.,Turekela,Odisha |
| 02/04/2024 | 9.30 AM | Mausi Mandir ,Mahakhand, Turekela ,Odisha |
| 04/04/2024 | 9.30 AM | Gram Panchayat Ghunesh,Turekela ,Odisha |
| 06/04/2024 | 9.30 AM | Gram Panchayat Badbanki ,Turekela ,Odisha |
| 08/04/2024 | 9.30 AM | U.P School Tikirapada, Turekela, Odisha |

All the concerned people or communities are invited to attend the meeting. For any further clarifications on the project activity, please contact our representative at the below details. It should also be noted that people who would be unable to attend this meeting in-person can send their concerns to the below email ID.

Contact person : Amanta kumar sahu -9178508900, Subodh Padhan- 8917549985,
E-mail: gramsamruddhitrust@gmail.com, info@sgi.foundation.

୮ମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ପ୍ରଭାତ କୁମାର ମହାନ୍ତି
ଆବିର୍ଭାବ: ୨୫.୦୫.୧୯୮୪
ତିରୋଧାନ: ୨୩.୦୩.୨୦୧୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି,
ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ।
ସ୍ୱର୍ଗବାସ ଶାନ୍ତି ପ୍ରଦାୟକ ହେଉ।
ଏହା ହିଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ
ପାଦପଦ୍ମରେ ବିନମ୍ର ନିବେଦନ।
-: ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ :-
ଭାଇ ଓ ଦୁଇ ଭାଉଜ, ଝିଆରୀ- ପ୍ରକ୍ସିମା,
ପୁତୁରା- ପ୍ରଲୋଭନ, ପୁତ୍ର- ପ୍ରତ୍ୟୁସ୍ମାନ୍
ଓ ଶୋକସନ୍ତପ୍ତ ମହାନ୍ତି ପରିବାର ବର୍ଗ
ଜଙ୍କିଆ, ରଣପୁର, ନୟାଗଡ଼

# ଯୁବ ସମ୍ବାଦ ଭାରତ କାର୍ଯ୍ୟକ୍ରମ

**ବାରିପଦ, ୨୪।୩(ସମିସ):** ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଯୁବ ସମ୍ବାଦ ଭାରତ-୨୦୪୭ ଶୀର୍ଷକ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମୁକ୍ତିକାନ୍ତ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଏମଏସସିବି ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ ବ୍ୟୁରୋର ସଂଯୋଜକ ଡଃ ବସନ୍ତ କୁମାର ମହାନ୍ତ ଯୋଗଦାନ କରିଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳ ଅତିଥି ପରିଚୟ ଦେଇଥିଲେ। ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ପଣ୍ଡା ସମସ୍ତଙ୍କୁ ପଞ୍ଚ ପ୍ରାଣର ଶପଥ ପାଠ କରାଇଥିଲେ।

ମୁଖ୍ୟବକ୍ତା ଡଃ ମହାନ୍ତ ଯୁବ ପିଢ଼ିଙ୍କ ରାଷ୍ଟ୍ର ଗଠନ ଓ ପଞ୍ଚପ୍ରାଣର ମହତ୍ୱ ତଥା ଏନ୍‌ଏସଏସର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ଡଃ ଦୀପକ କୁମାର ବେହେରା ଓ ମହାବିଦ୍ୟାଳୟର ଶିକ୍ଷା ମୁଖ୍ୟ ଡ ପ୍ରମୋଦ ଚନ୍ଦ୍ର ସାହୁ ନିଜ ବକ୍ତବ୍ୟରେ ରାଷ୍ଟ୍ର ପ୍ରତି ଜଣେ ନାଗରିକର କର୍ତ୍ତବ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଆୟୋଜିତ ଏକ ବକ୍ତୃତା ପ୍ରତିଯୋଗିତାର ମୂଲ୍ୟାଙ୍କନ ଡ଼ଃ ସନ୍ଦୀପ କୁମାର ଚାନ୍ଦ ଏବଂ ଡ଼ଃ ଶିଳ୍ପା ମିଶ୍ର କରିଥିଲେ। ଶେଷରେ ମୁଖ୍ୟଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପକ ଆଶୁତୋଶ ପ୍ରୟାସ ଦାଶ ଧନ୍ୟବାଦ୍ ଅର୍ପଣ କରିଥଲେ।

PRINCE
COLLEGE | SCHOOL
The No.-1 Residential Institution for
+2 SCIENCE | +2 ARTS | VI TO X
2023 +2 SCIENCE TOPPER



568 94.8%
RUDRA NARAYAN BHOI
DISTRICT TOPPER | ALL ODISHA 2ND TOPPER
ନାମଲେଖା ପାଇଁ ENTRANCE TEST DATE
FOR +2 SCIENCE & ARTS :-
1st Phase - 07.03.2024
2nd Phase - 10.03.2024
3rd Phase - 13.03.2024
4th Phase - 22.03.2024
(4th Phase Entrance, Only for CBSE / ICSE / Other Board Students).
FOR CLASS VI TO IX :-
1st Phase - 24.03.2024
2nd Phase - 31.03.2024
ସମ୍ମାନୀୟ ଅଭିଭାବକ / ଛାତ୍ରଛାତ୍ରୀ, 2024-25 Session ପାଇଁ Prince College କିମ୍ବା School ରେ ନାମଲେଖା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରି Entrance Test ବିଷୟରେ ଅବଗତ ହୁଅନ୍ତୁ।
SUMMER CLASSES DATE : 14th, 18th, 21st, 28th March 2024
BARIPADA: City Office : Debendrapur, Palbani 8895102045, 9937701648
BALASORE: Central School Square 8763403768, 9337687655

SAI HIGHER SECONDARY SCHOOL
Admission Open!
RESIDENTIAL COLLEGE FOR +2 SCIENCE & ARTS
Permanently Recognised by Govt. of Odisha & Affiliated to C.H.S.E, Odisha
AWARDED AS The NO. 1 RESIDENTIAL COLLEGE OF ODISHA
SPECIAL GUIDANCE TO SUPER-40 (INTEGRATED) FOR IIT / JEE, NEET, OUAT, NISER, IISER ASPIRANTS BY EXPERT TEACHERS
AVAIL ATTRACTIVE SCHOLARSHIP BY APPEARING THE SAI GENIUS TEST ON 10/03/2024 (SUNDAY) & 17/03/2024 (SUNDAY)
REGISTRATION OPEN FOR BRIDGE (SUMMER) COURSE
BRIDGE (SUMMER) COURSE STARTS FROM 21/03/2024 (THURSDAY)
N.H.18, TAKATPUR, BARIPADA, MAYURBHANJ, ODISHA
Mob.: 9437177734, 9861844566, 7008539750, 8249717211, 9437121113. 9583122296

## ସଟ୍‌ସର୍କିଟ୍‌ରୁ ଜଳିଗଲା ଘରୋଇ ସରଞ୍ଜାମ

ହାଟଡ଼ିହୀ, ୨୪।୩(ସମିସ): କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅଧୀନ ଛେନାପଦି ଛକ ସ୍ଥିତ ଏକ ଘରୋଇ ବିଲ୍ଡିଂରେ ସଟ୍‌ସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ସୂଚନା ଅନୁସାରେ, ଉକ୍ତ ବିଲ୍ଡିଂରେ ମୁଗୁପୁର ଫାର୍ମାସିଷ୍ଟ ମୃତ୍ୟୁଞ୍ଜୟ ସାମଲ ଭଡ଼ା ସୂତ୍ରରେ ରହିଆସୁଥିଲା ବେଳେ।ଜି ସନ୍ଧ୍ୟା ପ୍ରାୟ ସାତଟା ବାଜି ୧୫ମିନିଟ୍ ସମୟରେ ହଠାତ୍ ନିଆଁ ଜାଳିବା ଦେଖି ସ୍ଥାନୀୟ ଦୋକାନୀ ଏବଂ ଘର ମାଲିକ ଭୟଭୀତ ହୋଇପଡ଼ିଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବହୁ ଚେଷ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଏହି ଅଗ୍ନିକାଣ୍ଡରେ ଶ୍ରୀଯୁକ୍ତ ସାମଲଙ୍କର ଏକ ବଡ଼ ଫ୍ରିଜ୍ ସହ ଯାବତୀୟ ଘରୋଇ ସରଞ୍ଜାମ ଜଳିଯାଇଛି। କ୍ଷୟକ୍ଷତିର ସମ୍ପୂର୍ଣ୍ଣ ଆକଳନ ହୋଇପାରି ନଥିବା ବେଳେ ଘଟଣାସ୍ଥଳରେ ନନ୍ଦିପଦା ଥାନା ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ପୁଲିସ କର୍ମଚାରୀଙ୍କ ସହ ଶତାଧିକ ସ୍ଥାନୀୟ ଲୋକ ଏବଂ ଶାସଙ୍ଗ ସରପଞ୍ଚଙ୍କ ପ୍ରତିନିଧି ସୁଧାଂଶୁ ଶେଖର ବିଶ୍ୱାଳ ସେଠାରେ ଉପସ୍ଥିତ ଥିଲେ।

## ଗୁଣ୍ଡୁରୀଯୋଡ଼ାରେ ମାଗେପର୍ବ



ତେଲକୋଇ, ୨୪।୩(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଖୁଣ୍ଟାପଡ଼ା ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡୁରୀଯୋଡା ଗ୍ରାମ ମୁଣ୍ଡାସାହିରେ ମାଗେପର୍ବ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ବ୍ୟାପୀ ଏହି ପର୍ବରେ ଘରେ ଘରେ ପିଠାପଣାର ଆସର ଜମିଛି। ନୂଆଁ ଲୁଗାପଟା ପିନ୍ଧି ସମସ୍ତେ ନାଚ ଗୀତରେ ମସଗୁଲ। ଗତକାଲି ଉଦଯାପନୀ ଉତ୍ସବରେ ସମାଜସେବୀ ତଥା ପୂର୍ବତନ ବିଧାୟକ ଧନୁର୍ଜୟ ସିଦୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜରେ ମାତୃଭାଷା, ସଂସ୍କୃତି, ପରମ୍ପରା, ନୃତ୍ୟ, ଗୀତ ଓ ଭାଇଚାରା ବଜାୟ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ହେବା ଉଚିତ ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ଖୁଣ୍ଟାପଡ଼ା ସରପଞ୍ଚ ଲକ୍ଷ୍ମୀ ମୁଣ୍ଡା, ଦେବରାଜ ପ୍ରଧାନ, ଟଙ୍କଧର ମହାନ୍ତ, ଅନନ୍ତ ଚରଣ ପାତ୍ର, ବଳଭଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ବାଦୀପାଲାର ୧୦୫ବର୍ଷ ପୂର୍ତ୍ତି ଅବସରରେ ବଣଭୋଜି



ବେଲବାହାଳି, ୨୪।୩(ସମିସ): ଆନନ୍ଦପୁର ବ୍ଲକ ବେଲବାହାଳି ଗ୍ରାମର ସତ୍ୟନାରାୟଣଙ୍କ ୧୦୫ ତମ ବାଦୀପାଲା ମହୋତ୍ସବ ପୂର୍ତ୍ତି ଉପଲକ୍ଷେ ଆଜି ସମୂହ ବଣଭୋଜି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରସ୍ପର ମଧ୍ୟରେ ଏକ ଭାଇଚାରା ସୃଷ୍ଟି ହେବା ସହ ଏକତା ବଢ଼ିପାରିବ ବୋଲି ବରିଷ୍ଠ ବ୍ୟକ୍ତି ମାନେ ମନ୍ତବ୍ୟ ଦେଇଛନ୍ତି। ପୁରାତନ କାଳର କଳା ସଂସ୍କୃତି ଆଧ୍ୟାତିକ ଆଲୋଚନାକୁ ନେଇ ଏହି ବାଦୀପାଲା ଦୀର୍ଘ ୧୦୫ବର୍ଷ ଧରି ଏହି ଗ୍ରାମରେ ଶାନ୍ତି ଶୃଙ୍ଖଳାରେ ପରିବେଷଣ କରାଯାଉଛି। ଏହାକୁ ଆହୁରି ମଜଭୁତ କରି ପାଲା ସଂସ୍କୃତିକୁ ପ୍ରତି ଯୁବକ ଯୁବତୀ ଓ ବରିଷ୍ଠ ବ୍ୟକ୍ତି ମାନଙ୍କ ମନରେ ଉଜିବିତ କରିବା ପାଇଁ ଏଭଳି ଏକ ବନ୍ଧୁ ମିଳନ ଆଳରେ ସମୁହଁ ବଣଭୋଜି କାଯ୍ୟକ୍ରମ କରାଯାଇଛି।ପ୍ରତେକ ବର୍ଷ ଏହି ମାର୍ଚ୍ଚ ମାସରେ ବାଦୀପାଲା କରାଯାଇ ପରେ ବଣଭୋଜି କରି ଏକ ଆଧ୍ୟାିକ ପରିବେଶ ସୃଷ୍ଟି କରୁଛନ୍ତି। ଏଥିରେ ଉପରସାହି ଦୋଳି କମିଟିର ସଦସ୍ୟ ଏବଂ ସତ୍ୟସାଇ ସେବା ସମିତିର ଭକ୍ତ ମାନେ ସହଯୋଗ କରିଥିଲେ।ଏଥିରେ ପାଲା କମିଟିର ସଭାପତି ପ୍ରମୋଦ କୁମାର ପୁଷ୍ଟି ଓ ସମ୍ପାଦକ ବୈଖୁଣ୍ଠ ଚରଣ ସାହୁ, ଉପଦେଷ୍ଟା ଶୁକଦେବ ସାହୁ, ରବୀନ୍ଦ୍ର କୁମାର ସାହୁ, ବୃନ୍ଦାବନ ସାହୁ, ବାବାଜୀ ସାହୁ, ଗଙ୍ଗାଧର ସାହୁ, ରୁଷିଆ ସାହୁ, ବିରବର ସାହୁ, ହରିହର ସାହୁ ଉପସ୍ଥିତ ଥିଲେ।

# ଶ୍ରୀଦଧିବାମନଜୀଉଙ୍କ ଫଗୁଖେଳ ଓ ଦୋଳ ମେଳଣ



ଆନନ୍ଦପୁର, ୨୪।୩(ସମିସ): ଫଗୁଣରେ ଫଗୁ ଖେଳ ଓ ଦୋଳ ମେଳଣ ପରମ୍ପରା ପ୍ରତିବର୍ଷ ପରି ଚଳିତ ବର୍ଷ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ବଡ଼ଦାଣ୍ଡରେ ଆନନ୍ଦଉଲାସରେ ପାଳିତ ହୋଇଛି। ଆନନ୍ଦପୁର ଓ ଆଖପାଖ ଅଞ୍ଚଳରୁ ଭବ୍ୟ ନିମନ୍ତ୍ରଣ ରକ୍ଷା କରି ଶ୍ରୀରାଧାକୃଷ୍ଣଙ୍କ ଯୁଗଳ ମୂରତି ବିମାନ ଯୋଗେ ବଡଦାଣ୍ଡରେ ପହଞ୍ଚିବା ପରେ ଦିବ୍ୟ ସ୍ୱାଗତ କରାଯାଇଥିଲା। ବିମାନରେ ବିଜେ ପ୍ରତିମାମାନଙ୍କୁ ନେଇ ଶ୍ରୀଦଧିବାମନଜୀଉ ଏକ ଭବ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଦୋଳମଣ୍ଡପକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଫକୀରପୁର, ସିଂଡୋବ, ଆନନ୍ଦପୁରରେ ଦୋଳ ମେଳଣ ଉପଲକ୍ଷେ ଶ୍ରୀ ଶ୍ରୀ ମଦନମୋହନଜୀଉ ବିମାନରେ ବିରାଜମାନ ହୋଇ ସାହି ପରିକ୍ରମା କରୁଥିବା ବେଳେ ଭକ୍ତମାନଙ୍କ ବନ୍ଦାପନା ଓ ଶଙ୍ଖହୁଳହୁଳିରେ ବଡଦାଣ୍ଡ ପ୍ରକୋମ୍ପିତ ହୋଇଉଠିଥିଲା। ପରିଛା ଶ୍ରୀ ସୁଦର୍ଶନ ମିଶ୍ରଙ୍କ ତତ୍ୱାବଧାନରେ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ଦୋଳ ବିମାନ ମନ୍ଦିରରୁ ବାହାରି ୬ ଦିନ ଧରି ଆନନ୍ଦପୁର ଲକ୍ଷ୍ମୀ ନାରାୟଣପୁର ଶାସନ, ବଳଭଦ୍ରପୁର ଶାସନ, ଜନାର୍ଦ୍ଦନପୁର ଶାସନକୁ ପରିକ୍ରମା କରିଥିଲେ। ଦୋଳ ବିମାନରେ ଶ୍ରୀ ଶ୍ରୀ ଦଧିବାମଜିଉଙ୍କ ଚଳନ୍ତି ପ୍ରତିମା ଶ୍ରୀରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଖୋଳ କରତାଳ ଓ ସଂକୀର୍ତ୍ତନର ତାଳେ ତାଳେ ଭକ୍ତମାନେ ମଶାଲ ବତି ଲଗାଇ ନୃତ୍ୟରେ ବିଭୋର ହୋଇଯାଉଥିବା ପରିଲକ୍ଷିତ ହୋଇଛି। ଶୋଭାଯାତ୍ରାରେ ଶ୍ରୀ ଦଧିବାମନଜୀଉଙ୍କ ନିମନ୍ତ୍ରଣ ରକ୍ଷା କରି ଶ୍ରୀରସିକରାୟ, ପାଟରା ସାହିର ଶ୍ରୀପତିତପାବନ, ପଦ୍ମପୁର ଶ୍ରୀଗୋପାଳଜୀଉଙ୍କ, ଜନାର୍ଦ୍ଦନପୁର ଶାସନ, ଲକ୍ଷ୍ମୀନାରାୟଣପୁର ଶାସନ, ରାଜପୁତ ସାହି, ଦୁର୍ଗା ପଟ୍ଟନାୟକଙ୍କ ବିମାନ, ଦଳେଇ ସାହି ବିମାନ ଏହି ପଞ୍ଚ ଦୋଳ ମେଳଣରେ ଯୋଗ ଦେବେ ବୋଲି ମନ୍ଦିର ପରିଚାଳକ ସୁରେନ୍ଦ୍ର କୁମାର ମିଶ୍ରଙ୍କଠାରୁ ସୂଚନା ମିଳିଛି।



### ଯାଦବ ପରିବାର ଦୋଳ ଉତ୍ସବ

ରାମଚନ୍ଦ୍ରପୁର: ପବିତ୍ର ଦୋଳ ପୂର୍ଣ୍ଣମୀ ଅବସରରେ ଘସିପୁରା ବ୍ଲକ ଅନ୍ତର୍ଗତ ଡିଗିରିଆ ଗାଁ ଉତ୍ସବ ମୁଖର ହୋଇ ଉଠିଛି।ଗ୍ରାମର ଯାଦବ ପରିବାର ପକ୍ଷରୁ ୩ଦିନ ବ୍ୟାପି ଦୋଳ ଉତ୍ସବ ସହିତ ୩ ଦିନ ଧରି ବାଦୀପାଲା ଅନୁଷ୍ଠିତ ହେବ। ଚଳିତ ବର୍ଷ ବାଦୀପାଲା ମହୋତ୍ସବରେ ଗାୟକ ବାଣୀକ୍ଷେତ୍ର ଶିରୋମଣୀ ଅଭିରାମ ଶତପଥି ଏବଂ ଗାୟକ ସୂର୍ଯ୍ୟ ସୁବାଷଚନ୍ଦ୍ର ଶତପଥି ପାଲା ପରିବେଷଣ କରିବେ ବୋଲି ସ୍ୱିକୃତି ପ୍ରଦାନ କରିଛନ୍ତି।ଏହି ସାସ୍କୃତିକ ମହୋତ୍ସବରେ ବାଦୀପାଲା ସହ ଯାଦବ ସଂମ୍ପ୍ରଦାୟ ପକ୍ଷରୁ ଲଉଡି ଖେଳ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ମହୋତ୍ସବରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସହ ଉତ୍ସବ ପରିଚାଳନା ପାଇଁ ଗ୍ରାମର ଯୁବଗୋଷ୍ଠି ମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଆଜି ଠାରୁ ରାଧାକୃଷ୍ଣ ଯୁଗଳ ମୂର୍ତ୍ତୀ ପୂଜା ପାଉଛନ୍ତି।ଯାଦବ ପରିବାର ମୂଖ୍ୟ ବଳରାମ ବେହେରାଙ୍କ ସଂଯୋଜନାରେ ଗ୍ରାମର ରାମଚନ୍ଦ୍ର ବେହେରା, ବୋଧିରାମ ରଣା, ସନ୍ତୋଷ ବେହେରା, ମଦନ ମୋହନ ବାରିକ କୀର୍ତ୍ତନ ବିହାରୀ ବେହେରା, ଦିବାକର ବେହେରା, ଭାସ୍କର ଚନ୍ଦ୍ର ବାରିକ, ସୁବାଷ ବେହେରା, ମୃତାଞ୍ଜୟ ବେହେରା ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରୁଛନ୍ତି।

## ଅଳତିରେ ସାପ୍ତାହିକ ହାଟ ପାଇଁ ଦାବି



ରାମଚନ୍ଦ୍ରପୁର, ୨୪।୩(ସମିସ)

ଗାଁରେ ସାପ୍ତାହିକ ହାଟ ପାଇଁ ଦୀର୍ଘ ଦିନ ହେଲା ଦାବି କରି ଆସୁଛନ୍ତି ଗ୍ରାମବାସୀ। କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅଧୀନ ଅଳତି ଏକ ପ୍ରଗତିଶୀଳ ପଞ୍ଚାୟତ ତଥା ଅଗ୍ରଣି ଗାଁ ଭାବେ ଜଣାଶୁଣା। ଏଠାରେ ସ୍ୱାଧୀନତା ପରଠାରୁ ପଞ୍ଚାୟତ ମୁଖ୍ୟାଳୟ, ୧୯ଶହ ମସିହାରୁ ପ୍ରାଥମିକ ବିଦ୍ୟାଳୟ ଏବଂ ୧୯୫୫ ମସିହାରୁ ଉଚ୍ଚ ବିଦ୍ୟାଳୟ, କୃଷି ସମବାୟ ସମିତି, ଆୟୁର୍ବେଦିକ ଡାକ୍ତରଖାନା, ପଶୁସହାୟକ କେନ୍ଦ୍ର ସହିତ ୧୯୮୯ ମସିହାରୁ ବ୍ୟାଙ୍କ ଅଫ ଇଣ୍ଡିଆର (ରାଷ୍ଟ୍ରାୟତ ବ୍ୟାଙ୍କ) ଶାଖା ଏବଂ ଅନେକ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ପାଖ ପଡୋଶୀ ୪ଟି ପଞ୍ଚାୟତ ସହ ଯାଜପୁର ଜିଲ୍ଲାର ଅନେକ ଗ୍ରାମବାସୀ ଅଳତି ବଜାର ଏବଂ ବ୍ୟାଙ୍କ ସେବା ପାଇଁ ନିର୍ଭରଶୀଳ ହେଉଛନ୍ତ। ଏସବୁ ଭିତରେ ବ୍ୟସ୍ତ ବହୁଳ ଜୀବନଚର୍ଯ୍ୟା ଭିତରେ ହାତପାଆନ୍ତାରେ ସବୁଜ ପନିପରିବା ପାଇଁ ୭ କିଲୋମିଟର ସୁଆଁପଦା ସାପ୍ତାହୀକ ହାଟ ଉପରେ ନିର୍ଭରଶୀଳ ହେବାକୁ ପଡୁଛି। ସ୍ଥାନୀୟ ଲୋକଙ୍କ କହିବା କଥା ସୋମବାର ଅଳତି ବ୍ୟାଙ୍କ ସମ୍ମୁଖରେ ଏକ ସାପ୍ତାହିକ ହାଟ ବସିଲେ ବହୁ ଦୁରଦୁରାନ୍ତରୁ ଆସୁଥିବା ଲୋକେ ଅନାୟସରେ ହାତପାଆନ୍ତାରେ ରାସନ ସାମଗ୍ରୀ ସହ ଦୈନନ୍ଦିନ ଜୀବନ ଯାପନ ପାଇଁ ହାଟରୁ ସବୁଜ ପନିପରିବା ସଂଗ୍ରହ କରି ପାରନ୍ତେ। ଏଥିନେଇ ବିଗତ ଦିନରେ ସ୍ଥାନିୟ ସରପଞ୍ଚ ସେବତୀଲତା ବରାଳଙ୍କ ପକ୍ଷରୁ ପ୍ରୟାସ କରାଯାଇଥିଲେ ମଧ୍ୟ ତାହା ସଫଳ ହୋଇନଥିଲା, ପରବର୍ତ୍ତୀ ସମୟରେ ବର୍ତ୍ତମାନ କାର୍ଯ୍ୟରତ ଥିବା ଅଳତି ସରପଞ୍ଚ ଇଂ. ପ୍ରିୟବ୍ରତ ବରାଳ ଏଥିନେଇ ଖୁବ ଆଶାବାଦୀ ଅଛନ୍ତି। ସୋମବାର ସାପ୍ତାହିକ ହାଟ ପାଇଁ ଆନନ୍ଦପୁର ନିୟନ୍ତ୍ରୀତ ବଜାର କମିଟିକୁ ଅନୁରୋଧ କରାଯାଇଛି।

## ପୁରାତନ ଛାତ୍ରଙ୍କ ବନବିହାର କାର୍ଯ୍ୟକ୍ରମ



ଆନନ୍ଦପୁର, ୨୪।୩(ସମିସ)

ଝାଡ଼େଶ୍ୱର ହାଇସ୍କୁଲର ୧୯୭୧ ବ୍ୟାଚ୍ ପୁରାତନ ଛାତ୍ରମାନଙ୍କୁ ନେଇ ଏକ ବନବିହାର କାର୍ଯ୍ୟକ୍ରମ ସ୍ଥାନୀୟ ବ୍ରହ୍ମହେଶ୍ୱର ମନ୍ଦିର ଠାରେ ଅନୁଷ୍ଠିତ ହେଇଯାଇଛି। ପୁରାତନ ଛାତ୍ର କୈଳାସ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁଧିଷ୍ଠିର ମହାରଣା ସଭାପତିତ୍ୱ କରିଥିବା ବେଳେ ଗୁନଚରଣ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କାମଳ ଲୋଚନ ସେଠୀ, ଯୁଧିଷ୍ଠିର ସାହୁ, ରାମଚନ୍ଦ୍ର ଦାସ, ରବୀନ୍ଦ୍ର କୁମାର ଦାସ, ବାବନ୍ ଚରଣ ଭୂୟାଁ, କୁଳମଣି ସା, ଧିରେନ୍ ଦାସ, କାହ୍ନୁଚରଣ ସାହୁ, ଦୁର୍ଯୋଧନ ଜେନା, ଧରଣୀ ଧର ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ, ମୁରଲୀ ଧର ସାହୁ, ଚତୁର୍ଭୁଜ ନାୟକ, ଯୁଧିଷ୍ଠିର ମହାରଣା, ମଧୁସୂଦନ ସାହୁ, ଭଗବାନ ସାହୁ, କୃଷ୍ଣଚନ୍ଦ୍ର ସା, ରାମଚନ୍ଦ୍ର ବେଜ୍ ପ୍ରମୁଖ ଉପସ୍ଥିତ ଥିଲେ।

## କନକମଞ୍ଜରୀ ବାଲଶିକ୍ଷା ସଂସ୍ଥାନର ୩୬ତମ ବାର୍ଷିକ ଉତ୍ସବ

ଆନନ୍ଦପୁର, ୨୪।୩(ସମିସ): ଘସିପୁରା କନକମଞ୍ଜରୀ ବାଲଶିକ୍ଷା ସଂସ୍ଥାନର ୩୬ତମ ବାର୍ଷିକ ଉତ୍ସବ ଆଜି ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ପରିଚାଳନା କମିଟିର ସଭାପତି ତଥା ଆଇନଜିବୀ ଯୁଧିଷ୍ଠିର ମହାରଣା ଅଧକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମନମୋହନ ଦାଶଙ୍କ ସ୍ୱାଗତ ଭାଷଣ ପରେ ଉପ ପ୍ରଧାନ ଆଚାର୍ଯ୍ୟ ସଂଗ୍ରାମ କେଶରୀ ପରିଡ଼ା ବାର୍ଷିକ ବିବରଣୀ ପାଠ କରି ୧୯୮୮ ମସିହା ଜୁଲାଇ ୨୫ ତାରିଖରୁ ଏକ ଭଡ଼ା ଘରେ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନ ଆଜି ଅନେକ ମେଧାବୀ ଛାତ୍ର ତିଆରି କରିଛି ବୋଲି ପ୍ରକାଶ କରିଥିଲେ। ପରେ ଆଚାର୍ଯ୍ୟ ସତ୍ୟଜିତ ସାହୁ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଆନନ୍ଦପୁର ଅତିରିକ୍ତ ଶିକ୍ଷାଧିକାରୀ ଅତୁଲ କୁମାର ବଳ, ସମ୍ମାନୀତ ଅତିଥି ଭାବେ ରାମାୟଣୀ ଅର୍ଜୁନୀ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ପରିଚାଳନା କମିଟି ସମ୍ପାଦକ ତଥା ଆଇନଜିବୀ ବ୍ରଜବନ୍ଧୁ ସାହୁ, ବିଶେଷ ଅତିଥି ଭାବେ ବିଦ୍ୟାଳୟ କମିଟି ସଦସ୍ୟ ଭଗବାନ ଲାଲ ପଢ଼ିଆର ଯୋଗ ଦେଇ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ମନ୍ଦିର ମନେ କରି ଗୁରୁଜୀଗୁରୁମାଙ୍କୁ ଦେବତାରୂପେ ପୂଜା କଲେ ଭବିଷ୍ୟତ ଉଜ୍ୱଳ ହେବ ବୋଲି ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



ଶେଷରେ ଆଚାର୍ଯ୍ୟା ରୋନାଲି ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ନୃତ୍ୟସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ କାଳନ୍ଦୀ ଚରଣ ମହାରଣା, ନଟବର ସାହୁ, ଶ୍ରୀଲୋଚନ ପୁହାଣ, ଚିତ୍ରସେନ ସାହୁ, ରବୀନ୍ଦ୍ର କୁମାର ସାହୁ, ଆଚାର୍ଯ୍ୟା ଜ୍ୟୋତ୍ସ୍ନାମୟୀ ନାୟକ, ସନ୍ଧ୍ୟାରାଣୀ ପଟ୍ଟନାୟକ, ସ୍ନିଗ୍ଧା ସରିତା ମହାରଣା, ରଶ୍ମିତା ସିଂ, ଚିନ୍ମୟୀ ରାଉତ, ପଦ୍ମିନୀ ରାଉତ, ଶ୍ରୀୟାଶ୍ରୀ ମହାରଣା, କର୍ମଚାରୀ ମନୋଜ ସାହୁ, ଶଙ୍କର୍ଷଣ ରାଉତ ଓ ଶାନ୍ତି ପାତ୍ର ସହ ଯୋଗ କରିଥିଲେ।

### ଆଦିବାସୀ ଅଞ୍ଚଳରେ ମଧ୍ୟାହ୍ନ ଭୋଜନରେ ଅନିୟମିତତା

# ନିୟମିତ ଅଣ୍ଡା ଦିଆଯାଉ ନଥିବା ଅଭିଯୋଗ



ଆନନ୍ଦପୁର, ୨୪।୩(ସମିସ)

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର ଆଦିବାସୀ ଅଞ୍ଚଳରେ ଶିକ୍ଷାବ୍ୟବସ୍ଥା ଦିନକୁ ଦିନ ଦୟନୀୟ ହୋଇପଡୁଛି। ଏହି ଅଞ୍ଚଳର ପ୍ରାଥମିକ ବିଦ୍ୟାଳୟ ଗୁଡିକୁ ନିୟମିତ ପରିଦର୍ଶନ କରାଯାଉନଥିବାରୁ ଏହି ଅଞ୍ଚଳର ଅନେକ ବିଦ୍ୟାଳୟରେ ସରକାରଙ୍କ ମଧ୍ୟାହ୍ନଭୋଜନ ପରିଚାଳନାରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଗୟଳମୁଣ୍ଡା ଅଞ୍ଚଳରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ନିୟମିତ ଅଣ୍ଡା ଦିଆଯାଉନଥିବା ଅଭିଯୋଗ ହେଉଥିଲେ ମଧ୍ୟ ଏହାର ତଦନ୍ତ କରାଯାଉନଥିବା ଚିନ୍ତାର କାରଣ ହୋଇଛି। ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ସପ୍ତାହକୁ ଦୁଇଦିନ ଅଣ୍ଡା ଦେବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଥିବା ବେଳେ କେନ୍ଦୁଝର ଖଣିଜ ପାଣ୍ଠି ଅନୁଦାନରୁ ଚାରିଦିନ ଅଣ୍ଡା ପ୍ରଦାନର ବ୍ୟବସ୍ଥା ରହିଛି। ହେଲେ ଆଦିବାସୀ ଅଞ୍ଚଳର କେତେକ ବିଦ୍ୟାଳୟରେ ଏହାର ତ୍ରୁଟି ପରିଲକ୍ଷିତ ହୋଇଛି। ଗୟଳମୁଣ୍ଡା ପଞ୍ଚାୟତର ଦେଓଝରଣ ପ୍ରାଥମିକ ବିଦ୍ୟାଳୟରେ ନିୟମିତ ଅଣ୍ଡା ଦିଆଯାଉନଥିବା ଅଭିଯୋଗ ପାଇ ସରପନଚ କ୍ଷୀରୋଦ କୁମାର ମହାନ୍ତ ଅଚାନକ ପରିଦର୍ଶନରେ ଯାଇ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଦିଆଯାଇନଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ପ୍ରଧାନଶିକ୍ଷୟତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବାକିରେ ସଉଦା ଆସୁଥିବା ନିକଟସ୍ଥ ଦୋକାନରେ ଅଣ୍ଡା ନଥିବାରୁ ଛାତ୍ରଛାତ୍ରୀଙ୍କୁ ଦିଆଯାଇନାହିଁ। ସେହିପରି ୬ ମାସ ହେଲା ଜିଲ୍ଲା ଖଣିଜ ପାଣ୍ଠିରୁ ମିଳିଥିବା ଅନୁଦାନ ବିଇଓଙ୍କ କାର୍ଯ୍ୟାଳୟରେ ଦାୟିତ୍ୱରେ ଥିବା କର୍ମଚାରୀ ଅସହଯୋଗରୁ ଉଠାଯାଇପାରୁନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ପ୍ରଧାନଶିକ୍ଷୟିତ୍ରୀ ଜଣକ ପ୍ରକାଶ କରିଥିଲେ। ଏନେଇ ଏବିଇଓ ଅତୁଲ କୁମାର ବଳଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ବଢୁଛି ଗ୍ରୀଷ୍ମପ୍ରବାହ; ଜଳଛତ୍ର ଖୋଲିବାକୁ ଦାବି

ହାଟଡ଼ିହୀ, ୨୪।୩(ସମିସ): ଚୈତ୍ର ପ୍ରାରମ୍ଭରେ ରୌଦ୍ରତାପ କ୍ରମଶଃ ବଢ଼ିବାରେ ଲାଗିଛି। ଆଭ୍ୟନ୍ତରୀଣ ଉଷ୍ମତା ଯୋଗୁଁ ଏବେଠୁଁ ଭୀଷଣ ଗରମ ଅନୁଭବ ହେଉଥିଲା ବେଳେ ଦିନ ୧୧ଟା ସମୟରୁ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଖରା ସକାଶେ ଜଳସ୍ତର କମିଯାଉଥିବା ବେଳେ ରାସ୍ତାକଡ଼ମାନଙ୍କରେ ଥିବା ଅନେକ ନଳକୂପରୁ ପାନୀୟ ଜଳ ବହୁତ୍ କମ୍ ବାହାରୁଥିବା ପରିଲକ୍ଷିତ ହେଉଛି। ତେବେ ଏହି ପରିପ୍ରେକ୍ଷୀରେ ପଥଚାରୀଙ୍କ ତୃଷ୍ଣା ନିବାରଣ ପାଇଁ ହାଟଡ଼ିହୀ ବ୍ଲକର ବିଭିନ୍ନ ଛକ-ବଜାରମାନଙ୍କ ସହ ପାନୀୟ ଜଳ ଅଭାବପୂର୍ଣ୍ଣ ସ୍ଥାନ ମାନଙ୍କରେ ଜଳଛତ୍ର ଖୋଲିବାକୁ ସାଧାରଣରେ ମତପ୍ରକାଶ ପାଇଛି। ପଥଚାରୀଙ୍କ ଜଳକଷ୍ଟକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ଜଳଛତ୍ର ବ୍ୟବସ୍ଥା କରାଇଲେ ପଥଚାରୀ ବେଶ୍ ଉପକୃତ ହୋଇପାରନ୍ତେ ବୋଲି କୁହାଯାଇଛି।

## ଜଳସୁଆଁ ମା’ ମଙ୍ଗଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଆନନ୍ଦପୁର, ୨୪।୩(ସମିସ)

ସ୍ଥାନୀୟ ଦରଡିପାଳ ପଞ୍ଚାୟତ ଜଳସୁଆଁ ଗ୍ରୀନ୍ ଫିଲ୍ଡ ଠାରେ ମା’ ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲେଞ୍ଜର୍ସ କପ୍ କ୍ରିକେଟ ମହୋତ୍ସବ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଏନ୍‌ସିସି ନଚ୍ଛିପୁରାକୁ ହରାଇ ବିଟିସିସି ଆମ୍ପୋର ଚାମ୍ପିଅନ ହୋଇଛି। ଉଦ୍ୟାପନି ଫାଇନାଲ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଘସିପୁରା ବ୍ଲକ ପୁର୍ବତନ ଅଧକ୍ଷ ଦେବାଶିଷ ପାତ୍ର, ସମ୍ମାନୀତ ଅତିଥି ଦେଓଗାଁ ସରପଞ୍ଚ ସତ୍ୟରଞ୍ଜନ ଭୁୟାଁ, ଗଡ଼ବାନ୍ଦଗୋଡ଼ା ସମିତି ସଭ୍ୟ ବିଜୟ ଜେନା, ସମାଜସେବୀ ସଞ୍ଜୟ ଜେନା, ସମାଜସେବୀ ଅମରେଶ ବିଶ୍ୱାଳ, ଅନ୍ୟ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର କୁଅଁର, ଜଗବନ୍ଧୁ ଜେନା, ପୁରନ୍ଦର ସାହୁ, ବିଜୟ ରାଉତ, ବଟକୃଷ୍ଣ ଜେନା, ନିପୁନ ନାୟକ ଯୋଗଦେଇ ଚାମ୍ପିଅନ ଓ ରନର୍ସ ଅଫ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍ ପରିଚାଳନାରେ ଅମ୍ପାୟାର ସୁରେଶ ଭୁୟାଁ, ଅନିଲ ସେଠୀ ଦାୟିତ୍ୱ ସମ୍ପାଦନ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ମା’ ମଙ୍ଗଳା କ୍ରିକେଟ କ୍ଲବ ପକ୍ଷରୁ ବୈକୁଣ୍ଠ ଜେନା, ସାଗର ରାଉତ, ଶ୍ରୀକାନ୍ତ କୁଅଁର, ଦେବେନ୍ଦ୍ର ଜେନା, ଦିପୁନ ସାହୁ, ରଞ୍ଜିତ କୁଅଁର, ବିଷ୍ଣୁ ଚରଣ ନାୟକ ଓ କ୍ଲବର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।



ସକାଳ
THE SAKALA

### ପିଆଇବି ତଥ୍ୟ ତନଖ୍ ବିଭାଗ ଘୋଷଣାକୁ ସୁପ୍ରିମକୋର୍ଟର ସ୍ଥଗିତାଦେଶ

# ଅନ୍‌ଲାଇନ ସମ୍ବାଦ ସଂସ୍ଥାରେ ଅଭିବ୍ୟକ୍ତି ଅଙ୍କୁଶ ?

ଆଜିକାଲି ଅନ୍‌ଲାଇନ ସମ୍ବାଦ ସଂସ୍ଥାମାନଙ୍କୁ ଛାଡ଼ି ସମ୍ବାଦ ଗଣମାଧ୍ୟମ ପରିଦୃଶ୍ୟର ପରିକଳ୍ପନା କରାଯାଇପାରିବ ନାହିଁ। ହ୍ୱାଟ୍‌ସଆପ୍, ଫେସ୍‌ବୁକ୍, ଏକ୍ସ(ପୂର୍ବ ଟ୍ୱିଟର) ଓ ଇନ୍‌ଷ୍ଟାଗ୍ରାମ୍ ଆଦି ଅନ୍‌ଲାଇନ୍ ଗଣମାଧ୍ୟମର ପ୍ରସାର ଓ ବ୍ୟବହାର ଏତେଦୂର ବଢ଼ି ଯାଇଛି ଯେ ଏହି ସମ୍ବାଦ ସଂସ୍ଥାମାନେ ପାରମ୍ପରିକ ଗଣମାଧ୍ୟମକୁ କେବଳ ଟକ୍କର ଦେଉ ନାହାନ୍ତି, ବରଂ ପ୍ରସାରଣ ଓ ପ୍ରଭାବ ଦୃଷ୍ଟିରୁ ବିଶାଳ କ୍ଷମତାର ଅଧିକାରୀ ହୋଇପାରିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଏଭଳି ଅଧିକାଂଶ ବହୁରାଷ୍ଟ୍ରୀୟ ଅନ୍‌ଲାଇନ୍ ଗଣମାଧ୍ୟମ ସଂସ୍ଥାମାନଙ୍କର ପରିଚାଳନା ଆମେରିକା ଓ ଉନ୍ନତ ପାଶ୍ଚାତ୍ୟ ଦେଶମାନଙ୍କର କର୍ତ୍ତୃତ୍ୱାଧୀନ ଥିବାରୁ ମୁଖ୍ୟତଃ ଉତ୍ତର ଗୋଲାର୍ଦ୍ଧର ଉନ୍ନତ ଓ ଧନୀ ରାଷ୍ଟ୍ରମାନଙ୍କର ଅର୍ଥନୈତିକ ନବ୍ୟଉପନିବେଶବାଦକୁ ଦକ୍ଷିଣ ଗୋଲାର୍ଦ୍ଧର ଗରିବ ଓ ବିକାଶଶୀଳ ରାଷ୍ଟ୍ରମାନଙ୍କ ଉପରେ ଅନାୟାସରେ ଲଦି ଦେଇପାରିଛି। ଏଥିସହିତ ବିଶ୍ୱର ବିଭିନ୍ନ ଦେଶରେ ରାଜନୈତିକ ସ୍ଥିତିର ମଧ୍ୟ ନିୟନ୍ତ୍ରଣ କରିପାରୁଛି। ବିଶ୍ୱର ଦୁଇ ବୃହତ୍ତମ ଅନ୍‌ଲାଇନ ଇଣ୍ଟରନେଟ୍ ସଂସ୍ଥା ଗୁଗୁଲ୍ ଓ ଫେସ୍‌ବୁକ୍ ଆମେରିକା, ୟୁରୋପ ଓ ଏସିଆର କେତେକ ଦେଶରେ ଏହିଭଳି ରାଷ୍ଟ୍ରୀୟ ବିରୋଧୀ କାର୍ଯ୍ୟକ୍ରମକୁ ପ୍ରଶ୍ରୟ ଦେଉଥିବାରୁ ସମ୍ପୃକ୍ତ ରାଷ୍ଟ୍ରର ପ୍ରଶାସନ ଦ୍ୱାରା ନିନ୍ଦିତ ତଥା ଦଣ୍ଡିତ ମଧ୍ୟ ହୋଇଛନ୍ତି। ୟୁରୋପୀୟ ରାଷ୍ଟ୍ର ସଂଘ ଭଳି ଉନ୍ନତ ମହାଦେଶରେ ପ୍ରଥମ ଥର ପାଇଁ ଏମାନଙ୍କ ବିରୁଦ୍ଧରେ କଡ଼ା ନିୟନ୍ତ୍ରଣ ଆଇନ ପାସ୍ କରାଯାଇଛି। ତେଣୁ ଅନ୍‌ଲାଇନ୍ ଡିଜିଟାଲ୍ ମାଧ୍ୟମଗୁଡ଼ିକ ଯେ କେବଳ ନିରପେକ୍ଷ ମଧ୍ୟସ୍ଥି ସଂସ୍ଥା ଭାବେ ସୂଚନା ଓ ତଥ୍ୟ ପ୍ରସାରଣ କରୁଛନ୍ତି ଏବଂ କୌଣସି ନିର୍ଦ୍ଦିଷ୍ଟ ରାଷ୍ଟ୍ରବିରୋଧୀ କାର୍ଯ୍ୟକ୍ରମରେ ସମ୍ପୃକ୍ତ ହୋଇନାହାନ୍ତି ଏହି ଉକ୍ତି ଏବେ ବିଶ୍ୱ ସାରା ଗ୍ରହଣୀୟ ନୁହେଁ।

ଭାରତ ପରିପ୍ରେକ୍ଷୀରେ ୧୯୯୦ ମସିହା ପରଠାରୁ ଅନ୍‌ଲାଇନ୍ ଡିଜିଟାଲ୍ ଗଣମାଧ୍ୟମ ମଞ୍ଚମାନେ ଯେଭଳି ଭାବେ ବିସ୍ତାର ଲାଭ କରୁଛନ୍ତି, ତାହା ଅବଶ୍ୟ ଆମ ଦେଶର ରାଷ୍ଟ୍ରୀୟ ଅର୍ଥନୀତିକୁ ବହୁଭାବରେ ତ୍ୱରାନ୍ୱିତ କରୁଛି। କିନ୍ତୁ ଏହାସହିତ ଏହି ଅନ୍‌ଲାଇନ୍ ସଂସ୍ଥାମାନଙ୍କର କାର୍ଯ୍ୟକଳାପକୁ ନିରୀହ ବା ଅନାସକ୍ତ ବୋଲି ଧରାଯାଇପାରିବ ନାହିଁ। କାରଣ ଭାରତୀୟ ଗଣତନ୍ତ୍ରର ସଫଳତାରେ ବିଘ୍ନ ଘଟାଇବା ପାଇଁ କେତେକ ରାଷ୍ଟ୍ରବିରୋଧୀ ତତ୍ତ୍ୱଙ୍କର କାର୍ଯ୍ୟକଳାପ ମଧ୍ୟ ଏହି ଅନ୍‌ଲାଇନ୍ ସୂଚନାସେବା ନେଟ୍‌ୱର୍କରେ ଅବିଳମ୍ବେ ତଥା ସହଜରେ ହୋଇପାରୁଛି। ଆଜି ବି ବିଶ୍ୱରେ ଅନେକ ଉନ୍ନତ ରାଷ୍ଟ୍ର ଅଛନ୍ତି, ଯେଉଁମାନେ ସେଠାକାର ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ଜରିଆରେ ସଦୂର ଦେଶବିଦେଶରେ ଶାସନ କ୍ଷମତାରେ ବୈପ୍ଳବିକ ପରିବର୍ତ୍ତନ ତଥା ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାକୁ ମଧ୍ୟ ଅଧିକାଂଶରେ ନିୟନ୍ତ୍ରିତ କରିପାରୁଛନ୍ତି। ଏତଦ୍‌ବ୍ୟତୀତ ରାଜନୈତିକ ଦଳ ଓ ନେତାମାନଙ୍କ ବିରୁଦ୍ଧରେ ଅପପ୍ରଚାର ଚଳାଇ ଇଣ୍ଟରନେଟ୍ ଉପଭୋକ୍ତାମାନଙ୍କ ଦୃଷ୍ଟିରେ ସେମାନଙ୍କୁ ନିନ୍ଦିତ କରିବା ପାଇଁ ଚେଷ୍ଟା ମଧ୍ୟ କରାଯାଉଛି। ଅତୀତରେ ଅକ୍ସଫୋର୍ଡ ଆନାଲିଟିକା ତଥା ଫେସ୍‌ବୁକ୍ ସଂସ୍ଥାର ଅନୈତିକ ସହଯୋଗରେ ଆମେରିକା ରାଷ୍ଟ୍ରପତି ନିର୍ବାଚନଠାରୁ ଆରମ୍ଭ କରି ଭାରତର ସାଧାରଣ ନିର୍ବାଚନରେ ମଧ୍ୟ ବିଶାଳ ସଂଖ୍ୟାରେ ଭୋଟରମାନଙ୍କୁ ଅସମର୍ଥିତ ଖବର ଯୋଗାଇ ତାଙ୍କ ମତକୁ ପ୍ରଭାବିତ କରାଯାଇଥିଲା ବୋଲି ଜଣାପଡ଼ିଲା।

ଏହି ପୃଷ୍ଠଭୂମିରେ ଭାରତ ସମେତ ଅନେକ ଦେଶରେ ସୂଚନା ପ୍ରଯୁକ୍ତି ବିଦ୍ୟାର ବିକାଶ ତଥା ବିନିଯୋଗକୁ ଦେଶ ଓ ବିଶ୍ୱ ହିତରେ ନିୟନ୍ତ୍ରିତ କରିବା ପାଇଁ ଆଇନ ପ୍ରଣୟନର କାର୍ଯ୍ୟକ୍ରମ ଆରମ୍ଭ ହେଲା। ଭାରତରେ 'ସୂଚନା ପ୍ରଯୁକ୍ତି ବିଦ୍ୟା ଅଧିନିୟମ ୨୦୨୧'ରେ ପାର୍ଲାମେଣ୍ଟରେ ପାସ୍ କରାଗଲା। ୨୦୨୩ରେ ଏଥିରେ ଆଉ କେତେକ ସଂଶୋଧନ ଅଣାଯାଇ 'ସଂଶୋଧିତ ନିୟମାବଳୀ ଇନ୍‌ଫରମେସନ୍ ଟେକ୍‌ନୋଲଜି(ଇଣ୍ଟରମିଡିଆରି ଗାଇଡ୍‌ଲାଇନ୍ ଆଣ୍ଡ ଡିଜିଟାଲ୍ ମିଡିଆ ଏଥିକ୍ସ କୋଡ) ଆମେଣ୍ଡମେଣ୍ଟ ରୁଲ୍' ବିଜ୍ଞାପିତ ହେଲା। ଗତ ମାର୍ଚ୍ଚ ୨୦ ତାରିଖରେ ଏହି ନୂତନ ସଂଶୋଧିତ ମାର୍ଗଦର୍ଶିକା ନିୟମ ସରକାରୀ ଭାବେ ବିଜ୍ଞାପିତ ହେଲା। ଏହି ନିୟମ ବିରୁଦ୍ଧରେ ଯେ କେତେକ ମହଲରୁ ସ୍ୱର ଉତ୍ତୋଳନ କରାଯିବ - ଏହା ଜଣାଥିଲା। ସେହି ଅନୁସାରେ ଏଡିଟରସ୍ ଗିଲ୍ଡସ୍ ଅଫ୍ ଇଣ୍ଡିଆ ତଥା କୁନାଲ୍ କୁମ୍ରା ନାମକ ଜଣେ ହାସ୍ୟାଭିନେତା ଏହା ବିରୁଦ୍ଧରେ ବମ୍ବେ ହାଇକୋର୍ଟରେ ଆବେଦନ କରିଥିଲେ। ତାଙ୍କର କହିବା କଥା ହେଲା - ଏହା ସ୍ୱାଧୀନ ମତପ୍ରକାଶ ବନ୍ଦ କରିବାକୁ ସରକାରୀ ଉଦ୍ୟମ। ସେହିଭଳି ବ୍ୟକ୍ତି ସ୍ୱାଧୀନତା ସପକ୍ଷବାଦୀମାନେ ମଧ୍ୟ ଏହି ନିୟମକୁ ବିରୋଧ କଲେ। କାରଣ ଏହି ମାର୍ଗଦର୍ଶିକା ଅନୁସାରେ କେନ୍ଦ୍ର ସରକାରଙ୍କ ପିଆଇବି(ପତ୍ର ସୂଚନା କାର୍ଯ୍ୟାଳୟ)ରେ ଏକ ସ୍ୱତନ୍ତ୍ର ବିଭାଗ ଅନ୍‌ଲାଇନ୍ ସମ୍ବାଦ ସଂସ୍ଥାରେ ପ୍ରସାରିତ ତଥ୍ୟ ଓ ସୂଚନାକୁ ଯାଞ୍ଚ କରି ଯଦି ଭୁଲ୍ ବୋଲି ଘୋଷଣା କରେ ତେବେ ସମ୍ପୃକ୍ତ ଅନ୍‌ଲାଇନ୍ ସଂସ୍ଥା ସେଭଳି ତଥ୍ୟ ଓ ସୂଚନାକୁ ତାଙ୍କ ମଞ୍ଚରୁ ପ୍ରତ୍ୟାହାର କରିନେବାକୁ ବାଧ୍ୟ ହେବେ। ନଚେତ୍ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଏ ପର୍ଯ୍ୟନ୍ତ ଏହି ଅନ୍‌ଲାଇନ୍ ସଂସ୍ଥାମାନେ ନିଜର ନିରପେକ୍ଷ ମଧ୍ୟସ୍ଥି ଅବସ୍ଥାର ଦ୍ୱାହି ଦେଇ ତୃତୀୟ ପକ୍ଷର ତଥ୍ୟ ସୂଚନା ସରବରାହ ତାଙ୍କ ମଞ୍ଚ ଦ୍ୱାରା ହେଲେ ମଧ୍ୟ ସେଥିପାଇଁ ଆଇନତଃ ସେମାନେ ଦାୟୀ ନୁହନ୍ତି ବୋଲି ଧରି ନେଇଥିଲେ। କିନ୍ତୁ ଭ୍ରମାତ୍ମକ ସମ୍ବାଦ(ଫେକ୍ ନିୟୁଜ୍), ପ୍ରାୟୋଜିତ ଖବର (ପେଡ୍ ନ୍ୟୁଜ୍) ଏବଂ ଡିପ୍‌ଫେକ୍ ଆଦି ନୂତନ ସୂଚନା କୌଶଳରେ ଯଦି କେନ୍ଦ୍ର ସରକାରଙ୍କର ନିନ୍ଦା କରାଯାଏ, ତେବେ ଦେଶର ସାର୍ବଭୌମତ୍ୱର ଦ୍ୱାହି ଦେଇ ଏହି ଅନ୍‌ଲାଇନ୍ ସଂସ୍ଥାମାନଙ୍କୁ ନିୟନ୍ତ୍ରିତ କିମ୍ବା ଦଣ୍ଡିତ କରିବାକୁ ମୌଳିକ ଅଧିକାର ହନନ ବୋଲି କାହିଁକି ଧରାଯିବ? ଜଣେ ଭାରତୀୟ ନାଗରିକ ଯଦି ଏଭଳି ବେଆଇନ କାମ କରେ ତେବେ ସେ କ'ଣ ଆଇନ ଆଗରେ ଅପରାଧୀ ନୁହଁ? ଏହାଛଡ଼ା ବିଶ୍ୱର ନାମୀଦାମୀ ବହୁରାଷ୍ଟ୍ରୀୟ ଅନ୍‌ଲାଇନ୍ ଡିଜିଟାଲ୍ ସଂସ୍ଥା ପାଇଁ ଏଭଳି ବେଆଇନ କାର୍ଯ୍ୟ କରିବାକୁ ଆମ ସମ୍ବିଧାନ ଓ ଆଇନରେ କୌଣସି ବିଶେଷ ରିହାତି ଦିଆଯାଇଛି କି? ଗଣତାନ୍ତ୍ରିକ ସ୍ୱାଧୀନତାକୁ କେବଳ ମାତ୍ର ଅଧିକାର ବୋଲି ଧରି ନେଇ ଗଣତାନ୍ତ୍ରିକ ଶାସନ ପଦ୍ଧତିର ଖୋଲାଖୋଲି ଉଲ୍ଲଙ୍ଘନ ବିଶ୍ୱର କେଉଁ ରାଷ୍ଟ୍ରରେ ଦଣ୍ଡନୀୟ ନୁହେଁ? ତାହା ଆମର ପ୍ରଶ୍ନ। ଅବଶ୍ୟ ସ୍ଥଳବିଶେଷରେ କର୍ତ୍ତୃପକ୍ଷ ନିୟମାବଳୀର ଅଯଥା କଡ଼ା ଅନୁପାଳନ କରି ମୌଳିକ ଅଧିକାର ହନନ କରିପାରନ୍ତି। ସେଭଳି କ୍ଷେତ୍ରରେ ସମ୍ପୃକ୍ତ ଅଧିକାରୀ ଦଣ୍ଡିତ ହେବା ଆବଶ୍ୟକ। ଏବେ କୃତ୍ରିମ ବୁଦ୍ଧିମତ୍ତା କୌଶଳ(ଏଆଇ)ର ଦକ୍ଷତାରେ ବିଶ୍ୱ ଉଲ୍ଲସିତ ହେଉଛି ସିନା, କିନ୍ତୁ ତାର ବିଷମୟ ପରିଣାମ ସାରା ମାନବ ସମାଜକୁ ଧ୍ୱଂସ କରିବା ଶକ୍ତିର ଆଶଙ୍କା ଅନୁଭୂତ ହେଲାଣି। ତେଣୁ ଲଗାମ ଲୋଡ଼ା। ଜାତିସଂଘ ମଧ୍ୟ ନିକଟରେ ଏଭଳି ଆହ୍ୱାନ ଦେଇଛି।

ପିଆଇବିର ତଥ୍ୟ ତଦନ୍ତ ବିଭାଗକୁ ସାମୟିକ ଭାବେ ସ୍ଥଗିତ କରି ସୁପ୍ରିମକୋର୍ଟ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ତୃତୀୟ ନ୍ୟାୟମୂର୍ତ୍ତିଙ୍କ ଚୂଡ଼ାନ୍ତ ବିଚାରକୁ ଅପେକ୍ଷା କରିଛନ୍ତି। ଉଚ୍ଚତମ ନ୍ୟାୟାଳୟର ନ୍ୟାୟମୂର୍ତ୍ତିମାନେ ଅନ୍‌ଲାଇନ୍‌ର ସ୍ୱାଧୀନତା ଓ ଭାରତର ସାର୍ବଭୌମ ସଂହତି - ଏ ଦୁଇଙ୍କ ମଧ୍ୟରେ କାହାକୁ ଗୁରୁତ୍ୱ ଦେବେ ସେଥିପାଇଁ ପ୍ରତୀକ୍ଷା ରହିଲା। ●

### ଲୋକକଥାରେ ଶ୍ରୀଜଗନ୍ନାଥ

# ନଅଙ୍କ ଦୁର୍ଭିକ୍ଷ ଓ ଜଗନ୍ନାଥ ଚେତନା



ସ୍ୱପ୍ନେଶ୍ୱର ଗୋଚ୍ଛି
ପୁରୀ, ମୋ: ୯୯୦୦୦୮୩୪୩୩

୧୮୬୬ ମସିହା, ଗଜପତି ଦିବ୍ୟସିଂହ ଦେବଙ୍କ ରାଜତ୍ୱର ନଅ ଅଙ୍କ ସମୟର କଥା। ସାରା ଓଡ଼ିଶା ଦୁର୍ଭିକ୍ଷର କରାଳଛାୟାରେ ଏପରି ଦୁର୍ଦ୍ଦିନ ଦେଇ ଗତି କରୁଥିଲା ଯେ ତା'ର ପ୍ରଭାବରେ ଓଡ଼ିଶାର ଲୋକସଂଖ୍ୟାର ପ୍ରାୟ ଅଧା ମୃତ୍ୟୁମୁଖରେ ପଡ଼ିଥିଲେ। ପ୍ରତ୍ୟେକ ଗାଆଁରେ ଭୋକିଲା ଅସହାୟ ଲୋକମାନେ ଛାଇ ପରି ଯାଆସ କରୁଥିଲେ। କଇଁଆ ପତ୍ର, କଦଳୀ ମଞ୍ଜା - ଯାହା ପାଉଥିଲେ, ତା'କୁ ଦରସିଝା କରି ଖାଉଥିଲେ ଓ ଦର ମଲା ଅବସ୍ଥାରେ ବଞ୍ଚିଥିଲେ। କିଛିମାସ ପରେ କଇଁଆ ଗଛରେ ପତ୍ର ରହିଲା ନାହିଁ, କାହାରି ବାଡ଼ିରେ କଦଳୀ ଗଛଟିଏ ଦେଖିବାକୁ ମିଳିଲା ନାହିଁ। ଅନେକ ଦିନର ଅନାବୃଷ୍ଟିର ପ୍ରଭାବ ଗଛ-ଲତା ଓ ଜୀବ-ଜନ୍ତୁଙ୍କ ଉପରେ ମଧ୍ୟ କମ ପଡ଼ି ନ ଥିଲା। କୌଣସି ଗଛରେ ପତ୍ର ନ ଥିଲା। ରାସ୍ତାକଡ଼ର ଚାକୁଣ୍ଡା ଗଛ ଓ ଦୁବ ଘାସ କୋଉ କାଳରୁ ମରି ମାଟିରେ ମିଶି ଯାଇଥିଲେ। ପଡ଼ିଆ, ପଙ୍କାଳ, ବିଲବାଡ଼ିରେ ଗାଇଗୋରୁଙ୍କର କୁଡ଼କୁଡ଼ ଶବ ଓ କଙ୍କାଳ ପଡ଼ି ରହିଥିଲା। ଗାଆଁ ମଶାଣୀରେ ଜୁଇର ନିଆଁ ଲିଭୁ ନ ଥିଲା। ବେଳେ ବେଳେ ଗୋଟିଏ ସମୟରେ ଏକାଧିକ ଜୁଇ ଜଳୁଥିଲା। କିଛିଦିନ ପରେ ଶ୍ମଶାନ ପର୍ଯ୍ୟନ୍ତ ବୁହାହୋଇ ଯିବାର ସୌଭାଗ୍ୟ ସବୁ ଶବଙ୍କୁ ମିଳିଲା ନାହିଁ। ଶବ ବୋହିବା ପାଇଁ ଘରେ କେହି ନ ଥିଲେ କିମ୍ବା ଯେଉଁମାନେ ଥିଲେ ଶବ ବୋହିବା ପାଇଁ ସେମାନଙ୍କ ଦେହରେ ବଳ ନ ଥିଲା। ଭୋକିଲା ପିଲାର ମୁହଁରେ ଦେବା ପାଇଁ ମାଆ ଥନରେ କ୍ଷୀର ନ ଥିଲା। ପରିସ୍ଥିତିର ମୁକାବିଲା କରିବା ପାଇଁ ଇଂରେଜ ସରକାର କୌଣସି ତତ୍ପରତା ଦେଖାଉ ନ ଥିଲେ। କାହିଁ କୋଉଠି ସାତ/ଆଠ ଦିନରେ ଥରେ ଅନ୍ନଛତ୍ର ଖୋଲା ଯାଉଥିଲା। ତାହା ସମୁଦ୍ରକୁ ଶଙ୍ଖେ ପରି ଥିଲେ ବି ଥିଲାଘର ଲୋକମାନେ ଲଜ୍ଜା ଓ ସଂକୋଚକୁ ପଛରେ ପକେଇ ହଳିଆମାନଙ୍କ ସହାୟତାରେ ମୁଠାଏ ଭାତ ପାଇଁ ଅନ୍ନଛତ୍ରରେ ଧାଡ଼ି ବାନ୍ଧୁଥିଲେ।

ସେ ସମୟରେ ଯାଜପୁରର କଇଁଆଗୋଲାରେ ଘଟିଥିବା ଏକ ଘଟଣା ଦୁର୍ଭିକ୍ଷର ଭୟାବହତାର ଏକ କରୁଣ ଓ ସ୍ୱଷ୍ଟ ଚିତ୍ର ପ୍ରଦାନ କରେ। ଖବର ପ୍ରକାଶ ପାଇଲା ଯେ ଜଣେ ସ୍ତ୍ରୀ ଲୋକ ନିଜ ଛାତିକୁ ଶୀଳପୁଆରେ ପ୍ରହାର କରି ଆତ୍ମହତ୍ୟା କରିଥିଲା। ତା' ପାଖରେ ତା' ପିଲାର ଶବ ମଧ୍ୟ ଅସହାୟ ଭାବେ ପଡ଼ି ରହିଥିଲା। ସାରା ରାଜ୍ୟରେ ଯେତେବେଳେ ଖାଦ୍ୟାଭାବ ଜନିତ ମୃତ୍ୟୁ ତାଣ୍ଡବ ରଚନା କରୁଥିଲା, ଅନେକ ଲୋକ ଭୋକର ଜ୍ୱାଳା ସହି ନ ପାରି ବିଷ ଖାଇ ବା ଦଉଡ଼ି ଦେଇ ବା କୂଅକୁ ଡେଇଁ ଆତ୍ମହତ୍ୟା କରୁଥିଲେ। ଆତ୍ମହତ୍ୟା କରିବାର ଏହିପରି ଥିବା ଚିରାଚରିତ ତରିକାକୁ ଛାଡ଼ି ସ୍ତ୍ରୀ ଲୋକ ଜଣକ ଏକ ଅତ୍ୟନ୍ତ କଷ୍ଟଦାୟକ ତରିକା ଆପଣେଇବା ପଛରେ ଥିବା କାରଣ କେହି ଖୋଜି ପାଉ ନ ଥିଲେ। ଏହି ଘଟଣା ଇଂରେଜମାନଙ୍କ ମନକୁ ମଧ୍ୟ ଏତେ ମାତ୍ରାରେ ଆନ୍ଦୋଳିତ କଲା ଯେ ସେମାନେ ତା' ପଛର କାରଣ ଜାଣିବା ପାଇଁ ତଦନ୍ତ ଆରମ୍ଭ କରିଦେଲେ। ତଦନ୍ତରୁ ଜଣାପଡ଼ିଲା ଯେ ମାଆଟି ଶୀଳପୁଆରେ ନିଜ ଛାତିକୁ ବାରମ୍ବାର ଆଘାତ କରି ଛାତିର କୋଉ କୋଣରେ ଲୁଚି ରହିଥିବା କ୍ଷୀର ଟୋପାକ ବାହାର କରିବାକୁ ଚେଷ୍ଟା କରୁଥିଲା। ଅନ୍ତତଃ ଟୋପାଟେ କ୍ଷୀର ପେଟକୁ ଗଲେ ପିଲାଟା ଗୋଟେ ମୁହୂର୍ତ୍ତ ବଞ୍ଚିଯିବ। ଯେତେ ଚେଷ୍ଟା କଲେ ମଧ୍ୟ ଶୁଖିଲା ଛାତିରୁ କ୍ଷୀର ତ ବାହାରିଲା ନାହିଁ, ବାରମ୍ବାର ଶୀଳପୁଆ ମାଡ଼ରେ ଦୁର୍ବଳ ଶରୀରରୁ ପ୍ରାଣ ଛାଡ଼ି ଚାଲିଗଲା। କ୍ଷୀର ନ ପାଇ ଅସହାୟ ଛୁଆଟା ମାଆ ପାଖରେ ମରି ଶୋଇଲା।

ଏହିପରି ଜୀବନମରଣ ସମସ୍ୟା ଦେଇ ଗତି କରୁଥିବା ବେଳେ ଅନେକ ମନେମନେ ଚିନ୍ତା କଲେ - ନିକଟ ଭବିଷ୍ୟତରେ ମରିବାଟା ଯଦି ଥୟ, ମରଣ ପାଇଁ ଦିନ ଗଣନା ଯଦି ଆରମ୍ଭ ହୋଇଗଲାଣି, ତା' ହେଲେ ପୁରଷୋତ୍ତମରେ ନୀଳଚକ୍ରକୁ ଚାହିଁ ଶରଧାବାଲିରେ ପଡ଼ି ମରିବା ନାହିଁ କାହିଁକି ? ସେପରି ମୃତ୍ୟୁ ପରେ ତ ମୋକ୍ଷ! ଦେହଟାକୁ ବୋହିବା ପାଇଁ ଗୋଡ଼ ଦୁଇଟାରେ ବଳ ଥାଉ ଥାଉ ବଡ଼ଦାଣ୍ଡରେ ପହଞ୍ଚି ଗଲେ ଯାଏ। ତା' ପରେ ପୁରଷୋତ୍ତମକୁ ଚାଲିଲା ଭୋକିଲା କଙ୍କାଳସାର ମଣିଷମାନଙ୍କର ପଟୁଆର। ବାଟରେ ବାଉଁଶ ପତ୍ର, ଚାକୁଣ୍ଡା ପତ୍ର ଯାହା ପାଇଲେ ଖାଇଲେ ଓ ଘୋଷାଡ଼ି ହୋଇ ଚାଲିଲେ। ରାସ୍ତାରେ ଅଧା ଲୋକ ପଡ଼ି ମରିଗଲେ। ବାକି ପହଞ୍ଚିଲେ ପୁରୀ। ତଥାପି ବଡ଼ଦାଣ୍ଡରେ ଶୋରିଷ ପକେଇବାକୁ ଯାଗା ରହିଲା ନାହିଁ।

ସେତେବେଳେ ୱାଲ୍‌ଟିୟର ସାହେବ ଥିଲେ ପୁରୀର ଜିଲ୍ଲାପାଳ। ସେ ଦେଖିଲେ ଯେ କଙ୍କାଳସାର ଜନତା ଲକ୍ଷ ଲକ୍ଷ ସଂଖ୍ୟାରେ ପୁରୀରେ ଆସି ଜମା ହୋଇଛନ୍ତି। ସେ ତାଙ୍କର ଜଣେ କର୍ମଚାରୀଙ୍କୁ ପଚାରିଲେ- 'ଏମାନେ କ'ଣ ଖାଇବାକୁ ମାଗୁଛନ୍ତି ପୁରୀକୁ ଆସି?' 'ନାହିଁ ସାର, ସେମାନେ ଜଗନ୍ନାଥଙ୍କ ଧାମରେ ମରିବା ପାଇଁ ଆସିଛନ୍ତି।' ଜଗନ୍ନାଥ ନାଆଁଟା ଶୁଣି ୱାଲ୍‌ଟିୟର ଭାବିଲେ - 'ଆରେ ସତେ ତ! ଏଇ କାଠର ପ୍ରତିମା ଆଗରେ ସବୁଦିନ ମହଣ ମହଣ ଚାଉଳ ରନ୍ଧା ହୋଇ ଭୋଗ ଲାଗୁଛି। ଭୋଗ ବନ୍ଦ କରି ସେ ଚାଉଳକୁ ତ ଭୋକିଲା ଲୋକଙ୍କ ଭିତରେ ବାଣ୍ଟି ଦିଆ ଯାଇପାରନ୍ତା!' ତା' ପରଦିନ ଜିଲ୍ଲାପାଳ ସିଂହଦ୍ୱାର ସାମନାରେ ଏକ ସାଧାରଣ ସଭା ଡାକିଲେ। ସେ ଭାବୁଥିଲେ ଯେ ସାଧାରଣ ସଭାରେ କଥାଟାକୁ ଘୋଷଣା କଲେ ଲୋକମାନେ ତାଙ୍କୁ ପ୍ରଶଂସା କରିବେ। ସଭାକୁ ଗଜପତି ଦିବ୍ୟସିଂହ ଦେବ, ମୁକ୍ତି ମଣ୍ଡପର ପଣ୍ଡିତମାନେ, ମଠର ମହନ୍ତମାନେ ଓ ମନ୍ଦିରର ସେବାୟତମାନେ ନିମନ୍ତ୍ରିତ ହେଲେ। ୱାଲ୍‌ଟିୟର ସେ ସଭାରେ ଘୋଷଣା କଲେ ଯେ ତା' ପର ଦିନଠାରୁ ମନ୍ଦିରର ଭୋଗ ବନ୍ଦ କରାଯାଇ ଚାଉଳକୁ ଲୋକମାନଙ୍କ ଭିତରେ ବାଣ୍ଟି ଦିଆଯିବ। ବୁଭୁକ୍ଷୁ ଜନତା ଯାହା ଶୁଣିଲେ ପ୍ରଥମେ ନିଜ କାନକୁ ବିଶ୍ୱାସ କରି ପାରିଲେ ନାହିଁ। ତା'ପରେ ଯେତେବେଳେ କଥାଟା ଦେହରେ ଭେଦିଲା, ସେମାନେ ଭାବୁଥିଲେ ଗଜପତି ମହାରାଜା ଏହାର ପ୍ରତିବାଦ ନିଶ୍ଚୟ କରିବେ। କିନ୍ତୁ ସେପରି କିଛି ହେଲା ନାହିଁ। ଗଜପତି ମୁଣ୍ଡକୁ ତଳକୁ ପୋତି ଚୁପଚାପ ବସିଥିଲେ। ମୁକ୍ତି ମଣ୍ଡପର ପଣ୍ଡିତ, ମଠର ମହନ୍ତ ଓ ସେବାୟତମାନେ ପାଟି ଫାଳକ ଦି ଫାଳ କଲେ ନାହିଁ। କେତେକ ଭକ୍ତ ପ୍ରତିବାଦ କରିବାକୁ ଚାହୁଁଥିଲେ। କିନ୍ତୁ ସେମାନଙ୍କର ଶୁଖିଲା ଓଠ ଓ ଜିଭ କଥା କହିବା ଅବସ୍ଥାରେ ନ ଥିଲେ। ଶେଷରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ଅସ୍ଥି କଙ୍କାଳସାର ବୁଢ଼ୀଟିଏ ଥରିଥରି ଠିଆ ହେଲା। ନିଜର ଛିଣ୍ଡା ପଣତକୁ ଅଣ୍ଟାରେ ଗୁଡ଼େଇଲା ଓ ଶୁଖିଲା ଜିଭକୁ ଶୁଖିଲା ଓଠ ଉପରେ ବୁଲେଇ ଆଣିଲା। ତା' ପରେ ସେ ଯାହା କହିଲା ସେଠାରେ ଉପସ୍ଥିତ ସମସ୍ତେ ତା' ଆଡ଼େ ଆଖି ଫାଡ଼ି ଚାହିଁ ରହିଲେ- 'ଆରେ ଏ ଅଛଦରା ଗୋରା! ତୁ କାହୁଁ ମୋ କାଳିଆକୁ ଚିହ୍ନିବୁ କିରେ? ତୁ କାହୁଁ ଜାଣିବୁ ଆମ ପାଇଁ ସେ କିଏ? ଆରେ ସିଏ ପରା ଆମର ଭୋଜନୀ ସାଆନ୍ତେ। ତା'ର ଭୋକ ସେ ନିଜେ ସହି ପାରେନି କି ଏ ଜାତି ସହି ପାରେନି। ଆରେ ତା'କୁ ଉପାସ ରଖି ଆମେ ଖାଇବୁ? ଆରେ ଏ ଅଛଦରା! କୋଉ ଦିନ ଏ ପେଟରେ ଦାନା ପଡ଼ିଥିଲା, ମୋର ମନେ ନାହିଁ। ତଥାପି ମୁଁ କହୁଛି, କାନ ଖୋଲିକରି ଶୁଣ। ଆରେ ଆମେ ଏଠିକୁ ଖାଇବାକୁ ଆସିନୁ, ମରିବାକୁ ଆସିଛୁ ଏଇ ମାଟିକୁ ଛୁଇଁ। ଆରେ ଚଣ୍ଡାଳ! ଖାଇବାକୁ ନ ପାଇ ମୋ ଗେରସ୍ତ ମରିଯାଉ। ମୁଁ ରାଣ୍ଡ ହେବାକୁ ରାଜି ଅଛି। ଖାଇବା ବିନା ମୋ ପୁଅ ମରିଯାଉ। ଆଣ୍ଠୁକୁଡି ହେବାରେ ମୋର ଦୁଃଖ ନାହିଁ। କିନ୍ତୁ ଆମ ସାଆନ୍ତଙ୍କ ଭୋକିଲା ମୁହଁ ମୁଁ ଦେଖିପାରିବି ନାହିଁ। ଆରେ ଶୁଣିଥାରେ ଅଛଦରା! କାଳିଆ ମୋର ଗେରସ୍ତ, ସେ ମୋର ପୁଅ ଭାଇ ସବୁ କିଛି। ତା'କୁ ଉପାସ ରଖି ଆମେ ଖାଇବୁ ଭାବୁଛୁ?' ବୁଢ଼ୀର କଥା ଭୋକିଲା ଲୋକଙ୍କ ଦେହରେ ଶହେସିଂହର ବଳ ସଞ୍ଚାର କଲା। ସେମାନେ ଏକସ୍ୱରରେ କହିବାକୁ ଲାଗିଲେ- 'ରଖ ହେ ତମ ଦାତାପଣିଆ। ଆମକୁ ଭାତ ଦରକାର ନାହିଁ। ଶ... ଗୋରା ଆମକୁ ଭାତ ଦେଖାଉଛି। ଆରେ ଶ.... ଦେଶ ଶାସନ କରୁଛ, ଆଜି ଯାଏଁ ଶୋଇଥିଲ କୋଉଠି? ଆଜି ନିଦ ଭାଙ୍ଗିଗଲା ନା? କହିଲା କ'ଣ ନଁ ଆମ ସାଆନ୍ତଙ୍କୁ ଉପାସ ରଖି ଆମକୁ ଖାଇବାକୁ ଦେବ! ଆରେ ଜାଣଛୁ, ସେ ଖାଉଛି ବୋଲି ଆମ ପେଟରେ ଦାନା ନ ପଡ଼ିଲେ ବି ଆମେ ବଞ୍ଚିଛୁ।'

ସେ ପର୍ଯ୍ୟନ୍ତ ପ୍ରଚଣ୍ଡ ଖରାରେ ମୁଣ୍ଡ ଫାଟି ଯାଉଥିଲା। ହଠାତ୍ ଆକାଶରେ ଖଣ୍ଡେ କଳାମେଘ ଦେଖା ଦେଲା। ଏତେଦିନ ପରେ ଆକାଶରେ ମେଘ ଦେଖି ସମସ୍ତେ ଆକାଶକୁ ଚାହିଁ ରହିଲେ। ମେଘ ଖଣ୍ଡକ ଦୁଇ ଖଣ୍ଡ ହୋଇ ଗୋଲାକାର ହୋଇଗଲା ଓ କାଳିଆର ଦୁଇ ଚକା ଆଖି ପରି ଦେଖାଗଲା। ଅନେକ ଦିନ ଧରି ଆକାଶରେ ବାଦଲ ଦେଖି ନ ଥିବା ଲୋକମାନେ କାଳିଆର ମୁହଁ ଓ ଆଖି ସ୍ୱଷ୍ଟ ଦେଖିପାରୁଥିଲେ। ଦେଖୁ ଦେଖୁ ସାରା ଆକାଶରେ କଳା ବାଦଲ ଛାଇ ଗଲା ଓ ଆରମ୍ଭ ହେଲା ମୂଷଳ ଧାରାରେ ବର୍ଷା। ସମବେତ ଜନତା ବର୍ଷାରୁ ରକ୍ଷା ପାଇବା ପାଇଁ ଇଆଡ଼େ ସିଆଡ଼େ ଦୌଡ଼ିଲେ ନାହିଁ। ଚାତକ ପକ୍ଷୀ ବର୍ଷା ପାଣି ପିଇଲା ପରି ସେମାନେ କାଳିଆର ପ୍ରସାଦ ଅମୃତ ଢକଢକ କରି ପିଇଗଲେ। ତା' ପରେ ବୁଢ଼ୀ ମାଆକୁ ମୁଣ୍ଡିଆ ମାରିବା ପାଇଁ ଖୋଜିଲା ବେଳକୁ ସେ ଭିଡ଼ ଭିତରେ ହଜି ଯାଇଥିଲା। ●

# ପୁଟିନ୍-ନିନ୍ଦୁକମାନଙ୍କ ରହସ୍ୟମୟ ମୃତ୍ୟୁ



ଲଳିତେନ୍ଦୁ ପଲାଉରୀ
ଅସ୍ତରଙ୍ଗ, ପୁରୀ, ମୋ: ୯୭୭୮୬୯୭୦୩୬

ବର୍ତ୍ତମାନର ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଦୀର୍ଘ ୨୦ବର୍ଷ କ୍ଷମତା ଉପଭୋଗ କରିସାରି ପୁଣି ରେକର୍ଡ ପଞ୍ଚମ ଥର ରୁଷର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ ପୂର୍ବରୁ ସୋଭିଏତ ରୁଷର ଶାସକ ଜୋସେଫ୍ ଷ୍ଟାଲିନଙ୍କ ଦୀର୍ଘ ୨ ଦଶନ୍ଧିରୁ ଅଧିକ କାଳ ଶାସନ କରିଥିବାର ରେକର୍ଡ କରିଥିଲେ। ଚଳିତ ନିର୍ବାଚନରେ ପୁଟିନ ୮୮ପ୍ରତିଶତ ଭୋଟ ପାଇ ବିଜୟୀ ହୋଇଛନ୍ତି। ତେବେ ପୁଟିନଙ୍କ ଶାସନ, ତାଙ୍କର ନୀତିକୁ ରୁଷବାସୀ ଯେ ବିନା ବିରୋଧରେ ଗ୍ରହଣ କରୁଛନ୍ତି ଏକଥା ଠିକ ନୁହେଁ। ପୁଟିନଙ୍କ ଚଳିତ ନିର୍ବାଚନ ବିଜୟକୁ ଆମେରିକା ସମତେ ବ୍ରିଟେନ, ନାଟୋ ସଂଘର ସଦସ୍ୟ ଦେଶ ଓ ୟୁରୋପୀୟ ଦେଶମାନେ ଅଗଣତାନ୍ତ୍ରିକ ଓ ବେଆଇନ ବୋଲି ଅଭିଯୋଗ ଆଣିଛନ୍ତି।

ତେବେ ପୁଟିନ ବିଦେଶୀ ନିନ୍ଦୁକଙ୍କ କଥା ଛାଡ଼ନ୍ତୁ ନିଜ ଦେଶର ନିନ୍ଦୁକ ଓ ସମାଲୋଚକଙ୍କୁ ମଧ୍ୟ ସହିପାରୁ ନାହାନ୍ତି। ସେମାନଙ୍କ ମୁହଁବନ୍ଦ କରିବାକୁ ପୁଟିନଙ୍କର ଏକ ବିରାଟ ସଂଗଠନ କାମ କରୁଛି ବୋଲି ବିଶ୍ୱାସ କରାଯାଏ। ନିନ୍ଦୁକ ବା ସମାଲୋଚକମାନଙ୍କୁ ଦମନ ହେଉ କି ସେମାନଙ୍କୁ ନିପାତ କରିବା ପଛରେ ପୁଟିନଙ୍କ ହାତ ଥିବା ସନ୍ଦେହ କରାଯାଉଥିବା ବେଳେ କେହି କିନ୍ତୁ ତାଙ୍କୁ ପ୍ରତ୍ୟକ୍ଷ ଭାବେ ଦୋଷ ଦେଇ ପାରୁନାହାନ୍ତି। ଦୀର୍ଘ ୩ବର୍ଷ ଧରି ରୁଷ ଓ ୟୁକ୍ରେନ୍ ମଧ୍ୟରେ ପତିଆରା ବନାମ ଆତ୍ମରକ୍ଷା ଓ ସ୍ୱାଭିମାନର ଲଢ଼େଇ ଚାଲିଛି। ପୁଟିନ୍ ନିଜର ଶକ୍ତିକୁ ନେଇ ଗର୍ବରେ ଆତ୍ମହରା। ସେପଟେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦମିର ଜେଲେନ୍‌ସ୍କି ନିଜ ମାତୃଭୂମିର ସୁରକ୍ଷା ପାଇଁ ଆମେରିକା, ବ୍ରିଟେନ୍, ନାଟୋ ସଦସ୍ୟ ଦେଶଙ୍କ ଶରଣାପନ୍ନ।

ପୁଟିନଙ୍କ ରୁଷ ନୀତିକୁ ବିରୋଧୀ ରାଜନୈତିକ ଦଳଙ୍କ ସମେତ ରୁଷର ସାଧାରଣ ଜନତା, ଗଣମାଧ୍ୟମ, ପ୍ରତିରକ୍ଷା ଅଧିକାରୀ, ଏପରିକି ପୁଟିନଙ୍କ ବିଶ୍ୱସ୍ତଙ୍କ ମଧ୍ୟ ପସନ୍ଦ ଆସୁନି। ପୁଟିନ୍ କିନ୍ତୁ ନଛୋଡ଼ ବନ୍ଧା। ତାଙ୍କର ସମାଲୋଚକ ବା ନିନ୍ଦୁକ ଯେକେହି ବି ହୁଅନ୍ତୁ, ଜଳ, ସ୍ଥଳ ଆକାଶ ଯେଉଁଠି ବି ରହିଲେ ପୁଟିନଙ୍କ ଏଜେଣ୍ଟ ସେମାନଙ୍କୁ ନିଶାନା କରୁଛନ୍ତି। ୨୦୨୪ ଫେବୃଆରୀ ୧୬ରେ ରୁଷର ବିରୋଧୀ ଦଳ ନେତା ତଥା ଆମନେଷ୍ଟି ଇଣ୍ଟରନ୍ୟାସନାଲର ସ୍ୱୀକୃତିପ୍ରାପ୍ତ ସାମାଜିକ କର୍ମୀ ଓ ପୁଟିନଙ୍କ ରୁଷ ନୀତିର ଦୃଢ଼ ସମାଲୋଚକ ଆଲେକ୍ସି ନବଲନୀଙ୍କଜେଲ ଭିତରେ ରହସ୍ୟଜନକ ଭାବେ ମୃତ୍ୟୁ ହୋଇଛି। ରୁଷର ୟାମାଲ୍ୟା ଜିଲ୍ଲାର ପେନାଲ କଲୋନୀ ସର୍କଲ ଜେଲ୍‌ରେ ବନ୍ଦୀ ଜୀବନ ବିତାଉଥିବା ବେଳେ ହଠାତ ନବଲନୀଙ୍କ ମୃତ୍ୟୁ ହେଲା। ନବଲନୀ ପୁଟିନ୍‌ଙ୍କୁ 'ମିଛୁଆଙ୍କ ସର୍ଦ୍ଦାର' ଆଖ୍ୟା ଦେଇଥିଲେ। ବାରମ୍ବାର ପୁଟିନଙ୍କୁ ସମାଲୋଚନା କରୁଥିଲେ। ୪୮ ବର୍ଷୀୟ ଆଲେକ୍ସ ନବଲନୀ ରୁଷରେ ଗଣତନ୍ତ୍ରକୁ ହତ୍ୟା କରାଯାଇଥିବା ଅଭିଯୋଗ କରୁଥିଲେ। ୨୦୧୬ରେ ପୁଟିନଙ୍କ ବିରୋଧରେ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ ନବଲେନୀ। କିନ୍ତୁ ନବଲନୀଙ୍କ ଲୋକପ୍ରିୟତା ବା ତାଙ୍କ ସମର୍ଥକ ବଢୁଥିବାରୁ ପୁଟିନଙ୍କୁ ଏହା ସହ୍ୟ ହେଉନଥିଲା। ୨୦୨୦ରେ ତାଙ୍କୁ ବିଷ ଦିଆଯାଇ ହତ୍ୟା ଉଦ୍ୟମ କରାଯାଇଥିଲା। ବର୍ଲିନରୁ ଚିକିତ୍ସା ପରେ ସୁସ୍ଥ ହୋଇ ଫେରିବାର ମାତ୍ର କିଛି ମାସ ପରେ ୨୦୨୧ରେ ନବଲନୀଙ୍କୁ ଗିରଫ କରାଯାଇଥିଲା। ଏପରିକି ୨୦୨୨ରେ ନବଲେନୀଙ୍କୁ ଜେଲରୁ ମଧ୍ୟ କିଛି ଦିନ ପାଇଁ ଗାଏବ କରି ନିଆଯାଇଥିଲା। ୨୦୨୩ରେ ବିଭିନ୍ନ ମାମଲାରେ ଫସାଇ ତାଙ୍କୁ ୧୯ବର୍ଷ କାରାଦଣ୍ଡ ଦିଆଯାଇଥିଲା। ନବଲନୀଙ୍କ ମୃତ୍ୟୁକୁ ଦୁର୍ଘଟଣା ବୋଲି ରୁଷ ପ୍ରଶାସନ ସଫେଇ ଦେଇଥିବା ବେଳେ ତାଙ୍କ ପତ୍ନୀ ୟୁଲିଆ କିନ୍ତୁ ଏଥିପାଇଁ ପୁଟିନଙ୍କୁ ସିଧା ଦାୟୀ କରିଥିଲେ। ପୁଟିନଙ୍କୁ ଦଣ୍ଡ ଦେବାକୁ ଆମେରିକାର ସହଯୋଗ ଲୋଡ଼ିଥିଲେ। କିନ୍ତୁ ପୁଟିନଙ୍କ ଉପରେ ଏହାର କିଛି ବି ଫରକ ପଡ଼ିନଥିଲା।

ନବଲନୀଙ୍କ ଭଳି ରୁଷର ଆଉ ଜଣେ ଚର୍ଚ୍ଚିତ ଚେହେରା ତଥା ରୁଷ ରାଷ୍ଟ୍ରପତିଙ୍କ ଅତ୍ୟନ୍ତ ବିଶ୍ୱସ୍ତ ଓ ରୁଷ ପ୍ରାଇଭେଟ ଆର୍ମୀ ୱାଗନରର ମୁଖ୍ୟ ୟବଗିନୀ ପ୍ରିଗୋଝିନ୍ ମଧ୍ୟ ପୁଟିନଙ୍କ ରୋଷର ଶିକାର ହୋଇଥିବା ଚର୍ଚ୍ଚା ହେଉଛି। ଗତ ଅଗଷ୍ଟ ମାସରେ ବିମାନ ଦୁର୍ଘଟଣାରେ ୟବଗିନୀଙ୍କ ମୃତ୍ୟୁ ହୋଇଛି। କିନ୍ତୁ ଏହି ବିମାନ ଦୁର୍ଘଟଣା ପଛରେ ପୁଟିନଙ୍କ ଷଡ଼ଯନ୍ତ୍ର ଚର୍ଚ୍ଚା ହେଉଛି। ୟବଗିନୀ ପ୍ରିଗୋଝିନଙ୍କ ପ୍ରାଇଭେଟ୍ ଆର୍ମୀ ରୁଷ ସେନାଙ୍କୁ ୟୁକ୍ରେନ ଯୁଦ୍ଧରେ ସହଯୋଗ କରୁଥିଲା। କିନ୍ତୁ ହଠାତ ରୁଷ ସେନା ସହ ପ୍ରିଗୋଝିନଙ୍କ କନ୍ଦଳ ବଢ଼ିଥିଲା। ୨୦୨୩ ଜୁନ ୨୩ ଓ ୨୪ରେ ୟବଗୀନ ପ୍ରିଗୋଝିନ୍‌ଙ୍କ ପ୍ରାଇଭେଟ ଆର୍ମି ରୁଷର ଦକ୍ଷିଣ ସହର ରେସ୍ତୋଭକୁ ନିଜ କବଜାକୁ ନେଇଥିଲା। ଏହାପରେ ମସ୍କୋ ନିୟନ୍ତ୍ରଣ ପାଇଁ ଆଗଭର ହେଉଥିଲା। ଏହାକୁ ନେଇ ରୁଷରେ ଏକପ୍ରକାର ଗୃହଯୁଦ୍ଧ ସ୍ଥିତି ଦେଖା ଦେଇଥିଲା। ତେଣୁ ପୁଟିନଙ୍କ ସବୁଠୁ ବିଶ୍ୱସ୍ତ ହଠାତ ତାଙ୍କର ପ୍ରମୁଖ ଶତ୍ରୁରେ ରୂପାନ୍ତର ହେଉଥିବା ଜାଣି ରାଷ୍ଟ୍ରପତି ପୁଟିନ୍ ୟବଗୀନ ପ୍ରିଗୋଝିନ୍‌ଙ୍କୁ ଟାର୍ଗେଟ କରିଥିଲେ। ପ୍ରିଗୋଝିନ ବିଶ୍ୱାସଘାତ କରୁଛନ୍ତି ବୋଲି ପୁଟିନ୍ ଦେଶବାସୀଙ୍କୁ ସମ୍ବୋଧନ କରି ବୟାନ ରଖିଥିଲେ। ବେଲାରୁଷ ରାଷ୍ଟ୍ରପତିଙ୍କ ମଧ୍ୟସ୍ଥତାରେ ଉଭୟ ପ୍ରିଗୋଝିନ ଓ ପୁଟିନଙ୍କ ବିବାଦ ସମାଧାନ ହେଇଥିଲା। ତେବେ ବିବାଦ ସମାଧାନର ମାତ୍ର ୨ମାସ ପରେ ହଠାତ ୟବଗିନ ପ୍ରିଗୋଝିନଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣା ଆପେ ଆପେ ହୋଇଥିଲା ନା ଏହା ପଛରେ ପୁଟିନଙ୍କ ଷଡ଼ଯନ୍ତ୍ର ଥିଲା ତାହା ମଧ୍ୟ ରହସ୍ୟ ମଧ୍ୟକୁ ଠେଲି ହୋଇଯାଇଛି।

ପୁଟିନଙ୍କ ଆଉ ଜଣେ ସମାଲୋଚକ ତଥା ସାମାଜିକ କର୍ମୀ ଭ୍ଲାଦିମିର କାରାମୂର୍ଜା। ୨୦୧୭-୧୮ ରେ କାରାମୂର୍ଜାଙ୍କୁ ବିଷ ଦିଆଯାଇ ହତ୍ୟା ଉଦ୍ୟମ ହୋଇଥିଲା। ଏଥିପାଇଁ ଜର୍ମାନୀର ଏକ ବିଷ ପ୍ରୟୋଗଶାଳାରୁ ଯୋଜନା ପ୍ରସ୍ତୁତି ହୋଇଥିଲା। କାରାମୂର୍ଜାଙ୍କ ମେଡିକାଲ ରିପୋର୍ଟରେ ରକ୍ତରେ ପାରଦ, ତମ୍ବା, ମାଙ୍ଗାନିଜ୍ ଭଳି ଉପାଦନ ଚିହ୍ନଟ ହୋଇଥିଲା। ତେବେ ସେ ବଞ୍ଚି ଯାଇଥିଲେ ମଧ୍ୟ ମସ୍କୋର ଏକ କୋର୍ଟ କାରାମୂର୍ଜାଙ୍କୁ ଦେଶଦ୍ରୋହ ମାମଲାରେ ଆଜୀବନ କାରାଦଣ୍ଡ ଶୁଣାଇଥିଲା।

ରୁଷର ଆଉ ଜଣେ ଗୁପ୍ତଚର ତଥା ପୁଟିନଙ୍କର ସମାଲୋଚକ ୪୩ ବର୍ଷୀୟ ଅଲକ୍ଲୋଡର ଲିଟ୍‌ଭିନେକୋଙ୍କୁ ମଧ୍ୟ ୨୦୦୬ରେ ଲଣ୍ଡନର ମିଲେନିୟମ୍ ହୋଟେଲରେ ଗ୍ରୀନ ଟିରେ ବିଷ ଦେଇ ହତ୍ୟା ଷଡ଼ଯନ୍ତ୍ର କରିଥିଲେ ରୁଷ୍ ଏଜେଣ୍ଟମାନେ। କିଛି ସପ୍ତାହ ପରେ ଅଲକ୍ଲୋଡରଙ୍କର ମୃତ୍ୟୁ ହୋଇଥିଲା, ଯାହାର ପ୍ରମାଣ ୨୦୧୬ରେ ବ୍ରିଟେନର ଏକ ଅନୁସନ୍ଧାନ ସଂସ୍ଥା ପ୍ରକାଶ କରିଥିଲା। ଏହି ହତ୍ୟାପଛରେ ରୁଷ ଗୁପ୍ତଚର ସଂସ୍ଥା କେଜିବିର ଦୁଇ ଅଧିକାରୀ ଆଣ୍ଡ୍ରୋଇ ଲୁଗାବାୟ ଓ ଡିମିଟ୍ରି କୋବତୁନଙ୍କ ସମ୍ପୃକ୍ତି ନେଇ ରିପୋର୍ଟ ଆସିଥିଲା। ରୁଷର ଗୁପ୍ତଚର ସଂସ୍ଥା କେଜିବିର ପୂର୍ବତନ ପ୍ରମୁଖ ଅଧିକାରୀ ସର୍ଗେଇ ସ୍କ୍ରିପଲଙ୍କୁ ମଧ୍ୟ ବିଷ ଦିଆଯାଇ ହତ୍ୟା ଉଦ୍ୟମ ହୋଇଥିଲା। ଇଂଲଣ୍ଡ ଗୁପ୍ତଚର ସଂସ୍ଥାକୁ ରୁଷ ବିରୋଧରେ କିଛି ଗୁପ୍ତ ତଥ୍ୟ ପ୍ରଦାନ ଅଭିଯୋଗରେ ସର୍ଗେଇ ସ୍କ୍ରିପଲ ଟାର୍ଗେଟକୁ ଆସିଥିଲେ। ୨୦୧୮ ମାର୍ଚ୍ଚରେ ସର୍ଗେଇ ସ୍କ୍ରିପଲ ଓ ତାଙ୍କ ପୁଅ ଇଂଲଣ୍ଡର ସେଲସ୍ ବୁରୀ ସହରର ଏକ ସପିଙ୍ଗ ମଲ୍ ବାହାରେ ବେଞ୍ଚ୍ ଉପରେ ହଠାତ ପଡ଼ି ଯାଇ ଅଚେତ ହୋଇଯାଇଥିଲେ। ଚିକିତ୍ସା ପରେ ଉଭୟ ସୁସ୍ଥ ହୋଇଥିଲେ। ଉଭୟଙ୍କ ଶରୀରରେ ନେବିଚେକ୍ ବିଷ ପ୍ରୟୋଗର ପ୍ରମାଣ ମିଳିଥିଲା। ୨୦୦୬ରେ ଇଂଲଣ୍ଡ ପାଇଁ ଗୁଇନ୍ଦାଗିରି କରୁଥିବା ଅଭିଯୋଗରେ ସର୍ଗେଇ ସ୍କ୍ରିପଲ ଦୋଷୀ ସାବ୍ୟସ୍ତ ଓ ପରେ ଦୋଷମୁକ୍ତ ହୋଇ ଇଂଲଣ୍ଡରେ ରହୁଥିଲେ।

ରୁଷରେ ବ୍ୟାପକ ଅର୍ଥ ତୋଷରପାତକୁ ବିରୋଧ କରିବା ସହ ଏହାର ଯାଞ୍ଚ ପାଇଁ ଆଗଭର ହୋଇଥିବା ଆଉ ଜଣେ ସଚ୍ଚୋଟ ଅଧିକାରୀ ଆଲେକଜାଣ୍ଡାର ପେରେପିଲିଚ୍। ଦିନେ ତାଙ୍କୁ ତାଙ୍କର ଲଣ୍ଡନ ସ୍ଥିତ ବାସଭବନ ଆଗରେ ମୃତ ଅବସ୍ଥାରେ ଦେଖିବାକୁ ମିଳିଥିଲା। ତଦନ୍ତରୁ ଜଣାପଡ଼ିଥିଲା ଆଲେକଜାଣ୍ଡାର ପେରେପିଲିଚ ମୃତ୍ୟୁ ପୂର୍ବରୁ ରୁଷର ଲୋକପ୍ରିୟ ବ୍ୟଞ୍ଜନ ସିରେଲ୍ ମିଶ୍ରିତ ସୁପ୍ ପିଇଥିଲେ। ଏହି ସୁପ୍‌ରେ ଜେଲ୍ସିମିୟମ ପ୍ରୟୋଗ ହୋଇଥିବା ପ୍ରମାଣ ମିଳିଥିଲା। ତେବେ ଆଲେକଜାଣ୍ଡରଙ୍କ ମୃତ୍ୟୁ ପାଇଁ ରୁଷ ଦାୟୀ ନୁହେଁ ବୋଲି ଦର୍ଶାଇ ଥିଲା।

ରୁଷରେ ମାନବାଧିକାର ଉଲ୍ଲଙ୍ଘନ ଓ ରାଜଧାନୀ ମସ୍କୋ ସାମ୍ବାଦିକମାନଙ୍କ ପାଇଁ ସୁରକ୍ଷିତ ସ୍ଥାନ ନୁହେଁ ବୋଲି ମତ ରଖିଥିଲେ ସାମ୍ବାଦିକ ଆନ୍ନା ପେଲିତକୋବସ୍କାୟା। ତାଙ୍କୁ ୨୦୦୬ ଅକ୍ଟୋବର ୭ରେ ମସ୍କୋର ଏକ ସୁପରମାର୍କେଟରୁ ଘରକୁ ଫେରୁଥିବା ବେଳେ ତାଙ୍କୁ ଗୁଳି କରି ହତ୍ୟା କରା ଯାଇଥିଲା। ସେହିପରି ୨୦୦୯ରେ ରୁଷର ଆଇନଜୀବୀ ସର୍ଗେଇ ମୈଗ୍ନିଟସ୍କି, ଯିଏକି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଦୁର୍ନୀତିକୁ ଲୋକଲୋଚନକୁ ଆଣିବାକୁ ଉଦ୍ୟମ କରିଥିଲେ ତାଙ୍କୁ ଚୋରି ଅଭିଯୋଗରେ ପୁଲିସ ଗିରଫ କରିଥିଲା ଓ ଥାନାରେ ଥାର୍ଡ ଡିଗ୍ରୀ ପ୍ରୟୋଗ କରି ହତ୍ୟା କରିଥିଲା। ରୁଷରେ ସଂସଦୀୟ ନିର୍ବାଚନରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଦର୍ଶାଇ ଥିବା ପୁଟିନଙ୍କ ସମାଲୋଚକ ତଥା ରୁଷର ରାଷ୍ଟ୍ରପତି ପ୍ରାର୍ଥୀ ହେବାର ଯୋଗ୍ୟତା ରଖିଥିବା ବୋରିସ୍ ନେମ୍ସୋଭଙ୍କୁ ମଧ୍ୟ ଆତତାୟୀଙ୍କ ଗୁଳି ମାଡ଼ରେ ଜୀବନ ଦେବାକୁ ପଡ଼ିଥିଲା।

କେବଳ ରୁଷର ଏହି କେତେ ଜଣ ବ୍ୟକ୍ତି ନୁହନ୍ତି, ବିଶ୍ୱର ଅନେକ ଦେଶ ରହିଛି ଯେଉଁଠି ବିରୋଧୀଙ୍କ ସକାରାତ୍ମକ ଓ ଗଠନମୂଳକ ସମାଲୋଚନା ମଧ୍ୟ ଶାସକ ବା ତାଙ୍କ ଦଳକୁ ପ୍ରସନ୍ଦ ଆସୁନି। ତେଣୁ ରାଜନୀତି ବିଜ୍ଞାନରେ ଗଣତନ୍ତ୍ରକୁ ସବୁଠାରୁ ଉତ୍କୃଷ୍ଟ ଶାସନ ବ୍ୟବସ୍ଥାର ମାନ୍ୟତା ମିଳିଥିବା ବେଳେ ବର୍ତ୍ତମାନ ବିଶ୍ୱର ଅନେକ ଅଞ୍ଚଳରେ ଗଣତନ୍ତ୍ରର ଖୋଳପା ଭିତରେ ସ୍ୱେଚ୍ଛାଚାରିତା, ଏକଛତ୍ରବାଦକୁ ଅଧିକ ପ୍ରୋତ୍ସାହନ ଦିଆଯାଉଥିବାରୁ ଏହା ବିଶ୍ୱ ପାଇଁ ବଡ଼ ବିପଦ ସୃଷ୍ଟି କରିଛି। ●

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

**ମେଣ୍ଢାପୋଡ଼ି ନୀତି ସମ୍ପନ୍ନ**

## ଆଜି ସୁନାବେଶରେ ଦର୍ଶନ ଦେବେ ମହାପ୍ରଭୁ

**ପୁରୀ, ୨୪।୩ (ସମିସ):** ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ରବିବାର ମହାପ୍ରଭୁଙ୍କ ଅଗ୍ନି ଉତ୍ସବ ବା ମେଣ୍ଢାପୋଡ଼ି ନୀତି ସମ୍ପନ୍ନ ହୋଇଛି। ସୋମବାର ପବିତ୍ର ଦୋଳପୂର୍ଣ୍ଣିମା। ଶ୍ରୀମନ୍ଦିର ରତ୍ନସିଂହାସନରେ ବିରାଜିତ ଚତୁର୍ଦ୍ଧାବିଗ୍ରହଙ୍କ ଦୁର୍ଲ୍ଲଭ ସୁନାବେଶ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।



ରବିବାର ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ସରିବା ପରେ ତିନିବାଡ଼ରେ ମଇଲମ ହୋଇଥିଲା। ପାଳିଆ ମେକାପ ଭଣ୍ଡାରଘରୁ ଚନ୍ଦନ ବିଜେ କରାଇବା ପରେ ପୁଷ୍ପାଳକ ସେବକ ସର୍ବାଙ୍ଗ ଲାଗି କରାଇଥିଲେ। ଏହାପରେ ଚାଟେରୀ ବେଶ ନିମନ୍ତେ ଶ୍ରୀଦେବୀ, ଭୂଦେବୀ ଦକ୍ଷିଣୀ ଘରେ ପଡ଼ିଥିବା ଖଟଶେଯ ଉପରକୁ ବିଜେ କରିଥିଲେ। ତିନିବାଡ଼ରେ ଚାଟେରୀ ବେଶ ବଢ଼ି ମାଳଫୁଲ ଏବଂ କର୍ପୂର ଲାଗି ହୋଇଥିଲା। ପାଳିଆ ପଢ଼ିଆରୀ ଚାଟେରୀ ଭୋଗ ଡାକି ଯାଇଥିଲେ। ଚାଟେରୀ ଭୋଗ ଉଠିଲା ପରେ ଦକ୍ଷିଣୀଘର ଭୋଗ ସରି ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ଭିତରକୁ ବିଜେ କରିଥିଲେ। ଏହାପରେ ମୁଦିରସ୍ତ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିଥିଲେ। ପଣ୍ଡା ପଞ୍ଚୋପଚାରରେ ଭୋଗ କରିଥିଲେ। ପଣ୍ଡା, ପତି, ମୁଦିରସ୍ତ ଘଟୁଆରି ଘରଠାରୁ ଘଣ୍ଟ, ଛତା, କାହାଳି ସହ ଚନ୍ଦନ, ଫଗୁ ବିଜେ କରାଇ ଆଣି ଶ୍ରୀଅଙ୍ଗ ଲାଗି କରାଇଥିଲେ। ସିଂହାସନ ତଳେ ମୁଦିରସ୍ତ ତିନିବାଡ଼ରେ ଝିମିରି ଫଗୁ ଅଞ୍ଜଳି କରିବା ସହ ଶ୍ରୀଅଙ୍ଗରେ ଚନ୍ଦନ ଫଗୁମଣି ଲାଗି କରିଥିଲେ। ପଣ୍ଡା ଆଜ୍ଞାମାଳ ଦେଲା ପରେ ମହାଜନେ ଠାକୁରଙ୍କୁ ହାତରେ ଜୟବିଜୟ ଦ୍ୱାର, ମୁକ୍ତିମଣ୍ଡପ ଦେଇ ଲକ୍ଷ୍ମୀ ମନ୍ଦିରଠାରେ ପଲଙ୍କରେ ବିଜେ କରାଇଥିଲେ। ଏହାପରେ ଲକ୍ଷ୍ମୀନାରାୟଣଙ୍କ ହୋରି ଫଗୁଖେଳ ହୋଇଥିଲା। ପ୍ରସାଦ ଲାଗି ହୋଇ ବନ୍ଦାପନା ପରେ ମହାଜନେ ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀଙ୍କୁ ପଲଙ୍କରୁ ଆଣି ବିମାନରେ ବିଜେ କରାଇଥିଲେ। ବିମାନରେ ଠାକୁର ସିଂହଦ୍ୱାର ଦେଇ ଦୋଳବେଦୀସ୍ଥିତ ଅଗ୍ନି ଉତ୍ସବକୁ ବିଜେ କରିଥିଲେ। ସେଠାରେ ପୂଜାପଣ୍ଡା ସାମନ୍ତ ହୋମ କରିଥିଲେ। ହୋମ ବଢ଼ିବା ପରେ ପ୍ରସାଦ ଲାଗି ଏବଂ ଶୀତଳ ଭୋଗ ମଣୋହି ହୋଇ ଚାମର ଆଲଟ ହୋଇଥିଲା। ଏହାପରେ ଅଗ୍ନି ଘରେ ନିଆଁ ଲଗାଯାଇଥିଲା। ଅଗ୍ନିଘର ଚତୁଃପାର୍ଶ୍ୱରେ ଠାକୁର ବିମାନରେ ସାତଥର ପ୍ରଦକ୍ଷଣ କରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

ଅନ୍ୟପକ୍ଷରେ ଦୋଳ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ସୁନାବେଶ ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ସୋମବାର ସକାଳ ୮ଟାରୁ ସାଢ଼େ ୯ଟା ମଧ୍ୟରେ ଦାରୁବିଗ୍ରହଙ୍କୁ ସୁନାବେଶରେ ବିଭୂଷିତ କରାଯିବ। ୧୦ଟାରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ବିମାନକୁ ବିଜେ କରିବେ। ପୂର୍ବାହ୍ନ ସାଢେ ୧୧ଟା ସୁଦ୍ଧା ବେଢ଼ା ପରିକ୍ରମା କରିସାରିବା ପରେ ଦୋଳବେଦୀକୁ ବିଜେ କରିବେ। ଏହାପରେ ଗୋପାଳବଲ୍ଲଭ ଓ ସକାଳ ଧୂପ ସରିବା ପରେ ଅପରାହ୍ଣ ସାଢ଼େ ୧ଟା ସୁଦ୍ଧା ଭୋଗମଣ୍ଡପ ଶେଷ ହେବ। ରାତ୍ର ୯ଟାରେ ଦୋଳବେଦୀ ନୀତି ସାରି ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ। ଅନ୍ୟାନ୍ୟ ନୀତି ବଢ଼ି ରାତି ୧୦ଟା ୩୫ରୁ ୧୨ଟା ମଧ୍ୟରେ ଦାରୁବିଗ୍ରହଙ୍କ ସୁନାବେଶ ମଇଲମ ବା ଓଲାଗି କରାଯିବ। ଏହାପରେ ଅନ୍ୟ ନୀତି ସମ୍ପନ୍ନ ହୋଇ ରାତ୍ର ୩ଟା ୪୫ରେ ରାତ୍ର ପହୁଡ଼ ହେବା ଲାଗି ନୀତି ନିର୍ଘଣ୍ଟ ହୋଇଛି।

## 'ମିଗ୍-୨୯' ପାଇଁ ଇଂଜିନ୍ ତିଆରି କରିବ ହାଲ୍



**ଆରଡି-୩୩ ଇଂଜିନ୍ ପାଇଁ ୫,୨୪୯.୭୨ କୋଟିର ଚୁକ୍ତି**

**'ମିଗ୍'ର ବଢ଼ିବ କ୍ଷମତା ଓ ଆୟୁଷ**

**ପାକିସ୍ତାନର ଦୁର୍ଦ୍ଧର୍ଷ ଜେଏଫ-୧୭ ଥଣ୍ଡରକୁ ଦେବ ଟକ୍କର୍**

**କୋରାପୁଟ, ୨୪।୩ (ସମିସ):** ଭାରତୀୟ ବାୟୁସେନାରେ ଦଶନ୍ଧି-ଦଶନ୍ଧି ଧରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସୁଥିବା ମିଗ୍-୨୯ ଲଢ଼ୁଆ ବିମାନକୁ ବଳ ଦେବ କୋରାପୁଟସ୍ଥିତ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ୍ (ହାଲ୍)। ଋଷୀୟ ଜ୍ଞାନକୌଶଳରେ ନିର୍ମିତ ଏହି ବିମାନକୁ ହାଲ୍ ଉଚ୍ଚ କ୍ଷମତାସଂପନ୍ନ ଆର୍‌ଡି-୩୩ ଇଞ୍ଜିନ୍ ଯୋଗାଇବ। ଏନେଇ ଭାରତ ସହ ରୁଷିଆ ସହ ବୁଝାମଣା ହୋଇସାରିଥିବା ବେଳେ ଖୁବ୍‌ଶୀଘ୍ର ଏଠାରୁ ଏହି ଆରଡି-୩୩ ଇଞ୍ଜିନ ଉତ୍ପାଦନ ଆରମ୍ଭ ହେବ। ଏହାଦ୍ୱାରା ମିଗ୍-୨୯ର ଶକ୍ତି ବଢ଼ିବା ସହ ବର୍ତ୍ତମାନ ସେବାରେ ଥିବା ଏହି ବର୍ଗର ଯୁଦ୍ଧ ବିମାନଗୁଡ଼ିକର ଆୟୁଷ ମଧ୍ୟ ବୃଦ୍ଧି ପାଇବ। ଏଥିପାଇଁ ହାଲ୍‌ର ଇଂଜିନିୟର୍‌ମାନଙ୍କ ସହ ରୁଷ୍ ନିଜ ଜ୍ଞାନକୌଶଳ ବାଣ୍ଟିବ ବୋଲି ଜଣାଯାଇଛି। ଏହି ଯୋଜନା ସାକାର ରୂପ ନେଲେ ଭାରତୀୟ ବାୟୁସେନା ଆହୁରି ସଶକ୍ତ ହେବ। ହାଲ୍‌ରେ ଏହି ଇଞ୍ଜିନ୍ ଉତ୍ପାଦନ ପାଇଁ ଚଳିତ ମାର୍ଚ୍ଚ ପହିଲାରେ ହାଲ୍, ଭାରତର ପ୍ରତିରକ୍ଷା ମନ୍ତ୍ରଣାଳୟଠାରୁ ୫,୨୪୯.୭୨ କୋଟି ଟଙ୍କା ମୂଲ୍ୟର ଚୁକ୍ତି ହାସଲ କରିଛି।

ସୂଚନାଯୋଗ୍ୟ, ଏହି ଆର୍‌ଡି ୩୩ ଇଞ୍ଜିନ୍ ବର୍ତ୍ତମାନ ପାକିସ୍ତାନ ପାଖେ ଥିବା ଦୁର୍ଦ୍ଧର୍ଷ ଜେଏଫ୍-୧୭ 'ଥଣ୍ଡର୍' ଯୁଦ୍ଧ ବିମାନରେ ଲାଗିଛି।

## ବିଜେଡି ନେତାଙ୍କ ଉପରୁ ହଟିଲା ନିଲମ୍ବନ ଆଦେଶ

ଭୁବନେଶ୍ୱର, ୨୪।୩ (ସମିସ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଅନୁଗୁଳ ଜିଲ୍ଲାର ପ୍ରସନ୍ନ କୁମାର ସାହୁ ଏବଂ ଯୋଗେଶ ଭୁକ୍ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଛି। ଏହି ଆଦେଶନାମା ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

## ଅବଶିଷ୍ଟାଂଶ...

### ସୁନିଶ୍ଚିତ ବିଜୟ...

ଦଳ ପ୍ରତି ପ୍ରତିବଦ୍ଧ କର୍ମୀଙ୍କୁ ନେଇ ଆଗକୁ ବଢ଼ିବେ ଏବଂ ତାଲିମ ନେଇଥିବା ମାଷ୍ଟରଟ୍ରେନରମାନଙ୍କ ସହ ମିଶି ବୁଥ୍‌ସ୍ତରରୁ ଦଳକୁ ଶକ୍ତିଶାଳୀ କରିବେ। ପୂର୍ବରୁ ପ୍ରସ୍ତୁତ ଯୋଜନା ଅନୁସାରେ ନିର୍ବାଚନ କାର୍ଯ୍ୟକ୍ରମ ପରିଚାଳନା ହେବ ଆଉ ପ୍ରତ୍ୟେକ ଦିନର ବିବରଣୀ ସୁପ୍ରିମୋଙ୍କ ନିକଟକୁ ପାଠାଇବେ। ଏହା ସହିତ ସମ୍ବଲପୁର ଓ ସୁନ୍ଦରଗଡ଼ ଆସନରେ ବିଜୟ ନିମନ୍ତେ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବେ।

ବୈଠକରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ବୈଠକରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ସଞ୍ଜୟ ବାବୁ, ନଳିନୀକାନ୍ତ ପ୍ରଧାନ, ବିଶାଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସୁନ୍ଦରଗଡ଼ ପର୍ଯ୍ୟବେକ୍ଷକ ପ୍ରୀତି ରଞ୍ଜନ ଘଡାଇ, ମନ୍ତ୍ରୀ ଶାରଦା ନାୟକ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ପୂର୍ବତନ ବିଧାୟକ ଯୋଗେଶ ସିଂ, ବରିଷ୍ଠ ନେତା ମଙ୍ଗଳା କିସାନ, ଦିଲ୍ଲୀପ ତିର୍କୀ ଉପସ୍ଥିତ ଥିଲେ। ଢେଙ୍କାନାଳ ସଂସଦୀୟ କ୍ଷେତ୍ର ବୈଠକରେ ସାଂସଦ ମହେଶ ସାହୁ, ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ୍,ବିଧାୟକ ବ୍ରଜ କିଶୋର ପ୍ରଧାନ, ବିଧାୟକ ମୁକେଶ ପାଲ, ବିଧାୟକ ରଜନୀକାନ୍ତ ସିଂ, ବିଧାୟକ ସୁଧୀର ସାମଲ, ସୀମାରାଣୀ ନାୟକ, ନୃସିଂହ ସାହୁ, ମହେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଯାଜପୁର ସଂସଦୀୟ କ୍ଷେତ୍ର ବୈଠକରେ ଯାଜପୁର ପର୍ଯ୍ୟବେକ୍ଷକ ଅଶୋକ ଚନ୍ଦ୍ର ପଣ୍ଡା, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ସାଂସଦ ଶର୍ମିଷ୍ଠା ସେଠୀ, କୋରେଇ ବିଧାୟକ ଅଶୋକ ବଳ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବରି ବିଧାୟିକା ସୁନନ୍ଦା ଦାସ, ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡାଇ ଉପସ୍ଥିତ ଥିଲେ। ସେହିପରି କଟକ ଲୋକସଭା ବୈଠକରେ ଉପସଭାପତି ଦେବୀପ୍ରସାଦ ମିଶ୍ର, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ସାଂସଦ ଦେବାଶିଷ ସାମନ୍ତରାୟ, ରାଷ୍ଟ୍ରୀୟ ମୁଖପାତ୍ର ଡ଼. ସନ୍ତୃପ୍ତ ମିଶ୍ର, ବିଧାୟକ ଚନ୍ଦ୍ରସାରଥୀ ବେହେରା, ଦେବୀ ତ୍ରିପାଠୀ, ସୌଭିକ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଜଗତସିଂହପୁର ବୈଠକରେ ପର୍ଯ୍ୟବେକ୍ଷକ ତଥା ବିଧାୟକ ଅରୁଣ କୁମାର ସାହୁ, ମନ୍ତ୍ରୀ ତୁଷାରକାନ୍ତି ବେହେରା, ପ୍ରଶାନ୍ତ ମୁଦୁଲି, ସମୀର ରଞ୍ଜନ ଦାଶ, ସାଂସଦ ରାଜଶ୍ରୀ ମଲ୍ଲିକ, ରଘୁନାନ୍ଦନ ଦାସ, ପ୍ରମୋଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱେଶ୍ୱର, ବସନ୍ତ...

ବିଭୁପ୍ରସାଦ ତରାଇ, ବ୍ରହ୍ମପୁରରୁ ପ୍ରଦୀପ ପାଣିଗ୍ରାହୀ, କୋରାପୁଟରୁ କାଳେରାମ ମାଝୀ, ଆସ୍କାରୁ ଅନୀତା ଶୁଭଦର୍ଶିନୀ, କଳାହାଣ୍ଡିରୁ ମାଳବିକା କେଶରୀ ଦେଓ, ବଲାଙ୍ଗୀରରୁ ସଙ୍ଗୀତା କୁମାରୀ ସିଂହଦେଓ ପ୍ରାର୍ଥୀ ହୋଇଛନ୍ତି । ଘୋଷିତ ୧୮ ଜଣିଆ ତାଲିକାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରଦୀପ ପୁରୋହିତ, ମାଳବିକା କେଶରୀ ଦେଓଙ୍କ ସମେତ ମୋଟ ୬ ଜଣ ପ୍ରଥମଥର ପାଇଁ ଦଳୀୟ ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ୨୦୧୯ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ୧୨ ଜଣଙ୍କୁ ଏହି ସୂଚୀରେ ସ୍ଥାନ ମିଳିଛି। ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱରଙ୍କ ସ୍ଥାନରେ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ଲଢ଼ିବେ।

### ୩୧ରେ 'ଇଣ୍ଡି'...

ସେ କହିଛନ୍ତି ଯେ, ରାଜନୈତିକ ଆକ୍ରୋଶ ରଖି ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କୁ ଯେଭଳି ଗିରଫ କରାଯାଇଛି ତାହା ଆମ ଦଳ ପାଇଁ ତ' ଦୁଃଖର ବିଷୟ ; କିନ୍ତୁ ସମ୍ବିଧାନ ଏବଂ ଗଣତନ୍ତ୍ରକୁ ଭଲ ପାଉଥିବା ପ୍ରତ୍ୟେକ ଦେଶବାସୀଙ୍କୁ ମଧ୍ୟ ମର୍ମାହତ କରିଛି। କେଜ୍ରିୱାଲଙ୍କ ଗିରଫ କେବଳ ଆମ୍ ଆଦମୀ ପାର୍ଟି ପାଇଁ ନୁହେଁ , ବରଂ ଇଣ୍ଡିଆ ମେଣ୍ଟ ପାଇଁ ମଧ୍ୟ ଏକ ବଡ଼ ଝଟକା। କାରଣ ବର୍ତ୍ତମାନ କେଜ୍ରିୱାଲଙ୍କ କ୍ଷେତ୍ରରେ ଯାହା ଘଟିଛି ତାହା ଅନ୍ୟ ବିରୋଧୀ ଦଳଙ୍କ କ୍ଷେତ୍ରରେ ଯେ ନ ଘଟିବ ତାହା କହିହେବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶରେ ଏକଛତ୍ରବାଦ ଶାସନ ଚଳାଇବା ସହିତ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସାମ୍ବିଧାନିକ ବ୍ୟବସ୍ଥାକୁ ଜଳାଞ୍ଜଳି ଦେଇ ଏଭଳି ହୀନ କାର୍ଯ୍ୟ ଚଳାଇଛନ୍ତି। କେନ୍ଦ୍ରୀୟ ଏଜେନ୍ସିମାନଙ୍କୁ ହାତବାରିସି କରି ବିରୋଧୀ ନେତାମାନଙ୍କୁ ଭୟଭୀତ କରାଯାଉଛି। ବିଜେପି ଅନ୍ୟ ଦଳର ବିଧାୟକମାନଙ୍କୁ ଡରାଇ ଧମକାଇ ନିଜ ଦଳରେ ସାମିଲ କରିବାକୁ ବାଧ୍ୟ କରୁଛି। ଯେଉଁମାନେ ବିଜେପି ଚାଲରେ ପଡୁ ନାହାନ୍ତି ସେମାନଙ୍କ ବିରୋଧରେ ଏଭଳି ମିଥ୍ୟା ମାମଲା ଯୋଡାଯାଇ ସେମାନଙ୍କୁ ଜେଲ ପଠାଇ ଦିଆଯାଉଛି। ତେଣୁ ସମ୍ବିଧାନ ଏବଂ ଗଣତନ୍ତ୍ରକୁ ବଞ୍ଚାଇବାକୁ ହେଲେ ବିଜେପି ନେତୃତ୍ୱ ସରକାର ବିରୋଧରେ ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ ବୋଲି ଗୋପାଳ ରାୟ କହିଛନ୍ତି। କେଜ୍ରିୱାଲଙ୍କ ଗିରଫଦାରୀକୁ ନେଇ ସମସ୍ତ ବିରୋଧୀ ଦଳ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲା ବେଳେ ଏହା ବିରୋଧରେ ମାର୍ଚ୍ଚ ୩୧ ରବିବାର ଦିନ ୧୦ ଟା ସମୟରେ ଇଣ୍ଡିଆ ମେଣ୍ଟର ଏକ ମେଗା ରାଲି ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି।

**କେନ୍ଦୁଝରରେ ଡବଲ୍ ମର୍ଡର୍**

## ପୁଅର ଟାଙ୍ଗିଆ ଚୋଟରେ ବାପା-ମା' ମୃତ

**ଚମ୍ପୁଆ, ୨୪।୩ (ସମିସ):** ଭୁଲିଗଲା ରକ୍ତ ସମ୍ପର୍କ; ଜନ୍ମ କଲା ବାପା ମାଆକୁ ଟାଙ୍ଗିଆରେ ହାଣି ମାରିଦେଲା ନୃଶଂସ ପୁଅ। ଏଭଳି ଏକ ହୃଦୟବିଦାରକ ତଥା ଆପରାଧିକ ଘଟଣା ଘଟିଛି, ଚମ୍ପୁଆ ଥାନା ଅନ୍ତର୍ଗତ କାଳିକାପ୍ରସାଦ ପଞ୍ଚାୟତର ବସିରା ଗ୍ରାମରେ। ମୃତ ଦମ୍ପତି ହେଲେ, ଗୁରୁଚରଣ ମୁଣ୍ଡା ଓ ତାଙ୍କ ପତ୍ନୀ ପାଲି ମୁଣ୍ଡା। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ପୁଅ ଧାନ ମୁଣ୍ଡାକୁ ଗିରଫ କରିବା ସହ ତା' ନିକଟରୁ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରିଛି।



ସୂଚନାନୁସାରେ, ଆଜି ସକାଳ ପ୍ରାୟ ୮ଟାରେ କୌଣସି କାରଣବଶତଃ ଗୁରୁଚରଣ ଓ ଧାନ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଧାନ ଘର ଅଗଣାରେ ଗୁରୁଚରଣଙ୍କୁ ଏକ କାଠଫାଳିଆ ଓ ପରେ ଏକ ଟାଙ୍ଗିଆରେ ବାରମ୍ବାର ଆକ୍ରମଣ କରିଥିଲା। ଏହା ଦେଖି ମାଆ ପାଲି ମୁଣ୍ଡା ଛଡ଼ାଇବାକୁ ଆସିବାରୁ ସେ ମଧ୍ୟ ତା' ଆକ୍ରମଣର ଶିକାର ହୋଇଥିଲେ। ଗୁରୁଚରଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ମାଆ ପାଲି ମୁଣ୍ଡାକୁ ସଙ୍କଟାପନ୍ନ ଅବସ୍ଥାରେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ପାଲିଙ୍କ ଝିଅ-ଜ୍ୱାଇଁ ଆସି ଧାନ ମୁଣ୍ଡାକୁ ଏଥିରୁ ନିବୃତ୍ତ କରିଥିଲେ ମଧ୍ୟ ସେତେବେଳକୁ ସବୁ ଉଜୁଡ଼ି ଯାଇଥିଲା।

ଖବର ପାଇ ଚମ୍ପୁଆ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ, ଚମ୍ପୁଆ ଥାନା ଅଧିକାରିଣୀ ଦେବକୀ ନାଏକ ଘଟଣାସ୍ଥଳରେ ପହଞ୍ଚି ଧାନକୁ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛି। ଚମ୍ପୁଆ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ, ଥାନାଧିକାରିଣୀ ଦେବକୀ ନାଏକ ଏବଂ ଅନ୍ୟ ଅଧିକାରୀ ଘଟଣାର ଅନୁସନ୍ଧାନ କରୁଥିବା ବେଳେ ଅଧିକ ତଦନ୍ତ ପାଇଁ ସାଇଣ୍ଟିଫିକ ଟିମ୍‌ର ସହାୟତା ଲୋଡ଼ିଛନ୍ତି। ସେପଟେ ଗ୍ରାମବାସୀଙ୍କ କହିବା କଥା, ଧାନର ସ୍ତ୍ରୀ ଛାଡ଼ି ଚାଲିଗଲା ପରେ ସେ ମାନସିକ ବିଷାଦରେ ରହୁଥିଲା। ଅଧିକାଂଶ ସମୟ ସେ ଚୁପଚାପ୍ ରହୁଥିଲା। ତେବେ ଆଜିର ଏ ଘଟଣା ଗ୍ରାମବାସୀଙ୍କୁ ଚକିତ କରିଛି। ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପୁଲିସ୍ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି।

## ୬୦ ଲକ୍ଷର ଗଞ୍ଜେଇ ଜବତ, ୬ ଗିରଫ

**ବ୍ରହ୍ମପୁର, ୨୪।୩ (ସମିସ):** ଅବକାରୀ ଗୁଇନ୍ଦା ବିଭାଗ ରବିବାର ୨୪୦ କେଜି ଗଞ୍ଜେଇ ଜବତ କରିବା ସହ ୫ଟି ଗାଡ଼ି ଜବତ କରିଛି। ଏହାସହ ୬ ଜଣଙ୍କୁ ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଗଜପତି ଜିଲ୍ଲା ଚାନ୍ଦିପୁଟର ଜିବିଜ୍ୟ ନାୟକ(୩୨), ବୁଲୁ ଲିମା (୨୬), ଲୁହାଗୁଡ଼ିର ସରୋଜ କୁମାର ସାହୁ(୨୫), ଅଡ଼ବା ଥାନା ଅନ୍ତର୍ଗତ ନରଣପୁର ଗ୍ରାମର ଶୋନୁ ଶବର (୨୩), କବିସୂର୍ଯ୍ୟନଗର ନୂଆ ଖରିଡା ଗ୍ରାମର ଶେଖର ମହାନ୍ତି ଓ ଉତ୍ତରପ୍ରଦେଶର କେ. ସୁଧାକର (୨୯)। ଜବତ ଗଞ୍ଜେଇ ଓ ଗାଡ଼ିଗୁଡ଼ିକର ଆନୁମାନିକ ମୂଲ୍ୟ ପ୍ରାୟ ୬୦ଲକ୍ଷ ଟଙ୍କା ହେବ ବୋଲି ସୂଚନା ଦିଆଯାଇଛି।

**ଉତ୍ତରପ୍ରଦେଶକୁ ହୋଇଥାନ୍ତା ଚାଲାଣ**

**୩ କାର୍ ଓ ଦୁଇଟି ବାଇକ୍ ଜବତ**

ସୂଚନାଯୋଗ୍ୟ, ଗଜପତି ଜିଲ୍ଲାରୁ ଗଞ୍ଜେଇ ବ୍ରହ୍ମପୁର ଦେଇ ଚାଲାଣ ହେଉଥିବା ନେଇ ଅବକାରୀ ଗୁଇନ୍ଦା ବିଭାଗକୁ ଖବର ମିଳିଥିଲା। ପରେ ବିଭାଗୀୟ ଅଧିକାରୀମାନେ ଦୁଇଟି ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଟ୍ରାକିଂ ଜାରି ରଖିଥିଲେ। ଶନିବାର ବିଳମ୍ବିତ ରାତିରେ ଗୋଟିଏ ଟିମ ବ୍ରହ୍ମପୁର ଉପକଣ୍ଠ ହଳଦିଆପଦର ଛକରେ ପେଟ୍ରୋଲିଂ କରୁଥିଲା। ପ୍ରଥମେ ଏକ ମାରୁତି କାର ଓ ଟିଭିଏସ ବାଇକ ଗାଡ଼ି ଅଟକାଇ ଯାଞ୍ଚ କରାଯାଇଥିଲା। ସେଥିରୁ ୫୦ କିଲୋ ଗଞ୍ଜେଇ ଜବତ ହୋଇଥିବା ବେଳେ ଉପରୋକ୍ତ ଅଭିଯୁକ୍ତ ବୁଲୁ ଓ ଜିବିଜ୍ୟଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କର ବୟାନକୁ ଆଧାର କରି ଅନ୍ୟ ଏକ ଟିମ୍ ହଳଦିଆପଦର ବସଷ୍ଟାଣ୍ଡ ନିକଟରୁ ମାରୁତି ସୁଇଫ୍ଟ କାର୍ ଓ ନମ୍ବରବିହୀନ ଅନ୍ୟ ଏକ ବାଇକ୍ ଜବତ କରିଥିଲା। ଯାଞ୍ଚ ବେଳେ ସେଥିରୁ ୬୦ କେଜି ଗଞ୍ଜେଇ ଜବତ ହୋଇଥିଲା। ସେଠାରୁ ସରୋଜ, ସୋନୁ ଓ ସୁଧାକରଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ବୟାନକୁ ଆଧାର କରି ନିକଟରେ ଥିବା ହୋଟେଲ ପାଖରେ ପାର୍କିଂ କରିଥିବା ଏକ ପିକଅପ୍ ଭ୍ୟାନକୁ ଅଟକାଇ ଯାଞ୍ଚ କରାଯାଇଥିଲା। ସେଥିରୁ ୧୩୦କିଲୋ ଗଞ୍ଜେଇ ଜବତ ହୋଇଥିଲା। ଉକ୍ତ ଗାଡ଼ିରୁ ଶେଖର ମହାନ୍ତିଙ୍କୁ ଗିରଫ କରିଥିଲା ଗୁଇନ୍ଦା ବିଭାଗ। ଜେରା ବେଳେ ଅଭିଯୁକ୍ତମାନେ ଗଞ୍ଜେଇ ଗଜପତି ଜିଲ୍ଲାରୁ ଆଣି ମହୁରୀକାଳୁଆ ରାସ୍ତା ଦେଇ ଗ୍ରାମାଞ୍ଚଳ ରାସ୍ତାରେ ହଳଦିଆପଦର ଓ ପରେ ଜାତୀୟ ରାଜପଥରେ ଉତ୍ତରପ୍ରଦେଶ ଚାଲାଣ ହୋଇଥାନ୍ତା ବୋଲି ଜଣାପଡ଼ିଛି। ଚଢ଼ଉରେ ଦକ୍ଷିଣାଞ୍ଚଳ ଡେପୁଟି କମିସନର, ଅବକାରୀ ଇନ୍ସପେକ୍ଟର ଗୋବର୍ଦ୍ଧନ ରଣା, ଏସଆଇ ଅଜିତ କୁମାର ନାୟକ, ଏଏସଆଇ ବ୍ରଜବିହାରୀ ନାୟକ ଓ ତାଙ୍କ ଟିମ୍ ସାମିଲ ଥିଲେ।

**ଅସ୍ତ୍ରୋପଚାର ପାଇଁ ଆଉ ଅପେକ୍ଷା ନୁହେଁ**

## ରାତିବେଳା ଅସ୍ତ୍ରୋପଚାର ପାଇଁ ଅଣ୍ଟା ଭିଡିଲା ବିଭାଗ

**ଭୁବନେଶ୍ୱର, ୨୪।୩(ସମିସ):** ଅସ୍ତ୍ରୋପଚାର ପାଇଁ ଏଣିକି ଆଉ ସକାଳ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବନି। ରାତିରେ ହିଁ ଗୁରୁତର ରୋଗୀଙ୍କ ଅସ୍ତ୍ରୋପଚାର ଆରମ୍ଭ ହେବ। ଅସ୍ତ୍ରୋପଚାର ସହ ଏଥିପାଇଁ ଆବଶ୍ୟକ ଆନୁଷଙ୍ଗିକ ପରୀକ୍ଷାନିରୀକ୍ଷା ପାଇଁ ମଧ୍ୟ ବ୍ୟବସ୍ଥା ହେବ। କ୍ୟାପିଟାଲ ହସ୍ପିଟାଲରୁ ଏହି ବ୍ୟବସ୍ଥା ଆରମ୍ଭ ହେବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟର ଅନ୍ୟ ପ୍ରମୁଖ ଡାକ୍ତରଖାନାରେ ରାତ୍ରକାଳୀନ ଅସ୍ତ୍ରୋପଚାର ବ୍ୟବସ୍ଥା ହେବ ବୋଲି ଜଣାପଡ଼ିଛି। ଅସ୍ତ୍ରୋପଚାର ଗୃହ ପରିଚାଳନା ପାଇଁ ତିନିଟି ସିଫ୍ଟରେ ଡାକ୍ତର ଏବଂ ପାରାମେଡିକାଲ କର୍ମଚାରୀ ନିୟୋଜିତ ହେବେ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି। ସାଧାରଣତଃ ଅତି ଜରୁରୀ ମାମଲାରେ ମେଡିକାଲ କଲେଜରେ ରାତି ବେଳା ଅସ୍ତ୍ରୋପଚାର ହୋଇପାରୁଛି। କିନ୍ତୁ ଅନ୍ୟ ସ୍ଥାନରେ ଅସ୍ତ୍ରୋପଚାର ପାଇଁ ସକାଳ ହେବାକୁ ଅପେକ୍ଷା କରିବାକୁ ହେଉଛି। ଅଧିକାଂଶ ମାମଲାରେ ସକାଳୁ ଅସ୍ତ୍ରୋପଚାର ହୋଇପାରୁ ନାହିଁ। ଆରମ୍ଭ ହେବା ବେଳକୁ ପୂର୍ବାହ୍ନ ହୋଇଯାଉଛି। ତେବେ ରାଜଧାନୀର ମୁଖ୍ୟ ଡାକ୍ତରଖାନା ରୋଗୀ ଅବା ଆହତଙ୍କର ଜୀବନ ରକ୍ଷା ଦିଗରେ ବଡ଼ ପଦକ୍ଷେପ ନିଆଯାଇଛି।

କ୍ୟାପିଟାଲ ହସ୍ପିଟାଲକୁ ଦୈନିକ ୫ ହଜାରରୁ ଅଧିକ ରୋଗୀ ଆସୁଥିବା ବେଳେ ଶତାଧିକ ବ୍ୟକ୍ତି ଦୁର୍ଘଟଣାରେ ଆହତ ହୋଇ ପହଞ୍ଚିଥାନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ଆହତଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥାଏ। ଆଉ ଯଦି ରାତିରେ ଅସ୍ତ୍ରୋପଚାର ଆବଶ୍ୟକ କରୁଥିବା ରୋଗୀ ଆସନ୍ତି, ତା'ହେଲେ ବଡ଼ ଡାକ୍ତରଖାନାକୁ ରେଫର୍ କରିବା ଛଡ଼ା ଅନ୍ୟ କିଛି ବାଟ ନାହିଁ। ଏହାଦ୍ୱାରା ରୋଗୀଙ୍କ ଜୀବନ ପ୍ରତି ଗୁରୁତର ବିପଦ ସୃଷ୍ଟି ହେବା ସହିତ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ନଷ୍ଟ ହେବାର ଆଶଙ୍କା ରହିଥାଏ। ସେହିପରି ଅନ୍ୟ ଉପାୟ ନ ପାଇ ଅନେକ ରୋଗୀ ଅବା ଆହତ ଘରୋଇ ଡାକ୍ତରଖାନା ଯିବାକୁ ବାଧ୍ୟ ହୋଇଥାନ୍ତି। ତେବେ ରାତି ସମୟରେ ଅସ୍ତ୍ରୋପଚାର ଆରମ୍ଭ ହେଲେ ରୋଗୀଙ୍କ ଜୀବନ ରକ୍ଷା ହେବ ଆଉ ମେଡିକାଲ କଲେଜ ଉପରୁ ଭାର ହ୍ରାସ ପାଇବ। ବିଭାଗୀୟ ଅଧିକାରୀଙ୍କ କହିବା ଅନୁସାରେ, ରାଜ୍ୟରେ ଡାକ୍ତରଙ୍କ ଅଭାବ ଦୂର ହେଉଥିବା ବେଳେ ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ସନ୍ତୋଷଜନକ ଚିକିତ୍ସା ମିଳୁଛି। ପୂର୍ବାପେକ୍ଷା ସରକାରୀ ଡାକ୍ତରଖାନାରେ ଭିତ୍ତିଭୂମିରେ ପରିବର୍ତ୍ତନ ଆସିଛି। ଏପରିସ୍ଥଳେ ରୋଗୀଙ୍କ ଜୀବନରକ୍ଷା ପାଇଁ ସମୟୋଚିତ ଅସ୍ତ୍ରୋପଚାର ଜରୁରୀ। ପୂର୍ବରୁ ଭିତ୍ତିଭୂମି ସହିତ ଲୋକବଳ ଅଭାବ ଥିଲା। କିନ୍ତୁ ଏବେ ଏହି ସମସ୍ୟା ଦୂର ହେବାରେ ଲାଗିଛି।

## ଆହତ କଲରାପତରିଆ ଉଦ୍ଧାର

**ଓୟୁଏଟି ବିଶେଷଜ୍ଞ ଟିମ ଓ ନନ୍ଦନକାନନ ଡାକ୍ତରୀ ଦଳ କରୁଛନ୍ତି ଚିକିତ୍ସା**

**ଭୁବନେଶ୍ୱର, ୨୪।୩(ସମିସ):** ଜଙ୍ଗଲ ବିଭାଗ ଚନ୍ଦକା ଡିଭିଜନ୍‌ର ରାପିଡ୍ ରେସପନସ ଟିମ୍ ମହାନଦୀ ଡିଭିଜନ୍‌ର ସହାୟତାରେ ରବିବାର ଏକ ଆହତ କଲରାପତରିଆ ବାଘକୁ ଉଦ୍ଧାର କରିଛନ୍ତି। ବାଘଟିକୁ ଉଦ୍ଧାର କରିବା ପରେ ସ୍ୱତନ୍ତ୍ର ଭାବେ ତା'ର ଚିକିତ୍ସା କରାଯାଉଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ବିଶେଷଜ୍ଞ ଟିମ୍ ଓ ନନ୍ଦନକାନନ ଡାକ୍ତରୀ ଦଳ ତାହାର ଚିକିତ୍ସା କରୁଥିବା ଜଣାପଡ଼ିଛି। ଅପରପକ୍ଷେ ପିସିସିଏଫ୍ ୱାଇଲଡ ଲାଇଫ୍ ସୁଶାନ୍ତ ନନ୍ଦ ସ୍ପଷ୍ଟ କରିଛନ୍ତି ଯେ ଶିକାରୀଙ୍କ ଦ୍ୱାରା ଏହି କଲରାପତରିଆ ବାଘଟି ଆହତ ହୋଇନାହିଁ। ବାଘଟି ତା'ର ପଛ ଦୁଇଗୋଡ଼ରେ ଚାଲି ପାରୁନଥିଲା। ଘୁଷୁଡ଼ି ଘୁଷୁଡ଼ି ଚଲାବୁଲା କରୁଥିଲା। ଉଦ୍ଧାର ପରେ କଲରାପତରିଆକୁ ନନ୍ଦନକାନନର ଭେଟେରିନାରୀ ହସ୍ପିଟାଲକୁ ଅଣାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଚିକିତ୍ସା ପରେ ବାଘଟିକୁ ପୁଣି ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ଜଣାଯାଇଛି।


SALE

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

Ph.: 9437015112


## ୟୁ-ଟ୍ୟୁବର୍ ମୋନାଲିସାଙ୍କ ଘରେ ବନ ବିଭାଗର ଚଢ଼ଉ

**ଭୁବନେଶ୍ୱର/ଯାଜପୁର, ୨୪।୩(ସମିସ):** ବନ୍ୟଜନ୍ତୁ ସୁରକ୍ଷା ଆଇନର ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ବ୍ୟାପକ କରିଛି ରାଜ୍ୟ ବନ ବିଭାଗ। ଶନିବାର ଭଦ୍ରକର ଚର୍ଚ୍ଚିତ ସାପଧରାଳୀ ମିର୍ଜା ମହମ୍ମଦ ଆରିଫ୍‌ଙ୍କୁ ଆଇନ ଉଲ୍ଲଂଘନ ଅଭିଯୋଗରେ ଭଦ୍ରକ ବନ୍ୟାପ୍ରାଣୀ ଡିଭିଜନ୍ ଗିରଫ କରିଥିଲା। ଏହି କ୍ରମରେ ଆଜି ଯାଜପୁରର ଚର୍ଚ୍ଚିତ ୟୁ-ଟ୍ୟୁବର୍ ମୋନାଲିସା ଭଦ୍ରଙ୍କ ଘରେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଆଇନ ଉଲ୍ଲଂଘନ କରିବା ଅଭିଯୋଗରେ ବନ ବିଭାଗର ଦୁଇଟି ଟିମ୍ ପକ୍ଷରୁ ଯାଜପୁର ବ୍ଲକ୍ ବେରୁଦା ପଞ୍ଚାୟତ ଜହଳ ଗାଁସ୍ଥିତ ତାଙ୍କ ବାସଭବନରେ ଚଢ଼ଉ କରିଛି। ନିଜ ଘରେ ମାଙ୍କଡ଼ ଭଳି ବନ୍ୟଜନ୍ତୁ ରଖିବା ସହିତ ସେମାନଙ୍କ ଫଟୋ ଓ ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ସେୟାର କରିବା ଭଳି ସଙ୍ଗିନ ଅଭିଯୋଗ ହୋଇଆସୁଥିଲା। ଆଜି ସକାଳୁ ଯାଜପୁରରୋଡ୍ ରେଞ୍ଜର୍ ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଏବଂ ଚଣ୍ଡିଖୋଲର ଫରେଷ୍ଟର ଅଶ୍ୱିନୀ ସାହୁଙ୍କ ନେତୃତ୍ୱରେ ଏହି ଚଢ଼ଉ ହୋଇଥିଲା। ବନ ବିଭାଗ ପକ୍ଷରୁ ଚଢ଼ଉ ନେଇ ଖବର ପାଇ ଉଭୟ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।



**ପିଞ୍ଜରାରେ ଆବଦ୍ଧ ମାଙ୍କଡ଼ ଉଦ୍ଧାର, ଦମ୍ପତି ଫେରାର୍**

ସୂଚନାନୁଯାୟୀ, ମୋନାଲିସାଙ୍କ ଘରୁ ଉଦ୍ଧାର ହୋଇଥିବା ମାଙ୍କଡ଼ (ଚୁଲବୁଲି)ର ସ୍ୱାସ୍ଥ୍ୟ ପରୀକ୍ଷା କରିଛି ବନ ବିଭାଗ। ଆସନ୍ତାକାଲି ତାକୁ ନନ୍ଦନକାନନରେ ଛଡ଼ାଯିବ ବୋଲି ଜଣାପଡ଼ିଛି। ଉଭୟ ମୋନାଲିସା ଏବଂ ତାଙ୍କ ସ୍ୱାମୀ ବଦ୍ରିନାରାୟଣଙ୍କ ବିରୋଧରେ ଯାଜପୁରରୋଡ ରେଞ୍ଜରେ ଏକ ମାମଲା (କେସ ନଂ ୨୭୫/୨୩/୨୪) ରୁଜୁ କରାଯାଇଛି। ଶେଷ ଖବର ମୁତାବକ, ଆସନ୍ତାକାଲି ମୋନାଲିସା ଏବଂ ତାଙ୍କ ସ୍ୱାମୀ ବଦ୍ରି ଯାଜପୁରରୋଡ୍ ରେଞ୍ଜ ଅଫିସ୍‌ରେ ଆତ୍ମସମର୍ପଣ କରିବେ ବୋଲି ଯାଜପୁରରୋଡ୍ ରେଞ୍ଜର୍ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ନିକଟରେ ବନ୍ୟପ୍ରଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ରାଜ୍ୟର ସମସ୍ତ ଡିଏଫ୍‌ଓ, ଶିମିଳିପାଳ ଉପନିର୍ଦ୍ଦେଶକ ଓ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଉପନିର୍ଦ୍ଦେଶକଙ୍କୁ ଏକ ଚିଠି ଲେଖିଥିଲେ। ନିଜ ଚିଠିରେ ସେ ଦର୍ଶାଇଥିଲେ ଯେ ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ୟଜନ୍ତୁ (ଅଧିସୂଚିତ) ପ୍ରାଣୀଙ୍କ ଫଟୋ ଓ ସେମାନଙ୍କ ସହ ସେଲ୍‌ଫି ଉଠାଇ ଲୋକମାନେ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। ଏହା ବନ୍ୟଜନ୍ତୁ ସୁରକ୍ଷା ଆଇନ, ୧୯୭୨ର ଧାରା ୯ର ଉଲ୍ଲଂଘନ କରୁଛି। ଏଭଳି କାର୍ଯ୍ୟ ପାଇଁ ଆଇନଉଲ୍ଲଂଘନକାରୀଙ୍କୁ ୭ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଭୋଗିବାକୁ ପଡ଼ିପାରେ। ସେହିପରି ମୃତ ବନ୍ୟଜନ୍ତୁ କିମ୍ବା ବନ୍ୟପ୍ରାଣୀଙ୍କ ଶରୀର ଅଂଶ ସହ ଫଟୋ ଉଠାଇବା ବା ସେଲ୍‌ଫି ନେବା ଓ ଏହାକୁ ସୋସିଆଲ ମିଡିଆରେ ପୋଷ୍ଟ କରିବା ମଧ୍ୟ ବନ୍ୟଜନ୍ତୁ ସୁରକ୍ଷା ଆଇନର ଉଲ୍ଲଂଘନ କରୁଛି। ଯଦି ନିଜର ପ୍ରଚାରପ୍ରସାର ପାଇଁ କେହି ଏଭଳି ଆଚରଣ କରୁଥାଏ, ତେବେ ତାଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିବାକୁ ସେ କହିଥିଲେ।


SGI FOUNDATION | LTIMindtree | KOSHER CLIMATE

**ସର୍ବସାଧାରଣ ବିଜ୍ଞପ୍ତି**

କୋଶେର କ୍ଲାଇମେଟ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍, ଏଲ.ଟି.ଆଇ.ଏମ ଏବଂ ଏସ.ଜି.ଆଇ ଫାଉଣ୍ଡେସନ୍ ସହଯୋଗରେ ଓଡ଼ିଶାର କୃଷକଙ୍କ ପାଇଁ "ଏଗ୍ରୋ-ଫରେଷ୍ଟ୍ରି ପ୍ରୋଜେକ୍ଟ" ଉପରେ ସେବା ଯୋଗାଉଛି। ଏହି ପ୍ରକଳ୍ପ ଭାରତରେ ଏଲ.ଟି.ଆଇ.ଏମ ଦ୍ୱାରା "ସ୍ଥାୟୀ ଏଗ୍ରୋଫରେଷ୍ଟ୍ରି ଇନିସିଏଟିଭ୍" ଓଡ଼ିଶା ରାଜ୍ୟ ବଲାଙ୍ଗୀର ଜିଲ୍ଲାରେ ବୃକ୍ଷରୋପଣ ଏବଂ ବୃକ୍ଷରୋପଣ କାର୍ଯ୍ୟକଳାପର ଉଦ୍ଦେଶ୍ୟରେ ପରିକଳ୍ପନା କରାଯାଇଛି। କାର୍ବନ ନିର୍ଗମନକୁ ହ୍ରାସ କରିବା, ମୃତ୍ତିକାର ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଏବଂ ଜଳବାୟୁ ପରିବର୍ତ୍ତନ ବିରୁଦ୍ଧରେ ଲଢ଼ି ଜଳବାୟୁ ର ସ୍ଥିରତାକୁ ପ୍ରୋତ୍ସାହିତ କରି ବିଭିନ୍ନ ବୃକ୍ଷ ପ୍ରଜାତି ଲଗାଇବା,ଅଙ୍ଗାରକାମ୍ଳର ଉତ୍ସର୍ଜନକୁ ସନ୍ତୁଳିତ କରିବାରେ ଯଥେଷ୍ଟ ସହାୟକ ହୋଇଥାଏ। ଅତିରିକ୍ତ ଭାବରେ, ଏହି ପ୍ରକଳ୍ପ ସ୍ଥାୟୀ ଜୀବନ ଜୀବିକା ଯୋଗାଇବା, କୃଷି, ଜଙ୍ଗଲ ଏବଂ ପରିବେଶ ସୁରକ୍ଷା ମଧ୍ୟରେ ସମନ୍ୱୟ ସମ୍ପର୍କକୁ ପ୍ରୋତ୍ସାହିତ କରିବା ସହ ବିଭିନ୍ନ ସ୍ଥାୟୀ ବିକାଶ ଲକ୍ଷ୍ୟରେ ସହଯୋଗ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିଥାଏ। ଏଲ.ଟି.ଆଇ.ଏମ, ଏସ.ଜି.ଆଇ ଫାଉଣ୍ଡେସନ୍ ଏବଂ କୋଶେର କ୍ଲାଇମେଟ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ "ଏଗ୍ରୋ-ଫରେଷ୍ଟ୍ରି ପ୍ରୋଜେକ୍ଟ" ପ୍ରକଳ୍ପ ଗ୍ରହଣ କରିଛନ୍ତି ଯାହା ପଞ୍ଜୀକୃତ ହେବ ଏବଂ ଭେରିଫାଏଡ୍ କାର୍ବନ୍ ଷ୍ଟାଣ୍ଡାର୍ଡ ଅଧୀନରେ କାର୍ବନ କ୍ରେଡିଟ୍ ପାଇଁ ପ୍ରମାଣପତ୍ର ଦିଆଯିବ। ଏହି ପରିପ୍ରେକ୍ଷୀରେ, ଜନସାଧାରଣଙ୍କ ମତାମତ ପାଇବାକୁ କିମ୍ବା କାର୍ଯ୍ୟକ୍ରମର ସାମାଜିକ ତଥା ପରିବେଶ ପ୍ରଭାବ ଉପରେ ମତାମତ ଶୁଣିବାକୁ ନିମ୍ନରେ ଉଲ୍ଲେଖ କରାଯାଇଥିବା ସ୍ଥାନରେ ପ୍ରକଳ୍ପ ସଂଯୋଜକ ଏକ ହିତାଧିକାରୀ ପରାମର୍ଶ ବୈଠକ (ଜନସଭା) ଆୟୋଜନ କରୁଛନ୍ତି।

| କ୍ରମାଙ୍କ | ତାରିଖ | ସମୟ | ସ୍ଥାନ |
|---|---|---|---|
| ୧ | ୩୧/୦୩/୨୦୨୪ | ୯.୩୦ (ସକାଳ) | କମ୍ୟୁନିଟି ହଲ, ମହୁଲପାଲି, ତୁରେକେଲା, ଓଡିଶା |
| ୨ | ୦୨/୦୪/୨୦୨୪ | ୯.୩୦ (ସକାଳ) | ମାଉସୀ ମନ୍ଦିର, ମହଖଣ୍ଡ, ତୁରେକେଲା, ଓଡିଶା |
| ୩ | ୦୪/୦୪/୨୦୨୪ | ୯.୩୦ (ସକାଳ) | ଗ୍ରାମ ପଞ୍ଚାୟତ, ଘୁନେଶ, ତୁରେକେଲା, ଓଡିଶା |
| ୪ | ୦୬/୦୪/୨୦୨୪ | ୯.୩୦ (ସକାଳ) | ଗ୍ରାମ ପଞ୍ଚାୟତ, ବଡ଼ବାଙ୍କି, ତୁରେକେଲା, ଓଡିଶା |
| ୫ | ୦୮/୦୪/୨୦୨୪ | ୯.୩୦ (ସକାଳ) | ୟୁପି ସ୍କୁଲ, ଟିକିରାପଦା, ତୁରେକେଲା, ଓଡିଶା |

ସମସ୍ତ ସମ୍ପୃକ୍ତ ବ୍ୟକ୍ତି କିମ୍ବା ସମ୍ପ୍ରଦାୟ ଏହି ସଭାରେ ଭାଗ ନେବାକୁ ଆମନ୍ତ୍ରିତ କରୁଛୁ। ପ୍ରକଳ୍ପ କାର୍ଯ୍ୟକଳାପ ଉପରେ ଅଧିକ ସ୍ପଷ୍ଟୀକରଣ ପାଇଁ, ଦୟାକରି ନିମ୍ନରେ ଦିଆଯାଇଥିବା ବିବରଣୀ ଉପରେ ଆମର ପ୍ରତିନିଧିଙ୍କ ସହିତ ଯୋଗାଯୋଗ କରନ୍ତୁ। ଏହା ମଧ୍ୟ ମନେ ରଖିବା ଉଚିତ ଯେ ଯେଉଁମାନେ ବ୍ୟକ୍ତିଗତ ଭାବରେ ଏହି ବୈଠକରେ ଯୋଗଦେବାକୁ ଅସମର୍ଥ ହେବେ ସେମାନେ ନିମ୍ନରେ ଦିଆଯାଇଥିବା ଇମେଲ ରେ ସେମାନଙ୍କ ଚିନ୍ତାଧାରା ପଠାଇ ପାରିବେ।

ଯୋଗାଯୋଗ : ଅମାନ୍ତ କୁମାର ସାହୁ -୯୧୭୮୫୦୮୯୦୦, ସୁବୋଧ ପ୍ରଧାନ - ୮୯୧୭୫୪୯୯୮୫

ଇମେଲ : gramsamriddhitrust@gmail.com, info@sgi.foundation

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା ଅଭିଯୋଗ

ବାଲେଶ୍ୱର, ୨୪।୩ (ସମିସ) :

ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅନ୍ତର୍ଭୁକ୍ତ ହେବା ପରେ ଏହାର ନୂତନ କଳେବର ହୋଇଛି। ଡାକ୍ତରଖାନାର ବିଭିନ୍ନ ବିଭାଗର ପୁରୁଣା ଘର ଗୁଡିକ ସ୍ଥାନରେ ନୂତନ ବଡ଼ ବଡ଼ କୋଠାଘର ନିର୍ମାଣ ହୋଇଛି। ବିଭିନ୍ନ ରୋଗର ପରୀକ୍ଷା ନିରୀକ୍ଷା ପାଇଁ କୋଟିକୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ଯନ୍ତ୍ରପାତି ସରକାର ଖଞ୍ଜି ଦେଇଛନ୍ତି। ହେଲେ ଅଦ୍ୟାବଧି ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ସଂଖ୍ୟକ ଡାକ୍ତର, ବିଶେଷଜ୍ଞ ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି ହୋଇ ନାହାନ୍ତି।

ମୁଖ୍ୟ ଡାକ୍ତରଖାନାରେ ଭିତ୍ତିଭୂମିର ଅଭାବ ଏବଂ ପରିଚାଳନାଗତ ତ୍ରୁଟି ଯୋଗୁଁ ଅନେକ ସମୟରେ ରୋଗୀ ଏବଂ ତାଙ୍କ ପରିବାର ସଦସ୍ୟମାନେ ହଇରାଣ ହରକତ ହେଉଥିବାର ଦେଖିବାକୁ ମିଳିଛି। ବିଶେଷକରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବର୍ହିବିଭାଗରେ ଡାକ୍ତର ନିୟମିତ ରୋଗୀଙ୍କୁ ଦେଖୁଥିଲେ ହେଁ ଡାକ୍ତରମାନେ ଷ୍ଟେଥୋସକୋପ ଲଗାଇ ରୋଗୀଙ୍କ ନିଃଶ୍ୱାସ ପ୍ରଶ୍ୱାସର ଗତି ମାପୁନାହାନ୍ତି। ଏହା ସହିତ ଓପିଡିରେ ଡାକ୍ତରଙ୍କ ପାଖରେ ରକ୍ତଚାପ ମାପିବାର ଯନ୍ତ୍ର ମଧ୍ୟ ରହୁନାହିଁ। କୌଣସି ରୋଗୀ ରକ୍ତଚାପ ବୃଦ୍ଧି କିମ୍ବା ହ୍ରାସ ହୋଇଥିବା ଅଭିଯୋଗ କଲେ ଡ୍ୟୁଟିରେ ଥିବା ଡାକ୍ତର ନିଜେ ନ ମାପି ଡାକ୍ତରଙ୍କ ଚାମ୍ବର ବାହାରେ ବସିଥିବା ସୁରକ୍ଷାକର୍ମୀଙ୍କ ଠାରେ ବ୍ଲଡ଼ପ୍ରେସର ମାପିବାକୁ ରୋଗୀଙ୍କୁ ପରାମର୍ଶ ଦେଉଛନ୍ତି। ପୁଣି ଯୁବ ଡାକ୍ତରମାନେ ବିନା ଷ୍ଟେଥୋ ଓ ବ୍ଲଡ୍ ପ୍ରେସର୍ ମାପିବା ଯନ୍ତ୍ର ନ ରଖି ରୋଗୀଙ୍କ ଅଭିଯୋଗ ମୁତାବକ ମନଇଚ୍ଛା ଔଷଧ ଲେଖି ଦେଉଛନ୍ତି। ଯଦି କେହି ବେଶି ଅଭିଯୋଗ କରେ ତେବେ ଇନ୍ଡୋର୍‌ରେ ଆଡମିସନ୍ କରିବାକୁ ପରାମର୍ଶ ଦେଉଛନ୍ତି। ଆଉଟ୍ ଡୋର୍‌ରେ ଯଦି ଡାକ୍ତରମାନଙ୍କର ଏଭଳି ବ୍ୟବହାର ହୁଏ ତେବେ ରୋଗୀ ଯିବେ କୁଆଡ଼େ। ବେକରେ ଷ୍ଟେଥୋସ୍କୋପ୍ ନ ଥିବାରୁ ଡାକ୍ତରଖାନା ଭିତରେ କିଏ ଡାକ୍ତର ଓ କିଏ ମେଡ଼ିସିନ ରିପ୍ରେଜେଣ୍ଟିଭ, ତାହା ସାଧାରଣ ଲୋକ ଜାଣିପାରୁ ନାହାନ୍ତି। ସେହିପରି ରାତିରେ ଡାକ୍ତର ଯଦି ନିରାମୟ ଯୋଜନାରେ ଔଷଧ ଲେଖୁଛନ୍ତି, ତେବେ ଔଷଧ ବିତରଣ କେନ୍ଦ୍ରରେ ବସିଥିବା କର୍ମଚାରୀ ଗୋଟିଏ ଔଷଧ ମାଗଣାରେ ଦେଉଥିବାବେଳେ ଆଉ ଗୋଟିଏ ଔଷଧ ଷ୍ଟକ୍ ନାହିଁ କହି ଫେରାଇ ଦେଉଛନ୍ତି। ଅନୁଧ୍ୟାନରୁ ଜଣାପଡ଼ିଛି, କିଛି ଔଷଧ ଦୋକାନୀ ନିଜର ଔଷଧ ଅଧିକ ବିକ୍ରି କରିବା ପାଇଁ ଔଷଧ ବିତରଣ କେନ୍ଦ୍ରରେ ବସିଥିବା କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ରୋଗୀଙ୍କୁ ଷ୍ଟକ୍ ଥିଲେ ମଧ୍ୟ ଔଷଧ ନାହିଁ କହି ଫେରାଇ ଦେଉଛନ୍ତି। ଏ ବାବଦରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଠାରେ କେହି ଅଭିଯୋଗ କଲେ, ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହୁଥିଲେବି, କୌଣସି ସୁଫଳ ମିଳୁ ନଥିବା ଅଭିଯୋଗ ହେଉଛି। ସେହିପରି ସକାଳ ୧୦ ଟାରୁ ସନ୍ଧ୍ୟା ୭ଟା ମଧ୍ୟରେ ଏମଆରଆଇ କିମ୍ବା ଏକ୍ସରେ ବ୍ୟବସ୍ଥା ରହିଛି। ହେଲେ ରାତିରେ ଏସବୁ ପରୀକ୍ଷା ପାଇଁ କୌଣସି ବ୍ୟବସ୍ଥା କରାଯାଉ ନ ଥିବା ଜଣାଯାଇଛି। ତେବେ ଗଣମାଧ୍ୟମରେ ଏ ନେଇ ସମ୍ବାଦ ପରିବେଷଣ ହେବାପରେ ଅପରେଟର ଓ ଟେକ୍ନିସିଆନ ମାନଙ୍କ ଫୋନ୍ ନମ୍ବର ଉକ୍ତ ପରୀକ୍ଷାଗାର ସମ୍ମୁଖରେ ଲଗାଯାଇଛି। ହେଲେ ସମ୍ପୃକ୍ତ ନମ୍ବରରେ ରୋଗୀ କିମ୍ବା ରୋଗୀ ମାନଙ୍କ ସମ୍ପର୍କୀୟ ଫୋନ୍ କଲେ, କେହି ଉଠାଉ ନାହାଁନ୍ତି ବୋଲି ରୋଗୀଙ୍କ ସମ୍ପର୍କୀୟମାନେ ଅଭିଯୋଗ କରୁଛନ୍ତି।

## ନିରାଶ୍ରୟ ଓ ବେସାହାରାଙ୍କୁ ଅନ୍ନ ଓ ବସ୍ତ୍ରଦାନ

ଜଳେଶ୍ୱର ବ୍ଲକ, ୨୪।୩ (ସମିସ) : ରକ୍ତ କର୍କଟ ରୋଗରେ ପୀଡ଼ିତ ୯ ବର୍ଷ ପିଲାର ମୃତ୍ୟୁର ୬ ଦିନରେ ବାପା ଭୋଲା ଭଣ୍ଡାରୀ ସଙ୍ଗଠନ ଜଳେଶ୍ୱର ଦ୍ୱାରା ନିରାଶ୍ରୟ ଓ ବେସାହାରାଙ୍କୁ ଅନ୍ନ ଓ ବସ୍ତ୍ରଦାନ କରିଛନ୍ତି। ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶିଖରପୁର ଗ୍ରାମ ପଞ୍ଚାୟତର ଚକହରି ଗ୍ରାମର ସୁଧୀର କୁମାର ଦାସଙ୍କ ୬ ବର୍ଷର ପୁତ୍ର ରୁଦ୍ର ନାରାୟଣ ଦାସ ଦୀର୍ଘ ଦିନ ଧରି ରକ୍ତ କର୍କଟ ରୋଗରେ ପୀଡ଼ିତ ଥାଇ ବମ୍ବେସ୍ଥିତ ଏକ ହସପିଟାଲରେ ଚିକିତ୍ସା ହେଉଥିଲେ। ମାତ୍ର ପିଲାଟି ୬ ଦିନ ପୂର୍ବରୁ ମୃତ୍ୟୁବରଣ କରିଥିଲେ। ପରେ ବାପା ସୁଧୀର ଶାଳିକୋଠା ଯାଇ ପଣ୍ଡିତ ରବି ନାରାୟଣ ରଥଶର୍ମାଙ୍କ ପରାମର୍ଶ ଓ ଅନୁମତି କ୍ରମେ ପିଲାର ମୃତ୍ୟୁର ୬ ଦିନରେ କର୍ମକାଣ୍ଡ ଶନିବାର କରିଥିଲେ। ବାପା ପୁତ୍ରର ଏହି କ୍ରିୟା କର୍ମ ପାଇଁ ଜଳେଶ୍ୱରସ୍ଥିତ ଭୋଲା ଭଣ୍ଡାରୀ ସଙ୍ଗଠନର କର୍ମକର୍ତ୍ତା ଙ୍କ ସହ ଆଲୋଚନା କରି ପୁତ୍ର ରୁଦ୍ର ନାରାୟଣଙ୍କ ଆତ୍ମାର ସଦଗତି ପାଇଁ ୪୦ ଜଣ ଅନ୍ଧ, ନିରାଶ୍ରୟ ଓ ବେସାହାରା ଲୋକଙ୍କୁ ୬ ଖଣ୍ଡ ଅଟୋରେ ନିଜ ବାସ ଗୃହକୁ ଆଣି ସେମାନଙ୍କୁ ଅନ୍ନଦାନ ସହ ସମସ୍ତଙ୍କୁ ବସ୍ତ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭୋଲା ଭଣ୍ଡାରୀ ସଙ୍ଗଠନର ସଦସ୍ୟ ହରି ଶଙ୍କର ପଣ୍ଡା, ଅଞ୍ଜନ ଦାସ, ଲିପୁନ ପଣ୍ଡା ଓ ଜିତୁନ ପଣ୍ଡା ପ୍ରମୁଖ ଏଭଳି ମହତ୍ କାର୍ଯ୍ୟ କରିଥିବାରୁ ଦାତା ସୁଧୀର କୁମାର ଦାସ କୃତଜ୍ଞତା ଜଣାଇଛନ୍ତି।

## ଜାତୀୟ ରାଜପଥ ଡ୍ରେନେଜ ସୁବିଧା ପାଇଁ ଆନ୍ଦୋଳନ ଡାକରା

ସୋର, ୨୪।୩ (ସମିସ): ସୋର ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଭବନରେ ମଞ୍ଚର ସଭାପତି ଶିକ୍ଷାବିତ ନେତ୍ରାନନ୍ଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସୋର ରେଳ ଷ୍ଟେସନର ଚରମ ଅବ୍ୟବସ୍ଥା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ରେଳ ଷ୍ଟେସନରେ ବୁଲାଷଣ୍ଢ, ପରିଷ୍କାର ପରିଚ୍ଛନ୍ନରେ ଅନିୟମିତତା, ଭଦ୍ରକ ବାଲେଶ୍ୱର ମେମୋ ଟ୍ରେନ ଚଳାଚଳରେ ବ୍ୟାପକ ବ୍ୟତିକ୍ରମକୁ ସୁଧାରିବା ସହ, ନୂତନ ସାପ୍ତାହିକ ଟ୍ରେନ ରହଣି ପାଇଁ ଦାବି କରାଯିବାକୁ ସ୍ଥିର ହୋଇଛି। ସୋରକୁ ରାଜସ୍ୱ ସବ ଡ଼ିଭିଜନ ଘୋଷଣା ଦାବିକୁ ଚଳିତ ନିର୍ବାଚନରେ ପ୍ରମୁଖ ରାଜନୈତିକ ଦଳ ମାନେ ଇସ୍ତାହାରରେ ସ୍ଥାନିତ କରିବାକୁ ଅନୁରୋଧ କରାଯାଇଛି। ଜାତୀୟ ରାଜପଥ କଲେଜ ଛକ ଠାରୁ ପାଇକାଳୀ ପର୍ଯ୍ୟନ୍ତ ରାଜପଥର ଦୁଇକଡ଼ରେ ସର୍ବ ନିମ୍ନ ୫ ଫୁଟ ଗଭୀର ଓ ୫ ଫୁଟ ଓସାରିଆ ଜଳ ନିଷ୍କାସନ ନାଳ ତିଆରି ପାଇଁ ନାହି ର ନିୟମ ଅନୁଯାଇ ଆବଶ୍ୟକ ଯୋଜନା ଅର୍ଥ କମ ଥିବାରୁ ସୋର ମ୍ୟୁନିସିପାଲିଟି ଆବଶ୍ୟକ ଅର୍ଥ ଭରଣା କରିବା ଦିଗରେ ଗୁରୁତ୍ୱ ଦେବାକୁ ସ୍ଥିର ହୋଇଛି। ଆରଟିଓ ଅଫିସ ଓ ଏସଡିପିଓ ଅଫିସ ସ୍ଥାପନ କାର୍ଯ୍ୟରେ ଅଗ୍ରଗତି ହୋଇଛି। ଆନନ୍ତପୁର ଡାକ୍ତରଖାନାର ଡାକ୍ତର ନ ଥିବା ଏବଂ ଦାୟିତ୍ୱରେ ଥିବା ଡାକ୍ତରଙ୍କ ବ୍ୟବହାରକୁ ନିନ୍ଦା କରାଯାଇଛି। ଏହି ବୈଠକରେ ଦାମୋଦର ଦାଶ ମହାପାତ୍ର, ଭଗବାନ ମହାପାତ୍ର, ଗଙ୍ଗାଧର ପାଢ଼ୀ, ମାୟାଧର ନାୟକ, ମନୋଜ କୁମାର ରାୟ, ଦିବାକର ଦଳେଇ, ରବୀନ୍ଦ୍ର ଉପାଧ୍ୟାୟ, ଜିତେନ୍ଦ୍ର ବେହେରା ଅଦ୍ୱୈତ୍ୟ କୁମାର କର, ନିତ୍ୟାନନ୍ଦ କର, ବାସୁକୃଷ୍ଣ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିବା ବେଳେ ବିଜୟ ଦାସ, ମହେଶ୍ୱର ପଣ୍ଡା, ଲମ୍ବୋଦର ମିଶ୍ର, କଟଚନ୍ଦ୍ର ବେହେରା, ସୁରେନ୍ଦ୍ର ପାଣିଗ୍ରାହୀ, ରବୀନ୍ଦ୍ର କୁମାର ଦାସ, ରତିରଞ୍ଜନ କର, ରବୀନ୍ଦ୍ର ନନ୍ଦ, ପ୍ରଫୁଲ୍ଲ ଷଡ଼ଙ୍ଗୀ, ଶ୍ରୀଧର ପତ୍ରି, ଉଦ୍ଧବ ଚରଣ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ନୂତନ ସଦସ୍ୟ ଭାବେ ରମେଶ ଚନ୍ଦ୍ର ପ୍ରଧାନଙ୍କ ସଦସ୍ୟତାକୁ ସ୍ୱାଗତ କରାଯାଇ ଥିଲା। ମଞ୍ଚର ସମ୍ପାଦକ ଡକ୍ଟର ନରହରି ନାୟକ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିବାବେଳେ ବରିଷ୍ଠ ସଦସ୍ୟ ଉଦ୍ଧବ ଚରଣ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ।

## ଉଚ୍ଛେଦ ଦୋକାନୀଙ୍କୁ ଥଇଥାନ ଦାବି

ଭୋଗରାଇ, ୨୪।୩ (ସମିସ) : ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଥାନାଛକ ଠାରେ ରାଜ୍ୟ ବାଣିଜ୍ୟ ଓ ପରିବହନ ନିଗମ ସାଢେ ୫ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରି ଏକ ଆଦର୍ଶ ବସଷ୍ଟାଣ୍ଡ ନିର୍ମାଣ କରିଥିଲା ବେଳେ ସେହି ବସଷ୍ଟାଣ୍ଡ ପ୍ରତି ସମସ୍ୟା ସୃଷ୍ଟି କରୁଥିବା ରାସ୍ତା ପାର୍ଶ୍ୱ ୫୦ରୁ ଅଧିକ ଦୋକାନୀଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ବାରମ୍ବାର ପ୍ରତିବାଦ ପରେ ଉଚ୍ଛେଦ ଦୋକାନୀମାନଙ୍କ ଥଇଥାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପ୍ରଶାସନ ମାଛ ମାର୍କେଟ ନିକଟସ୍ଥ ଏକ ସରକାରୀ ଜମିକୁ ଚିହ୍ନଟ କରିଥିଲା। ସେଠାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ସରକାରୀ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ୬ ମାସ ହେଲା ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଫଳରେ ଜୀବିକା ହରାଇଥିବା ଦୋକାନୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ତୁରନ୍ତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରି ଉଚ୍ଛେଦ ଦୋକାନୀ ମାନଙ୍କ ଜୀବନ ଜୀବିକାକୁ ସୁରକ୍ଷିତ କରିବା ପାଇଁ ଦାବି ହୋଇଛି। ନଚେତ ଜୀବିକା ହରାଇଥିବା ଦୋକାନୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ନାମ୍ପୋ, ୨୪।୩ (ସମିସ): ଜଣେ ଆଦର୍ଶ ଶିକ୍ଷକ ରୂପେ ନୀଳଗିରି ବ୍ଲକ କାଂଶ ସରକାରୀ ଉଚ୍ଚ ବିଦ୍ୟାଳୟରୁ ନିଜର ଶିକ୍ଷକ ଜୀବନ ଆରମ୍ଭ କରି ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ନୀଳକାନ୍ତ ରଣାଙ୍କ ଆକସ୍ମିକ ବିୟୋଗରେ ସମଗ୍ର ନାମ୍ପୋ, ଖାଲିନା, ସମ୍ପତିଆ, ସୁଗୋ ଓ ନେତୁଆ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପ୍ରତି ଶେଷ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ସ୍ଥାନୀୟ କୁଞ୍ଜବାଡିସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କର ଛାତ୍ର ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ର ଶେଖର ଚନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ଖାଉଟି ଅଦାଲତର ପୂର୍ବତନ ସଭାପତି ସୁକୁମାର ରଣା ସ୍ୱର୍ଗତ ରଣାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମୃତି ସଂସଦ ଗଠନ ସହିତ ତାଙ୍କର ପ୍ରତିମୂର୍ତ୍ତି ନାମ୍ପୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାପନ ପାଇଁ ପ୍ରସ୍ତାବ ରଖିବା ପରେ ତାହା ଗୃହୀତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆବାହକ ରାମ ଶଙ୍କର ରଣା, ସରପଞ୍ଚ ପ୍ରତିନିଧି ଅରୁଣ କୁମାର ରାଉଳ, ପୂର୍ବତନ ସମିତି ସଭ୍ୟା, ୱାର୍ଡସଭ୍ୟ ସତ୍ୟ କର, ଶ୍ୟାମ ଶଙ୍କର ରଣା, ଆରତୀ ଦାସ, ସତ୍ୟଭାମା ରଣା, ସଞ୍ଚୟିତା ରଣା, ବ୍ରଜେନ୍ଦ୍ର ନାଥ ଶୁର, ପଦ୍ମନାଭ ନାୟକ, ଉତ୍ପଳ ରଣା, ସ୍ୱରୂପ ରଣା, ଉଦୟ ନାରାୟଣ ରଣା, ସରୋଜ ରଣା, ଭାନୁ ପାତ୍ର, ନାରାୟଣ ଦେ ପ୍ରମୁଖ ଯୋଗଦେଇ ଜଣେ ସ୍ପଷ୍ଟବାଦୀ, କର୍ତ୍ତବ୍ୟ ନିଷ୍ଠ ଶିକ୍ଷକଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଥିଲେ। ଶେଷରେ ସାମ୍ବାଦିକ ସତ୍ୟରଞ୍ଜନ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ସର୍ବସମ୍ମତ କ୍ରମେ ସ୍ୱର୍ଗତ ନୀଳକାନ୍ତ ରଣା ସ୍ମୃତି ସଂସଦ ଗଠିତ ହୋଇଥିଲା।ସଂସଦର ଆବାହକ ରୂପେ ଚନ୍ଦ୍ର ଶେଖର ଚନ୍ଦ ଓ ସହ ଆବାହକ ରୂପେ ସୁକୁମାର ରଣାଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଏହି ଅବସରରେ ସ୍ୱର୍ଗତ ରଣାଙ୍କ ବାସଭବନରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତସଙ୍ଗ କାର୍ଯ୍ୟକ୍ରମ ରୀତିକ ସୁଧୀର କୁମାର ପରିଡ଼ାଙ୍କ ପୌରହିତ୍ୱରେ ଅନୁଷ୍ଠିତ ହୋଇଥିଲା।

## ସୁରେନ୍ଦ୍ରନାଥ ବାରିକ୍‌ଙ୍କ ପୁସ୍ତକ 'ଗଳ୍ପ ସମ୍ଭାର' ଉନ୍ମୋଚିତ

ସୋର, ୨୪।୩ (ସମିସ): ସୋର ପୌରପରିଷଦ ଅନ୍ତର୍ଗତ ବରଫକଳ ଛକ ନିକଟସ୍ଥ ଗାଳ୍ପିକ ସୁରେନ୍ଦ୍ରନାଥ ବାରିକ୍‌ଙ୍କ ଚତୁର୍ଥ ଗଳ୍ପ ପୁସ୍ତକ 'ଗଳ୍ପ ସମ୍ଭାର' ଲୋକାର୍ପିତ ହୋଇଯାଇଛି। କବି ନିତ୍ୟାନନ୍ଦ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଡ. ରମାକାନ୍ତ ବେହେରା ଯୋଗଦେଇ ଗାଳ୍ପିକ ମନୋଜ ଦାସଙ୍କ 'କନ୍ୟାୟନ' ଗଳ୍ପକୁ ଉଦ୍ଧାର କରି ଅତିଯନ୍ତ୍ରବାଦୀ ଆଭିମୁଖ୍ୟରୁ ଜନ୍ମ ହୋଇଥିବା ଅସହାୟପଣ ସମ୍ପର୍କରେ କହିଥିଲେ। ମୁଖ୍ୟ ବକ୍ତା ନାଟ୍ୟକାର, ଗାଳ୍ପିକ, ନିର୍ଦ୍ଦେଶକ ବିଜୟ କୁମାର ଦାସ ଯୋଗଦେଇ ଗଳ୍ପରେ ମଣିଷର ଦୃଶ୍ୟମାନ ଘଟଣାବଳୀ ଅନ୍ତରାଳରେ ଲୁଚି ରହିଥିବା ସୂକ୍ଷ୍ମାତିସୂକ୍ଷ୍ମ ଅନୁଭବର ରୂପାୟନ ଗଳ୍ପକୁ ଅଧିକ ମର୍ମସ୍ପର୍ଶୀ ହୃଦ୍‌ଗ୍ରାହୀ କରିଥାଏ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ଭାବେ ଗାଳ୍ପିକ ରଜନୀକାନ୍ତ ମହାନ୍ତି ଯୋଗଦେଇ କହିଲେ ଯେ ସାହିତ୍ୟରେ ଆଧୁନିକ କହିଲେ କେବଳ ସାମାଜିକତା, ନୈତିକତା, ତତ୍କାଳିନତା ନୁହେଁ ବରଂ ଏଥିସହ ଆଧ୍ୟାତ୍ମିକତା ପୂରଣ ହେବା ଜରୁରୀ। ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ପ୍ରଯୋଜକ, କାହାଣୀକାର ଶ୍ରୀଧର ମାର୍ଥା ଯୋଗଦେଇ ଚଳଚ୍ଚିତ୍ର, ନାଟକ, ଧାରାବାହିକରେ ଭଲ କାହାଣୀଟିଏ ଏହାକୁ ଅଧିକ ଲୋକାଦୃତ କରିଥାଏ ବୋଲି କହିଥିଲେ। ଗାଁ ମଜଲିସ ସାହିତ୍ୟ ସଂସଦର ସମ୍ପାଦକ ଦେବେନ୍ଦ୍ର କୁମାର ପ୍ରଧାନ ଅତିଥି ପରିଚୟ ସହିତ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥବା ବେଳେ ସାରସ୍ୱତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡମ୍ବରୁଧର ଭୋଳ ପୁସ୍ତକଟିକୁ ସମୀକ୍ଷା କରିଥିଲେ। ଏହି ଅବସରରେ ଆଇଟିଆର ଚାନ୍ଦିପୁରର ବୈଜ୍ଞାନିକ ପ୍ରିୟନାଥ ପଣ୍ଡା, ଡା. ରାଜେନ୍ଦ୍ର କୁମାର ଦାସ ଏବଂ ନିତ୍ୟାନନ୍ଦ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ସୁରେନ୍ଦ୍ର କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଗୋପୀନାଥ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇ କୁନି ଝିଅ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୁତ୍ର ଗୋପୀନାଥ ବାରିକ୍ ଓ ରାଜକିଶୋର ବାରିକ୍, ସତ୍ୟାନନ୍ଦ ଦାସ, ଅଚ୍ୟୁତ କୁମାର ପଣ୍ଡା ପରିଚାଳନା କରିଥିଲେ। କବି ଭରତ ଚନ୍ଦ୍ର ଦାଶ, ସାମ୍ବାଦିକ ରାଜାରାମ ଦାସ, ସୁଧାଂଶୁ ଶେଖର ବାରିକ, ଦାମୋଦର ଦାଶ ମହାପାତ୍ର, ରବୀନ୍ଦ୍ର କୁମାର ଦାସ, ସୁଧାକର ସାମଲ, ଚକ୍ରଧର ପାଢ଼ୀ, ମହେଶ୍ୱର ପଣ୍ଡା, ଚନ୍ଦ୍ରମୋହନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ମାକିଡ଼ିଆ ଓ କାଳିକ ପଞ୍ଚାୟତରେ ବିଜେଡିର କର୍ମୀ ବୈଠକ



ଜଳେଶ୍ୱର ବ୍ଲକ/ରାଇବଣିଆ, ୨୪।୩ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମାକିଡ଼ିଆ ଓ କାଳିକ ଗ୍ରାମ ପଞ୍ଚାୟତରେ ଶନିବାର ବିଜେଡିର କର୍ମୀ ବୈଠକ ଅନୁଷ୍ଠିତ ହୋଇଥିଲା। ମାକିଡ଼ିଆ ପଞ୍ଚାୟତର କର୍ମୀ ବୈଠକରେ ଅତିଥି ଭାବେ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ବାବଦରେ ଆଲୋକପାତ କରିବା ସହିତ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିକାଶ ମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଅନ୍ୟ ଅତିଥି ଭାବରେ ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ବ୍ଲକ ବିଜେଡି ସଭାପତି ଦିଲ୍ଲୀପ କୁମାର ସାମଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତପନ କୁମାର ଦାସ, ଜୀବନବିନ୍ଦୁ ବ୍ଲକ ସଂଯୋଜକ ମଧୁସୂଦନ ସେନାପତି, ବିଜେଡିର ବରିଷ୍ଠ ନେତା ବ୍ରିଜେଶ ରଣା, ସଞ୍ଜୟ ଘୋଷ, ନିମାଇଁ ଚରଣ ଘୋଷ, ସମୀର ଘଡ଼ାଇ, ରାଧାକାନ୍ତ ଘୋଷ ଓ ପଞ୍ଚାୟତ ଯୁବ ସଭାପତି ଆଲୋକ ଘଡ଼େଇଙ୍କ ସହ ୩୦୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଅନୁରୂପ ଭାବେ କାଳିକ ଗ୍ରାମ ପଞ୍ଚାୟତର ହାତିଗର୍ଡ଼ଠାରେ ଅନ୍ୟ ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ଉପରୋକ୍ତ ଅତିଥିଙ୍କ ସହ ପଞ୍ଚାୟତର ବରିଷ୍ଠ ନେତା ତଥା ପୂର୍ବତନ ସରପଞ୍ଚ ଗଙ୍ଗାଧର ଦାସ, ବିଜୟ କୁମାର ବେହେରା ଓ ନେତା ରତିକାନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିବା ବେଳେ ୨୦୦ରୁ ଅଧିକ କର୍ମୀ ଉପସ୍ଥିତ ଥିଲେ।

## କୁନି ଝିଅକୁ ସ୍ୱେଚ୍ଛାସେବୀ ସଂଗଠନର ସହାୟତା

ଜଳେଶ୍ୱର ବ୍ଲକ, ୨୪।୩ (ସମିସ): ଜଳେଶ୍ୱର ମ୍ୟୁନିସିପାଲିଟି ପାଞ୍ଚ ନମ୍ବର ୱାର୍ଡ ପଥରପୁରା ମାଲଗୋଦାମ ସାହିରେ ବସବାସ କରନ୍ତି ପାଞ୍ଚ ବର୍ଷର କୁନି ଝିଅ ପୂଜା ଆଉ ତାଙ୍କ ରୋଗୀଣା ମାଆ ବାସନ୍ତୀ। ପିତା ଜଣେ ମଜୁରିଆ ନିଶା ଗ୍ରସ୍ତ ହୋଇ ଦୀର୍ଘ ଏକ ବର୍ଷ ଧରି ଘରକୁ ଆସନ୍ତି ନାହିଁ। ଏହି ମାଆ ଝିଅ ରାସ୍ତାକଡ଼ରେ ଏକ ସରକାରୀ ଜାଗାରେ ଭଙ୍ଗା କୁଡ଼ିଆ ଘରେ ଆଜକୁ ଅନେକ ଦିନ ଧରି ରହି ଆସୁଛନ୍ତି। ରୋଜଗାର ପାଇଁ କେହି ନାହିଁ ବାସନ୍ତୀ ନିଜେ ପାରାଲିସିସ ପରି ରୋଗରେ ଆକ୍ରାନ୍ତ। ପାଞ୍ଚ ବର୍ଷର ଝିଅଟି ପେଟ ଭୋକ ନ ସହି ପାରି ପର ଘରୁ ଭିକ ମାଗି ନିଜର ଆଉ ତାଙ୍କ ମାଆ ର ପେଟ ପୋଷନ୍ତି। ଏହି ଖବର ଜଳେଶ୍ୱର ଅଗ୍ରଣୀ ସାମାଜିକ ସଂଗଠନ ମେ ଆଇ ହେଲ୍ପ ୟୁ ମୋ ପରିବାର ପାଖରେ ପହଞ୍ଚିବା ପରେ ସଂଗଠନ ମୁଖ୍ୟ ଜଗନ୍ନାଥ ପରିଡ଼ା ତାଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିଛନ୍ତି। ସଂଗଠନ ଏହି ସ୍ଥାନରେ ପହଞ୍ଚି ସେହି ସ୍ଥାନକୁ ପ୍ରଥମେ ପରିଷ୍କାର କରିବା ସହିତ କୁନି ଝିଅ ପାଇଁ ନୂଆ ବସ୍ତ୍ର, ଖାଦ୍ୟ, ରାସନ ସାମଗ୍ରୀ, ଚାଉଳ ଇତ୍ୟାଦି ଯୋଗାଇଛନ୍ତି। ସଂଗଠନ ତରଫରୁ ଜଳେଶ୍ୱର ଶାଖା ସଭାପତି ନରହରି ବେହେରା, ଉପ ସଭାପତି ରିତାରାଣୀ ଜେନା, ରଞ୍ଜନ ପାତ୍ର, ରମାକାନ୍ତ ବେହେରା, ଉପସ୍ଥିତ ରହି ପ୍ରଶାସନକୁ ଏହି ବିଷୟରେ ଅବଗତ କରାଇବା ସହିତ ଜିଲ୍ଲାପାଳ ଏହି ବିଷୟରେ ତଦନ୍ତ କରନ୍ତୁ ବୋଲି ଦାବି ରଖିଛି ସଙ୍ଗଠନ।



## ଚୋରା ବାଲି ଗାଡ଼ି ଜବତ, ଚାଳକ ଗିରଫ

ଚନ୍ଦନେଶ୍ୱର, ୨୪।୩ (ସମିସ) : ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଚୋରାଚାଲାଣ ହେଉଥିବା ଏକ ବାଲି ବୋଝେଇ ଡମ୍ଫର ଜବତ ହୋଇଛି। ଓଡ଼ିଶାର ଲଘୁଖଣିଜ ସମ୍ପଦ ସବୁ ଅନାୟସରେ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଛି। ଏଥିରେ ମାଫିଆ ମାନେ ମାଲେମାଲ ହେଉଛନ୍ତି ସିନା ରାଜ୍ୟ ସରକାର କିନ୍ତୁ ରାଜସ୍ୱ ହରାଉଛନ୍ତି। ବାଲି ବୋଝେଇ ଡମ୍ଫରକୁ ଗାଁ ଲୋକେ ଅଟକାଇ ପୁଲିସକୁ ଖବର ଦେଇଥିଲେ। ଥାନାର ଏସଆଇ ପିଥା ହେମ୍ବ୍ରମ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଅଟକ ଡମ୍ଫର ସବୁକୁ ଥାନାକୁ ନେଇ ଥିଲେ। ସେମାନଙ୍କ କାଗଜପତ୍ର ଯାଞ୍ଚ ପରେ ଗୋଟିଏ ଡମ୍ଫରକୁ ଜବତ କରିଥିଲେ।

## ଗୋବରଘଟାରେ ଜଳିଲା ସୋଲାର ଲାଇଟ୍

ରାଇବଣିଆ, ୨୪।୩ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବ୍ କା ସାଥ ସବ୍ କା ବିକାଶ' ପରିଯୋଜନା ଅନୁଯାୟୀ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନିଜ ସାଂସଦ ପାଣ୍ଠିରୁ ଗୋବରଘଟା ଗ୍ରାମ ପଞ୍ଚାୟତ ନିମନ୍ତେ ୬ ଗୋଟି 'ସୋଲାର ପ୍ୟାନେଲ ଲାଇଟ' ଅନୁମୋଦନ କରିଥିଲେ। ଯାହା କି ଆଜି ଗୋବରଘଟା ଗ୍ରାମ ପଞ୍ଚାୟତର ବିଭିନ୍ନ ଜରୁରୀ ସ୍ଥାନରେ ପଞ୍ଚାୟତର ସରପଞ୍ଚ ମୀନତି କରଙ୍କ ପରାମର୍ଶ ଓ ସହଯୋଗ କ୍ରମେ ସ୍ଥାପନ କରାଯାଇଛି। ଆଜିର ଏହି 'ସୋଲାର ପ୍ୟାନେଲ ଲାଇଟ' ସ୍ଥାପନ କାର୍ଯ୍ୟରେ ସରପଞ୍ଚ ପ୍ରତିନିଧି ଚନ୍ଦନ କୁମାର କର, ମଧୁସୂଦନ କର, ପିନାକୀ ଚାଟାର୍ଜୀ, ମହେଶ୍ୱର ସେଠୀ, ରବିନାରାୟଣ ସିଂହ, ଶଶାଙ୍କ ମହାନ୍ତି, ଜୟନ୍ତ ମିଶ୍ର, ସମୀର କୁମାର ସିଂହ, ବିଶ୍ୱରୂପ ଦାସ ତଥା ଗ୍ରାମବାସୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟର ସଫଳ ରୂପାୟନ ନିମନ୍ତେ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିଥିଲେ।

## କାର୍ଯ୍ୟାଳୟରେ ରହୁନାହାନ୍ତି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ

### ହନ୍ତସନ୍ତ ଅଞ୍ଚଳବାସୀ

ବାହାନଗା, ୨୪।୩ (ସମିସ) :

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ପାଇଁ ହନ୍ତସନ୍ତ ଅଞ୍ଚଳବାସୀ। ବାହାନଗା ବ୍ଲକରେ ସପ୍ତାହରେ ୩ ଦିନ ଡ୍ୟୁଟି ଥିବା ବେଳେ ଅଧିକାରୀ ଜଣକ ଉପସ୍ଥିତ ନ ରହିବା, ବାହାନଗା ବ୍ଲକର ଜନସାଧାରଣଙ୍କୁ ସେମାନଙ୍କ କାମ ପାଇଁ ଔପଦା ବ୍ଲକକୁ ଡାକୁଛନ୍ତି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିରଞ୍ଜନ ବେହେରା। ଖବର ଅନୁସାରେ ବାହାନଗା ବ୍ଲକକୁ ଗତ ୨୦୨୨ ମସିହାରେ ମାର୍ଚ୍ଚ ମାସ ୧୫ ତାରିଖରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିରଞ୍ଜନ ବେହେରା ଡ଼େପୁଟେସନରେ ଆସିଥିଲେ। ବାହାନଗା ବ୍ଲକରେ ସପ୍ତାହର ଗୁରୁବାର, ଶୁକ୍ରବାର ଏବଂ ଶନିବାର କାର୍ଯ୍ୟ କରିବା ନେଇ ସମୟ ସାରଣୀ ପ୍ରସ୍ତୁତ ହୋଇଛି। ବାହାନଗା ବ୍ଲକ ୨୪ଟି ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବେଳେ ଅଞ୍ଚଳବାସୀ ଅନ୍ୟଜାତି ବିବାହ ଜନିତ ଆର୍ଥିକ ସହାୟତା ପାଇଁ ଆବେଦନ ଏବଂ ଯାଞ୍ଚ, ଛାତ୍ରବୃତ୍ତି ଦରଖାସ୍ତ ଯାଞ୍ଚ, ଓଏଲଆର ଜମିଜମା ଆଦି କାର୍ଯ୍ୟପାଇଁ ବ୍ଲକ କାର୍ଯ୍ୟାଳୟକୁ ଆସୁଛନ୍ତି। ହେଲେ ଗୁରୁବାର ଠାରୁ ଶନିବାର ୩ ଦିନ କାର୍ଯ୍ୟ ଦିବସରେ ମଙ୍ଗଳ ସମ୍ପ୍ରସାରଣ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ରହି ଲୋକଙ୍କ ପାଇଁ କାର୍ଯ୍ୟ କରିବା ନେଇ କାର୍ଯ୍ୟାଳୟ କାନ୍ଥରେ ସୂଚନା ଲଗାଯାଇଛି। ହେଲେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିରଞ୍ଜନ ବେହେରା ବର୍ତ୍ତମାନ ଔପଦା ବ୍ଲକରେ କାର୍ଯ୍ୟ କରୁଛନ୍ତି। ହେଲେ, ସପ୍ତାହକୁ ବାହାନଗା ବ୍ଲକକୁ ୩ ଦିନ ଆସିବାର ନିୟମ ଥିବା ବେଳେ ଶ୍ରୀ ବେହେରା ଅନେକ ସମୟରେ ବାହାନଗା ବ୍ଲକ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ଫଳରେ ବାହାନଗା ବ୍ଲକର ଜନସାଧାରଣ ନିଜ ନିଜର କାମ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହେବାକୁ ପଡୁଛି। କେବଳ ସେତିକି ନୁହଁ ସାଧାରଣ ଲୋକେ ଅଧିକାରୀଙ୍କ ଅନୁପସ୍ଥିତ କାରଣରୁ ନିଜ ନିଜର କାମ ପାଇଁ ଫୋନ କଲେ ୩୦ କିମି ଦୂର ଔପଦା ବ୍ଲକକୁ ଡାକୁଛନ୍ତି। ଏମିତିକି ବାହାନଗା ବ୍ଲକରେ ସିଷ୍ଟମ ନ ଥିବାରୁ ସେ ଲୋକଙ୍କ କାମ ଔପଦା ବ୍ଲକରେ କରୁଥିବା ଲୋକଙ୍କୁ କହୁଛନ୍ତି। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିରଞ୍ଜନ ବେହେରା ଅନେକ କାର୍ଯ୍ୟ ଦିବସରେ ଅନୁପସ୍ଥିତ ରହିବା ଏବଂ ସାଧାରଣ ଲୋକଙ୍କୁ ୩୦ କିମି ଦୂର ଔପଦା ବ୍ଲକକୁ ଡକାଇବା ଘଟଣାରେ ଅସନ୍ତୋଷ ତେଜିବାରେ ଲାଗିଛି। ଏ ନେଇ ବାହାନଗା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିରଞ୍ଜନ ବେହେରା କୁହନ୍ତି ବାହାନଗା ବ୍ଲକରେ ସିଷ୍ଟମ ନ ଥିବାରୁ ବାହାନଗା ଜନସାଧାରଣଙ୍କ ଜରୁରୀ କାମ ଔପଦା ବ୍ଲକରେ କରୁଥିବା କହି ସଫେଇ ଦେଇଛନ୍ତି। ଅନ୍ୟପଟେ ବାହାନଗା ବ୍ଲକରେ ମଙ୍ଗଳ ବିଭାଗରେ କମ୍ପ୍ୟୁଟର, ପ୍ରିଣ୍ଟର ଠିକ ଥିବା ବେଳେ ଜଣେ ମହିଳା ଡାଟାଏଣ୍ଟ୍ରି ଅପରେଟର ମଧ୍ୟ ଅଛନ୍ତି। ଏ ବାବଦରେ ବାହାନଗା ବିଡ଼ିଓ ରବୀନ୍ଦ୍ର ସେଠୀଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି ଯଦି ବିଭାଗୀୟ ଅଧିକାରୀ ଲୋକଙ୍କୁ ଔପଦା ବ୍ଲକକୁ ଡାକୁଥିବେ ତାହା କଦାପି ସମିଚୀନ ନୁହଁ, ଯଦି ଏହା ସତ ହୋଇଥାଏ ତେବେ, ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

### ନକଲି ସିବିଆଇ ପରିଚୟ ଦେଇ ଅପହରଣ ଘଟଣା

# ତୁଳସୀଚଉରା ଢାବାରୁ ଅପହୃତଙ୍କ ଗାଡ଼ି ଜବତ

ବେତନଟୀ, ୨୪।୩(ସମିସ): ନକଲି ସିବିଆଇ ଅଫିସର ପରିଚୟ ଦେଇ ହାତକଡି ପକାଇ ଜନୈକ ବ୍ୟବସାୟୀଙ୍କୁ ଅପହରଣ କରିବା ଘଟଣାର ତଦନ୍ତ କରୁଥିବା ବଡସାହି ପୁଲିସ ଶନିବାର ସକାଳେ ତୁଳସୀଚଉରା ଢାବା ସମ୍ମୁଖରରେ ଅପରାଧୀମାନେ ଛାଡି ପଳାଇଥିବା ଏକ ଗାଡିକୁ ଜବତ କରାଯାଇଛି। ସୂଚନା ମୁତାବକ, ବେତନଟୀ ମୁଖ୍ୟ ବଜାର ଅଞ୍ଚଳର ଉମାକାନ୍ତ ବେହେରା ଏବଂ ଦହିକୋଟୀ ଗ୍ରାମର ମକରା ଓରଫ ସଞ୍ଜୟ କୁମାର ଓତା ୪/୫ଜଣ ସହଯୋଗୀଙ୍କୁ ନେଇ ଫିଲ୍ମ ଷ୍ଟାଇଲରେ ଏକ ଅପହରଣ କାହାଣୀକୁ ବାସ୍ତବ ରୂପରେଖ ଦେବାକୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ପୂର୍ବଯୋଜନା ଅନୁସାରେ ଡୁକୁରା ଅଞ୍ଚଳର ଯୁବ ବ୍ୟବସାୟୀ ସତ୍ୟରଞ୍ଜନ ପାତ୍ର ସଉଦା କିଣିବା ପାଇଁ ଟଙ୍କା ନେଇ ଏକ ଗାଡିଯୋଗେ ଶୁକ୍ରବାର ସକାଳେ ବେତନଟୀ ଆସୁଥିଲେ। ପୂର୍ବ ଯୋଜନା ଅନୁସାରେ ଏକ ବୋଲେରୋ ୪/୫ ଜଣ ଯୁବକଙ୍କ ସହିତ ବଡସାହି ଥାନା ଇଲାକାରେ ରାସ୍ତା ପାର୍ଶ୍ୱର ଛକି ରହିଥିବା ଉମାକାନ୍ତ ବେହେରା ସତ୍ୟଞ୍ଜନଙ୍କୁ ଅଟକାଇ ଗାଡି ଭିତରକୁ ଡାକିଥିଲେ। ଗାଡିଭିତରେ ଥିବା ୪-୫ଜଣ ଯୁବକ ସଙ୍ଗେ ସଙ୍ଗେ ସତ୍ୟରଞ୍ଜନଙ୍କ ହାତରେ ହାତକଡି ପକାଇ ତାଙ୍କ ନାମରେ ପୂର୍ବରୁ ମାମଲା ଥିବାରୁ ଗିରଫ କରାଗଲା ବୋଲି କହିଥିଲେ। ଅତି




ଚତୁରତାର ସହିତ ବେତନଟୀ କୋର୍ଟଛକ, ହାଟଛକ, ଫାୟାର ଷ୍ଟେସନ, ପଣ୍ଡୁଗଡ଼ିଆ ହୋଇ ପୁରୁଣା ଫାୟାର ଷ୍ଟେସନ ଛକରେ ବାଇପାସ ହୋଇ ୧୮ ନଂ ଜାତୀୟ ରାଜପଥରେ ବାରିପଦା ଅଭିମୁଖେ ଯାଇଥିଲେ। ପରେ ଏକ ଶବବୁହା ଆମ୍ବୁଲାନ୍ସରେ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଅପେକ୍ଷାରତ ଦହିକୋଟୀ ଗ୍ରାମର ସଞ୍ଜୟ କୁମାର ଓତାଙ୍କ ଗାଡିକୁ ମୁହଁରେ କଳାମୁଖା ପିନ୍ଧାଇ ସତ୍ୟରଞ୍ଜନଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଆମ୍ବୁଲାନ୍ସରେ ସତ୍ୟରଞ୍ଜନଙ୍କୁ ନିଆଯାଉଥିବା ବେଳେ ମୁହଁରେ କଳାମୁଖା ପିନ୍ଧାଇ ଥିବାରୁ କେଉଁଆଡେ ନିଆଯାଉଛି ସେ କିଛି ଜାଣିପାରୁନଥିଲେ। ତେବେ ରାସ୍ତାରେ ଉମାକାନ୍ତ ଗାଡିମାଲିକ ତଥା ଚାଳକ ମକରା ଓରଫ ସଞ୍ଜୟ କୁମାର ଓତାକୁ ଗାଡିର ଫାଷ୍ଟଟ୍ୟାଗରେ ବାଲାନ୍ସ ଅଛି କି ନାହିଁ ଆଗକୁ ଟୋଲଗେଟ ଆସୁଥିବା କଥା ପଚାରିବାରୁ ସତ୍ୟରଞ୍ଜନଙ୍କ ମନରେ ସନ୍ଦେହ ହୋଇଥିଲା। ପରେ ସେ ହାତକଡିରୁ ହାତକୁ ଖୋଲିବାକୁ ଚେଷ୍ଟା କରିଥିଲେ। ଶେଷରେ ହାତଗୁଡିକୁ ଖୋଲି କଳାମୁଖା ଖୋଲିବା ସମୟରେ ଉମାକାନ୍ତ ଦେଖିଦେଇଥିଲା। ପୁଣି ହାତକଡି ପିନ୍ଧାଇବାକୁ ଗାଡିଛିଡା କରିବାକୁ ଉମାକାନ୍ତ ନିର୍ଦ୍ଦେଶ ଦେଇଥିଲା। ସଞ୍ଜୟ ଓତା ଗାଡି ଛିଡା କରିବା ପରେ ହାତକଡି ପକାଇବାକୁ ଉମାକାନ୍ତ ଗାଡି ଡୋର ଖୋଲୁଥିଲା। ସେହିସମୟରେ କୌଶଳକ୍ରମେ ସତ୍ୟରଞ୍ଜନ ଦୌଡି ପଳାଇଥିଲେ। ଏହି ଘଟଣା ଜଣାପଡ଼ିବା ସହିତ ବାଙ୍ଗିରିପୋଷି ପୁଲିସ ସେମାନଙ୍କୁ କାବୁ କରିନେଇଥିଲା। ତେବେ ଅପହରଣ ବଡସାହି ଥାନା ଇଲାକାରେ ହୋଇଥିବାରୁ ବଡସାହି ପୁଲିସକୁ ହସ୍ତାନ୍ତର କରାଯାଇଥିଲା। ବଡସାହି ପୁଲିସ ଶନିବାର ସକାଳେ ବେତନଟୀରେ ପହଞ୍ଚି ବିଭିନ୍ନ ସ୍ଥାନରେ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହିତ ଅପରାଧରେ ବ୍ୟବହୃତ ଏବଂ ଚକମା ଦେଖାଇ ଫେରାର ଥିବା ବୋଲେରୋର ସୁରାକ ପାଇଥିଲା। ଏଥିସହିତ ଅପହୃତ ସତ୍ୟରଞ୍ଜନଙ୍କ ନାମରେ ପଞ୍ଜୀକୃତ ଏକ ଟଟାଏସି ଗାଡିକୁ ବେତନଟୀ ଉପକଣ୍ଠ ତୁଳସୀଚଉରାସ୍ଥିତ ଢାବା ସମ୍ମୁଖରୁ ଜବତ କରିଛି ବଡସାହି ପୁଲିସ। ରବିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ଏବଂ ଏହି ଅପରାଧରେ ସାମିଲ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ବଡସାହି ପୁଲିସର ଏକ ଟିମ ବିଭିନ୍ନ ସ୍ଥାନରେ ଛାପା ମାରୁଛି।

## ବ୍ରାଇଟ୍ କ୍ୟାରିୟର ଏକାଡେମୀର ବାର୍ଷିକ ଉତ୍ସବ



ଜାମଦା, ୨୪।୩ (ସମିସ): ଜାମଦା ବ୍ଲକ ଅନ୍ତର୍ଗତ କୁଦାର୍ଙ୍ସା ଗ୍ରାମରେ ଥିବା ବ୍ରାଇଟ କ୍ୟାରିୟର ଏକାଡେମୀର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଇଂରାଜୀ ମାଧ୍ୟମ ବିଦ୍ୟାଳୟର ନିର୍ଦ୍ଦେଶକ ଏମ.ପି ମହାନ୍ତଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ପ୍ରଶାନ୍ତ ନନ୍ଦ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ତାଖୁଆ ଆନ୍ତର୍ଜାତୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସା, ସମ୍ମାନିତ ଅତିଥି ଭାବେ କିଡିଲ୍ ଫ୍ଲାୱାର ବିଦ୍ୟାଳୟର ଶିକ୍ଷକ ଦୁର୍ଗାଚରଣ ମହାନ୍ତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ସୁମିତ୍ରା ରାଉତ, ସଞ୍ଜୟ ରାଉତ, ସୁଭିଧା ରାଉତ, ମୁନି ଦଲେଇ, ଦୀନେଶ ବିରୁଆ, ଖେଲାରାମ୍ ମୁର୍ମୁ, ସଙ୍ଗୀତ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମୃତକ ପରିବାରକୁ ଶିକ୍ଷକ ସଂଘର ଆର୍ଥିକ ସହାୟତା



କୁଳିଅଣା, ୨୪।୩ (ସମିସ): କୁଳିଅଣା ବ୍ଲକ ଅନ୍ତର୍ଗତ କଖାରୁଶୋକ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଶିକ୍ଷକ ସୁଜିତ କୁମାର ପାତ୍ରଙ୍କ ଗତ ଶନିବାର ହୃଦଘାତରେ ମୃତ୍ୟୁ ଘଟିଥିଲା। ତାଙ୍କୁ ବାରିପଦାରୁ କଟକ ସ୍ଥାନାନ୍ତର କରାଯାଉଥିବାବେଳେ ବାଟରେ ଭଦ୍ରକ ନିକଟରେ ମୃତ୍ୟୁ ହୋଇଥିଲା। ତାଙ୍କ ବିୟୋଗରେ କୁଳିଅଣା ବ୍ଲକର ସମସ୍ତ ବର୍ଗର ଶିକ୍ଷକ ସଙ୍ଘ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକ ପରିବାରକୁ ସମବେଦନା ଜଣାଇଥିଲେ। ରବିବାର ଶିକ୍ଷକ ସଙ୍ଘର କର୍ମକର୍ତ୍ତାମାନେ ତାଙ୍କ ପୈତୃକ ଗୃହ ପଶ୍ଚିମବଙ୍ଗ ଅନ୍ତର୍ଗତ ବାଗଡିହା ଗ୍ରାମକୁ ଯାଇ ୭୪, ୨୦୦ଟଙ୍କା ପରିବାରକୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସଙ୍ଘର ଦିଲ୍ଲୀପକୁମାର ପାତ୍ର, ଅମୀୟକୁମାର ସାହୁ, ହରେକୃଷ୍ଣ ବାରିକ, ଭାଗବତପ୍ରସାଦ ଜେନା, ଶିବନାରାୟଣ ମହାନ୍ତ, ରାକେଶକୁମାର ପ୍ରଧାନ, ସପନକୁମାର ରଣା, ରଜତକୁମାର ସେନାପତି, ଅଜୟ କୁମାର ମହାପାତ୍ର, ଜାଗେନ କୁମାର ମାର୍ଣ୍ଡି, ଶୁକଦେବ ସିଂ, ପ୍ରଦୀପ ଧଳ, ବାବୁଲାଲ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ କୁଳିଅଣା ବ୍ଲକ ଶିକ୍ଷକ ସମାଜର ଏକ ଅପୂରଣୀୟ କ୍ଷତି ହେଲା ବୋଲି ସଂଘ ପ୍ରକାଶ କରିଛି। ସେ ଜଣେ ମେଳାପୀ ସହିତ ଛାତ୍ର ବତ୍ସଳ ଶିକ୍ଷକ ଥିଲେ।

## ଏମ୍‌ପିସି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

ବାରିପଦା, ୨୪।୩(ସମିସ): ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଆୟୋଜନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏମପିସି ଆଲୁମିନି ଟ୍ରଷ୍ଟ ପକ୍ଷରୁ ଆୟୋଜିତ ବୈଠକରେ ପ୍ରାକ୍ତନ ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ଘଡାଇ ସଭାପତିତ୍ୱ କରିଥିଲେ। ଆସନ୍ତା ଜୁନ୍ ୨୨ ଓ ୨୩ ତାରିଖ ଦୁଇ ଦିନ ଧରି ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେବା ନେଇ ସ୍ଥିର କରାଯାଇଛି। ବିଭିନ୍ନ କମିଟି ଗୁଡିକ ଗଠନ କରାଯାଇ କାମକୁ ସୁଚାରୁରୂପେ ଆଗେଇନେବା ପାଇଁ ସେମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରାଗଲା। ବିଭିନ୍ନ ବର୍ଷର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ବ୍ୟାଚ କୋର୍ଡିନେଟର ମାନ ଚୟନ କରି ଅଧିକରୁ ଅଧିକ ସଭ୍ୟ ସଂଗ୍ରହ କରାଯାଇ ସେମାନଙ୍କୁ ପଞ୍ଜୀକୃତ କରିବା ପାଇଁ ସ୍ଥିର କରାଗଲା। ପରବର୍ତ୍ତୀ ସଭା ପାଇଁ ଅପ୍ରେଲ ୧୩ ତାରିଖକୁ ଧାର୍ଯ୍ୟ କରାଗଲା। ଆସନ୍ତା ବୈଠକରେ ବହୁ ସଂଖ୍ୟାରେ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିବା ସଂଗେ ସଂଗେ ଉକ୍ତ ସମାରୋହକୁ ସାଫଲ୍ୟ ମଣ୍ଡିତ କରିବାରେ ସହଯୋଗ କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ପାଳିତ ହେଲା। ଶେଷରେ ପ୍ରାଧ୍ୟାପକ ଉପେନ୍ଦ୍ରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦାମ ରାଉତଙ୍କ ବିୟୋଗରେ ପ୍ରାକ୍ତନ ସରପଞ୍ଚଙ୍କ ଶୋକ

କୁଆମରା, ୨୪।୩(ସମିସ): ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ଡା. ଦାମୋଦର ରାଉତଙ୍କ ବିୟୋଗରେ ଗୋପବନ୍ଧୁ ନଗର ବ୍ଲକ ସାଇଁକୁଳା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ତଥା ବିଜେଡିର ବରିଷ୍ଠ ନେତା ରତିକାନ୍ତ ମିଶ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ରାଉତ ଶ୍ରୀ ମିଶ୍ରଙ୍କ ଜଣେ ଅନ୍ତରଙ୍ଗ ବନ୍ଧୁ ଥିଲେ। ତାଙ୍କ ବଡ ଭାଇ ରାମଚନ୍ଦ୍ର ରାଉତ ଗୋପବନ୍ଧୁ ନଗର ବ୍ଲକର ବିଡିଓ ଥିବା ସମୟରେ ଦାମବାବୁଙ୍କ ସହିତ ତାଙ୍କର ସମ୍ପର୍କ ସ୍ଥାପନ ହୋଇଥିଲା। ସେ ଜଣେ ଦରଦୀ ଓ ସହଯୋଗୀ ବନ୍ଧୁଙ୍କୁ ହରାଇ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

## ମୁର୍ଗାଡିହି ସାହି ଜାହିରାରେ ଦିଶମ ବାହାବଙ୍ଗା ପର୍ବ ପାଳିତ



ବାରିପଦା, ୨୪।୩(ସମିସ): ବାରିପଦା ପୌରପରିଷଦ ଅନ୍ତର୍ଗତ ସ୍ଥାନୀୟ ପାଲବଣି ସ୍ଥିତ ମୁର୍ଗାଡ଼ିହି ସାହି ଜାହିରା ପୀଠରେ ଦିଶମ ବାହା ବଙ୍ଗା ପର୍ବ ଧୂମଧାମ ସହକାରେ ପାଳନ ହୋଇଯାଇଛି। ପ୍ରତିବର୍ଷ ଫାଲଗୁନ ପଞ୍ଚମୀରେ ସମସ୍ତ ଗ୍ରାମରେ ଫୁଲ ପୂଜା ପାଳନ ହେବା ପରେ ଫାଲଗୁନ ପୂର୍ଣ୍ଣିମା ପୂର୍ବଦିନ ଦିଶମ ବାହା ବଙ୍ଗା ପର୍ବ ପାଳନ କରାଯାଇଥାଏ। ତିନି ଦିନ ଧରି ଏହି ପର୍ବ ପାଳନ ହେବାକୁ ଥିବା ବେଳେ ପର୍ବର ପ୍ରଥମ ଦିନରେ ଆଦିବାସୀ ପାରମ୍ପରିକ ରୀତିନୀତି ଅନୁଯାୟୀ ଜାହେରା ଶାଳରେ ସ୍ଥାପିତ ମାରାଙ୍ଗବୁରୁ, ଜାହେର ଆୟ, ମୋଣେକ, ତୁରୁୟକୋ, ଜାହେରଏରା ଏବଂ ସମସ୍ତ ପାରମ୍ପରିକ ଦେବାଦେବୀଙ୍କ ପ୍ରଥମେ ସ୍ନାନ କାର୍ଯ୍ୟ ସମାପନ କରାଯାଇଥିଲା। ପର୍ବର ଦ୍ୱିତୀୟ ଦିନ ଅର୍ଥାତ ମୁଖ୍ୟ ଦିବସରେ ପୂର୍ବାହ୍ନ ସମୟରେ ନାଏକେ ବାବାଙ୍କ ଦ୍ୱାରା ସମସ୍ତ ଦେବାଦେବୀଙ୍କ ପୂଜାର୍ଚ୍ଚନା କାର୍ଯ୍ୟ ସମାପନ କରାଯାଇଥିଲା। ପରେ ଅପରାହ୍ନ ସମୟରେ ଜାହେରା ଶାଳରେ ଏକତ୍ରିତ ହୋଇଥିବା ଆଦିବାସୀ ସମ୍ପ୍ରଦାୟର ଶତାଧିକ ମହିଳା, ଯୁବତୀ ଓ ପୁରୁଷ ପାରମ୍ପରିକ ପୋଷାକ ପରିଧାନ କରି ମୁଣ୍ଡରେ ଶାଳ ଫୁଲ, ମହୁଲ ଫୁଲ ଖଞ୍ଜି ହାତକୁ ହାତ ମିଶାଇ ମାଦଳ ବଜାଉ ତାଳେ ତାଳେ ଦିଶମ ବାହା ସଙ୍ଗୀତରେ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ବାରିପଦା ପୌରପାଳିକାର ୱାର୍ଡ ନମ୍ବର ୨୫ର କାଉନସିଲର ଦେବାଶିଷ ପାତ୍ର ଉକ୍ତ ପର୍ବରେ ସାମିଲ ହୋଇଥିଲେ। ଏହି ଅବସରରେ ସମସ୍ତ ଗ୍ରାମର ନାଏକେ ବାବା, ମାଝୀବାବା ଆଦିବାସୀ ସମ୍ପ୍ରଦାୟର ଦିଶମ ଜାହେର ପର୍ବ ପାଳନର ମହତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ଉପସ୍ଥିତ ସମସ୍ତ ସାମ୍ପ୍ରଦାୟିକ ଜନସାଧାରଣ ଦିଶମ ବାହା ଶଳେ (ପ୍ରସାଦ) ସେବନ କରିଥିଲେ। ଅପରାହ୍ନ ସମୟରେ ଆଦିବାସୀ ନୃତ୍ୟଗୀତ ମାଧ୍ୟମରେ ଜାହେରାଶାଳ ଉତ୍ସବ ମୁଖର ହୋଇଥିଲା।

## କଂଗ୍ରେସର ଜିଲ୍ଲାସ୍ତରୀୟ ପରିବର୍ତ୍ତନ ସମାବେଶ

କରଞ୍ଜିଆ, ୨୪।୩(ସମିସ): ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ପକ୍ଷରୁ କଂଗ୍ରେସର ପଶ୍ଚିମାଞ୍ଚଳ ମୟୂରଭଞ୍ଜ ସାଙ୍ଗଠନିକ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁଙ୍କ ସଭାପତିତ୍ୱରେ ଶନିବାର ଏକ ପରିବର୍ତ୍ତନ ସମାବେଶ ଅନୁଷ୍ଠିତ ହୋଇଥିଲା। ଏ ନେଇ ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ପୂର୍ବାଞ୍ଚଳ ସାଙ୍ଗଠାନିକ ଜିଲ୍ଲାର ସଭାପତି ନିରୋଜ ଲୋଚନ ଦାସ, ରାଜୀବ ଗାନ୍ଧୀ ସଂଗଠନର ପୂର୍ବାଞ୍ଚଳ ଜିଲ୍ଲାର ସଂଯୋଜକ ମୀନକେତନ ବେହେରା, ରାଜୀବଗାନ୍ଧୀ ସଂଗଠନର ରାଜ୍ୟ ସଂଯୋଜକ କୁନାଲ ବାନାର୍ଜୀ, ପ୍ରାକ୍ତନ ସାଂସଦ ସୁଶିଳା ତିରିଆ, ବିଧାୟକ ଲକ୍ଷ୍ମଣ ମାଝୀ, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଜବାମଣି ଟୁଡୁ, ପଶ୍ଚିମ ମୟୂରଭଞ୍ଜ ସାଙ୍ଗଠାନିକ ଜିଲ୍ଲାର ମହିଳା କଂଗ୍ରେସ ସଭାନେତ୍ରୀ ନୀଳିମା ସୋରେନ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଦୀପଙ୍କର ମହାନ୍ତି, ଉପସଭାପତି ହେଲେନା ବାଗେ ଓ ବିଶ୍ୱନାଥ ଦାସ, ସାଧାରଣ ସମ୍ପାଦକ ଭଜୁହରି ମହାନ୍ତ ଓ ଚନ୍ଦ୍ରକୁମାର ଶୁଭେନ୍ଦୁ ଦାସ, ଜିଲ୍ଲା ମିଡିଆ ସେଲ ଅଧ୍ୟକ୍ଷ ଅଂଶୁମାନ ଦାସ, ଜିଲ୍ଲା ହରିଜନ ସେଲ ଅଧ୍ୟକ୍ଷ ତୁଷାରକାନ୍ତ ବେହେରାଙ୍କ ବହୁ ନେତା ଉପସ୍ଥିତ ଥିଲେ। ଏହି ଅବସରରେ ଦଳୀୟ ନେତାମାନେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ।

## ପୁରୁଣିଆରେ କୁଡୁମୀ ସେନାର ସଚେତନତା ଶିବିର

ବୈଶିଙ୍ଗା, ୨୪।୩ (ସମିସ): ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ଗ୍ରାମ ପଞ୍ଚାୟତର ନୂଆସାହିରେ କୁଡୁମୀ ସେନା ପକ୍ଷରୁ ଏକ କୁଡୁମୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦ ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ କୁଡୁମୀ ସେନାର ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତ ଯୋଗଦେଇ କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ସାମିଲ ପାଇଁ ଏକ ଦଶନ୍ଧି ହେଲା ଆନ୍ଦୋଳନ ହୋଇଆସୁଛି। ରାଜ୍ୟ ସରକାର ୧୬୯ ଜାତିକୁ ଆଦିବାସୀ ବର୍ଗରେ ସାମିଲ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ; କିନ୍ତୁ କେନ୍ଦ୍ର ସରକାର କୁଡୁମୀ ଜାତିକୁ ବାଦ ଦେଇଛନ୍ତି। ଆୟୋଜିତ ସଭାରେ କୁଡୁମୀ ଛାତ୍ର ସେନାର ଅଜିତ ମହାନ୍ତ, ଟପି ମହାନ୍ତ, ଅଜୟ କୁମାର ମହାନ୍ତ, ମୋହନ ମହାନ୍ତ, ବାପି ମହାନ୍ତ, ସୁନୀଲ କୁମାର ମହାନ୍ତ, ଦେବେନ୍ଦ୍ର ମହାନ୍ତ, ଲକ୍ଷ୍ମୀକାନ୍ତ ମହାନ୍ତ, ପ୍ରତାପ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ମୋରଡା, ୨୪।୩(ସମିସ): ମୋରଡ଼ା ଥାନା କୋହି ଗ୍ରାମର ଧର୍ମ ପରାୟଣା ମହିଳା ଲକ୍ଷ୍ମୀ ବେହେରା (୯୦)ଙ୍କ ପରଲୋକ ହୋଇଯାଇଛି। ସେ କବିରତ୍ନ ଉପାଧି ପାଇଥିଲେ। ସେ ଜଣେ କବି, ଗାଳ୍ପିକ, ନାଟ୍ୟକାର ତଥା ଅଞ୍ଚଳରେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଭାବରେ ବେଶ ପରିଚିତ ଥିଲେ। କିଛି ଦିନ ହେବ ସେ ଅସୁସ୍ଥ ଥିବା ବେଳେ ନିଜ ଘରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଲକ୍ଷ୍ମୀ ବେହେରା ଅଞ୍ଚଳରେ ଆଦର୍ଶ ଗୃହିଣୀ ଭାବରେ ବେଶ ପରିଚିତ। ନିଜର ନିଷ୍କପଟ, ସରଳ, ନିଃସ୍ୱାର୍ଥପର ମନୋଭାବ ସାଙ୍ଗକୁ ଜଣେ ସ୍ନେହ ପରାୟଣ ମହିଳା ଥିଲେ। ଆଜି ତାଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ଛାତ୍ରାବାସରେ ନିମ୍ନମାନର ଖାଦ୍ୟ ନେଇ ଅଭିଯୋଗ

କୁଆମରା, ୨୪।୩(ସମିସ): ଖୁଣ୍ଟା ବ୍ଲକ ଭୋଲାଗଡ଼ିଆ ପଞ୍ଚାୟତ ସିମିଳିପାଳ ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରାବାସରେ ଅନ୍ତେବାସୀଙ୍କୁ ନିମ୍ନମାନର ଖାଦ୍ୟ ଯୋଗାଣ ନେଇ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ହେଉଥିବାବେଳେ ଛାତ୍ରାବାସରେ ୧୪୦ ଜଣ ଅନ୍ତେବାସୀ ରହୁଛନ୍ତି। ତେବେ ସେମାନଙ୍କର ସକାଳ ଜଳଖିଆଠାରୁ ରାତ୍ରିଭୋଜନ ପର୍ଯ୍ୟନ୍ତ ଯାହା ଖାଦ୍ୟ ଦିଆଯାଉଛି ତାହା ଅତ୍ୟନ୍ତ ନିମ୍ନମାନର ବୋଲି ଛାତ୍ରମାନେ ଅଭିଭାବକ ନିକଟରେ ଅଭିଯୋଗ କରିଥିଲେ। ପରେ ବିଦ୍ୟାଳୟ ପରିଚାଳନା କମିଟି ଯାଞ୍ଚ କରିବାକୁ ଯାଇଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ପରିଚାଳନା କମିଟିକୁ ସହଯୋଗ କରି ନ ଥିଲେ ବୋଲି ଚେୟାରମ୍ୟାନ ସୁମିତ୍ରା ନାଏକ ଅଭିଯୋଗରେ ଦର୍ଶାଇଛନ୍ତି। ପ୍ରଥମେ ପରିଚାଳନା କମିଟି ବ୍ଲକ ଡବ୍ଲ୍ୟୁଇଓଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଉପଯୁକ୍ତ ପଦକ୍ଷେପ ନ ନେବାରୁ ଗତ ୨୧ ତାରିଖରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଘଟଣାର ତୁରନ୍ତ ପଦକ୍ଷେପ ନ ନେଲେ ପରିଚାଳନା କମିଟିର ସଦସ୍ୟ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି କମିଟିର ସଦସ୍ୟ ଗଜେନ୍ଦ୍ର ନାଏକ, ସବିତା ଗିରି, ଲକ୍ଷ୍ମୀ ମୁର୍ମୁ, ସୁକାନ୍ତୀ ମାହାଲି, ରାଣୀ ଟୁଡୁ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ଦେବକୀ ନାଏକଙ୍କୁ ପଚାରିବାରୁ ସରକାରଙ୍କ ଗାଇଡ ଲାଇନ ଓ ଦୈନିକ ଖାଦ୍ୟ ତାଲିକା ଅନୁଯାୟୀ ଅନ୍ତେବାସୀଙ୍କୁ ଖାଦ୍ୟ ଦିଆଯାଉଛି। ତେବେ କେଉଁଦିନ କ'ଣ ରୋଷେୟା ଭୁଲ କରିଥିଲେ ମଧ୍ୟ ଆଗାମୀ ଦିନରେ ତାହା ଠିକ୍ କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।

## ସୀମାନ୍ତ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ବାର୍ଷିକ ପାଠଚକ୍ର



ଝାରପୋଖରିଆ, ୨୪।୩(ସମିସ): ଝାରପୋଖରିଆସ୍ଥିତ ସୀମାନ୍ତ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ବାର୍ଷିକ ପାଠଚକ୍ର ବିଭାଗୀୟ ମୁଖ୍ୟ ଶ୍ରୀଯୁକ୍ତ ଥୋମାସ ମରାଣ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ପାଠଚକ୍ରର ପ୍ରାରମ୍ଭରେ ଅଧ୍ୟାପିକା ସ୍ୱପ୍ନେଶ୍ୱରୀ ମୁର୍ମୁ ଅତିଥିମାନଙ୍କୁ ମଞ୍ଚ ଉପରକୁ ନିମନ୍ତ୍ରଣ ସହିତ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଦୀପ ପ୍ରଜ୍ୱଳନ ଓ ଛାତ୍ରୀମାନଙ୍କ ଦ୍ୱାରା ସୁଗମ ସଙ୍ଗୀତ ପରିବେଷଣ ପରେ ଶ୍ରୀ ମାରାଣ୍ଡି ବାର୍ଷିକ ବିବରଣୀ ପାଠ ଓ ସ୍ୱାଗତ ଅଭିଭାଷଣ ରଖିଥିଲେ। ମୁଖ୍ୟବକ୍ତା ଭାବେ ବାରିପଦା ସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଡ଼ଃ ବଭ୍ରୁବାହନ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବୁଦ୍ଧଦେବ କର ଓ ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟ ଡ. ପ୍ରବୀର କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଅଧ୍ୟାପିକା ସ୍ୱପ୍ନେଶ୍ୱରୀ ମୁର୍ମୁ, ଅଧ୍ୟାପକ ଶିଶିର କୁମାର ପଟ୍ଟନାୟକ, ଅଧ୍ୟାପିକା ମେଘମାଳା ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ପାଠଚକ୍ରର ବିଷୟ ବସ୍ତୁ 'ଆଧୁନିକ ଓଡ଼ିଆ କବିତାରେ ମିଥ ଚେତନା' ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଇଂରାଜୀ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡ଼ଃ ବୁଦ୍ଧ ଦେବ କର ପୁରାଣ ସାହିତ୍ୟ ଓ ଲୋକକଥାର ସମନ୍ୱୟ ଓ ପ୍ରତିଫଳନ କିପରି ଅଧୁନିକ ଓଡ଼ିଆ ସାହିତ୍ୟ ତଥା କବିତାରେ ହୋଇଛି ସେ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଡ଼ଃ ମହାପାତ୍ର ତାଙ୍କ ଦୀକ୍ଷାନ୍ତ ଭାଷଣରେ ବିସ୍ତୃତଭାବରେ ପୁରାଣ ସାହିତ୍ୟର ବିଭିନ୍ନ ଚରିତ୍ର ସହିତ ଆଧୁନିକ ସାହିତ୍ୟ, ସାହିତ୍ୟିକ ଓ ସେମାନଙ୍କ ସୃଷ୍ଟିର ତୁଳନାମକ ବ୍ୟାଖ୍ୟା ଓ ବିବୃତି ରଖିଥିଲେ। ଛାତ୍ର ଶ୍ରୀତମ ବେହେରା, ଛାତ୍ରୀ ସୁଭସ୍ମିତା ମହାପାତ୍ର, ଶିବାନୀ ମହାନ୍ତ ସ୍ୱରଚିତ ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପିକା ମେଘମାଳା ଦାସ ପ୍ରଶଂସାପତ୍ର ପାଠ କରିଥିବାବେଳେ ଅଧ୍ୟାପକ ଶିଶିର କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଘିଖଲି ଗ୍ରାମରେ ଲୋ-ଭୋଲଟେଜ୍

ଖୁଣ୍ଟ, ୨୪।୩(ସମିସ): ଶୁକୁଳି ବ୍ଲକର ଘିଖଲି ଗ୍ରାମରେ ୭୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ ଉପଭୋକ୍ତାଙ୍କ ନିମନ୍ତେ ୧୬ କେଭିଏ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ବସିଛି; ହେଲେ ଲୋ ଭୋଲଟେଜ ଯୋଗୁଁ ଗ୍ରାମବାସୀ ବହୁ ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ଫଳରେ ଉପଭୋକ୍ତାଙ୍କ ଘରେ ଲାଇଟ ଜଳୁନାହିଁ କି ପଙ୍ଖା ମଧ୍ୟ ବୁଲୁନାହି। ବିଶେଷକରି ଛାତ୍ରଛାତ୍ରୀମାନଙ୍କର ପାଠପଢ଼ାରେ ସମସ୍ୟା ଉପୁଜୁଛି। ତେଣୁ ବିଦ୍ୟୁତ ବିଭାଗ ଉକ୍ତ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ୧୦୦ କେଭିଏ ଟ୍ରାନ୍ସଫର୍ମର ବସାଇବାକୁ ଗ୍ରାମବାସୀ ଦାବି କରୁଛନ୍ତି।

### ମୟୂରଭଞ୍ଜ ସାହିତ୍ୟ ପରିଷଦର ୩୯ତମ ବାର୍ଷିକୋତ୍ସବ

# ବୀଣାପାଣି ପଣ୍ଡା ଓ ବସନ୍ତ ରାଉଳଙ୍କୁ 'ମୟୂରଭଞ୍ଜ ସାହିତ୍ୟ ସମ୍ମାନ'

ବାରିପଦା, ୨୪।୩(ସମିସ): ଜିଲ୍ଲାର ଅଗ୍ରଣୀ ସାରସ୍ୱତ ସଂଗଠନ ମୟୂରଭଞ୍ଜ ସାହିତ୍ୟ ପରିଷଦର ୩୯ତମ ବାର୍ଷିକୋତ୍ସବ ଶ୍ରୀମା' ମହିଳା ମହାବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ପରିଷଦର ପତାକା ଉତ୍ତୋଳନ ପରେ ଉଦଘାଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବରେ ବରିଷ୍ଠ ସାମ୍ବାଦିକ ଡ ବିଜୟ କୁମାର ଅଗ୍ରୱାଲା ଯୋଗଦେଇ ମୟୂରଭଞ୍ଜ ଜିଲ୍ଲାର ଭାଷା ଓ ସାହିତ୍ୟ ବିକାଶରେ ପରିଷଦର ଭୂମିକାକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତାଭାବେ ବିଶିଷ୍ଟ ଅନୁସର୍ଜକ ପ୍ରଫେସର ପ୍ରଣବ ରଞ୍ଜନ ଭୂୟାଁ, ସମ୍ମାନିତ ଅତିଥିରୂପେ ଶ୍ରୀମା' ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନଟବର ଗିରି ଯୋଗ ଦେଇଥିଲେ। ପ୍ରାରମ୍ଭରେ ପରିଷଦର କୋଷାଧ୍ୟକ୍ଷ ଅଧ୍ୟାପକ ସମରେନ୍ଦ୍ର ବଶା ସ୍ୱାଗତ ଭାଷଣ ଓ ସମ୍ପାଦକ ଇଂ. ମନୋଜ ଦଳବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସୁଶ୍ରୀ ଭାରତୀ ବେବର୍ତ୍ତା ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ କୈବଲ୍ୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଡ. ସଞ୍ଜୀବ ପାଣିଗ୍ରାହୀ ଆବାହନୀ ମନ୍ତ୍ର ପାଠ କରିଥିଲେ। ଏହି ଅବସରରେ ବାରିପଦାର ସୁଶ୍ରୀ ବୀଣାପାଣି ପଣ୍ଡା ଏବଂ କପ୍ତିପଦାର ବସନ୍ତ କୁମାର ରାଉଳଙ୍କୁ ମୟୂରଭଞ୍ଜ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଡ. ଭାଗବତ ଲେଙ୍କାଙ୍କୁ ସରୋଜିନୀ-ପ୍ରଫୁଲ୍ଲ ଓତା ସ୍ମୃତିସମ୍ମାନ ଏବଂ ନିରୋଦ ସୁନ୍ଦର ଜେନାଙ୍କୁ ଲକ୍ଷ୍ମୀକୁମାରୀ ଦାସ ଯୁବ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ଦଶମ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସାଇଜ୍ୟୋତି ମହାନ୍ତିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି ଉପଲକ୍ଷେ ପରିଷଦର ମୁଖପତ୍ର ମୟୂରାକ୍ଷି ଲୋକାର୍ପିତ ହୋଇଥିଲା। ମୟୂରାକ୍ଷି ସମ୍ପାଦନା ମଣ୍ଡଳିର ଅନ୍ୟତମ ସଦସ୍ୟ ଅଜିତ ପାଣିଗ୍ରାହୀ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୃନ୍ଦାବନ ଦାଶ, ଡା. କୁମୁଦ ରଞ୍ଜନ ରାଉତ, ଅଜିତ କୁମାର କବାଟ, ମେଜର ରବୀନ୍ଦ୍ର କୁମାର ପରିଡ଼ା, ଭରତ ଚନ୍ଦ୍ର ଦାଶ ବକ୍ତବ୍ୟ ରଖିଥିଲେ। ଅପରାହ୍ଣରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ ବ୍ୟଙ୍ଗ କବିତା ପାଠ ଆୟୋଜିତ ହୋଇଥିଲା। ପରିଷଦର ଉପସଭାପତି ଜୟନ୍ତ କୁମାରୀ ଦ୍ୱାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପିକା ଉଷା ଶତପଥୀ ମୁଖ୍ୟଅତିଥି ଏବଂ ବିଶିଷ୍ଟ କବି ଡ. ରାଜେନ୍ଦ୍ର କୁମାର ସାମଲ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ପ୍ରାରମ୍ଭରେ କବି ଶିଉଲାଲ ମହାନ୍ତ ଅତିଥି ପରିଚୟ ଓ କବୟିତ୍ରୀ ବାସନ୍ତୀଲତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କବୟିତ୍ରୀ ପାର୍ବତୀ ବାରିକ ତଥା ଡ. ଶଶିଧର ବିଶ୍ୱାଳଙ୍କ ସଂଯୋଜନାରେ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ।



# ଅରବିନ୍ଦ କେଜରିୱାଲଙ୍କ ଗିରଫଦାରୀକୁ ଆପ୍‌ର ବିରୋଧ

**ବାରିପଦା, ୨୪।୩(ସମିସ):** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ କରାଯାଇଛି। ଏନେଇ ଆମ ଆଦମୀ ପାର୍ଟି ପକ୍ଷରୁ ରବିବାର ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଅଭିଯୋଗ କରି ବିଜେପି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଜିଲ୍ଲା ସଭାପତି ଶଙ୍କର୍ଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମହିଳା ସଭାନେତ୍ରୀ ମୁକ୍ତାଞ୍ଜ ସିଂ, ବିଶ୍ୱବିଜୟା ପଣ୍ଡା ପ୍ରମୁଖ ଉପସ୍ଥିତ ହୋଇଥିଲେ। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଇଡିର ଅଭିଯୋଗ ହେଉଛି ପି ସରଥ ଚନ୍ଦ୍ର ରେଡ୍ଡୀ ନାମକ ମଦ ବେପାରୀ ଅରବିନ୍ଦ କେଜରିୱାଲଙ୍କୁ ଦିଲ୍ଲୀରେ ମଦ ଠିକା ପାଇବା ପାଇଁ ୧୦୦ କୋଟି ଟଙ୍କା ଲାଞ୍ଚ ଦେଇଛନ୍ତି। କେବଳ ତାଙ୍କର ବକ୍ତବ୍ୟ ଆଧାରରେ କେଜରିୱାଲଙ୍କୁ ଗିରଫ କରାଯାଇଛି। ମାତ୍ର ସୁପ୍ରିମକୋର୍ଟର ନିର୍ଦ୍ଦେଶ ପରେ ସାର୍ବଜନୀନ ହୋଇଥିବା ଇଲେକ୍ଟୋରାଲ ବଣ୍ଡ ତଥ୍ୟରୁ ଅଧିକ ଚାଞ୍ଚଲ୍ୟକର କଥା ଜଣାପଡ଼ିଛି। ସରଥ ଚନ୍ଦ୍ର ରେଡ୍ଡି କେବଳ ଜଣେ ମଦ ବେପାରୀ ନୁହନ୍ତି। ସେ ଅରବିନ୍ଦୋ ଫାର୍ମା ନାମକ ଏକ ବଡ଼ ଔଷଧ କମ୍ପାନୀର ମାଲିକ। ତାଙ୍କର ଅନ୍ୟ କିଛି କମ୍ପାନୀ ମଧ୍ୟ ଅଛି। ସରଥ ଚନ୍ଦ୍ର ରେଡ୍ଡିଙ୍କୁ ଇଡି ମଦ ଘୋଟାଲାର ମୁଖ୍ୟ ପୁରୋଧା କହି ଗିରଫ କଲା। ତାଙ୍କୁ ଜେରା କଲା ବେଳେ ସେ ଅରବିନ୍ଦ କେଜରିୱାଲଙ୍କୁ ଚିହ୍ନି ନାହାନ୍ତି ଏବଂ କୌଣସି ଟଙ୍କା ଦେଇନାହାନ୍ତି ବୋଲି କହିଲେ। ତେଣୁ ଇଡି ତାଙ୍କର ଜାମିନର ବିରୋଧ କଲା ଏବଂ ଲମ୍ବା ସମୟ ଜେଲରେ ରଖିଲା ବୋଲି କହିଛନ୍ତି। ମାତ୍ର ବର୍ତ୍ତମାନ ଇଲେକ୍ଟୋରାଲ ବଣ୍ଡ ତଥ୍ୟରୁ ଜଣା ପଡ଼ିଛି ଯେ ପି. ସରଥ ଚନ୍ଦ୍ର ରେଡ୍ଡିଙ୍କୁ ଇଡି ମାଧ୍ୟମରେ ଭୟଭୀତ କରି ଭାରତୀୟ ଜନତା ପାର୍ଟି ତାଙ୍କର ବିଭିନ୍ନ କମ୍ପାନୀରୁ ପ୍ରାୟ ୫୯.୫ କୋଟି ଟଙ୍କା ଚାନ୍ଦା ନେଇଛି। ସେ ଜେଲରେ ଥିବା ବେଳେ କିଛି ଚାନ୍ଦା ଦେଇଛନ୍ତି। ପରବର୍ତ୍ତୀ ସମୟରେ ଅରବିନ୍ଦ କେଜରିୱାଲଙ୍କ ବିରୋଧରେ ଅଭିଯୋଗ କରିବାକୁ ରାଜି ହେବାରୁ ଇଡି ତାଙ୍କର ବେଲକୁ ବିରୋଧ କରିନଥିଲା ଏବଂ ତାଙ୍କୁ ରାଜସାକ୍ଷୀ କରି ମାମଲାରୁ ମୁକ୍ତି ଦେଇଥିଲା। ଜେଲରୁ ବାହାରିବା ପରେ ସେ ପୁଣି ଭାରତୀୟ ଜନତା ପାର୍ଟିକୁ ପ୍ରାୟ ୫୦ କୋଟି ଟଙ୍କା ଚାନ୍ଦା ଦେଇଥିବା ଆପ୍ ଅଭିଯୋଗ କରିଛି। ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଆପ୍ ପକ୍ଷରୁ କୁହାଯାଇଛି।

# କ୍ରାନ୍ତିପୀଠ ଡେଲିଙ୍ଗିବନ୍ଧ ସ୍ମୃତି ଦିବସ

**ଖୁଣ୍ଟା, ୨୪।୩(ସମିସ):** ଗୋପବନ୍ଧୁନଗର ବ୍ଲକ ଶିଳଘାଟି ପଞ୍ଚାୟତରେ ଥିବା ସ୍ୱାଧୀନତା ସଂଗ୍ରାମର ମୂକସାକ୍ଷୀ କ୍ରାନ୍ତିପୀଠ ଡେଲିଙ୍ଗି ବନ୍ଧର ୮୩ତମ ସ୍ମୃତି ଦିବସ ଶିଳଘାଟି ବନ୍ଧ ସ୍ମୃତି କମିଟି ପକ୍ଷରୁ ପାଳିତ ହୋଇଯାଇଛି।



କମିଟି ଆବାହକ ସାମ୍ବାଦିକ ତପନ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥି ଭାବେ ଶିଳଘାଟୀ ସରପଞ୍ଚ ଖୋଲାରାମ ହେମ୍ବ୍ରମ, ନାଏବ ସରପଞ୍ଚ ଜାସ୍ମି ହାଁସଦା, ସତ୍ୟନାରାୟଣ ବେହେରା, ମଳୟ କୁମାର ମହାକୁଡ଼ ପ୍ରମୁଖ ଯୋଗ ଦେଇ ବନ୍ଧ ଘାଟରେ ଦିବଂଗତଙ୍କ ପାଇଁ ତିଳତର୍ପଣ କରିଥିଲେ। ସ୍ୱାଧୀନତା ସଂଗ୍ରାମର ବାର୍ତ୍ତାବହନ କରୁଥିବା ଏବଂ ଇଂରେଜମାନଙ୍କ ବାରଣ ସତ୍ତ୍ୱେ ଚାଷ ଜମିକୁ ପାଣି ମଡାଇବା ପାଇଁ ୧୯୪୨ ମସିହା ମାର୍ଚ୍ଚ ୨୪ ତାରିଖରେ ଇଂରେଜ ବିରୋଧରେ ସ୍ୱର ଉତ୍ତୋଳନ କରି ଏହି ବନ୍ଧ ନିର୍ମାଣ କରିଥିଲେ ; ଯାହାକି ଡେଲିଙ୍ଗି ବନ୍ଧନାମରେ ପରିଚିତ। ଏହା ଯେ କେବଳ ଅଞ୍ଚଳର ଚାଷ କାର୍ଯ୍ୟ ପାଇଁ ହୋଇଥିଲା ତାହା ନୁହେଁ, ଏହି ମାଧ୍ୟମରେ ସମ୍ପୃକ୍ତ ଅଞ୍ଚଳରୁ ଇଂରେଜ ବିରୋଧୀ ବାର୍ତ୍ତାଦେଇ ସ୍ୱାଧୀନତା ସଂଗ୍ରାମ ପାଇଁ ଇନ୍ଧନ ଯୋଗାଇଥିଲା। ପରେ ଆଇନ ଅମାନ୍ୟ କରି ବନ୍ଧନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ୨୯୪ ଜଣ ସଂଗ୍ରାମୀଙ୍କୁ ଇଂରେଜ ସରକାର କାରାଗୃହକୁ ପଠାଇଥିଲେ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ଯାହା ଆଜିର ଯୁବପିଢ଼ିଙ୍କ ପାଇଁ ଜାଣିବାର ବିଷୟ ବୋଲି ଅତିଥିଗଣ ମତ ଦେଇଥିଲେ। ତେବେ ଏହି ବନ୍ଧ ଅବହେଳିତ ଅବସ୍ଥାରେ ରହିଥିବାରୁ ବିକାଶ ଏବଂ ବନ୍ଧ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ପ୍ରଶାସନ ପକ୍ଷରୁ ରାସ୍ତା ପାର୍ଶ୍ୱରେ ସୂଚନା ଫଳକ ଲଗାଇବା ଓ ଏହାର ବିକାଶ ପାଇଁ ସରକାରୀ ସ୍ତରରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ନେଇ ସ୍ମୃତି ସଭାରେ ଯୋଗଦେଇଥିବା ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଥିଲେ।

# ବିଶ୍ୱ ଯକ୍ଷ୍ମା ଦିବସ ପାଳିତ




**ରାଇରଙ୍ଗପୁର, ୨୪।୩(ସମିସ):** କୁସୁମୀ ବ୍ଲକ ଚିଙ୍ଗୁଡ଼ିପୋଖରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ହାଟବାଦଡା ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ରିତେଶ ଚୈତନ୍ୟ ମୁର୍ମୁଙ୍କ ଅଧ୍ୟକ୍ଷତା ଓ ବାଦାମପାହାଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବରିଷ୍ଠ ଯକ୍ଷ୍ମା ତଦାରଖକାରୀ ରୋହିତ କୁମାର ବାରିକ୍‌ଙ୍କ ଆୟୋଜିତ ସଭାରେ ଆଲୋଚନାରେ ମାଧ୍ୟମରେ ଯକ୍ଷ୍ମା ପାଇଁ ସରକାରୀ ଯୋଜନା ଓ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନରେ ଛାତ୍ରୀଙ୍କୁ ନେଇ ଯକ୍ଷ୍ମା କୁଇଜ୍ ଓ ଯକ୍ଷ୍ମା ରୋଗ କିପରି ଦୂର ହେଇପାରିବ ସେ ନେଇ ଏକ ନାଟକ ପରିବେଷଣ କରାଯାଇଥିଲା। ଯକ୍ଷ୍ମା କୁଇଜ୍‌ରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ତିନି ଜଣଙ୍କୁ ମାନପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଦିବସରେ ଡାକ୍ତର ରିତେଶ ଚୈତନ୍ୟ ମୁର୍ମୁ ଛାତ୍ରୀଙ୍କୁ ଯକ୍ଷ୍ମା ବିରୋଧରେ ସଚେତନତା ବାର୍ତ୍ତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମା ରୋଗ ମୁକ୍ତ କରିବା ପାଇଁ ପ୍ରଧାମନ୍ତ୍ରୀଙ୍କ ସପ୍ନକୁ ସଫଳ କରିବା ଲକ୍ଷ୍ୟ ନେଇ ସ୍ୱାସ୍ଥ୍ୟ ବିଭାଗରେ ଯୋଜନା ପ୍ରସ୍ତୁତ କରି ବିଭିନ୍ନ କାର୍ଯ୍ୟକ୍ରମ ଚାଲୁରହିଛି। ଶେଷରେ ରୋହିତ କୁମାର ବାରିକ୍ ପୁଷ୍ଟିକର ଖାଦ୍ୟ ଓ ଆର୍ଥିକ ସହାୟତା ବିଷୟରେ ଆଲୋଚନା କରିଥିଲେ।

# ବସୁଧା ପ୍ରକଳ୍ପ କାର୍ଯ୍ୟକ୍ଷମ ଦାବି

**ରାଇରଙ୍ଗପୁର, ୨୪।୩(ସମିସ):** ଜାମଦା ବ୍ଲକ ବଡ଼ାମତଳିଆ ଗାଁରେ ଦୀର୍ଘ ମାସ ହେଲାଣି ବସୁଧା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି। ମନ୍ଥର ଗତିରେ ପ୍ରକଳ୍ପ କାର୍ଯ୍ୟ ଚାଲିଥିବାରୁ କାର୍ଯ୍ୟ ଶେଷ ହୋଇପାରୁନାହିଁ। ବଡ଼ାମତଳିଆ ଗାଁଟି ପଥୁରିଆ ଅଞ୍ଚଳ ହୋଇଥିବାରୁ ଗ୍ରୀଷ୍ମ ଦିନେ ଜଳ ସମସ୍ୟା ମୁଣ୍ଡ ଟେକିଥାଏ।



ଆଗକୁ ଗ୍ରୀଷ୍ମ କାଳ ଆସୁଥିବାରୁ ଏହି ବସୁଧା ପ୍ରକଳ୍ପକୁ ଠିକାଦାର ତୁରନ୍ତ ଶେଷ କରିବାକୁ ଜନସାଧାରଣ ଓ ଓଡ଼ିଶା ୟୁଏସ୍‌ଆଇ ସଂଗଠନ ପକ୍ଷରୁ ଦାବି ହେଉଛି। ବଡ଼ାମତଳିଆ ଗ୍ରାମବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପ୍ରଶାସନ ମଧ୍ୟ ଉକ୍ତ ବସୁଧା ପ୍ରକଳ୍ପ ତୁରନ୍ତ ଶେଷ କରିବା ନିମନ୍ତେ ତତ୍ପର ହେବାକୁ ଜନସାଧାରଣରେ ଦାବି ହେଉଛି।

## ବିଶୋଇ ଓ ଠାକୁରମୁଣ୍ଡାରେ ଦିଶମ ବାହାବଙ୍ଗା ପର୍ବ ପାଳିତ

# ମାଦଳର ତାଳେ ତାଳେ ନାଚିଲେ ଆଦିବାସୀ

**ବିଶୋଇ, ୨୪।୩ (ସମିସ)**



ଆଜି ହେବ ପାରମ୍ପରିକ ଧନୁଯାତ୍ରା

ବିଶୋଇ ଦିଶମ ଜାହେରଠାରେ ଦିଶମ ଜାହେର କମିଟି ଆନୁକୂଲ୍ୟରେ ୨୭ତମ ଦିଶମ ବାହା ପର୍ବ ଧୂମଧାମରେ ପାଳିତ ହୋଇଛି। ପ୍ରତିବର୍ଷ ଫାଲଗୁନ ପଞ୍ଚମୀରେ ସମସ୍ତ ଗ୍ରାମରେ ଫୁଲ ପୂଜା ପାଳନ ହେବା ପରେ ଫାଲଗୁନ ପୂର୍ଣ୍ଣିମା ପୂର୍ବଦିନ ଦିଶମ ବାହାବଙ୍ଗା ପର୍ବ ପାଳନ କରାଯାଇଥାଏ। ତିନି ଦିନ ଧରି ଏହି ପର୍ବ ପାଳନ ହେବାକୁ ଥିବାବେଳେ ଶନିବାର ଏହି ପର୍ବର ପ୍ରଥମ ଦିନରେ ଆଦିବାସୀ ପାରମ୍ପରିକ ରୀତିନୀତି ଅନୁସାରେ ଜାହେରା ଶାଳରେ ସ୍ଥାପିତ ମାରାଙ୍ଗବୁରୁ, ଜାହେର ଆୟ, ମୋଣେକ, ତୁରୁୟକୋ, ଜାହେରଏରା ଏବଂ ସମସ୍ତ ପାରମ୍ପରିକ ଦେବାଦେବୀଙ୍କ ପ୍ରଥମେ ସ୍ନାନ କାର୍ଯ୍ୟ ସମାପନ କରାଯାଇଥିଲା। ଆଜି ପର୍ବର ଦ୍ୱିତୀୟ ଦିନ ଅର୍ଥାତ ମୁଖ୍ୟ ଦିବସରେ ପୂର୍ବାହ୍ନ ସମୟରେ ନାଏକେ ବାବାଙ୍କ ଦ୍ୱାରା ସମସ୍ତ ଦେବାଦେବୀଙ୍କ ପୂଜାର୍ଚ୍ଚନା କାର୍ଯ୍ୟ ସମାପନ କରାଯାଇଥିଲା। ଅପରାହ୍ନରେ ଜାହେରା ଶାଳରେ ବିଶୋଇ ବ୍ଲକର କୋଣଅନୁକୋଣରୁ ଏକତ୍ରିତ ଆଦିବାସୀ ସମ୍ପ୍ରଦାୟର ଶତାଧିକ ମହିଳା, ଯୁବତୀ ଓ ପୁରୁଷ ପାରମ୍ପରିକ ପୋଷାକ ପରିଧାନ କରି ମୁଣ୍ଡରେ ଶାଳ ଫୁଲ, ମହୁଲ ଫୁଲ ଖଞ୍ଜି ହାତକୁ ହାତ ମିଶାଇ ମାଦଳ ବଜାଇ ତାଳେ ତାଳେ ଦିଶମ ବାହା ସଙ୍ଗୀତରେ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ମୟୂରଭଞ୍ଜ ପ୍ରାକ୍ତନ ସାଂସଦ ଇଂ. ରାମଚନ୍ଦ୍ର ହାଁସଦା, ଜିଲ୍ଲାପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ, ଖଡ଼ମବେଡା ସରପଞ୍ଚ ସୋମବାରି ସିଂ, ପଞ୍ଚାୟତ ସମିତି ସଦସ୍ୟା ବାସନ୍ତୀ ହାଁସଦା, ଏନ.ବି ପୋଖରିଆ ସରପଞ୍ଚ ଡ଼ମାନ ମୁର୍ମୁ, ବିଚ୍ଛିନାଞ୍ଚଳ ଝାଡ଼ଖଣ୍ଡ ଆଦିବାସୀ ମୂଳବାସୀ ମଞ୍ଚର ସଭାପତି ରାମଚନ୍ଦ୍ର ହେମ୍ବ୍ରମ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ପର୍ବରେ ସାମିଲ ହୋଇଥିଲେ। ଏହି ଅବସରରେ ସମସ୍ତ ଗ୍ରାମର ନାଏକେ ବାବା, ମାଝୀବାବା ଆଦିବାସୀ ସମ୍ପ୍ରଦାୟର ଦିଶମ ଜାହେର ପର୍ବ ପାଳନର ମହତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତ ସାମ୍ପ୍ରଦାୟିକ ଜନସାଧାରଣ ଦିଶମ ବାହା ଶଳେ (ପ୍ରସାଦ) ସେବନ କରିଥିଲେ। ଅପରାହ୍ନରେ ଆଦିବାସୀ ନୃତ୍ୟଗୀତ ମାଧ୍ୟମରେ ଜାହେରାଶାଳରୁ ନାଏକେ ବାବା ଓ ଦେବାଦେବୀଙ୍କୁ ଏକ ବିଶାଳ ପଟୁଆରରେ ପାଛୋଟି ଅଣାଯାଇ ବିଶୋଇ ବଜାର ପରିକ୍ରମା କରାଯାଇଥିଲା। ପରେ ସନ୍ଧ୍ୟାରେ ମାଝୀବାବାଙ୍କୁ ତାଙ୍କ ନିଜ ବାସସ୍ଥାନକୁ ପାଛୋଟି ଅଣାଯାଇଥିଲା। ନାଏକେ ବାବା ମାନସିଂ ଟୁଡୁ ପୂଜାର୍ଚ୍ଚନା କାର୍ଯ୍ୟ ପରିଚାଳନା କରିଥିଲେ। ବିଶୋଇ ଦିଶମ ଜାହେରା କମିଟିର ମାଝୀବାବା ବସନ୍ତନାଥ ବାସ୍କେ, କାଉଡି ମାଝୀବାବା ସୁପାଇ ସୋରେନ, ସମ୍ପାଦକ ସୁରାଇ ହାଁସଦାଙ୍କ ତତ୍ତ୍ୱାବଧାନରେ ଏହିପର୍ବ ପରିଚାଳିତ ହୋଇଥିଲା। ସୋମବାର ପର୍ବର ଶେଷ ଦିବସରେ ଆଖାନ ସେନ୍ଦ୍ରା (ପାରମ୍ପରିକ ଧନୁଯାତ୍ରା) ଅନୁଷ୍ଠିତ ହେବ।

**ଠାକୁରମୁଣ୍ଡା :** ଠାକୁରମୁଣ୍ଡା ବ୍ଲକ ଦିଗଧର ପଞ୍ଚାୟତ ନୂଆସାହି ଛକ ନିକଟରେ ସାନ୍ତାଳୀ ସମ୍ପ୍ରଦାୟର ଦିଶମ୍ ବାହାବଙ୍ଗା ପର୍ବ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ପର୍ବ ତିନି ଦିନ ଧରି ପାଳନ କରାଯାଏ। ପ୍ରଥମ ଦିନ ବଙ୍ଗା ଉମ, ଦ୍ୱିତୀୟ ଦିନରେ ବାହା ବଙ୍ଗା ଓ ତୃତୀୟ ଦିନରେ ଆଗ ରାଳା ବିଧି ପାଳନ କରିଥାଏ। ଠାକୁରମୁଣ୍ଡା ବ୍ଲକର ଶତାଧିକ ସାନ୍ତାଳୀ ସମ୍ପ୍ରଦାୟର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ରବିବାର ସକାଳେ ନାଏକେ ମଧୁ ହାଁସଦା ପାରମ୍ପରିକ ନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲେ। ପରେ ପ୍ରସାଦ ସେବନ କରିଥିଲେ। ଏଥିରେ ଠାକୁରମୁଣ୍ଡା ଅଞ୍ଚଳର ସମସ୍ତ ମାଝୀ ବାବା ଓ ଚନ୍ଦ୍ରମୋହନ ଟୁଡୁ, ଝତ୍ର ସିଙ୍ଗୁ ମାର୍ଣ୍ଡି ସହଯୋଗ କରିଥିଲେ। ଅପରାହ୍ନରେ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ



ବାହା ନୃତ୍ୟ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସାର୍ନା ଧର୍ମର ପ୍ରଚାର ପ୍ରସାର ନିମନ୍ତେ ନାଏକଙ୍କ ଦ୍ୱାରା ସହଯୋଗ କାମନା କରାଯାଇଥିଲା। ସନ୍ଧ୍ୟାରେ ନାଏକେ ବାବାଙ୍କୁ ନାଚଗୀତ ସହ ତାଙ୍କ ଘରକୁ ବିଦାୟୀ ଦିଆଯାଇଥିଲା।

# ଦୋଳପର୍ବ ବୈଠକରେ ମାରପିଟ୍

**କୁଆଁମରା, ୨୪।୩(ସମିସ):** ଗୋପବନ୍ଧୁ ନଗର ବ୍ଲକ ଟିଟିଆଠାରେ ରବିବାର ଦୋଳପର୍ବକୁ ନେଇ ଏକ ବୈଠକ ବସିଥିବାବେଳେ କୌଣସି କଥାକୁ ନେଇ ଗଣ୍ଡଗୋଳ ଓ ମାରପିଟ ହୋଇଥିଲା। ଚନ୍ଦନ କୁମାର ବାଘରାୟଙ୍କୁ ସେହି ଗ୍ରାମର ମନୋରଞ୍ଜନ ବାଘରାୟ ଓ ବାଣେଶ୍ୱର ବାଘରାୟ ନିସ୍ଥୁକ ମାଡ ମାରିବା ଯୋଗୁଁ ତାଙ୍କ ମୁଣ୍ଡ ଫାଟିବା ସହ ଅବସ୍ଥା ଗୁରୁତର ରହିଛି। ଚନ୍ଦନଙ୍କ ଅଭିଯୋଗକ୍ରମେ ଖୁଣ୍ଟା ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି।

# ୩ ବାଲି ବୋଝେଇ ହାଇୱା ଜବତ

ରାଇରଙ୍ଗପୁର, ୨୪।୩(ସମିସ): ବାମନଘାଟୀ ଉପଖଣ୍ଡରେ ବିଭିନ୍ନ ବାଲିଘାଟରୁ ବେଆଇନଭାବେ ବାଲି ଚୋରା ଚାଲାଣ ହେଉଛି। ତିରିଂ ଥାନା ପକ୍ଷରୁ ନୂଆଗାଁ ଛକରେ ଝାଡଖଣ୍ଡ ଅଞ୍ଚଳର ୩ଟି ବେଆଇନ ବାଲି ବୋଝେଇ ହାଇୱାକୁ ଜବତ କରିବା ସହ ୩ ଡ୍ରାଇଭରଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟର କୁଆଲି ଥାନା ଅଞ୍ଚଳର ଚୈତନ୍ୟ ସୋରେନ ଏବଂ ପଟକା ଥାନା ଅଞ୍ଚଳର ଜୟଦେବ କୁମାର ଦେ ଓ ରାଜାରାମ ଗୋପ।

# କୁଆଁମରା ହାଇସ୍କୁଲ ୧୯୮୯ ବ୍ୟାଚର ଫଗୁମିଳନ

**ବାରିପଦା, ୨୪।୩(ସମିସ):** ରବିବାର ହୋଲି ପ୍ୟାଲେସରେ କୁଆଁମରା ହାଇସ୍କୁଲ ମାଟ୍ରିକ ୧୯୮୯ର ଫଗୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳ୍ପତରୁ କଟୁଆଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ବିଦ୍ୟାଳୟର ଦିବଂଗତ ଶିକ୍ଷକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସମସ୍ତ ଦିବଂଗତ ଶିକ୍ଷକ, କର୍ମଚାରୀ ଓ ସହପାଠୀଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ରାଜେଶ ଦାଶଙ୍କ ମଞ୍ଚ ପରିଚାଳନାରେ ଏକ ଭାବବିନିମୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ହାଇସ୍କୁଲ ପାଠପଢ଼ା ଜୀବନର ଅଭୁଲା ସ୍ମୃତି ଆଜି ବି ସ୍ୱପ୍ନରେ ଆସୁଛି। ହଷ୍ଟେଲ ଶିକ୍ଷା ଅନ୍ୟ ବିଦ୍ୟାଳୟ ତୁଳନାରେ ସେ ସମୟରେ ଅତି ଉନ୍ନତ ଥିବା ସମସ୍ତେ କହିଥିଲେ। ଏଥିସହିତ ସମସ୍ତ ବନ୍ଧୁଙ୍କ ପୁଅ, ଝିଅ ଓ ପତ୍ନୀ ନିଜର କଥା ରଖିଥିଲେ। ଏହି ଅବସରରେ ନୃତ୍ୟ ଗୀତ ପରିବେଷଣ



ହୋଇଥିଲା। ଶେଷରେ ଫଗୁମିଳନ ମିଳନରେ ଅଭିର ଖେଳି ସାମୂହିକ ନୃତ୍ୟରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ବାହାର ପର୍ଯ୍ୟଟନ ସ୍ଥାନରେ ଡିସେମ୍ବର ମାସରେ ଧାର୍ଯ୍ୟ ପାଇଁ ସମ୍ମତି ପ୍ରକାଶ ପାଇଥିଲା। ଶେଷରେ ଇଂ. କିଶୋର ଗିରି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସଞ୍ଜିବ ଜେନା, ମନୋଜ ପଣ୍ଡା ଓ ଶାଶ୍ୱତ ପଣ୍ଡାଙ୍କ ନେତୃତ୍ୱରେ ସମସ୍ତେ ସହଯୋଗ କରିଥିଲେ।

# ଝରପୋଖରିଆରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ସାରସକଣା/ ଜାମଶୋଳା, ୨୪।୩(ସମିସ):** ସାରସକଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଝାରପୋଖରିଆ ଅଞ୍ଚଳରେ ରବିବାର ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ମୟୂରଭଞ୍ଜ ଏସ୍‌ପି ଏସ୍ ସୁଶ୍ରୀଙ୍କ ନିର୍ଦ୍ଦେଶରେ ଝାରପୋଖରିଆ ଥାନା ଇନ୍‌ସପେକ୍ଟର ମୃତ୍ୟୁଞ୍ଜୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପାକଟିଆ, ସାରସକଣା, ଶୀର୍ଷା, ବମ୍ବେଛକ, ଜାମଶୋଳା, ବିଭିନ୍ନ ସାହି ବସ୍ତିରେ



ସିଆରପିଏଫ ଯବାନଙ୍କୁ ନେଇ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଆସନ୍ତା ସାଧାରଣ ନିର୍ବାଚନରକୁ ଆଖି ଆଗରେ ରଖି ପୁଲିସ ପକ୍ଷରୁ ଏହି ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇଛି।

# ଅପହରଣ ମାମଲାରେ ୬ କୋର୍ଟଚାଲାଣ

**ବହସାହି, ୨୪।୩(ସମିସ):** ଡୁକୁରା ଗ୍ରାମର ବ୍ୟବସାୟୀ ସତ୍ୟରଞ୍ଜନ ପାତ୍ର (୩୩)ଙ୍କୁ କିଛ ବ୍ୟକ୍ତି ସିବିଆଇ ଅଧିକାରୀ କହି ରାସ୍ତାରୁ ଅପହରଣ କରି ନେଇଥିଲେ। ଏ ସଂକ୍ରାନ୍ତରେ ତାଙ୍କ ସ୍ତ୍ରୀ ସଂଯୁକ୍ତା ପାତ୍ର ବଡସାହି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତମାନେ ହେଲେ ବେତନଟୀ ଥାନା ଅଞ୍ଚଳର ଉମାଶଙ୍କର ବେହେରା (୬୮), ଆମ୍ବୁଲାନ୍ସ ଡ୍ରାଇଭର ସଞ୍ଜୟ କୁମାର ଓତା, ଦୁର୍ଗାପ୍ରସାଦ ହେମ୍ବ୍ରମ୍, ରଘୁନାଥ ସରେନ, ବାରିପଦା ସଦର ଥାନା ଅଞ୍ଚଳର କାର୍ତ୍ତିକ ବିନ୍ଧାଣୀ ଓ ବଡସାହି ଥାନା ଶ୍ରୀରାମପୁର ଗ୍ରାମର ସୁଦାମ ମୁର୍ମୁ ବୋଲି ଜଣାପଡ଼ିଛି। ଏହି ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସତ୍ୟରଞ୍ଜନଙ୍କୁ ମୁଖ୍ୟ ଅଭିଯୁକ୍ତ ପୂର୍ବ ପରିଚିତ ଉମାଶଙ୍କର ରାସ୍ତାରେ ଅଟକାଇବା ପରେ ଏକ ବୋଲେରୋରେ ୬ଜଣ ଯୁବକ ଆସି ତାଙ୍କୁ ସିବିଆଇ ଅଫିସର ବୋଲି ପରିଚୟ ଦେଇ ଜୋର ଜବରଦସ୍ତ ନେଇ ଯାଇଥିଲେ। ବେତନଟୀ ନିକଟରେ ବଲେରୋକୁ ଛାଡି ଏକ ଆମ୍ବୁଲାନ୍ସରେ ତାଙ୍କୁ ନେଉଥିବା ବେଳେ ବାଙ୍ଗରିପୋଷି ଥାନା କଳାବାଡିଆ ମହୁଲିଶୋଳ ଛକ ନିକଟରେ ଆମ୍ବୁଲାନ୍ସଟି ଅଟକିବାରୁ ସତ୍ୟରଞ୍ଜନ କୌଶଳକ୍ରମେ ତାଙ୍କ ଠାରୁ ଖସି ଯାଇ ଦୌଡିଥିଲେ। ଗ୍ରାମବାସୀ ଏହା ଦେଖି ଅଭିଯୁକ୍ତ ଉମାଶଙ୍କର ଓ ଆମ୍ବୁଲାନ୍ସ ଡ୍ରାଇଭର ସଞ୍ଜୟକୁ ଧରି ବାଙ୍ଗରିପୋଷି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ଥାନାକୁ ନେଇ ବଡସାହି ପୁଲିସକୁ ଖବର ଦେଇଥିଲା। ବଡସାହି ପୁଲିସ ସେମାନଙ୍କୁ ଗିରଫ୍ କରିଥିବା ବେଳେ ତାଙ୍କ ସୂଚନା ଅନୁସାରେ ଅନ୍ୟ ସହଯୋଗୀ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ୍ କରାଯାଇଛି। ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ବେଳେ ବୋଲେରୋ, ଆମ୍ବୁଲାନ୍ସ ସହିତ ୩ଟି ହାତକଡି, ଦୁଇଟି କଳାମୁଖା, ଗୋଟିଏ ବାଡି, ଛୁରୀ ଓ ୧୦ ହଜାର ଟଙ୍କା ଜବତ କରାଯାଇଛି।

## ଏପ୍ରିଲ ୧୪ରୁ ୨୨ତମ ବଳାଙ୍ଗୀ ମହୋତ୍ସବ

# ୭ରେ ପ୍ରତିଭା ଚୟନ ପାଇଁ ମେଗା ଅଡିସନ୍

**ବାରିପଦା, ୨୪।୩(ସମିସ)**



ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଏବଂ ବିକାଶ ନିମନ୍ତେ ବିଗତ ୨୦୦୩ ମସିହାରୁ ବାରିପଦାର ବାବା ବୁଢା ରାଉଳ ମଠ ନିକଟ ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୂରଭଞ୍ଜ ଜିଲ୍ଲାର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବ ପାଳିତ ହୋଇଆସୁଛି।

ଚଳିତବର୍ଷ ୨୨ତମ ରାଜ୍ୟ ସ୍ତରୀୟ ବଳାଙ୍ଗୀ ମହୋତ୍ସବ-୨୦୨୪ ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ଆସନ୍ତା ଏପ୍ରିଲ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ପାଳନ କରାଯିବ। ସେହିପରି ପ୍ରତିଭା ଚୟନ ପାଇଁ ବଳାଙ୍ଗୀ ଟ୍ୟାଲେଣ୍ଟ ହଣ୍ଟ ମେଗା ଅଡିସନ କାର୍ଯ୍ୟକ୍ରମ ଏପ୍ରିଲ ୭ ତାରିଖରେ ଅନୁଷ୍ଠିତ ହେବ। ଏହି ଅବସରରେ ରବିବାର ଅପରାହ୍ନରେ ମହୋତ୍ସବ କମିଟି ପକ୍ଷରୁ ବାରିପଦା ଷ୍ଟାଡିୟମ ସଭା ଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚେୟାରପର୍ସନ ଅରବିନ୍ଦ ଦାସ, ଉପଦେଷ୍ଟା ଡ଼. ବିଜୟ କୁମାର ଅଗ୍ରୱାଲ, କମଳେନ୍ଦୁ ଲାଲ ମହାନ୍ତ, ସରୋଜ କୁମାର ଖୁଣ୍ଟିଆ, ରଜତ କୁମାର ପଣ୍ଡା, ଦୀପକ ପାତ୍ର, ଅସୀମା ସାହୁ, ଦୀପକ ଦଣ୍ଡପାଟ, ଅଶୋକ କୁମାର ପଲେଇ, ବଳରାମ ବେହେରା, ଇନ୍ଦୁମତି ମହାନ୍ତି, ଡ଼. ଶଶୀଧର ବିଶ୍ୱାଳ, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେଶ ନାୟକ, କୋଷାଧ୍ୟକ୍ଷ ଲିଙ୍ଗରାଜ ମିଶ୍ର, ସଦସ୍ୟ ଅକ୍ଷୟ କୁମାର ମହାନ୍ତି, ଉଦୟନାଥ ଜେନା, ପୀତାମ୍ବର ମଲ୍ଲିକ, ଗୋପାଳ ସାଓ, ମିଥୁନ ବାରିକ, ସନତ କୁମାର ବାରିକ ଓ ଗୋଲୋକ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ନିକଟ ଅତୀତରେ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମରେ ସମଗ୍ର ଜିଲ୍ଲାବାସୀ ବ୍ୟାପକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଚଳିତ ବର୍ଷ ମେଳା କିଭଳି ଶାନ୍ତି ଶୃଙ୍ଖଳାର ସହିତ ଆୟୋଜନ ହେବ ସେ ନେଇ ଅତିଥିମାନେ ମତ ରଖିଥିଲେ। ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ବାହାରୁ ମଧ୍ୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

# ଅଜୟ ଓ ପ୍ରଦୀପ କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ

ବାରିପଦା, ୨୪।୩(ସମିସ): ଅଖିଳ ଭାରତୀୟ କଂଗ୍ରେସ କମିଟିର ଅନୁମୋଦନ କ୍ରମେ କଂଗ୍ରେସ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କେ.ସି ଭେନୁଗୋପାଲ ଏବଂ ପିସିସି ସଭାପତି ଶରତ ପଟ୍ଟନାୟକ ଓଡ଼ିଶା ରାଜ୍ୟ କଂଗ୍ରେସ କମିଟିରେ ମୟୂରଭଞ୍ଜ ଜିଲ୍ଲାର ଯୁବ ନେତୃବୃନ୍ଦଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ମନୋନୀତ କରିଛନ୍ତି। ସେମାନେ ହେଲେ ଅଜୟ ମହାପାତ୍ର ଓ ପ୍ରଦୀପ କୁମାର ଦାସ। ଏହି ନିଯୁକ୍ତି ପାଇଁ ପ୍ରଭାରୀ ଅଜୟ କୁମାର, ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ସାଂସଦ ସୁଶ୍ରୀ ସୁଶୀଳା ତିରିଆ, ଜିଲ୍ଲା କଂଗ୍ରେସ ସଭାପତି ନିରୋଜ ଲୋଚନ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଛାତ୍ରୀ ଅପହରଣ ଅଭିଯୋଗ

**କୁଆଁମରା, ୨୪।୩(ସମିସ):** ଖୁଣ୍ଟା ଥାନା ଅଞ୍ଚଳର ଜଣେ ଯୁକ୍ତ ଦୁଇ କଲେଜର ଛାତ୍ରୀ ଅପହରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ନାବାଳିକା ଛାତ୍ରୀ ଜଣକ ଗତ ୨୨ ତାରିଖରେ କଲେଜକୁ ପଢ଼ିବାକୁ ଆସି ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ତାଙ୍କ ଝିଅକୁ ଅପହରଣ କରାଯାଇଥିବା ନେଇ ଛାତ୍ରୀଙ୍କ ପିତା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

## ବୁଲା କୁକୁରଙ୍କ କାମୁଡ଼ାରେ ହରିଣ ମୃତ



ତୁରୁମୁଙ୍ଗା/ପାଟଣା, ୨୪।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନର ସାହାରପଡ଼ା ପ୍ରଧାନସାହିରେ ରବିବାର ଏକ ଅଣ୍ଡିରା ହରିଣ ମୃତ୍ୟୁ ହୋଇଛି। ହରିଣଟି ପାଖ ଜଙ୍ଗଲରୁ ପାଣି ପିଇବା ଆଶାରେ ଗାଁ ନିକଟକୁ ଚାଲି ଆସିଥିବା ସମୟରେ କିଛି ବୁଲା କୁକୁର ଆକ୍ରମଣ କରିଥିଲେ। ଫଳରେ ହରିଣଟିର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବର ପାଇ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତ ହରିଣକୁ ଜବତ କରି ପଶୁ ଚିକିତ୍ସକଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଇ ସେକ୍ସନ କାର୍ଯ୍ୟାଳୟରେ ପୋତି ଦେଇଥିବା ସାହାରପଡ଼ା ବନପାଳ ଭୂପତି ସେଠୀ କହିଛନ୍ତି।

## ନବନିଯୁକ୍ତ ସାଧାରଣ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା



କେନ୍ଦୁଝର, ୨୪।୩(ସମିସ): ପିସିସି ପକ୍ଷରୁ ନବନିଯୁକ୍ତ ସାଧା ସମ୍ପାଦକ ମନରଞ୍ଜନ ରାଉତଙ୍କୁ ଜିଲ୍ଲା କଂଗ୍ରେସ ଭବନ ଠାରେ ରବିବାରଦିନ ସମ୍ବର୍ଦ୍ଧନା ଦିଆଯାଇଛି। ଶ୍ରୀ ରାଉତ ଜଣେ ଉତ୍ତମ ସଂଗଠକ ହୋଇଥିବା ବେଳେ ଲୋକଙ୍କ ସହିତ ତାଙ୍କର ଉତ୍ତମ ସମ୍ପର୍କ ରହିଛି। ଏଇ ନିକଟରେ ପିସିସି ପକ୍ଷରୁ ତାଙ୍କୁ ନବନିଯୁକ୍ତି ମିଳିଛି। ସମ୍ବର୍ଦ୍ଧନା ସମୟରେ ପିପିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ଜିଲ୍ଲା ସଭାପତି ବିପ୍ଳବ ମିଶ୍ର, ସଦର ବ୍ଲକ ସଭାପତି ଉତ୍ତମ ସାହୁ, ଝୁମ୍ପୁରା ବ୍ଲକ ସଭାପତି ସଚ୍ଚିଦାନନ୍ଦ ମିଶ୍ର, ପିସିସି ସଦସ୍ୟ ଲଳିତ ନାୟକ, ମିଡ଼ିଆ ସେଲର ସୁଡଳ ସେଠୀ, କଂଗ୍ରେସ ନେତା ରତ୍ନାକର ଜେନା, ରଘୁନାଥ ପାତ୍ର, ସୌରଜିତ ଦାସ, ସୋସିଆଲ ମିଡ଼ିଆ ସଂଯୋଜକ ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଳିଆସାହିରେ ଅଷ୍ଟପ୍ରହର ଗୌରଭକ୍ତ ସମ୍ମିଳନୀ



ଆନନ୍ଦପୁର, ୨୪।୩(ସମିସ): ଆନନ୍ଦପୁର ୭ ନଂ ଓାର୍ଡର ଆଳିଆ ସାହିରେ ପ୍ରତିବର୍ଷ ପରି ଚଳିତ ବର୍ଷ ଅଷ୍ଟପ୍ରହର ନାମଯଜ୍ଞ ଓ ଗୌରଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାହି ମୁରବୀ ଓ ସଂକୀର୍ତ୍ତନ ପ୍ରେମୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ଶନିବାର ଶୁଭାଧିବାସ ଆରମ୍ଭ ହୋଇ ଅଖଣ୍ଡ ହରିନାମ ଯଜ୍ଞ କରାଯାଇଥିଲା। ଏହି ଅଷ୍ଟପ୍ରହର ନାମଯଜ୍ଞରେ ଆଖପାଖ ଅଞ୍ଚଳରୁ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ସନ୍ଧ୍ୟାରେ ନିତାଇଗୌର ଓ ହରେକୃଷ୍ଣ ମହାମନ୍ତ୍ରରେ ଉକ୍ତ ଅଞ୍ଚଳ ଭକ୍ତିମୟ ହୋଇଉଠିଥିଲା। ହରିନାମ ଶ୍ରବଣ କରିବା ପାଇଁ ଆଖପାଖ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ସଂକୀର୍ତ୍ତନ ମଣ୍ଡଳୀରେ ଯୋଗ ଦେଇଥିଲେ। ମନୋରଞ୍ଜନ ସିଂ, ପ୍ରତାପ ସିଂ, ନରେନ୍ଦ୍ର ସିଂ, ଅଚ୍ୟୁତ ସିଂ, ଅକ୍ଷୟ ସିଂ, ସଞ୍ଜୀବ ସିଂ, ରାଜେନ୍ଦ୍ର ସିଂ, ସଂକଳ୍ପ କରିଥିବା ବେଳେ କାର୍ଯ୍ୟକ୍ରମରେ ଦିଲୀପ କୁମାର ସିଂ, ଅନନ୍ତ ସିଂ, ନାରାୟଣ ରାଜ ଓ ଲୋକନାଥ ସିଂ ସହଯୋଗ କରିଥିଲେ।

### ଟୋଲପ୍ଲାଜାକୁ ନେଇ ସଡ଼କ ପରିବହନ ବିଭାଗର ଭିନ୍ନ ଭିନ୍ନ ନିୟମ

# ଅନ୍ୟ ଜିଲ୍ଲାରୁ ଉଠିଲା; କେନ୍ଦୁଝରରୁ ଉଠିଲାନି

କେନ୍ଦୁଝର, ୨୪।୩(ସମିସ)




କେନ୍ଦ୍ର ସଡ଼କ ପରିବହନ ବିଭାଗ ଅଧୀନସ୍ତ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିୟମ ପ୍ରତି ଜିଲ୍ଲାକୁ ଭିନ୍ନ ଭିନ୍ନ ଭଳି ଲାଗୁଛି। ଏନ୍‌ଏଚ୍‌ଏଆଇର ନିୟମ ଅନୁସାରେ ୬୦ କିଲୋମିଟର ଭିତରେ ୨ଟି ଟୋଲପ୍ଲାଜା ରହିବନି। ଯଦି ଏଭଳି ଥାଏ ତେବେ ଆବଶ୍ୟକ ଦୂରତାରେ ଟୋଲପ୍ଲାଜା ନିର୍ମାଣ କରାଯିବ। ଏହି ନିୟମକୁ ପାଳନ କରି ଜାତୀୟ ରାଜପଥ ୫ରେ ଥିବା ପାଣିକୋଇଲି ଟୋଲପ୍ଲାଜା ଉଠି ଯାଇଥିବା ବେଳେ ଟାଙ୍ଗୀଠାରେ ଥିବା ଟୋଲପ୍ଲାଜାର ସ୍ଥାନ ପରିବର୍ତ୍ତନ ହୋଇଛି। କିନ୍ତୁ କେନ୍ଦୁଝର ଜିଲ୍ଲାରେ ଜାତୀୟ ରାଜପଥରେ ଏକାଧିକ ଟୋଲପ୍ଲାଜା ୬୦ କିଲୋମିଟର ଭିତରେ ଥିଲେ ବି ତାହା ଉଠୁ ନାହିଁ କି ସ୍ଥାନାନ୍ତର ହେଉନାହିଁ। କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରାଳୟର ନିୟମ ଅନୁସାରେ, ଜାତୀୟ ରାଜପଥରେ ଗୋଟିଏ ଟୋଲପ୍ଲାଜାଠାରୁ ଅନ୍ୟ ଟୋଲ ପ୍ଲାଜର ଦୂରତ୍ୱ ସର୍ବନିମ୍ନ ୬୦ କିଲୋମିଟର ରହିବା କଥା। ପୌରାଞ୍ଚଳଠାରୁ ୧୦ କିଲୋମିଟର ମଧ୍ୟରେ ମଧ୍ୟ କୌଣସି ଟୋଲପ୍ଲାଜା ରହିପାରିବ ନାହିଁ ବୋଲି ନିୟମ ରହିଛି। କିନ୍ତୁ କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୨୦ରେ ଏହି ନିୟମ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ ହୋଇଛି। ଫଳରେ ଯାନବାହନ ଗୁଡିକ କେବଳ ଟୋଲ ଦେଇ ଦେଇ ନୟାନ୍ତ ହେଲେଣି। ବିଶେଷ କରି ପାଣିକୋଇଲିଠାରୁ ରିମୁଳି ପର୍ଯ୍ୟନ୍ତ ଯାଇଥିବା ଜାତୀୟ ରାଜପଥ-୨୦ରେ ଏହି ନିୟମ ଉଲ୍ଲଘଂନ ଅଧିକ ହୋଇଛି ଭଳି ଅନୁମାନ କରାଯାଉଛି।

ସୂଚନା ଅନୁସାରେ, ପାଣିକୋଇଲିଠାରୁ ରିମୁଳି ପର୍ଯ୍ୟନ୍ତ ଯାଇଥିବା ଜାତୀୟ ରାଜପଥ ୨୦ ମଧ୍ୟରେ ହସନପୁର, ଖଣ୍ଡଘର ଏବଂ ବନାଯୋଡି ମଧ୍ୟରେ ୩ଟି ଟୋଲ ପ୍ଲାଜା ରହିଛି। ପାଣିକୋଇଲିଠାରୁ ହସନପୁର ଟୋଲପ୍ଲାଜାର ଦୂରତା ହେଉଛି ମାତ୍ର ୩୨.୯୯୦ କିମି। ସେହିପରି ପାଣିକୋଇଲି ଠାରୁ ଖଣ୍ଡଘର ଟୋଲପ୍ଲାଜାର ଦୂରତା ୯୧.୯୦୦ କିମି। ପାଣିକୋଇଲିରୁ ବନାଯୋଡି ଟୋଲପ୍ଲାଜାର ଦୂରତା ୧୩୪.୩୮୦ କିମି ରହିଛି। ନିୟମ ଅନୁସାରେ ୧୮୦ କିମି ମଧ୍ୟରେ ୩ଟି ଟୋଲପ୍ଲାଜା ହେବା ବଦଳରେ ୧୩୫ କିମି ମଧ୍ୟରେ ତିନୋଟି ରହିଛି। ଢେଙ୍କିକୋଟ ନିକଟ ଖଣ୍ଡଘର ଓ ବନାଯୋଡି ମଧ୍ୟରେ ଦୂରତ୍ୱ ୬୦ କିମି ବଦଳରେ ମାତ୍ର ୪୩ କିମି ହୋଇଥିବା ବେଳେ ଏଠାରୁ ଗତ ୨୦୧୭ ମସିହାରୁ ଟୋଲ ଆଦାୟ କରାଯାଉଛି। ଏହି ଟୋଲପ୍ଲାଜାକୁ ବେଆଇନ ଦର୍ଶାଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ବିଚାରାଧୀନ ରହିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ କିନ୍ତୁ ଏହି ବେଆଇନ ଟୋଲପ୍ଲାଜା ହଟାଇବା ପାଇଁ ପଦକ୍ଷେପ ନେଉନାହାନ୍ତି। କେନ୍ଦ୍ର ପରିବହନ ବିଭାଗର ନିୟମ ଅନୁସାରେ, ୬୦ କିଲୋମିଟର ମଧ୍ୟରେ ଅନ୍ୟ ଏକ ଟୋଲପ୍ଲାଜା ରହିପାରିବ ନାହିଁ। ଏହି ଦୃଷ୍ଟିରୁ ପଡ଼ୋଶୀ ଯାଜପୁର ଜିଲ୍ଲାର ପାଣିକୋଇଲି ଠାରେ ଥିବା ଟୋଲପ୍ଲାଜାକୁ ବିଗତ ବର୍ଷରୁ ଉଠାଇ ଦିଆଯାଇଛି। ଏମିତିକି ଟାଙ୍ଗୀଠାରେ ଥିବ ଟୋଲପ୍ଲାଜାର ଦୂରତ୍ୱକୁ ପୁନଃ ନିର୍ଦ୍ଧାରଣ କରାଯାଇ ଏହି ଟୋଲପ୍ଲାଜାର ସ୍ଥାନ ବଦଳିଛି। ଏ ସବୁ ସତ୍ତ୍ୱେ କେନ୍ଦୁଝର ଜିଲ୍ଲାର ବନାଯୋଡି ଟୋଲପ୍ଲାଜାକୁ ବନ୍ଦ କରାଯାଉ ନାହିଁ କି ଏହାର ସ୍ଥାନ ପରିବର୍ତ୍ତନନ କରାଯାଉନାହିଁ। ଯେଉଁଥିପାଇଁ ଜିଲ୍ଲାର ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ବିଶେଷ କରି କେନ୍ଦୁଝର ଜିଲ୍ଲା ଏକ ଖଣି ଖାଦାନ ଜିଲ୍ଲା ହୋଇଥିବାରୁ ଏହି ଜିଲ୍ଲାର ଜାତୀୟ ରାଜପଥରେ ଦୈନିକ ହଜାର ହଜାର ଟ୍ରକ୍ ଯାତାୟତ କରିଥାଏ। ଏହି ଟୋଲପ୍ଲାଜା ଗୁଡିକ ପ୍ରତିଦିନ ଟ୍ରକଗୁଡିକରୁ ଟୋଲ ଟିକସ ବାବଦରେ ଲକ୍ଷାଧିକ ଟଙ୍କା ଆଦାୟ କରିଥାନ୍ତି। ଯଦି ଏହି ଜାତୀୟ ରାଜପଥରୁ ଗୋଟିଏ ଟୋଲପ୍ଲାଜା ହଟିଯିବ ବା ସ୍ଥାନାନ୍ତର ହେବ ତେବେ ଜିଲ୍ଲାର ସାଧାରଣ ଟ୍ରକ୍ ମାଲିକ ଏବଂ ଅନ୍ୟ ଯାନଗୁଡିକ ଅଧିକ ଟିକସ ଦେବାରୁ ତ୍ରାହି ପାଇବେ। ତେଣୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

## ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟରେ ମେଧାବୃତ୍ତି ପରୀକ୍ଷା



ଆନନ୍ଦପୁର, ୨୪।୩(ସମିସ)

ସ୍ଥାନୀୟ ଦେଓଗାଁସ୍ଥିତ ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟଠାରେ ଚଳିତ ୨୦୨୩-୨୪ ଶିକ୍ଷାବର୍ଷର ରାଜ୍ୟସ୍ତରୀୟ ମେଧାବୃତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଶିକ୍ଷା ପରିଷଦ ଭୁବନେଶ୍ୱର ଆନୁକୂଲ୍ୟରେ ପରିଚାଳିତ ଏହି କେନ୍ଦ୍ରର ଅଧ୍ୟକ୍ଷ ଦାୟିତ୍ୱ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନାମଚରଣ ମାଝି ତୁଲାଇଥିଲେ। ଭାରତୀୟ ଶିକ୍ଷା ପରିଷଦ ତରଫରୁ ପର୍ଯ୍ୟବେକ୍ଷକ ଭାବେ ବିଚିତ୍ରାନନ୍ଦ ସ୍ୱାଇଁ ଯୋଗ ଦେଇଥିଲେ। ଏହି ମେଧାବୃତ୍ତି ପରୀକ୍ଷାରେ କେନ୍ଦୁଝର ଜୋନର ତୃତୀୟ ଶ୍ରେଣୀର ୫୪ ଜଣ, ପଞ୍ଚମ ଶ୍ରେଣୀର ୬୧ ଜଣ ଏବଂ ସପ୍ତମ ଶ୍ରେଣୀର ୩୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପରୀକ୍ଷା ନିରୀକ୍ଷକ ଭାବେ ଯୁଧିଷ୍ଠୀର ସେଠୀ, ଗୌରାଙ୍ଗ ଚରଣ ଜେନା, ରବୀନ୍ଦ୍ର କୁମାର ସାହୁ, ବାବୁ ବିଶ୍ୱାଳ, ଜ୍ୟୋତିସ୍ମିତା ସାହୁ, ରସାନନ୍ଦ ବେହେରା, କବିତା ଓଝା, ଶତାବ୍ଦୀ ପ୍ରିୟଦର୍ଶନୀ ସାହୁ, ପ୍ରଶାନ୍ତ କୁମାର ସାହୁଓ ତପସ୍ୱିନୀ ସାହୁ ନିୟୋଜିତ ହୋଇଥିବା ବେଳେ ଶାନ୍ତିଶୃଙ୍ଖଳାରେ ପରୀକ୍ଷା ଶେଷ ହୋଇଥିଲା।

## ପଦ୍ମପୁରରେ ଷଡ଼ବିଂଶତମ ବାର୍ଷିକ ବିଶ୍ୱଶାନ୍ତି ଯଜ୍ଞୋତ୍ସବ

ଆନନ୍ଦପୁର, ୨୪।୩(ସମିସ): ଆନନ୍ଦପୁର ନିକଟସ୍ଥ ପଦ୍ମପୁର ଗେଟ୍ ଛକ ନିକଟସ୍ଥ ଶ୍ରୀଶ୍ରୀ ରାମଚନ୍ଦ୍ରଦେବଙ୍କ ଆଶ୍ରମ ପରିସରରେ ଷଡବିଂଶତମ ବାର୍ଷିକ ବିଶ୍ୱଶାନ୍ତି ଯଜ୍ଞୋତ୍ସବ ଆରମ୍ଭ ହୋଇଛି। ୪ ଦିନ ଧରି ହେବାକୁ ଥିବା ଏହି ଦିବ୍ୟକର୍ମ ପାଇଁ ଆଜି ବୈତରଣୀ ନଦୀର ପବିତ୍ର ଜଳକୁ ଏକ ଶୋଭାଯାତ୍ରାରେ ଅଣାଯାଇ ଯଜ୍ଞପୁରୁଷଙ୍କ ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା। ପୁରୀ ମୁକ୍ତିମଣ୍ଡପର ପଣ୍ଡିତ ଉଦୟନାଥ ମିଶ୍ରଙ୍କ ବେଦପାଠ ପରେ ପଣ୍ଡିତ ସୁଶାନ୍ତ ପାଣି ଘଟସ୍ଥାପନ କରି ଜୀବନ୍ୟାସ ଦେଇଥିଲେ। ସନ୍ଧ୍ୟା ୬ ଘଟିକାରେ ଶ୍ରୀରାମଚନ୍ଦ୍ର, ଶ୍ରୀପତିତପାବନ, ଶ୍ରୀରଘୁନାଥଜୀଉଙ୍କ ମନ୍ଦିରରେ ଆଳତି ଓ ପୂଜାର୍ଚ୍ଚନା ପରେ ଯଜ୍ଞ ମଣ୍ଡପକୁ ଜ୍ୟୋତି ଆବାହନ କରାଯାଇଥିଲା। ପୂର୍ବ ନିର୍ଦ୍ଧାରିତ ନୀତିକାନ୍ତି ଅନୁଯାୟି ଅଙ୍କୁରାରୋପଣ, ଘଟାଧିବାସ, କୁଣ୍ଡମଣ୍ଡଳ ପ୍ରସ୍ତୁତି ଓ ଯଜ୍ଞବେଦୀ ସାଜସଜା କରାଯାଇ ଶୁଭଅଧିବାସ ଆରମ୍ଭ ହୋଇଥିଲା। ଏହି ବିଶ୍ୱଶାନ୍ତି ଯଜ୍ଞକର୍ମରେ ମଠର ମଠାଧୀଶ ସ୍ୱାଧୀ ଶାନ୍ତି ମାତାଙ୍କ ତତ୍ତ୍ୱାବଧାନରେ ଜଗନ୍ନାଥ ଦାଶଙ୍କୁ କର୍ତ୍ତା ଭାବେ ସଂକଳର୍ପିତ କରାଯାଇଥିଲା। ଏହି ଯଜ୍ଞକର୍ମରେ ଆନନ୍ଦପୁର, ପଦ୍ମପୁର ଓ ଆଖପାଖ ଅଞ୍ଚଳର ଅଧିବାସୀଙ୍କ ସମେତ ମନ୍ଦିର କମିଟି ସଦସ୍ୟ ଡ. ବିପିନି ବିହାରୀ ମିଶ୍ର, ଡ. ସୁକାନ୍ତି ମିଶ୍ର, ରବୀନ୍ଦ୍ର ରାଜ, ସଦାନନ୍ଦ ସାହୁ, ଭଗବାନ ସାହୁ, ଭୋଳାନାଥ ମହାନ୍ତ, ଆତୁଳ ବେହେରା, ଝାଡେଶ୍ୱର ମହାନ୍ତ, ସନାତନ ସାହୁ, ସଞ୍ଜୟ ମହାନ୍ତ, ଶରତ ସାହୁ ପ୍ରମୁଖ ସହଯୋଗ କରିଥିଲେ।



## ସାଇ ସଂଗଠନ ରାଜ୍ୟ ସଭାପତିଙ୍କ ୨ଦିନିଆ ଗସ୍ତ

ଆନନ୍ଦପୁର, ୨୪।୩(ସମିସ)

ଶ୍ରୀସତ୍ୟସାଇ ସେବା ସଂଗଠନର ରାଜ୍ୟ ସଭାପତି ଡ. ସତ୍ୟସ୍ୱରୂପ ପଟ୍ଟନାୟକ ୨ ଦିନିଆ କେନ୍ଦୁଝର ଗସ୍ତରେ ଆସି ଆନନ୍ଦପୁରଠାରେ ପହଞ୍ଚିଥିବା ଜଣାଯାଇଛି। ସେ ଉଅଁର, ମରେଇଗାଁ, ଫକୀରପୁର, ଅଙ୍ଗାରୁଆ, ବେଲବାହାଳି ସମିତିକୁ ଯାଇ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସେବାଦଳର କାର୍ଯ୍ୟକଳାପ, ବାଲବିକାଶ କାର୍ଯ୍ୟକ୍ରମ, ନାରାୟଣ ସେବା, ଅମୃତକଳସ, ପୋଷ୍ୟଗ୍ରାମ, ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର, ଗୋଟିକିସ୍ତା ଶିବିର, ଡାକ୍ତରଖାନା ସଫେଇ, ମହିଳା ବିଭାଗର ସେବାମୂଳକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। ପରେ ଆନନ୍ଦପୁର ସମିତିର ଆବାହକ ଗୋପରଞ୍ଜନ ପାଣି, ଉଅଁର ସମିତିର ଆବାହକ ଚିତ୍ତରଞ୍ଜନ ଜେନା, ମରେଇଗାଁ ଆବାହକ ସୁଦାନ ଜେନା, ଫକୀରପୁର ଆବାହକ ସୁଦାମ ଦାଶ, ବେଲବାହାଳି ଆବାହକ ଚତୁର୍ଭୁଜ ସାହୁ, ଅଙ୍ଗାରୁଆ ଆବାହକ ଶଷୀଭୂଷଣ ଦାସଙ୍କ ସହିତ ସମିତିର ବିଭିନ୍ନ କାର୍ଯ୍ୟକଳାପ ଉପରେ ଆଲୋଚନା କରିଥିଲେ। ଏହି ସମୀକ୍ଷା ଓ ଆଲୋଚନାରେ ଡା. ଶିଶିର ଦାଶ, ଡା. ଜଗନ୍ନାଥ ଦାସ, ଜିଲ୍ଲା ସଭାପତି ବିଷ୍ଣୁ ଚରଣ ଜେନା, ତନୁଷ କୁମାର ବାରିକ, ନିତ୍ୟାନନ୍ଦ ସାମଲ, ଅଧ୍ୟାପକ ବିଜୟ କର, ସନାତନ ସାହୁ, ବଳଭଦ୍ର ରଣା, ମଧୁସୂଦନ ସା, ନନ୍ଦକିଶୋର ଦଳେଇ, ଗୌରାଙ୍ଗ ଚରଣ ପାତ୍ର, ନନ୍ଦ କିଶୋର ପାଗଳ, ଲକ୍ଷ୍ମୀଧର ସାହୁ, ସତ୍ୟସ୍ୱରୂପ ଦ୍ୱିବେଦୀ, ଅସିତ ନାୟକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ବାଲବିକାଶ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



## ବେଲସୁନ୍ଦରୀରେ ୫୮ତମ ବାଦୀପାଲା ମହୋତ୍ସବ

ରାମଚନ୍ଦ୍ରପୁର, ୨୪।୩(ସମିସ)



ଘସିପୁରା ବ୍ଲକ ଅଳତି ପଞ୍ଚାୟତ ଅନ୍ତର୍ଗତ ବେଲସୁନ୍ଦରୀ ଗ୍ରାମର ଆରାଧ୍ୟ ଦେବୀ ମା' ତାରିଣୀଙ୍କ ପୀଠରେ ପବିତ୍ର ଦୋଳ ପୂର୍ଣ୍ଣମୀ ଅବସରରେ ପ୍ରତ୍ୟକ ବର୍ଷ ପରି ଚଳିତ ବର୍ଷ ୫୮ତମ ବାଦୀପାଲା ମହୋତ୍ସବ ଗତ ଶନିବାର ଠାରୁ ଆରମ୍ଭ ହୋଇଛି। ଏହାର ଅବ୍ୟବହିତ ପୂର୍ବରୁ ମା'ତାରିଣୀଙ୍କ ପୀଠକୁ ଆକର୍ଷଣୀୟ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଛି। ଗ୍ରାମର ଶ୍ରଦ୍ଧାଳୁ ସନ୍ତୋଷ କୁମାର କର ଏବଂ ତାଙ୍କ ପତ୍ନୀ କବିତା କର ନିଷ୍ଠାର ସହ ଉପବାସ ବ୍ରତ ରଖି ମୁଖ୍ୟକର୍ତ୍ତାଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ୪ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ବାଦୀପାଲା ମହୋତ୍ସବରେ ଗାୟକ ସିଦ୍ଧାନ୍ତଦର୍ଶୀ ମଦନମୋହନ ଜେନା ଏବଂ ଗାୟକ ବାଣିଭୂଷଣ ପ୍ରଶନ୍ନକୁମାର ପଟ୍ଟନାୟକ ଏବଂ ସାଥି ପାଲା ପରିବେଷଣ କରୁଛନ୍ତି। ବାଦୀପାଲା ଗାଁର ଗଣପର୍ବ ହୋଇଥିବାରୁ ଆବାଳ ବୃଦ୍ଧ ବନିତା ସହ ପାଖଆଖ ଗ୍ରାମରୁ ଶହଶହ ସଂଖ୍ୟାରେ ସଂସ୍କୃତି ପ୍ରେମୀ ଦର୍ଶକ ଉପସ୍ଥିତ ରହି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପାଲା ଉପଭୋଗ କରୁଛନ୍ତି। ମହୋତ୍ସବ ପଡ଼ିଆରେ ମୀନାବଜାର, ଗୁପଚୁପ୍, ଚାର୍ଟ, ଆଇସକ୍ରିମ୍‌ର ଅନେକ ଷ୍ଟଲ ଲାଗିଛି। ବାଦୀପାଲା ମହୋତ୍ସବରେ ଅବସରରେ ସ୍ଥାନୀୟ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଅଳତି ସରପଞ୍ଚ ଇଂ.ପ୍ରିୟବ୍ରତ ବରାଳ, ସମାଜସେବୀ ଡ. ରତିକାନ୍ତ ବରାଳ ସମେତ ଅନେକ ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ରହି ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ।

ବାଦୀପାଲା ପରିଚାଳନାରେ ପୂଜା କମିଟି ସଭାପତି ଶରତଚନ୍ଦ୍ର ପଣ୍ଡା, ସମ୍ପାଦକ ନିରଞ୍ଜନ ମଲ୍ଲିକ, କମିଟି ସଦସ୍ୟ ବିଶ୍ୱନାଥ ମଲ୍ଲିକ, ଜିତେନ୍ଦ୍ର ସାହୁ, ଦିଲ୍ଲିପ କୁମାର ସ୍ୱାଇଁ, ଅମର ମଲ୍ଲିକ, ଗୋବର୍ଦ୍ଧନ ସ୍ୱାଇଁ, ଶମ୍ଭୁନାଥ ସାହୁ, ପ୍ରଦିପ କୁମାର ସାହୁ ସମେତ ଗ୍ରାମର ବୟଜ୍ୟେଷ୍ଠ ମୁରବୀ ନୃସିଂହ ମଲ୍ଲିକ, ସୋମନାଥ ମଲ୍ଲିକ, ଦିଗମ୍ବର ସାହୁ, କାଶିନାଥ ସାହୁ, କ୍ଷମାକର ସ୍ୱାଇଁ, ବଳରାମ ସାହୁ, ଅରୁଣକୁମାର ସାହୁ, ରଘୁନାଥ ସାହୁ, ପ୍ରମୁଖ ସକ୍ରିୟ ସହଯୋଗ କରୁଛନ୍ତି।

### ଖଣି ଅଞ୍ଚଳରେ ବଢୁଛି ଚୋରା ମହୁଲିମଦ କାରବାର

## ବିଭିନ୍ନ ହାଟରେ ସକ୍ରିୟ ହେଉଛି ଜୁଆଖେଳ

ହାଟଡ଼ିହୀ, ୨୪।୩(ସମିସ)

କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ଅବକାରୀ ଥାନା ଏବଂ ସୋସୋ ଥାନା ଅଧୀନ ଖଣି ଅଞ୍ଚଳମାନଙ୍କରେ ଦିନକୁ ଦିନ ବେଆଇନ୍ ତଥା ଚୋରା ଦେଶୀ ରନ୍ଧା ମହୁଲିମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଖଣି ଅଞ୍ଚଳ ମଧ୍ୟରେ ବଉଳା, ନୂଆଗୁଡ଼ି, ବଣିଆପଙ୍କ, ଢେଙ୍କା ଆଦି ସ୍ଥାନ ମାନଙ୍କରେ ବେଧଡ଼କ ଭାବେ କାରବାର ହେଉଛି ବେଆଇନ୍ ତଥା ଚୋରା ଦେଶୀ ରନ୍ଧା ମହୁଲିମଦ। ଏଥିସହ ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ ଲାଗୁଥିବା ସାପ୍ତାହିକ ହାଟ ମାନଙ୍କରେ ଜୁଆଖେଳ ବେଶ୍ ସକ୍ରିୟ ହେବାରେ ଲାଗିଛି। ପ୍ରତ୍ୟେକ ରବିବାର ଦିନ ବଣିଆପଙ୍କ ହାଟରେ ବେଧଡ଼କ ଚାଲୁଛି ଜୁଆଖେଳ। ଉକ୍ତ ହାଟଟି ସକାଳ ସମୟରୁ ଆରମ୍ଭ ହୋଇ ଦିନ ୨ଟା ସୁଦ୍ଧା ଶେଷ ହୋଇଯାଇଥାଏ। ପ୍ରକାଶ ଥାଉକି, ବଣିଆପଙ୍କ ସ୍ଥାନଟି କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ସୀମାନ୍ତ ଅଞ୍ଚଳରେ ଥିବାରୁ ଉକ୍ତ ଅଞ୍ଚଳକୁ ପ୍ରାୟତଃ ବାଲେଶ୍ୱର ଓ ଭଦ୍ରକ ଅଞ୍ଚଳର ଅନେକ ଦଲାଲଙ୍କ ସହ ସମ୍ପର୍କ ରଖିଥିବା ଯାଜପୁର ଜିଲ୍ଲା କୁଆଖିଆ ଅଞ୍ଚଳରୁ କିଛି ଜୁଆ ଖେଳାଳି ଏଠାକୁ ଆସି ବେଶ୍ ଆଡ୍ଡା ଜମାଉଛନ୍ତି। ସ୍ଥାନୀୟ ଅଞ୍ଚଳର କିଛି ଗରିବ ଲୋକଙ୍କୁ ମଦ ଓ ଟଙ୍କାରେ ପ୍ରଲୋଭିତ କରି ନିଜ ବେପାରର କାୟା ବିସ୍ତାର କରୁଛନ୍ତି। ଅବାଧ ଚୋରା ମହୁଲିମଦ କାରବାର ସହ ବେଧଡ଼କ ଜୁଆଖେଳ ପାଇଁ ଅନେକ ଗରିବ ଲୋକଙ୍କ ପରିବାରର ମୁଖ୍ୟ ରୋଜଗାରିଆ ବ୍ୟକ୍ତି ନିଶାଗ୍ରସ୍ତ ହୋଇ ସର୍ବଶାନ୍ତ ହେଉଛନ୍ତି। ମହୁଲିମଦ ଓ ଜୁଆଖେଳ ପାଇଁ ଅନେକ ସ୍ତ୍ରୀ ସ୍ୱାମୀ, ଅନେକ ବାପା-ମାଆ ରୋଜଗାରିଆ ପୁଅ ଓ ଅନେକ କୁନି କୁନି ଛୁଆ ବାପ-ଭାଇଙ୍କୁ ଅସମୟରେ ହରାଉଥିବା କୁହାଯାଇଛି। ଏଭଳି ବେଆଇନ୍ ତଥା ଚୋରା ମହୁଲିମଦ ସହ ଅବାଧ ଜୁଆଖେଳକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ୍ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ଆଇପିଏଲ୍ ୨୦୦୮ ରେ ଖେଳିଥିଲେ

# ଆଜିବି ଖେଳୁଛନ୍ତି



## ବିରାଟ କୋହଲି

ଆଇପିଏଲ୍ ଇତିହାସରେ ଏକମାତ୍ର ଖେଳାଳି ଭାବେ କୋହଲି ୨୦୦୮ ରୁ ଆଜି ପର୍ଯ୍ୟନ୍ତ ଗୋଟିଏ ଫ୍ରାଞ୍ଚାଇଜ ପାଇଁ ଖେଳିଆସୁଛନ୍ତି। ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଇଁ ସେ ୨୩୮ ମ୍ୟାଚ୍ ଖେଳି ୩୭ରୁ ଉର୍ଦ୍ଧ୍ୱ ହାରରେ ୭୨୮୪ ରନ କରିଛନ୍ତି। ଏହାମଧ୍ୟରେ ସେ ୭ ଶତକ ଓ ୫୦ ଅର୍ଦ୍ଧଶତକ ମାରିଛନ୍ତି। ୨୦୧୬ ସଂସ୍କରଣ ତାଙ୍କ ପାଇଁ ବେଶ୍ ସ୍ମରଣୀୟ ରହିଥିଲା। ଏହି ସଂସ୍କରଣରେ ସେ ୧୬ ମ୍ୟାଚ୍ ଖେଳି ୮୧.୦୮ ହାରରେ ୯୭୩ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ସେ ୪ ଶତକ ଓ ୭ ଅର୍ଦ୍ଧଶତକ ମାରିଥିଲେ। ସେହିଭଳି ବର୍ତ୍ତମାନ ସୁଦ୍ଧା ଆଇପିଏଲ୍‌ରେ ତାଙ୍କ ବ୍ୟାଟରୁ ୬୪୩ ଚୌକା ଓ ୨୩୫ ଛକା ଦେଖିବାକୁ ମିଳିଛି। ୨୦୨୨ ଆଇପିଏଲ୍ ମେଗା ନିଲାମୀରେ ବେଙ୍ଗାଲୁରୁ ତାଙ୍କ ୧୬ କୋଟି ଟଙ୍କା ବ୍ୟୟରେ ଦଳରେ ବଜାୟ ରଖିଥିଲା।

### ମହେନ୍ଦ୍ର ସିଂ ଧୋନି

ଆଇପିଏଲ୍‌ରେ ସବୁଠାରୁ ସଫଳ ଅଧିନାୟକ କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ। ୨୦୦୮ରୁ ଆଜି ପର୍ଯ୍ୟନ୍ତ ଧୋନି ଖେଳିଆସୁଛନ୍ତି। ୨୦୦୮ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ପକ୍ଷରୁ ଆଇପିଏଲ୍ ପଦାର୍ପଣ କରିଥିଲେ। ଆଜି ବି ୧୭ତମ ସଂସ୍କରଣରେ ସେ ଚେନ୍ନାଇ ପାଇଁ ଖେଳୁଛନ୍ତି ଏବଂ ତାଙ୍କ ନେତୃତ୍ୱରେ ଦଳ ୫ଥର ଟାଇଟଲ୍ ଜିତିବାରେ ସଫଳ ହୋଇଛି। ତେବେ ଚେନ୍ନାଇକୁ ଫିକ୍ସିଂ ମାମଲାରେ ଦୁଇ ବର୍ଷ ଆଇପିଏଲ୍‌ରୁ ବାସନ୍ଦ କରାଯିବା ଫଳରେ ସେ ୨୦୧୬ ଓ ୨୦୧୭ ସଂସ୍କରଣରେ ରାଇଜିଂ ପୁଣେ ସୁପର୍ ଜାଏଣ୍ଟ୍‌ସ ପକ୍ଷରୁ ଖେଳିଥିଲେ।

### ରୋହିତ୍ ଶର୍ମା

୨୦୦୮ରେ ଉଦ୍‌ଘାଟନୀ ସଂସ୍କରଣରେ ଡେକାନ ଚାର୍ଜସ ପକ୍ଷରୁ ଖେଳି ରୋହିତ୍ ଶର୍ମା ଆଇପିଏଲ୍‌ରେ ପାଦ ଥାପିଥିଲେ। ତେବେ ୨୦୧୧ରୁ ଅଦ୍ୟାବଧି ସେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିଆସୁଛନ୍ତି। ତାଙ୍କ ନେତୃତ୍ୱରେ ମଧ୍ୟ ମୁମ୍ବାଇ ୫ଥର ଚାମ୍ପିଅନ ହୋଇଛନ୍ତି। ଅବଶ୍ୟ ରୋହିତ୍ ଚଳିତ ସଂସ୍କରଣରେ ନେତୃତ୍ୱ ନେଉନାହାନ୍ତି। ୩୭ ବର୍ଷୀୟ ରୋହିତ୍ ବର୍ତ୍ତମାନ ସୁଦ୍ଧା ୨୪୩ ମ୍ୟାଚ୍ ଖେଳି ୨୯.୫୮ ହାରରେ ୬୨୧୧ ରନ ସଂଗ୍ରହ କରିଛନ୍ତି। ତାଙ୍କ ନାମରେ ଗୋଟିଏ ଶତକ ଓ ୪୨ ଅର୍ଦ୍ଧଶତକ ଲିପିବଦ୍ଧ ରହିଛି।

### ଦୀନେଶ କାର୍ତ୍ତିକ

ଭେଟେରାନ ୱିକେଟ୍‌କିପର୍ ଦୀନେଶ କାର୍ତ୍ତିକ ମଧ୍ୟ ବର୍ତ୍ତମାନ ସୁଦ୍ଧା ଆଇପିଏଲ୍‌ର ସମସ୍ତ ୧୭ଟି ଯାକ ସଂସ୍କରଣରେ ଅଂଶଗ୍ରହଣ କରିସାରିଛନ୍ତି। ୨୦୦୮ରେ କାର୍ତ୍ତିକ ଦିଲ୍ଲୀ ଡେୟାରଡେଭିଲ୍ସ ପକ୍ଷରୁ ପ୍ରଥମେ ଖେଳିଥିଲେ। ସେ ପଞ୍ଜାବ କିଙ୍ଗ୍‌ସ, ମୁମ୍ବାଇ ଇଣ୍ଡିଆନ୍ସ, ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ଗୁଜରାଟ ଲାୟନ୍ସ, କୋଲକାତା ନାଇଟ୍ ରାଇଡର୍ସ ପାଇଁ ପ୍ରତିନିଧିତ୍ୱ କରିଥିଲେ। ଚଳିତ ସଂସ୍କରଣରେ ସେ ବେଙ୍ଗାଲୁରୁ ପାଇଁ ପ୍ରଥମ ମ୍ୟାଚରେ ଅପରାଜିତ ୩୮ ରନର ପାଳି ଖେଳିଥିଲେ। କାର୍ତ୍ତିକଙ୍କ ନାମରେ ୨୪୩ ଆଇପିଏଲ୍ ମ୍ୟାଚ୍‌ରୁ ୪୫୫୪ ରନ ଲିପିବଦ୍ଧ ରହିଛି।

### ଶିଖର ଧାୱନ

ଶିଖର ଧାୱନ ମଧ୍ୟ ୨୦୦୮ରୁ ଆଜି ପର୍ଯ୍ୟନ୍ତ ୧୭ଟି ଯାକ ଆଇପିଏଲ୍ ସଂସ୍କରଣରେ ଭିନ୍ନ ଭିନ୍ନ ଫ୍ରାଞ୍ଚାଇଜ ପାଇ ପ୍ରତିନିଧିତ୍ୱ କରିଛନ୍ତି। ଦିଲ୍ଲୀ ଡେୟାରଡେଭିଲ୍ସରୁ ଆଇପିଏଲ୍ କ୍ୟାରିୟର ଆରମ୍ଭ କରିଥିବା ଧାୱନ ଚଳିତ ସଂସ୍କରଣରେ ପଞ୍ଜାବ କିଙ୍ଗ୍‌ସ ପକ୍ଷରୁ ଖେଳୁଛନ୍ତି। 'ଗବ୍ବର' ଭାବେ ପରିଚିତ ଏହି ବାମହାତୀ ବ୍ୟାଟର୍ ବର୍ତ୍ତମାନ ସୁଦ୍ଧା ୨୧୮ ମ୍ୟାଚ୍ ଖେଳି ୨ ଶତକ ଓ ୫୦ ଅର୍ଦ୍ଧଶତକ ସହ ୬୬୩୯ ରନ କରିଛନ୍ତି।

### ମନୀଷ ପାଣ୍ଡେ

୨୦୦୮ରୁ ଅଦ୍ୟାବଧି ଆଇପିଏଲ୍ ଖେଳୁଥିବା ଖେଳାଳିଙ୍କ ତାଲିକାରେ କର୍ଣ୍ଣାଟକର ୩୪ ବର୍ଷୀୟ ତାରକା ବ୍ୟାଟର୍ ମନୀଷ ପାଣ୍ଡେ ମଧ୍ୟ ରହିଛନ୍ତି। ସେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ପଦାର୍ପଣ କରିଥିଲେ। ୨୦୨୪ରେ ସେ କୋଲକାତା ନାଇଟ୍ ରାଇଡର୍ସ ଦଳରେ ରହିଛନ୍ତି। ଆଇପିଏଲ୍‌ରେ ପ୍ରଥମ ଭାରତୀୟ ଭାବେ ଶତକ ଅର୍ଜନ କରିବାର ରେକର୍ଡ ମନୀଷଙ୍କ ନାମରେ ରହିଛି। ସେ ୧୭୦ ଆଇପିଏଲ୍ ମ୍ୟାଚରୁ ୩୮୦୮ ରନ କରିଛନ୍ତି।

### ଋଦ୍ଧିମାନ ଶାହ

ବେଙ୍ଗଲର ଭେଟେରାନ ୱିକେଟ୍‌ରକ୍ଷକ ଋଦ୍ଧିମାନ ଶାହ ଚଳିତ ସଂସ୍କରଣରେ ଗୁଜରାଟ ଜାଏଣ୍ଟ୍‌ସ ଦଳରେ ରହିଛନ୍ତି। ୨୦୦୮ ଆଇପିଏଲ୍‌ରେ ସେ କୋଲକାତା ଫ୍ରାଞ୍ଚାଇଜ ପକ୍ଷରୁ ଖେଳିଥିଲେ। ଏହାପରେ ସେ ପର୍ଯ୍ୟାୟକ୍ରମେ ଚେନ୍ନାଇ ସୁପର୍ କିଙ୍ଗ୍‌ସ, ପଞ୍ଜାବ, ସନରାଇଜର୍ସ ହାଇଦ୍ରାବାଦ, ଗୁଜରାଟ ଟାଇଟନ୍ସ ପାଇଁ ଖେଳିଥିଲେ। ୧୬୧ ମ୍ୟାଚ୍ ଖେଳିସାରିଥିବା ଋଦ୍ଧିମାନ ୨୭୯୮ ରନ କରିଛନ୍ତି।



ଆରମ୍ଭ ହୋଇଯାଇଛି ବିଶ୍ୱର ସବୁଠାରୁ ଲୋକପ୍ରିୟ ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ପ୍ରତିଯୋଗିତା ଆଇପିଏଲ୍। ଉଦ୍‌ଘାଟନୀ ମୁକାବିଲାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ୬ ୱିକେଟ୍‌ରେ ପରାସ୍ତ କରି ଡିଫେଣ୍ଡିଂ ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗ୍‌ସ ୧୭ତମ ସଂସ୍କରଣରେ ଅଭିଯାନ ଆରମ୍ଭ କରିଛି। ଉଦ୍‌ଘାଟନୀ ଦିବସର ଦୁଇ ତାରକା ଖେଳାଳି ଚେନ୍ନାଇର ମହେନ୍ଦ୍ର ସିଂ ଧୋନି ଓ ବେଙ୍ଗାଲୁରୁର ବିରାଟ କୋହଲିଙ୍କ ଲାଗି ଏହି ସଂସ୍କରଣ ବେଶ୍ ମହତ୍ତ୍ୱ ରଖୁଛି। ଉଭୟ ଆଇପିଏଲ୍ ଆରମ୍ଭ ହେବାଠାରୁ ୨୦୦୮ରୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ସଂସ୍କରଣରେ ଖେଳିଆସୁଛନ୍ତି। ଏହି ଦୁଇ ଖେଳାଳିଙ୍କ ବ୍ୟତୀତ ଆହୁରି ମଧ୍ୟ ୫ଜଣ ଖେଳାଳି ରହିଛନ୍ତି, ଯେଉଁମାନେ କି ଆଇପିଏଲ୍ ଯେବେଠାରୁ ଆରମ୍ଭ ହେଲାଣି ସେବେଠାରୁ ଆଜି ପର୍ଯ୍ୟନ୍ତ ଖେଳୁଛନ୍ତି। ସେମାନେ ହେଲେ ଋଦ୍ଧିମାନ ଶାହ, ଶିଖର ଧାୱନ, ଦୀନେଶ କାର୍ତ୍ତିକ, ମନୀଷ ପାଣ୍ଡେ ଓ ରୋହିତ୍ ଶର୍ମା। ଏହି ସମସ୍ତ ଖେଳାଳିଙ୍କ କ୍ରୀଡ଼ା ଜୀବନ ବର୍ତ୍ତମାନ ଅନ୍ତିମ ପର୍ଯ୍ୟାୟରେ ଉପନୀତ ହୋଇଛି। କେବଳ ବିରାଟ କୋହଲିଙ୍କୁ ଛାଡ଼ିଦେଲେ ବାକି ସମସ୍ତ ଖେଳାଳି ଏକାଧିକ ଫ୍ରାଞ୍ଚାଇଜ ପାଇଁ ଆଇପିଏଲ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। ସେହିଭଳି ପିୟୂଷ ଚାୱଲା (୨୦୨୨), ରବୀନ୍ଦ୍ର ଜାଡେଜା (୨୦୧୦), ରବିନ ଉଥପ୍ପା (୨୦୨୩) ଓ ଅମିତ୍ ମିଶ୍ରା (୨୦୨୨) ଆଇପିଏଲ୍‌ରେ ଆରମ୍ଭରୁ ଖେଳୁଥିଲେ ମଧ୍ୟ ସମସ୍ତେ ଗୋଟିଏ ଗୋଟିଏ ସଂସ୍କରଣରେ ଖେଳିପାରି ନ ଥିଲେ। ୨୦୦୮ ରୁ ଆଜି ପର୍ଯ୍ୟନ୍ତ ଆଇପିଏଲ୍‌ର ପ୍ରତି ସଂସ୍କରଣରେ ଖେଳିଥିବା ଖେଳାଳିଙ୍କ ଉପରେ ସଂକ୍ଷେପରେ ନଜର ପକାଇବା।

● ମହଙ୍ଗା ପଡ଼ିଲା ଫ୍ଲାଇଙ୍ଗ୍ କିସ୍

## ହର୍ଷିତଙ୍କ ୬୦% ମ୍ୟାଚ୍ ପାଉଣା କଟିଲା

**କୋଲକାତା, ୨୪।୩ (ଏଜେନ୍ସି):** ଚଳିତ ଆଇପିଏଲ୍-୧୭'ରେ ଶନିବାର ଏକ ରୋମାଞ୍ଚକ ମୁକାବିଲାରେ ଘରୋଇ କୋଲକାତା ନାଇଟ୍ ରାଇଡର୍ସ ୪ ରନରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ଏହି ମ୍ୟାଚରେ ଅନ୍ତିମ ଓଭରରେ ହାଇଦ୍ରାବାଦକୁ ଜିତିବା ଲାଗି ୧୩ ରନ ଆବଶ୍ୟକ ହେଉଥିଲା। ଏହି ସମୟରେ ନିର୍ଣ୍ଣାୟକ ୨୦ତମ ଓଭର ବୋଲିଂ କରିଥିବା କୋଲକାତା ଦ୍ରୁତ ବୋଲର୍ ହର୍ଷିତ ରାଣା ମାତ୍ର ୮ ରନ ଦେଇ ୨ଟି ୱିକେଟ୍ ନେବା ସହ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେବେ ମ୍ୟାଚ୍ ଅବସରରେ ହର୍ଷିତ ସନରାଇଜର୍ସର ବ୍ୟାଟର୍‌ଙ୍କୁ କିଛି ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। ଯାହାକି ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ତାଙ୍କ ମ୍ୟାଚ୍ ପାଉଣାର ୬୦ ପ୍ରତିଶତ ଅର୍ଥରାଶି ଜରିମାନା କରିଛି। ମ୍ୟାଚରେ ସନରାଇଜର୍ସ ଓପନର୍ ମୟଙ୍କ ଅଗ୍ରୱାଲ ଓ ହେନରିଚ୍ କ୍ଲାସେନଙ୍କୁ ଆଉଟ୍ କରିବା ପରେ ହର୍ଷିତ ଫ୍ଲାଇଙ୍ଗ୍ କିସ୍' କରି ପ୍ୟାଭିଲିୟନକୁ ଫେରିବାକୁ ଉଭୟଙ୍କୁ ଇଙ୍ଗିତ କରିଥିଲେ। ଦୁଇ ବରିଷ୍ଠ ଖେଳାଳିଙ୍କ ପ୍ରତି ଏଭଳି ଅଶୋଭନୀୟ ବ୍ୟବହାର ଲାଗି ତାଙ୍କୁ ବିସିସିଆଇ ଜରିମାନା କରିଛି। ସେ ଆଇପିଏଲ୍ ଆଚରଣ ସଂହିତା ଧାରା ୨.୫କୁ ଉଲ୍ଲଘନ କରିଥିବା ବିସିସିଆଇ ପକ୍ଷରୁ କୁହାଯାଇଛି।

## ମୁମ୍ବାଇ ରଣଜୀ ଖେଳାଳିଙ୍କ ପାଉଣା ଦୁଇଗୁଣା ହେବ

**ମୁମ୍ବାଇ,୨୩।୩(ଏଜେନ୍ସି):** ମୁମ୍ବାଇ ରଣଜୀ ଟ୍ରଫି ଖେଳାଳିଙ୍କ ପାଉଣା ଦୁଇଗୁଣା ହେବ। ଏ ନେଇ ମୁମ୍ବାଇ କ୍ରିକେଟ ଆସୋସିଏସନ (ଏମ୍‌ସିଏ) ନିଷ୍ପତ୍ତି ନେଇଛି। ଆସନ୍ତା ସିଜନରେ ଖେଳାଳିଙ୍କୁ ଦୁଇଗୁଣା ପାଉଣା ମିଳିବ। ୨୦୨୪-୨୫ ସିଜନରେ ଜଣେ ଅନୁଭବି ଖେଳାଳିଙ୍କୁ ଗୋଟିଏ ମ୍ୟାଚ୍ ପାଇଁ ୪.୮୦ ଲକ୍ଷ ଟଙ୍କା ମିଳିବ। କିନ୍ତୁ ଅନ୍ୟ ଆସୋସିଏସନଗୁଡ଼ିକ ସେମାନଙ୍କ ଖେଳାଳିମାନଙ୍କୁ ଗୋଟିଏ ମ୍ୟାଚ୍ ପାଇଁ ୨.୪୦ ଲକ୍ଷ ଟଙ୍କା ପ୍ରଦାନ କରିଥାନ୍ତି। ଏମ୍‌ସିଏର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପରେ ଏବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବାକି ରାଜ୍ୟ ଆସୋସିଏସନଗୁଡ଼ିକର ଖେଳାଳିଙ୍କ ପାଉଣା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇପାରେ।

## ମହିଳା ଦିନିକିଆ ସିରିଜ: ଅଷ୍ଟ୍ରେଲିଆ ବିଜୟୀ

**ମୀରପୁର,୨୩।୩(ଏଜେନ୍ସି):** ସ୍ଥାନୀୟ ସେର ବାଂଲା ଅନ୍ତର୍ଜାତୀୟ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ମହିଳା ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୧୫୭ଟି ବଲ ବାକିଥାଇ ୬ ୱିକେଟରେ ବିଜୟ ହାସଲ କରିଛି। ଟସ୍ ଜିତି ବାଂଲାଦେଶ ମହିଳା ଦଳ ପ୍ରଥମେ ବ୍ୟାଟିଂ କରି ୪୪.୧ ଓଭରରେ ୯୭ ରନକରି ଅଲଆଉଟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ୨୩.୫ ଓଭରରେ ୪ ୱିକେଟ ହରାଇ ୯୮ ରନ ସଂଗ୍ରହ କରି ବିଜୟୀ ହୋଇଛି। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଅଷ୍ଟ୍ରେଲିଆ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ଅଷ୍ଟ୍ରେଲିଆ ବାମହାତୀ ସ୍ପିନର ସୋଫି ମୋଲିନେକ୍ସ ୧୦ ରନ ଦେଇ ୩ ୱିକେଟ ଅକ୍ତିଆର କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ବାଂଲାଦେଶ ତରଫର ନାହିଦା ଅଖତାର ସର୍ବାଧିକ ୨୨ ଓ ଅଷ୍ଟ୍ରେଲିଆ ତରଫରୁ ତାରକା ବ୍ୟାଟର ଏଲିସ ପେରୀ ସର୍ବାଧିକ ଅପରାଜିତ ୩୫ ରନ ସଂଗ୍ରହ କରିଥିଲେ।

ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍

## ଟାଟା ଷ୍ଟିଲ, ନୀତା ଏକାଡେମୀ ବିଜୟୀ

**କଟକ,୨୪।୩(ସମିସ):** ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍ ବିଭିନ୍ନ ବୟସ ବର୍ଗର ମ୍ୟାଚ୍ କଟକରେ ଖେଳାଯାଉଛି। ସିଡିଏ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ୧୭ବର୍ଷରୁ କମ୍ ବୟସ ବର୍ଗର ଏକ ମ୍ୟାଚ୍‌ରେ ଯୋଡାର ଟାଟା ଷ୍ଟିଲ ଫାଉଣ୍ଡେସନ ୧-୦ ଗୋଲରେ ଭୁବନେଶ୍ୱର କିଶୋର କ୍ଲବକୁ ପରାସ୍ତ କରିଥିଲା। ନୀତୁ ପାତ୍ର ଏକମାତ୍ର ବିଜୟ ସୂଚକ ଗୋଲ ଦେଇଥିଲେ। ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ନୀତା ଫୁଟବଲ ଏକାଡେମୀ ୨-୦ ଗୋଲରେ କିଟ-କିସକୁ ହରାଇଛି। ଏକାଡେମୀ ପକ୍ଷରୁ ୫୩ତମ ମିନିଟରେ କ୍ରୀତି କିଶାନ ଏବଂ ୬୬ତମ ମିନିଟରେ ଇପସିତା ରାଉତ ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି।



ଖେଲୋ ଇଣ୍ଡିଆ-ଏନ୍‌ଟିପିସି ପୂର୍ବାଞ୍ଚଳ ଓପନ୍ ତୀରନ୍ଦାଜୀ

## ରଞ୍ଜନଙ୍କୁ ରୌପ୍ୟ, ଅର୍ଜୁନଙ୍କୁ କାଂସ୍ୟ

**ଭୁବନେଶ୍ୱର, ୨୪।୩ (ସମିସ)**

ଝାଡ଼ଖଣ୍ଡର ଖୁଣ୍ଟିସ୍ଥିତ ବିର୍ସା ମୁଣ୍ଡା ଫୁଟ୍‌ବଲ ଷ୍ଟାଡିୟମରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ-ଏନ୍‌ଟିପିସି ପୂର୍ବାଞ୍ଚଳ ଓପନ୍ ତୀରନ୍ଦାଜୀ ପ୍ରତିଯୋଗିତାରେ ଓଡ଼ିଶା ଦୁଇଟି ପଦକ ଜିତିବାରେ ସଫଳ ହୋଇଛି। ଯେଉଁଥିରେ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି। ବଲାଙ୍ଗୀରର ଦିବ୍ୟରଞ୍ଜନ ମୁଣ୍ଡା ପୁରୁଷ କମ୍ପାଉଣ୍ଡ ରାଉଣ୍ଡରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିଭଳି କୋରପୁଟ ସ୍ପୋର୍ଟ୍ସ ହଷ୍ଟେଲର ଅର୍ଜୁନ ଖରା ପୁରୁଷ ରିକର୍ଭ ରାଉଣ୍ଡରେ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ବିଜୟୀ ହୋଇଥିଲେ।



ଏହି ପ୍ରତିଯୋଗିତାରେ ଓଡ଼ିଶାର ୧୧ଜଣ ତୀରନ୍ଦାଜ ଅଂଶଗ୍ରହଣ କରିଥିଲେ। ରାଜେଶ ହାସଦାକ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଓଡ଼ିଶା ତୀରନ୍ଦାଜୀ ସଂଘର ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ କହିଛନ୍ତି, 'ଦିବ୍ୟରଞ୍ଜନ ବିନା ପ୍ରଶିକ୍ଷଣରେ ଏହି ସଫଳତା ପାଇଛନ୍ତି। ଏପରିକି ଗତ ଜାତୀୟ ଚାମ୍ପିଅନସିପ୍ ପୂର୍ବରୁ ରାଜ୍ୟ ସରକାର ଦିବ୍ୟଙ୍କୁ ଏକ କମ୍ପାଉଣ୍ଡ ଧନୁ ପ୍ରଦାନ କରିଥିଲେ। ଯଦି ସେ କୌଣସି ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେବାର ସୁଯୋଗ ପାଆନ୍ତେ ତେବେ ଆଗାମୀ ଦିନରେ ରାଜ୍ୟ ତଥା ଦେଶ ପାଇଁ ଆହୁରି ସଫଳତା ଆଣିବେ।'

## ଜାତୀୟ ଉପକନିଷ୍ଠ ଉଶୁ ଲାଗି ୪୦ଜଣିଆ ଓଡ଼ିଶା ଦଳର ଜମ୍ମୁ ଯାତ୍ରା

**ଭୁବନେଶ୍ୱର, ୨୪।୩(ସମିସ):** ଜାମ୍ମୁଠାରେ ମାର୍ଚ୍ଚ ୨୬ରୁ ଖେଳାଯିବାକୁ ଥିବା ୨୩ତମ ଜାତୀୟ ଉପକନିଷ୍ଠ ଉଶୁ ପ୍ରତିଯୋଗିତା ଲାଗି ଏକ ୪୦ ଜଣିଆ ଓଡ଼ିଶା ଦଳ ରବିବାର ଯାତ୍ରା କରିଛି। ଅନ୍ତର୍ଜାତୀୟ ଜଜ୍ ପ୍ରଦ୍ୟୁମ୍ନ ବେହେରାଙ୍କ ନେତୃତ୍ୱରେ ୩୦ ଜଣ ପ୍ରତିଯୋଗୀ, ୬ଜଣ ଜାତୀୟ ଜଜ୍ ଓ ୪ଜଣ କର୍ମକର୍ତ୍ତା ରହିଛନ୍ତି। ଏମାନେ ଜାମ୍ମୁ ବିଶ୍ୱବିଦ୍ୟାଳୟ ପରିସରରେ ମାର୍ଚ୍ଚ ୩୧ ତାରିଖଯାଏ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବେ। ଏହି ପ୍ରତିଯୋଗୀମାନଙ୍କୁ ଉଶୁ ସଂଘ ଅଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁମୋହନ ମହାନ୍ତି, ଉପସଭାପତି ଶିବାନନ୍ଦ ରାୟ ଓ ବିକାଶ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ଏହି ଦଳଠାରୁ ଏକାଧିକ ପଦକ ଆଶା କରାଯାଉଛି ବୋଲି ସମ୍ପାଦକ ଯୁବରାଜ ହରିଚନ୍ଦନ ଆଶାପ୍ରକାଶ କରିଛନ୍ତି।

## ରୋନିତ ଜିତିଲେ ସତ୍ୟସାଇ ସ୍କୁଲ ଓପନ ଚେସ୍

**ଜଟଣୀ, ୨୪।୩(ସମିସ)**

ଜଟଣୀ ଚେସ୍ ସଂଘ ଆନୁକୂଲ୍ୟରେ ରବିବାର ପଞ୍ଚମ ସତ୍ୟସାଇ ସ୍କୁଲ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଦିନିକିଆ ପ୍ରତିଯୋଗିତାଟି ଜଟଣୀସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ପରିସରରେ ଖେଳାଯାଇଥିଲା। ଏଥିରେ ଖୋର୍ଦ୍ଧା ଆଶା ଇଣ୍ଟରନ୍ୟାସନାଲ ସ୍କୁଲର ରୋନିତ୍ ଅଗ୍ରୱାଲ ସର୍ବାଧିକ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିବା ସହ ଟାଇଟଲ ବିଜୟୀ ହୋଇଛନ୍ତି। କଳିଙ୍ଗ ନଗର ଡିଏଭି ପବ୍ଲିକ୍ ସ୍କୁଲ୍‌ର ଦୀପ୍ତାରଞ୍ଜନ ସାହୁ, ସାମନ୍ତରାପୁର ସେଣ୍ଟ ଜାଭିୟରର ଆର୍ଯ୍ୟଂଶ ମିଶ୍ର, ବ୍ରହ୍ମେଶ୍ୱର ହାଇସ୍କୁଲର ଅଞ୍ଜଳି ମିଶ୍ର, ଜଟଣୀ ପୂର୍ବତଟ ରେଲୱେ ହାଇସ୍କୁଲର ହିମାଂଶୁ ଶେଖର ସାହୁ, ଭୁବନେଶ୍ୱର କେଭି ଆଇଆଇଟିର ସୁର୍ଯ୍ୟେନ୍ଦୁ ପ୍ରକାଶ ସାହୁ, ବିଜେଇଏମ୍ ସ୍କୁଲ-୧'ର ଶ୍ରୀକାନ୍ତ ବଳବନ୍ତରାୟ ଓ ଜଟଣୀ ମିସନ ସ୍କୁଲ୍‌ର ଅମନ ଅର୍ପିତ ସ୍ୱାଇଁ



୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ଦ୍ୱିତୀୟରୁ ଅଷ୍ଟମ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାକୁ ସେଣ୍ଟ ଜାଭିୟର ସ୍କୁଲର ଅଧ୍ୟକ୍ଷା ଲୀନା ମିଶ୍ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ଜଟଣୀ ଚେସ ସଂଘ ସଭାପତି ସୁରେଶ ଚନ୍ଦ୍ର ବଳିଆରସିଂ ଓ ସମ୍ପାଦକ ଅବିନାଶ ବଳିଆରସିଂ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ସଂଘ ଚେସ୍ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

ରାମେଶ୍ୱର କପ୍ କନିଷ୍ଠ କ୍ରିକେଟ

## ଫାଇନାଲରେ ରାମେଶ୍ୱର

**ଭୁବନେଶ୍ୱର,୨୩।୩(ସମିସ)**

ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା କମଳା ପରିଡା ସ୍ମାରକୀ ଜୁନିଅର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆୟୋଜକ ରାମେଶ୍ୱର କ୍ଲବ ଫାଇନାଲରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ରାମେଶ୍ୱର ୮ ୱିକେଟରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ଫାଇନାଲକୁ ଉଠିଛି। ଟସ୍ ଜିତି ମୁକ୍ତେଶ୍ୱର ପ୍ରଥମେ ବ୍ୟାଟିଂ କରି ୩୫ ଓଭରରେ ୭ ୱିକେଟ ହରାଇ ୨୦୩ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଜୀବନ ରଣସିଂ ୩୯, ମହିମା ବେହେରା ୩୨ ରନ କରିଥିବା ବେଳେ ରାମେଶ୍ୱରର ଶୁଭ୍ରକାନ୍ତ ପରିଡା ୩ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ରାମେଶ୍ୱର ୨୭.୩ ଓଭରରେ ଗୋଟିଏ ୱିକେଟ ହରାଇ ୨୦୭ ରନକରି ବିଜୟୀ ହୋଇଥିଲା। ଦଳ ତରଫରୁ ସ୍ୱୟମ ପ୍ରକାଶ ପଣ୍ଡା ୮୩ ବଲରୁ ଅପରାଜିତ ୭୧, ତୀର୍ଥଙ୍କର ସାହୁ ୪୦ ବଲରୁ ଅପରାଜିତ ୬୮, ସୁଭାଶିଷ ମଲିକ୍ ୪୫ ରନ ସଂଗ୍ରହ କରିଥିଲେ। ତୀର୍ଥଙ୍କର ସାହୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଜଟଣୀ ବିଧାୟକ ତଥା ରାମେଶ୍ୱର ସ୍ପୋର୍ଟିଂ କ୍ଲବ ସଭାପତି ସୁରେଶ କୁମାର ରାଉତରାୟ, କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ଭୁବନେଶ୍ୱର ଆଥଲେଟିକ ଆସୋସିଏସନ (ବିଏଏ) ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଉପ- ସଭାପତି ରାଧାନାଥ ମହାପାତ୍ର ଏହି ମ୍ୟାଚ୍ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଏ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ରଥ ଉପସ୍ଥିତ ଥିଲେ।



# ହୋଲି ପାଇଁ ପ୍ରସିଦ୍ଧ ମନ୍ଦିର

**ହୋଲି କେବଳ ରଙ୍ଗର ପର୍ବ ନୁହେଁ, ବରଂ ଏହା ଆନନ୍ଦ ଏବଂ ପ୍ରେମର ଉତ୍ସବ । ଭାରତର ବିଭିନ୍ନ ରାଜ୍ୟରେ ହୋଲି ମହୋତ୍ସବ ବେଶ୍ ଧୂମ୍‌ଧାମରେ ପାଳନ କରାଯାଇଥାଏ । ବିଶେଷକରି ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳାଭୂମିରେ କେତେକ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ ।**







**ବାଙ୍କେ ବିହାରୀ ମନ୍ଦିର:** ଉତ୍ତର ପ୍ରଦେଶ ବୃନ୍ଦାବନ ସ୍ଥିତ ବାଙ୍କେ ବିହାରୀ ମନ୍ଦିର ହୋଲି ଉତ୍ସବ ପାଇଁ ଖୁବ୍ ପ୍ରସିଦ୍ଧ । ଏଠାରେ ବହୁ ବର୍ଷ ଧରି ଫୁଲରେ ହୋଲି ଖେଳିବାର ପରମ୍ପରା ପ୍ରଚଳିତ । ଏହି ଅବସରରେ ଏଠାରେ ହୋଲି ଗୀତ ବୋଲା ଯାଏ ଏବଂ ମନ୍ଦିରକୁ ଆସୁଥିବା ଭକ୍ତଙ୍କ ଉପରେ ଫୁଲ ପକାଯାଏ ।

**ଶ୍ରୀ ଦ୍ୱାରକାଧୀଶ ମନ୍ଦିର:** ଭଗବାନ କୃଷ୍ଣଙ୍କ ଜନ୍ମସ୍ଥାନ ମଥୁରା ମଧ୍ୟ ହୋଲି ଉତ୍ସବ ପାଇଁ ପ୍ରସିଦ୍ଧ । ମଥୁରାରେ ଦ୍ୱାରକାଧୀଶ ମନ୍ଦିରରେ ହର୍ଷ ଉଲ୍ଲାସ ପରିବେଶରେ ଭକ୍ତମାନେ ପରସ୍ପରକୁ ରଙ୍ଗ ବୋଳିଥାନ୍ତି । ଏହାସହ ହୋଲି ସହ ଜଡ଼ିତ ପାରମ୍ପରିକ କାର୍ଯ୍ୟକ୍ରମରେ ସେମାନେ ନିଜକୁ ସାମିଲ କରନ୍ତି ।

**ରାଧାରାଣୀ ମନ୍ଦିର:** ଉତ୍ତର ପ୍ରଦେଶ ବରସାନା ସ୍ଥିତ ରାଧାରାଣୀ ମନ୍ଦିରରେ ଲାଠ୍ ମାର୍ ଓ ଲଡ୍ଡୁ ହୋଲି ଖେଳିବାର ପରମ୍ପରା ଅଛି । ହୋଲିର ସପ୍ତାହେ ପୂର୍ବରୁ ଏଠାରେ ଲାଠ ମାର୍ ହୋଲି ପାଳନ କରାଯାଏ । ଯାହାକି ଖୁବ୍ ମଜାଦାର । ଏହାବାଦ୍ ମନ୍ଦିରରେ ଖେଳାଯାଉଥିବା ଲଡ୍ଡୁ ହୋଲିକୁ ଲୋକମାନେ ବେଶ୍ ଉପଭୋଗ କରନ୍ତି । ମନ୍ଦିରରେ ଲଡ୍ଡୁକୁ ଭକ୍ତଙ୍କ ମଧ୍ୟରେ ବିତରଣ କରାଯାଇ ଏଥିରେ ହୋଲି ଖେଳାଯାଏ ।

**ଉଡୁପି ଶ୍ରୀକୃଷ୍ଣ ମଠ:** କର୍ଣ୍ଣାଟକ ଉଡୁପି ସ୍ଥିତ ଶ୍ରୀକୃଷ୍ଣ ମଠରେ ହୋଲିକୁ ବେଶ୍ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳନ କରାଯାଏ । ଗୋଟେ ପଟେ ଏଠାରେ ଭଜନ କୀର୍ତ୍ତନର ପରିବେଶ ଥିବା ବେଳେ ଅନ୍ୟପଟେ ଏଠାରେ ହୋଲି ଖେଳିବାର ପରମ୍ପରା ନାହିଁ । ଅବଶ୍ୟ ହୋଲି ଦିନ ଭଗବାନଙ୍କ ଚରଣରେ ଫୁଲ ଅର୍ପଣ କରିବାର ପରମ୍ପରା ରହିଛି । ଯାହାକୁ ଭକ୍ତମାନେ ବେଶ୍ ଖୁସି ମନରେ ରଙ୍ଗ ପର୍ବରେ ପଳନ କରିଥାନ୍ତି ।

# ଦୋଳଯାତ୍ରା



ଆଜି ହେଉଛି ପବିତ୍ର ଦୋଳ ପୂର୍ଣ୍ଣିମା । ଫଗୁ ଦଶମୀରୁ ଦୋଳଯାତ୍ରା ଆରମ୍ଭ ହୋଇଥାଏ । ଶାସ୍ତ୍ରରେ ଏହାକୁ 'ବସନ୍ତୋତ୍ସବ' ଓ 'ମଦନୋତ୍ସବ' କୁହାଯାଏ । ଏହି ପର୍ବର ଆରାଧ୍ୟ ଠାକୁର ହେଉଛନ୍ତି ରାଧା ଓ କୃଷ୍ଣ । ଦୋଳଯାତ୍ରା ଅବସରରେ ଓଡ଼ିଶାର ଗାଁ ଗଣ୍ଡା ଉତ୍ସବମୁଖର ହୋଇ ଉଠିଥାଏ । ଘଣ୍ଟ ଘଣ୍ଟା, ସଂକୀର୍ତ୍ତନ ମଣ୍ଡଳିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥାଏ । ଠାକୁରମାନେ ସୁସଜ୍ଜିତ ଦୋଳ ବିମାନରେ ବିଜେ ହୋଇ ଗାଁ ଗାଁ ବୁଲି ଭୋଗ ଖାଇଥାନ୍ତି । ଠାକୁରଙ୍କୁ ଉଖୁଡ଼ା, ଚଣା, ସାକର, ବିଭିନ୍ନ ଫଳ ଆଦି ଭୋଗ ଲଗାଯାଏ । ବିଭିନ୍ନ ଗାଁରେ ମେଳଣ ଆୟୋଜନ ହୋଇଥାଏ । ଏହି ସମୟରେ ଭକ୍ତଙ୍କ ମଧ୍ୟରେ ଫଗୁ ଖେଳ ହୁଏ । ଏହି ପର୍ବ ଗାଁ ଗାଁ ମଧ୍ୟରେ, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଏବଂ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସ୍ନେହ, ସଦ୍ଭାବ ଏବଂ ପାରମ୍ପରିକ ସୌହାର୍ଦ୍ଦ୍ୟର ପରିଚାୟକ ଭାବେ ପାଳିତ ହୋଇଥାଏ ।

ଦୋଳପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବିଶେଷ ନୀତି ହୁଏ । ଶ୍ରୀମନ୍ଦିରରୁ ଦୋଳଗୋବିନ୍ଦ ଆସି ଦୋଳବେଦିରେ ବିଜେ ହୁଅନ୍ତି । ଭକ୍ତମାନେ ଠାକୁରଙ୍କୁ ଫଗୁ ଲାଗି କରିଥାନ୍ତି । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସୁନାବେଶ ହୋଇଥାଏ ।

# କେଉଁ ଠାକୁରଙ୍କୁ କେଉଁ ରଙ୍ଗର ଫଗୁ

**ହୋଲି ହେଉଛି ରଙ୍ଗ ବେରଙ୍ଗର ଏମିତି ଏକ ପର୍ବ, ଯାହାକି ରଙ୍ଗ ମେଳ ସହ ମନୁଷ୍ୟତାର ମେଳକୁ ବି ଦର୍ଶାଏ । ଏହାକୁ ସବୁ ଧର୍ମର ଲୋକ ପୂରା ଉତ୍ସାହ ଓ ଆନନ୍ଦ ମନରେ ପାଳନ କରନ୍ତି । ପ୍ରେମର ରଙ୍ଗରେ ପୂର୍ଣ୍ଣ ଏହି ପର୍ବ ପ୍ରତ୍ୟେକ ଧର୍ମ, ସମ୍ପ୍ରଦାୟ, ଜାତିର ବନ୍ଧନକୁ ମୁକ୍ତ କରି ଭାଇଚାରାର ବାର୍ତ୍ତା ପ୍ରଦାନ କରେ । ତେବେ ଏହିଦିନ ଲଗାଯାଉଥିବା ଫଗୁ ରଙ୍ଗର ମଧ୍ୟ ବିଶେଷ ମହତ୍ତ୍ୱ ଅଛି । କ'ଣ ରହିଛି ରଙ୍ଗର ମହତ୍ତ୍ୱ ଏବଂ କେଉଁ ରଙ୍ଗର ଫଗୁ କେଉଁ ଠାକୁରଙ୍କୁ ହୋଲିରେ ଲଗାଇବା ଦରକାର, ସେ ସମ୍ପର୍କରେ ଜାଣିବା ।**

**ନାଲି ରଙ୍ଗ:** ହୋଲିରେ ସବୁଠୁ ଅଧିକ ବ୍ୟବହୃତ ହେଉଥିବା ରଙ୍ଗ ହେଉଛି ନାଲି । ନାଲି ରଙ୍ଗର ଅନେକ ମହତ୍ତ୍ୱ ବି ଅଛି । ଏହା ମହତ୍ତ୍ୱାକାଂକ୍ଷା, ଉତ୍ତେଜନା, କ୍ରୋଧ, ପରାକ୍ରମ ଏବଂ ସାହସର ପ୍ରତୀକ । ଧାର୍ମିକ କାର୍ଯ୍ୟରେ ନାଲି ରଙ୍ଗର ମଧ୍ୟ ଖୁବ୍ ବ୍ୟବହାର ହୁଏ । ତେବେ ମା' ଦୁର୍ଗା, ଗଣେଶ, ଲକ୍ଷ୍ମୀ ଏବଂ ହନୁମାନଙ୍କ ପ୍ରିୟ ରଙ୍ଗ ହେଉଛି ନାଲି । ଏଣୁ ହୋଲି ଅବସରରେ ଏହି ଦେବୀଦେବତାଙ୍କୁ ନାଲି ଫଗୁ ଅର୍ପଣ କରିବା ଦ୍ୱାରା ଶୁଭଫଳ ପ୍ରାପ୍ତି ହୁଏ ।

**ହଳଦିଆ ରଙ୍ଗ:** ହଳଦିଆ ରଙ୍ଗ ଖୁସି ଓ ସମ୍ମାନର ପ୍ରତୀକ । ହୋଲିରେ ଏହି ରଙ୍ଗର ବ୍ୟବହାର ଖୁବ୍ କରାଯାଏ । ତେବେ ସରସ୍ୱତୀଙ୍କୁ ଶ୍ୱେତ ବସ୍ତ୍ର ଅର୍ପଣ କରିବା ସହ ହୋଲିରେ ହଳଦିଆ ରଙ୍ଗ ଫଗୁ ଅର୍ପଣ କରନ୍ତୁ । ସେହିପରି କୃଷ୍ଣ ଓ ବିଷ୍ଣୁଙ୍କୁ ମଧ୍ୟ ଏହି ରଙ୍ଗର ଅବିର ଲଗାନ୍ତୁ ।

**ନୀଳ ରଙ୍ଗ:** ଖୁସିର ପ୍ରତୀକ ନୀଳ । ଏହା ଦ୍ୱାରା ମିଳାମିଶା ବଢ଼େ ଏବଂ ସମ୍ପର୍କରେ ଖୁସି ପରିଲକ୍ଷିତ ହୁଏ । ତେବେ ଭଗବାନ ଶିବଙ୍କୁ ଏହି ରଙ୍ଗ ଅବିର ଅର୍ପଣ କରିବା ସହ ଭସ୍ମ ଲଗାଇପାରିବେ । ନୀଳକଣ୍ଠ ନାମ ହୋଇଥିବାରୁ ମହାଦେବଙ୍କୁ ନୀଳ ରଙ୍ଗ ଜିନିଷ ଏହିଦିନ ଅର୍ପଣ କରିବା ଶୁଭ । ଏଭଳି କରିବା ଦ୍ୱାରା ଭଗବାନ ଶିବଙ୍କ କୃପା ଲାଭ ହୁଏ ।





# ବ୍ରତର ନିୟମ

**ହିନ୍ଦୁ ଧର୍ମରେ ବିଭିନ୍ନ ପର୍ବପର୍ବାଣିରେ ଲୋକମାନେ ବ୍ରତ ରଖନ୍ତି । ଏହାଦ୍ୱାରା ଦେବୀ ଦେବତାଙ୍କ ଆଶୀର୍ବାଦ ପ୍ରାପ୍ତ ହୁଏ । କୁହାଯାଏ, ବ୍ରତ ତପ ସମାନ । ଏଣୁ ବ୍ରତ ରଖିବା ସମୟରେ କେଉଁ କଥାକୁ ଧ୍ୟାନରେ ରଖିବା ଉଚିତ, ଜାଣିବା ସେ ସମ୍ପର୍କରେ ।**

- ବ୍ରତଧାରୀଙ୍କୁ ସକାଳୁ ଶୀଘ୍ର ଶଯ୍ୟା ତ୍ୟାଗ କରିବା ଦରକାର । ନିତ୍ୟକର୍ମ ଶେଷକରି ପରିଷ୍କାର ବସ୍ତ୍ର ଧାରଣ କରିବେ ।
- ବ୍ରତ ରଖିବା ସମୟରେ ଶୋଇବା ଅନୁଚିତ । ଏହି ସମୟରେ ଭଗବାନଙ୍କ ଭଜନ କରିବା ଦରକାର ।
- ବ୍ରତ ରଖିବା ସମୟରେ ନିଜ ସାଧ୍ୟମୁତାବକ ଲୋକଙ୍କୁ ଦାନ ଦେବା ଉଚିତ । ଦୁଃଖୀ ଲୋକଙ୍କ ସେବା କଲେ ପୁଣ୍ୟ ପ୍ରାପ୍ତ ହୁଏ ।
- ବ୍ରତଧାରୀ ପର ନିନ୍ଦା ତଥା ଚର୍ଚ୍ଚାରୁ ନିଜକୁ ଦୂରେଇ ରଖିବା ଜରୁରି ।
- ବ୍ରତଧାରୀଙ୍କୁ କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଉଚିତ ।
- ବ୍ରତ ଶେଷ ପରେ ସାତ୍ତ୍ୱିକ ଭୋଜନ ଗ୍ରହଣ କରନ୍ତୁ ।

## ପ୍ରଶ୍ନୋତ୍ତର

୧. ଗରୁଡ଼ଙ୍କ ପିତାଙ୍କ ନାମ କ'ଣ?
୨. ପୌଷ ମାସରେ ସୂର୍ଯ୍ୟ ଦେବ କେଉଁ ନାଁରେ ପୂଜା ପାଆନ୍ତି?
୩. ଶ୍ରୀକୃଷ୍ଣଙ୍କ ନବଗୁଞ୍ଜର ରୂପ କେଉଁ ପୁରାଣରେ ବର୍ଣ୍ଣିତ?
୪. କେଉଁ ଅସୁରର ନିଧନ ପାଇଁ ଭଗବାନ ଗଧର ପାଦ ଧରିଥିଲେ?
୫. ସାମବେଦକୁ ଗାୟନ କରୁଥିବା ବ୍ୟକ୍ତିମାନଙ୍କୁ କ'ଣ କୁହାଯାଏ?



**ଉତ୍ତର**

(୧) କାଶ୍ୟପ (୨) ବିଷ୍ଣୁ ସନାତନ (୩) ସାରଳା ମହାଭାରତ (୪) ଜରାସନ୍ଧ (୫) ଉଦ୍‌ଗାତା ମହାପାତ୍ର

## ଗୀତାବାଣୀ

**ନ ହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ ।**
**ତତ୍ସ୍ୱୟଂ ଯୋଗସଂସିଦ୍ଧଃ କାଳେନାତ୍ମନି ବିନ୍ଦତି ॥୩୮ ॥**

ଏହି ମନୁଷ୍ୟଲୋକରେ ଜ୍ଞାନ ସମାନ ପବିତ୍ରକାରକ ଅନ୍ୟ କୌଣସି ସାଧନା ନାହିଁ । ଯାହାଙ୍କର ଯୋଗ ପୂର୍ଣ୍ଣାଙ୍ଗ ହୋଇସାରିଛି, ସେ (କର୍ମଯୋଗୀ) ଅବଶ୍ୟ ସେହି ତତ୍ତ୍ୱଜ୍ଞାନକୁ ନିଜେ ନିଜ ଭିତରେ ପ୍ରାପ୍ତ କରନ୍ତି ।

(ଚତୁର୍ଥୋଽଧ୍ୟାୟଃ – ଶ୍ଳୋକ - ୩୮)



# ଧନହାନିର ସଙ୍କେତ ଦିଏ ଏହି ସ୍ୱପ୍ନ

**ସ୍ୱପ୍ନ ସମସ୍ତେ ଦେଖନ୍ତି । କିଛି ସ୍ୱପ୍ନ ଉତ୍ତମ ଭବିଷ୍ୟତକୁ ଇଙ୍ଗିତ କରୁଥିବା ବେଳେ ଆଉ କିଛି ସମ୍ଭାବ୍ୟ ସମସ୍ୟାକୁ ଦର୍ଶାଏ । ସ୍ୱପ୍ନ ଜ୍ୟୋତିଷ ଅନୁସାରେ, କିଛି ସ୍ୱପ୍ନ ଲୋକଙ୍କ ଧନ ହାନି ଦିଗକୁ ମଧ୍ୟ ସୂଚାଇ ଥାଏ ।**



- ସ୍ୱପ୍ନରେ ନିଜେ ନିଜ ଆସବାବପତ୍ରକୁ ଭଙ୍ଗାଭଙ୍ଗି କରୁଥିବା ଦେଖିଲେ, ଏହା ଆର୍ଥିକ ସଙ୍କଟ ଦିଗକୁ ଇଙ୍ଗିତ କରେ ।
- ନିଜକୁ ଦେବାଳିଆ ପରିସ୍ଥିତିରେ ଥିବାର ସ୍ୱପ୍ନ ଦେଖିଲେ ବ୍ୟବସାୟ ବାଧାପ୍ରାପ୍ତ ହୁଏ ।
- ସ୍ୱପ୍ନରେ ପେଚା ଦେଖିବାର ଅର୍ଥ ଧନହାନିର ସଙ୍କେତ ଦିଏ । ଏହାବାଦ୍ ଅନ୍ୟାନ୍ୟ କଷ୍ଟକୁ ବି ସାମ୍ନା କରିବାକୁ ପଡ଼ିଥାଏ ।
- କୌଣସି ଧନୀ ବ୍ୟକ୍ତି ସ୍ୱପ୍ନରେ ପକ୍ଷୀ କ୍ରନ୍ଦନ କରୁଥିବା ଦେଖିଲେ, ଏହା ଆଗକୁ ଅର୍ଥ ସଙ୍କଟ ଦେଖାଦେବାର ସୂଚନାକୁ ଦର୍ଶାଏ । ଏହା ଦ୍ୱାରା ଧନ, ବୈଭବ, ଐଶ୍ୱର୍ଯ୍ୟ ଆଦି ସବୁ ନଷ୍ଟ ହୋଇଥାଏ ।

## ବୌଦ୍ଧ କଥା

# ସମସ୍ୟା ବୁଝିଲେ ସମାଧାନ ସହଜ ହୁଏ



**ଗୌତମ ବୁଦ୍ଧଙ୍କ ମୂଲ୍ୟବାନ ବିଚାର, ଜ୍ଞାନ, ଉପଦେଶ ଓ ନୀତିବାଣୀ ଦ୍ୱାରା ଲୋକଙ୍କ ଜୀବନ ବଦଳି ଯାଏ । ସେଥିପାଇଁ ଜ୍ଞାନାଲୋକକୁ ଅଧିକ ଉଦ୍‌ଭାସିତ କରିବା ପାଇଁ ବୁଦ୍ଧଙ୍କ ବିଚାରଧାରା ଅବଶ୍ୟ ଆପଣାଇବା ଉଚିତ । ଏହି ପରିପ୍ରେକ୍ଷୀରେ ସମସ୍ୟା ବୁଝିଗଲେ ସମାଧାନ କରିବା କିଭଳି ସହଜ ହୁଏ, ସେହି କଥାକୁ ନେଇ ବୁଦ୍ଧଙ୍କର ଏକ ସୁନ୍ଦର ଓ ଶିକ୍ଷଣୀୟ କଥା ନିମ୍ନରେ ପ୍ରଦତ୍ତ କରାଗଲା ।**

ଏକଦା ଗୌତମ ବୁଦ୍ଧଙ୍କର ସମସ୍ତ ଶିଷ୍ୟ ସକାଳୁ ସକାଳୁ ପ୍ରବଚନ ଶୁଣିବା ପାଇଁ ବସିଥିଲେ । କିଛି ସମୟ ପରେ ବୁଦ୍ଧ ତାଙ୍କ ସହ ଗୋଟିଏ ରଶି ବା ଦଉଡ଼ି ଆଣି ଆସିଲେ । ତେବେ ବୁଦ୍ଧଙ୍କ ହାତରେ ରଶି ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ । ବୁଦ୍ଧ ଆସି ତାଙ୍କ ଆସନରେ ବସିଲେ ଏବଂ ରଶିରେ ଗୋଟିଏ ପରେ ଗୋଟିଏ ତିନିଟି ଗଣ୍ଠି ସେଥିରେ ପକାଇଲେ । ଏହାପରେ ସମସ୍ତ ଶିଷ୍ୟଙ୍କୁ ପଚାରିଲେ, ଏହା କ'ଣ ସେହି ରଶି, ଯାହା ଗଣ୍ଠି ପକାଇବା ପୂର୍ବରୁ ଥିଲା ।

ବୁଦ୍ଧଙ୍କ ଏହି ପ୍ରଶ୍ନ ଶୁଣି ଜଣେ ଶିଷ୍ୟ କହିଲେ, ଏହାର ଉତ୍ତର ଦେବା ଖୁବ୍ କଷ୍ଟ । ଅବଶ୍ୟ ଏହାକୁ ଜଣେ କିଭଳି ଦେଖୁଛି, ତାହା ତାଙ୍କ ଉପରେ ନିର୍ଭର କରେ । ଯଦିଓ ରଶି ସମାନ ଏଥିରେ କିଛି ପରିବର୍ତ୍ତନ ନାହିଁ । ସେହିପରି ଏଥିରେ ତିନିଟି ଗଣ୍ଠି ପଡ଼ିଥିବା ଆଉ ଜଣେ ଶିଷ୍ୟ କହିଲେ । ଯାହାକି ପୂର୍ବରୁ ରଶିରେ ନ ଥିଲା ।

ଶିଷ୍ୟଙ୍କ କଥା ଶୁଣି ସମସ୍ତେ ଠିକ୍ କହୁଥିବା ବୁଦ୍ଧ କହିଲେ । ତା'ସହ ବୁଦ୍ଧ କହିଲେ, 'ଏବେ ମୁଁ ରଶିର ଗଣ୍ଠି ଖୋଲି ଦେଉଛି । ଏତକ କହି ବୁଦ୍ଧ ଏହାର ଦୁଇ ପାର୍ଶ୍ୱକୁ ଟାଣିଲେ । ଏହାସହ ଏହିପ୍ରକାରେ କ'ଣ ରଶିର ଗଣ୍ଠି ଖୋଲିବ ବୋଲି ସେ ଶିଷ୍ୟମାନଙ୍କୁ ପଚାରିଲେ ।

ବୁଦ୍ଧଙ୍କ ପ୍ରଶ୍ନ ଶୁଣି ସମସ୍ତ ଶିଷ୍ୟ 'ନା' ବୋଲି କହିଲେ । ଏଭଳି କରିବା ଦ୍ୱାରା ରଶି ଅଧିକ ଶକ୍ତ ହୋଇଯିବ ଏବଂ ଏହାକୁ ଖୋଲିବା ବେଶ୍ କଷ୍ଟକର ହୋଇପଡ଼ିବ । ଏବେ ବୁଦ୍ଧଙ୍କ ଶେଷ ପ୍ରଶ୍ନ- 'ଏହି ଗଣ୍ଠିକୁ ଖୋଲିବା ପାଇଁ ଆମକୁ କ'ଣ କରିବାକୁ ହେବ ବୋଲି ପଚାରିଲେ?'

ଶିଷ୍ୟମାନେ କହିଲେ, 'ଗଣ୍ଠିକୁ ଧ୍ୟାନରେ ଦେଖିବାକୁ ହେବ । ଏହାଦ୍ୱାରା ଜାଣିପାରିବା କିଭଳି ଭାବେ ଗଣ୍ଠି ପଡ଼ିଛି ଏବଂ ଏହାକୁ ଖୋଲିବା ସମ୍ଭବ ହେବ କେମିତି ।' ଶିଷ୍ୟମାନଙ୍କ ଏହି ପ୍ରଶ୍ନରେ ବୁଦ୍ଧ ସନ୍ତୁଷ୍ଟ ହେଲେ ଏବଂ ଏହା ଠିକ୍ କଥା ବୋଲି ସେ କହିଲେ । ବୁଦ୍ଧ ସେଇଠୁ କହିଲେ, 'ଆମେ ସବୁବେଳେ ସମସ୍ୟାରେ ଛନ୍ଦି ହୋଇ ରହିଥାଉ । ତା'ସହ କାରଣ ନ ଜାଣି ସମାଧାନ କରିବା କଥା ଚିନ୍ତା କରିଥାନ୍ତି । ତେବେ ଆମକୁ ସମସ୍ୟା କ'ଣ ମୂଳରୁ ଜାଣିବା ଦରକାର । ଯେତେବେଳେ ସମସ୍ୟା କ'ଣ ବୁଝାପଡ଼ିବ, ଏହାର ସମାଧାନ କରିବା ସହଜ ହୋଇଯିବ ।'



## ଭୋଗଲାଗି ସମୟରେ ...

**ଭଗବାନଙ୍କ ପୂଜା ସମୟରେ ଅନେକ କଥା ଉପରେ ଦୃଷ୍ଟି ଦେବାର ଆବଶ୍ୟକତା ଅଛି । ବିଶେଷକରି ଭୋଗ ସହ ଜଡ଼ିତ ବିଭିନ୍ନ ଦିଗ ଉପରେ ବି ଗୁରୁତ୍ୱ ଦେବା ଜରୁରି ।**

- ପ୍ରସାଦକୁ ପିତ୍ତଳ, ରୁପା, ମାଟି କିମ୍ବା ସୁବର୍ଣ୍ଣ ପାତ୍ରରେ ରଖି ପୂଜା କରିବା ଉଚିତ । ଏହି ସବୁ ପଦାର୍ଥ ପ୍ରସାଦ ପାଇଁ ଅନୁକୂଳ ।
- ଲଙ୍କା, ଲୁଣ, ମସଲାଦାର ଜିନିଷକୁ ଭୋଗ ଭାବେ ଲାଗି କରିବା ଠିକ୍ ନୁହେଁ । ସେହିପରି ରସୁଣ ଓ ପିଆଜକୁ ମଧ୍ୟ ପ୍ରସାଦଠାରୁ ଦୂରେଇ ରଖିବା ଉଚିତ । ଏଣୁ ଭଗବାନଙ୍କ ଭୋଗରେ ଫଳ, ମିଠା, ସାତ୍ତ୍ୱିକ ଜିନିଷ ହିଁ ରଖିବା ଉଚିତ ।
- ପୂଜା ପରେ ପ୍ରସାଦକୁ ବଣ୍ଟନ କରନ୍ତୁ । ପ୍ରସାଦକୁ ନଷ୍ଟ କରିବା ଅନୁଚିତ । ଭୋଗ ବାଣ୍ଟିଲେ ଶୁଭଫଳ ପ୍ରାପ୍ତି ହୁଏ ।
- ଭୋଗଲାଗି ସମୟରେ ଅନ୍ୟ ଏକ ପାତ୍ରରେ ଜଳ ରଖିବା ଜରୁରି । ପ୍ରସାଦ ଉଠାଇବା ସମୟରେ ଜଳକୁ ମଧ୍ୟ ଉଠାଇବା ଦରକାର ।

### ବୁମ୍‌ରାଙ୍କ ଘାତକ ବୋଲିଂ ବ୍ୟର୍ଥ

# ପାଣ୍ଡ୍ୟାଙ୍କୁ ହରାଇଲେ ଗିଲ୍



ଅହମ୍ମଦାବାଦ୍, ୨୪।୩(ଏଜେନ୍ସି)

ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ର ଏକ ହାଇଭୋଲଟେଜ୍ ମ୍ୟାଚ୍‌ରେ ଶୁବମାନ ଗିଲ୍‌ଙ୍କ ଗୁଜରାଟ ଟାଇଟାନ୍ସ ୬ ରନ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଜାଏଣ୍ଟସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୬୮ ରନ୍ କରିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ସମାନ ସଂଖ୍ୟକ ଓଭରରେ ୯ ୱିକେଟ ହରାଇ ୧୬୨ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଯୁବ ଖେଳାଳି ଡିୱାର୍ଲ୍ଡ ବ୍ରେଭିସ୍ ୩୮ ବଲ୍‌ରେ ୪୬, ପୂର୍ବତନ ଅଧିନାୟକ ରୋହିତ ଶର୍ମା ୨୯ ବଲ୍‌ରେ ୪୩ ଓ ତିଳକ ବର୍ମା ୧୯ ବଲ୍‌ରେ ୨୫ ରନ୍ କରିଥିଲେ ମଧ୍ୟ ଦଳ ଜିତିପାରି ନ ଥିଲା। ଇଶାନ କିଶାନ ଖାତା ଖୋଲି ପାରି ନ ଥିଲେ। ଗୁଜରାଟ ପକ୍ଷରୁ ଆଜମତୁଲ୍ଲା ଓମରଜାଇ ଓ ମୋହିତ ଶର୍ମା ପ୍ରଥମେ ୨ଟି ଲେଖାଏଁ ୱିକେଟ ନେଇଥିଲେ। କିନ୍ତୁ ୧୯ତମ ଓଭରରେ ଅଷ୍ଟ୍ରେଲିଆର ଯୁବ ପେସର ସ୍ପେନସର ଜନସନ ୨ଟି (ତିଳକ ବର୍ମା ଓ ଗେରାଲ୍ଡ କୋଏଜୀ) ଓ ୨୦ତମ ଓଭରରେ ଉମେଶ ଯାଦବ ୨ଟି (ହାର୍ଦ୍ଦିକ ପାଣ୍ଡ୍ୟା-୧୧, ପୀୟୂଷ ଚାୱଲା) ୱିକେଟ ନେବା ଫଳରେ ଗୁଜରାଟ ଏହି ମ୍ୟାଚ୍ ଜିତି ପାଣ୍ଡ୍ୟାଙ୍କୁ ଛଡ଼ାଇନେବାର ପ୍ରତିଶୋଧ ନେବାରେ ସମର୍ଥ ହୋଇଛି।

**ବୁମ୍ ବୁମ୍ ବୁମ୍‌ରା:** ଏହି ମ୍ୟାଚ୍‌ରେ ଟସ୍ ହାରିବା ପରେ ଗୁଜରାଟ ଜାଏଣ୍ଟସ ପ୍ରଥମେ ବ୍ୟାଟିଂ କରି ଭଲ ଆରମ୍ଭ କରିଥିଲା। କିନ୍ତୁ ଚତୁର୍ଥ ଓଭରରେ ବୋଲିଂ କରିବାକୁ ଆସି ବୁମ୍‌ରା ତାଙ୍କ ପ୍ରଥମ ବଲ୍‌ରେ ପ୍ରତିପକ୍ଷ ଓପନର ଋଦ୍ଧିମାନ ଶାହଙ୍କୁ ବୋଲ୍ଡ କରିଦେଇଥିଲେ। ଅନ୍ୟପକ୍ଷରେ ଅଧିନାୟକ ଶୁବମାନ ଗିଲ୍ (୨୨ବଲ୍‌ରେ ୩୧ରନ୍)ଙ୍କୁ ପୀୟୂଷ ଚାୱଲା ଆଉଟ କରିବା ପରେ ଗୁଜରାଟର ରନ ହାର ମନ୍ଥର ହୋଇଯାଇଥିଲା। ଡେଭିଡ୍ ମିଲର(୧୨)ଙ୍କୁ ବୁମ୍‌ରା ତାଙ୍କ ପରବର୍ତ୍ତୀ ଶିକାର କରିଥିଲେ। ସାଇ ସୁଦର୍ଶନ ଓ ଆଜମତୁଲ୍ଲା ଦ୍ରୁତ ରନ୍ ସଂଗ୍ରହ କରିଆସୁଥିଲାବେଳେ ଆଉଟ ହୋଇଯାଇଥିଲେ। ୩୯ ବଲ୍‌ରେ ୪୫ ରନ୍ କରିଥିବା ସୁଦର୍ଶନଙ୍କୁ ବୁମ୍‌ରା ତାଙ୍କର ତୃତୀୟ ଶିକାର କରିଥିଲେ। ଯେଉଁ ଖେଳାଳି ଭଲ ଆରମ୍ଭ କରିଆସୁଥିଲେ ତାଙ୍କୁ ବୁମ୍‌ରା କିମ୍ବା କୋଏଜି ଆଉଟ କରି ଏହି ପାଳିକୁ ମୁମ୍ବାଇ ନିୟନ୍ତ୍ରଣରେ ରଖିଥିଲେ। ଶେଷ ଭାଗରେ ରାହୁଲ ତେୱାଟିଆ ୧୫ ବଲ୍‌ରେ ୨ ଚୌକା ଓ ୧ ଛକା ସହ ୨୨ ରନ୍ କରିବା ଫଳରେ ଦଳ ଦେଢ଼ଶ’ ରନ୍ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ମୁମ୍ବାଇ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ୪ ଓଭରରେ ୧୪ ରନ୍ ଦେଇ ୩ଟି ଓ ଗେରାଲ୍ଡ କୋଏଜି ୪ ଓଭରରେ ୨୭ ରନ୍ ଦେଇ ୨ଟି ୱିକେଟ ପାଇଥିଲେ।

#### ଦଳ ବିପକ୍ଷରେ ଖେଳିଲେ ପାଣ୍ଡ୍ୟା

ଏହି ମ୍ୟାଚ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ନେଇଥିଲେ। ଏହା ପୂର୍ବରୁ ସେ ଗୁଜରାଟ ଟାଇଟାନ୍ସର ଅଧିନାୟକ ଥିଲେ। ତାଙ୍କ ନେତୃତ୍ୱରେ ମଧ୍ୟ ଗୁଜରାଟ ଦୁଇ ବର୍ଷରେ ଥରେ ଚାମ୍ପିଅନ ହୋଇଥିଲା। କିନ୍ତୁ ଯେଉଁଭଳି ଭାବେ ସେ ଗୁଜରାଟ ଦଳ ଛାଡିଥିଲେ ତାହାକୁ ନେଇ ବେଶ ଚର୍ଚ୍ଚା ହୋଇଥିଲା। କେବଳ ସେ ନିଜ ଘରୋଇ ଦଳ ଛାଡି ନଥିଲେ ବରଂ ମୁମ୍ବାଇର ନେତୃତ୍ୱ ନେଉଥିବା ରୋହିତ ଶର୍ମାଙ୍କ ସ୍ଥାନରେ ମୁମ୍ବାଇର ଅଧିନାୟକ ହୋଇଥିଲେ। ଏହି ଘଟଣାକୁ ନେଇ ଆଇପିଏଲ୍‌ରେ ବିବାଦ ସୃଷ୍ଟି ହୋଇଥିଲା। ସେ ଯାହା ଅନେକ ଭାବପ୍ରବଣତାକୁ ନେଇ ପାଣ୍ଡ୍ୟା ଏହି ମ୍ୟାଚ୍ ଖେଳିଥିଲେ।

### ସଞ୍ଜୁ ସାମସନ ଶ୍ରେଷ୍ଠ, ସନ୍ଦୀପଙ୍କ ଚତୁର ବୋଲିଂ

# ଲକ୍ଷ୍ନୌକୁ ହରାଇଲା ରାଜସ୍ଥାନ



**ଆଇପିଏଲ୍-୧୭**
**ଆଜିର ମ୍ୟାଚ୍**
**ବେଙ୍ଗାଲୁରୁ-ପଞ୍ଜାବ**
ସ୍ଥାନ- ବେଙ୍ଗାଲୁରୁ, ସମୟ- ରାତି ୭ଟା ୩୦
- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

**ଜୟପୁର, ୨୪।୩(ଏଜେନ୍ସି):** ଅଧିନାୟକ ସଞ୍ଜୁ ସାମସନ (୫୨ ବଲ୍‌ରେ ୮୨ରନ୍)ଙ୍କ ଦ୍ରୁତ ଅର୍ଦ୍ଧଶତକ ଓ ସନ୍ଦୀପ ଶର୍ମା (୧/୨୨)ଙ୍କ ଚତୁର ବୋଲିଂ ବଳରେ ଏଠାରେ ରବିବାର ଖେଳାଯାଇଥିବା ଆଇପିଏଲ-୧୭ର ଚତୁର୍ଥ ଲିଗ୍ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୨୦ ରନ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୧୯୩ ରନ୍ କରିଥିଲା। ଜବାବରେ ଲକ୍ଷ୍ନୌ ସମାନ ସଂଖ୍ୟକ ଓଭରରେ ୬ ୱିକେଟ ହରାଇ ୧୭୩ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହି ମ୍ୟାଚ୍‌ରେ ୫୨ ବଲ୍‌ରୁ ୩ଚୌକା ଓ ୬ ଛକା ସହ ୮୨ ରନ୍ କରିଥିବା ରାଜସ୍ଥାନ ଅଧିନାୟକ ତଥା ୱିକେଟରକ୍ଷକ ସଞ୍ଜୁ ସାମସନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏଠାରେ ରାଜସ୍ଥାନ ଦଳ ପ୍ରଥମେ ବ୍ୟାଟିଂ କରି ଭଲ ଆରମ୍ଭ କରିଥିଲେ ମଧ୍ୟ ୪୯ ରନ୍‌ରେ ୨ଟି ୱିକେଟ ହରାଇଥିଲା। କିନ୍ତୁ ସାମସନ ଓ ରିୟାନ ପରାଗ ତୃତୀୟ ୱିକେଟରୁ ୫୯ ବଲ ଖେଳି ୯୩ ରନ୍ ଉଠାଇବା ଫଳରେ ଦଳ ବିପର୍ଯ୍ୟୟରୁ ରକ୍ଷା ପାଇଥିଲା। ପରାଗ ୨୯ ବଲ୍‌ରେ ୧ ଚୌକା ଓ ୩ଛକା ସହ ୪୩ ରନ୍ କରିଥିଲେ। ସାମସନ ଓ ଧ୍ରୁବ ଜୁରେଲ ୫ମ ୱିକେଟରୁ ୨୨ ବଲ୍‌ରେ ୪୩ ରନ୍ ସଂଗ୍ରହ କରିବା ଫଳରେ ରାଜସ୍ଥାନ ଏକ ସମ୍ମାନଜନକ ସ୍କୋର କରିଥିଲା। ଜବାବରେ ଟ୍ରେଣ୍ଟ ବୋଲ୍ଟ (୨ଟି) ଓ ନାନ୍ଦ୍ରେ ବର୍ଜର (୧ଟି) ପ୍ରଥମ ୩ଟି ୱିକେଟ ନେବା ଫଳରେ ୧୯୪ ରନ୍‌ର ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଲକ୍ଷ୍ନୌ ୧୧ ରନ୍‌ରେ ୩ ୱିକେଟ ହରାଇ ବିପଦରେ ପଡ଼ିଥିଲା। କିନ୍ତୁ ଅଧିନାୟକ ଲୋକେଶ ରାହୁଲ ପ୍ରଥମେ ଦୀପକ ହୁଡାଙ୍କ ସହ ଚତୁର୍ଥ ୱିକେଟରୁ ୨୬ ବଲ୍‌ରେ ୪୯ ରନ୍ ଓ ନିକୋଲସ ପୂରନଙ୍କ ସହ ପଞ୍ଚମ ୱିକେଟରୁ ୫୨ ବଲ୍‌ରେ ୮୫ ରନ୍ ଉଠାଇ ଦଳକୁ ବିଜୟ ଆଡକୁ ନେଇଥିଲେ। ୪୪ ବଲ୍‌ରେ ୫୮ ରନ୍ କରି ରାହୁଲ ଆଉଟ ହେବା ପରେ ଦଳର ରନ୍ ସଂଗ୍ରହ ହାର କମିଯାଇଥିଲା। ନିକୋଲସ ପୂରନ ୪୧ ବଲ୍‌ରୁ ୪ଟି ଲେଖାଏଁ ଚୌକା ଓ ଛକା ବଳରେ ଶେଷଯାଏ ଆଉଟ ନ ହୋଇ ୬୪ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇ ପାରି ନଥିଲେ। ବିଶେଷ କରି ଶେଷ ଭାଗରେ ସନ୍ଦୀପ ଶର୍ମା ଚତୁର ବୋଲିଂ ପ୍ରଦର୍ଶନ କରି ରନ୍ ସଂଗ୍ରହରେ ଅଙ୍କୁଶ ଲଗାଇବା ଫଳରେ ଲକ୍ଷ୍ନୌର ମ୍ୟାଚ୍ ଜିତିବା ସମ୍ଭବ ହୋଇ ପାରି ନ ଥିଲା।



### ଜାତୀୟ ହ୍ୱିଲ ଚେୟାର ଫେନ୍ସିଂରେ ପୂଜାସ୍ୱିନୀ, ପ୍ରଫୁଲ୍ଲଙ୍କ ସ୍ୱର୍ଣ୍ଣ

# ଓଡ଼ିଶା ଓଭରଅଲ ଚାମ୍ପିଅନ

### ମହିଳା ଇପି ଓ ଫଏଲ, ପୁରୁଷ ସାବ୍ରେ ଓ ଫଏଲ ଦଳକୁ ସ୍ୱର୍ଣ୍ଣ



**ଭୁବନେଶ୍ୱର, ୨୪।୩(ସମିସ):** ତାମିଲନାଡୁର କୋଏମ୍ବାଟୁରରେ ଅନୁଷ୍ଠିତ ଜାତୀୟ ହ୍ୱିଲ ଚେୟାର ଫେନ୍ସିଂ ଚାମ୍ପିଅନସିପ୍‌ର ୧୬ତମ ସଂସ୍କରଣର ଅନ୍ତିମ ଦିବସରେ ରବିବାର ଓଡ଼ିଆ ପ୍ରତିଯୋଗୀମାନେ ଦମଦାର ପ୍ରଦର୍ଶନ କରିଛନ୍ତି। ସବୁ ବିଭାଗରେ ଓଡ଼ିଶା ଓଭରଅଲ ଚାମ୍ପିଅନ ବିବେଚିତ ହୋଇଛି। ଅନ୍ୟପଟେ ହରିୟାଣା ଦଳ ଉପ- ବିଜେତା ବିବେଚିତ ହୋଇଛି। ଅନ୍ତିମ ଦିନରେ ପୂଜାସ୍ୱାନୀ ନାୟକ, ପ୍ରଫୁଲ୍ଲ କୁମାର ଖଣ୍ଡାୟତା ରାଏ ବ୍ୟକ୍ତିଗତରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି। ମହିଳା ଇପି ଓ ଫଏଲ ଦଳ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ପୁରୁଷ ସାବ୍ରେ ଓ ଫଏଲ ଦଳ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ ମହିଳା ଫଏଲ ବିଭାଗ ବି’ରେ ପୂଜାସ୍ୱିନୀ ୧୫-୦୩ରେ ଛତିଶଗଡ଼ର ରୋହିଣୀ ସାହୁଙ୍କୁ ହରାଇ ବାଜି ମାରିଛନ୍ତି। ସେହିପରି ପ୍ରଫୁଲ୍ଲ ୧୫-୦୫ରେ ନିକୁ ପ୍ରଧାନଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଥିଲେ।

# ୧୫୦ତମ ମ୍ୟାଚ୍ ଖେଳିବେ ଛେତ୍ରୀ

ଗୌହାଟୀ, ୨୪।୩ (ଏଜେନ୍ସି)



ଭାରତୀୟ ଫୁଟ୍‌ବଲ ଦଳର ସବଠୁ ବରିଷ୍ଠ ଖେଳାଳି ତଥା ଅଧିନାୟକ ସୁନିଲ ଛେତ୍ରୀ ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିବାକୁ ଯାଉଛନ୍ତି। ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଫିଫା ବିଶ୍ୱକପ୍-୨୦୨୬ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ମଙ୍ଗଳବାର ହୋଲି ଅବସରରେ ଏଠାରେ ଖେଳାଯିବ। ୩୯ ବର୍ଷୀୟ ଛେତ୍ରୀଙ୍କ କ୍ୟାରିୟରର ଏହା ୧୫୦ତମ ମ୍ୟାଚ୍ ହେବ। ଏହି ଅବସରରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ସ୍ୱତନ୍ତ୍ର ଭାବେ ସୁନିଲଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ କହିଛନ୍ତି, ‘ଆମ ସମସ୍ତଙ୍କର ସୌଭାଗ୍ୟ ଯେ ଆମେ ୨୦୦୫ରୁ ଏକ ବିସ୍ମୟକାରୀ ଓ ଚମତ୍କାର ଯାତ୍ରା ଦେଖୁଛୁ। ଛେତ୍ରୀ ୧୫୦ତମ ମ୍ୟାଚ୍ ଖେଳିବା ଏକ ଅସାଧାରଣ ଉପଲବ୍ଧି, ଯାହା ଭାରତୀୟ ଫୁଟ୍‌ବଲର ପତାକାକୁ ସର୍ବୋଚ୍ଚ ସ୍ତରକୁ ନେବାରେ ସହାୟକ ହେବ।’ ଉଲ୍ଲେଖଯୋଗ୍ୟ, ସିକନ୍ଦରାବାଦ୍‌ରେ ଜନ୍ମିତ ଛେତ୍ରୀ ୧୨ ଜୁନ ୨୦୦୫ରେ ପାକିସ୍ତାନ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳି ଭାରତୀୟ ଦଳ ପକ୍ଷରୁ ପଦାର୍ପଣ କରିଥିଲେ। ଏହି ମ୍ୟାଚ ୧-୧ ଗୋଲରେ ଡ୍ର’ ରହିଥିବାବେଳେ ଛେତ୍ରୀ ଭାରତ ପାଇଁ ଏକମାତ୍ର ଗୋଲଟି ଦେଇଥିଲେ। ପାଖାପାଖି ୨ ଦଶନ୍ଧିର କ୍ୟାରିୟରରେ ସେ ବର୍ତ୍ତମାନ ସୁଦ୍ଧା ୧୪୯ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୯୩ଟି ଗୋଲ୍ ଦେଇଛନ୍ତି। ଛେତ୍ରୀ ମଧ୍ୟ ଏକ ବିରଳ ସଂଯୋଗର ଅଧିକାରୀ ରହିଛନ୍ତି। ସେ ତାଙ୍କ କ୍ୟାରିୟରର ପ୍ରଥମ, ୨୫ତମ, ୫୦ତମ, ୭୫ତମ, ୧୦୦ତମ, ୧୨୫ତମ ମ୍ୟାଚରେ ଅତିକମ୍‌ରେ ଗୋଟିଏ ଗୋଲ୍ ଦେବାର ସୌଭାଗ୍ୟ ଲାଭ କରିଛନ୍ତି।

# ପ୍ରଥମ ଟେଷ୍ଟ: ପରାଜୟର ଦ୍ୱାରରେ ବାଂଲାଦେଶ

ସିଲହେଟ୍, ୨୪।୩(ଏଜେନ୍ସି)

ସ୍ଥାନୀୟ ସିଲହେଟ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ବାଂଲାଦେଶର ପରାଜୟ ଏକପ୍ରକାର ନିଶ୍ଚିତ ହୋଇଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ପ୍ରଥମ ପାଳିରେ ୬୮ ଓଭରରେ ୨୮୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ବାଂଲାଦେଶ ପ୍ରଥମ ପାଳିରେ ୫୧.୩ ଓଭରରେ ୧୮୮ ରନକରି ଅଲଆଉଟ ହୋଇ ୯୨ ରନ ପଛରେ ପଡିଥିଲା। ଏହାପରେ ଦ୍ୱିତୀୟ ପାଳି ଆରମ୍ଭ କରି ଶ୍ରୀଲଙ୍କା ୧୧୦.୪ ଓଭରରେ ୪୧୮ ରନକରି ଅଲଆଉଟ ହୋଇଥିଲା। ଫଳରେ ବାଂଲାଦେଶ ସମ୍ମୁଖରେ ୫୧୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା।

#### କାମିନ୍ଦୁ, ଧନଞ୍ଜୟଙ୍କ ଲଢୁଆ ଶତକ

ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି ବାଂଲାଦେଶ ରବିବାର ତୃତୀୟ ଦିବସ ଖେଳ ଶେଷସୁଦ୍ଧା ୧୩ ଓଭରରେ ୫ ୱିକେଟ ହରାଇ ୪୭ ରନ ସଂଗ୍ରହ କରି ବିପଦରେ ପଡିଛି। ମ୍ୟାଚ୍ ଆଉ ଦୁଇଦିନ ବାକିଥିବା ବେଳେ ବାଂଲାଦେଶ ବିଜୟ ପାଇଁ ୫ ୱିକେଟ ବାକିଥାଇ ଆଉ ୪୬୪ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ମୋମିନୁଲ ହକ୍ ୭ ଓ ତାଇଜୁଲ ଇସ୍‌ଲାମ ୬ ରନକରି ଅପରାଜିତ ରହିଛନ୍ତି। ଓପନର ଜାକିର ହାସନ ୧୯ ରନକରି ଆଉଟ ହୋଇଥିବା ବେଳେ ଟପ୍‌ଅର୍ଡରର ୪ ବ୍ୟାଟର ଦୁଇଅଙ୍କ ଛୁଇଁ ପାରି ନଥିଲେ। ଓପନର ମାହମୁଦୁଲ ହାସନ ଜୟ, ଶାହଦତ ହୋସେନ ଓ ଲିଟନ ଦାସ ଖାତା ଖୋଲିପାରି ନଥିଲେ। ଅଧିନାୟକ ନାଜମୁଲ ହାସନ ସାଣ୍ଟୋ ୬ ରନକରି ଆଉଟ ହୋଇଥିଲେ। ବୋଲିଂରେ ଶ୍ରୀଲଙ୍କା ପାଇଁ ବିଶ୍ୱ ଫର୍ଣ୍ଣାଣ୍ଡୋ ୩, କସୁନ ରଜିଥା ଓ ଲାହିରୁ କୁମରା ଗୋଟିଏ ଲେଖାଏ ୱିକେଟ ହାସଲ କରିଥିଲେ। ଅସମାପ୍ତ ଦ୍ୱିତୀୟ ପାଳି ସ୍କୋର ୧୧୯/୫ରୁ ଖେଳ ଆରମ୍ଭ କରି ଶ୍ରୀଲଙ୍କା ରବିବାର ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟର ଧନଞ୍ଜୟ ଡି ସିଲ୍‌ଭା ୨୩ରୁ ଖେଳ ଆରମ୍ଭ କରି ୧୦୮ ରନର ଶତକୀୟ ପାଳି ଖେଳିଥିଲେ। ୮ ନଂରେ ବ୍ୟାଟିଂ କରିବାକୁ ଆସିଥିବା କାମିନ୍ଦୁ ମେଣ୍ଡିସ୍ ୧୬୪ ରନର ଶତକୀୟ ପାଳି ଖେଳିଥିଲେ। ସେହିପରି ପ୍ରବାଥ ଜୟସୁରିୟା ୨୫ ରନ କରିଥିଲେ। ବୋଲିଂରେ ବାଂଲାଦେଶ ପାଇଁ ମେହିଦି ହାସନ ମିରାଜ ୪, ତାଇଜୁଲ ଇସ୍‌ଲାମ ଓ ନାହିଦ ରାଣା ଦୁଇଟି ଲେଖାଏ, ଶୋରିଫୁଲ ଇସଲାମ ଓ ଖାଲେଦ ମହମ୍ମଦ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

### ଇଣ୍ଡିଆନ୍ ଓମ୍ୟାନ ଲିଗ୍

# ଓଡ଼ିଶା ଏଫ୍‌ସି ଜିତିଲା ପ୍ରଥମ ଟାଇଟଲ

ଭୁବନେଶ୍ୱର, ୨୪।୩(ସମିସ)



**ଏଏଫ୍‌ସି ଚାମ୍ପିଅନ୍ସ ଲିଗ୍ ଲାଗି ଯୋଗ୍ୟତା ଅର୍ଜନ**

ଭୁବନେଶ୍ୱର ଭିତ୍ତିକ ମହିଳା ଫୁଟ୍‌ବଲ ଦଳ ଓଡ଼ିଶା ଏଫ୍‌ସି ଇତିହାସ ସୃଷ୍ଟି କରିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ରାଉଣ୍ଡ ଅଫ୍ ୧୪ ମୁକାବିଲାରେ ଗତ ସଂସ୍କରଣର ଉପ-ବିଜେତା ଦଳ କିକ୍‌ଷ୍ଟାର୍ଟ ଏଫ୍‌ସିକୁ ୬-୦ ଗୋଲରେ ପରାସ୍ତ କରି ଓଡ଼ିଶା ଏଫ୍‌ସି ଇଣ୍ଡିଆନ ଓମ୍ୟାନ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ପ୍ରଥମଥର ପାଇଁ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି। ଏଥିସହ ଓଡ଼ିଶା ଏଫସି ଏଏଫ୍‌ସି ମହିଳା ଚାମ୍ପିଅନ୍ସ ଲିଗ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଓଡ଼ିଶା ୧୨ଟି ମ୍ୟାଚ୍ ଖେଳି ୧୦ ବିଜୟ, ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହ ୩୧ ଅଙ୍କ ସହ ସାରଣୀର ଶୀର୍ଷରେ ଚାମ୍ପିଅନ ବିବେଚିତ ହୋଇଛି। ସେହିପରି ରବିବାର ଅନୁଷ୍ଠିତ ଅନ୍ୟଏକ ଚତୁର୍ଦ୍ଦଶ ରାଉଣ୍ଡ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ଗୋକୁଲମ କେରଳ ୫-୧ ଗୋଲରେ ଇଷ୍ଟବେଙ୍ଗଲକୁ ପରାସ୍ତ କରିଛି। ଏଥିସହ ଗୋକୁଲମ ୧୨ଟି ମ୍ୟାଚ୍ ଖେଳି ୯ ବିଜୟ, ୨ ଡ୍ର ଓ ଗୋଟିଏ ପରାଜୟ ସହ ୨୯ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହି ଉପ- ବିଜେତା ହୋଇଛି। ଗତ ସଂସ୍କରଣରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

ହ୍ୟାଟ୍ରିକ ଗୋଲ କରି ଲିଣ୍ଡା କୋମ ଶ୍ରେଷ୍ଠ ଖେଳାଳି ବିବେଚିତ ସମ୍ପୂର୍ଣ୍ଣ ଏକପାଖିଆ ଏହି ମ୍ୟାଚ୍‌ରେ ଓଡ଼ିଶା ପାଇଁ ଏସ୍ ଲିଣ୍ଡା କୋମ୍ ୧୧, ୬୬ ଓ ୭୭ତମ ମିନିଟ୍‌ରେ ୩ଟି ଗୋଲ ସ୍କୋର କରିଥିଲେ। ସେହିପରି ପ୍ୟାରୀ ଖାଖା ୧୩ ଓ ୨୨ତମ ମିନିଟରେ ଦୁଇଟି ଗୋଲ ଦେଇଥିଲେ ଓ କାର୍ତ୍ତିକା ୫୮ତମ ମିନିଟ୍‌ରେ ଗୋଟିଏ ଗୋଲ ସ୍କୋର କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଉଗାଣ୍ଡର ଫଜିଲା ଇକ୍‌ୱାପୁଟ୍ ୧୩ଟି ଗୋଲ ଦେଇ ଟପ୍ ସ୍କୋରର ବିବେଚିତ ହୋଇଛନ୍ତି। ପ୍ୟାରୀ ଖାଖା ଓ କିକ୍‌ଷ୍ଟାର୍ଟର କରିଶ୍ମା ଶିରଭୋଇକର ୮ଟି ଲେଖାଏ ଗୋଲ ଦେଇ ଯୁଗ୍ମ ଭାବେ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟତମ ଓଡ଼ିଶା ଖେଳାଳି ୱିନ୍ ଥେଇଙ୍ଗ ତୁନ୍ ୭ଟି ଗୋଲ ଦେଇ ଅନ୍ୟ ଦୁଇ ଖେଳାଳିଙ୍କ ସହ ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି। ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଯୁଗ୍ମ ସମ୍ପାଦକ ତଥା ସର୍ବଭାରତୀୟ ପୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) କାର୍ଯ୍ୟକାରୀ କମିଟି ସଦସ୍ୟ ଅଭିଜିତ ପଲ ମୁଖ୍ୟ ଅତିଥିରୂପେ ଯୋଗ ଦେଇ ଓଡ଼ିଶା ଏଫ୍‌ସି ଦଳକୁ ଚାମ୍ପିଅନ୍ସ ଟ୍ରଫି ପ୍ରଦାନ କରିଥିଲେ।


**‘ନନ୍ଦିଘୋଷ ଟିଭି’**
ନନ୍ଦିଘୋଷ
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) କ୍ୟାମେରାମ୍ୟାନ୍ | ୧- ଏକ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ସିନେମାଟୋଗ୍ରାଫିରେ ଅନ୍ୟୁନ ଡିପ୍ଲୋମା ଡିଗ୍ରୀ। ୨- କ୍ୟାମେରାମ୍ୟାନ୍ ଭାବେ କୌଣସି ବୈଦ୍ୟୁତିକ ଗଣମାଧ୍ୟମରେ ୭ରୁ ୧୦ବର୍ଷ କାର୍ଯ୍ୟ କରିଥିବାର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ୨) ଭିଡିଓ ଏଡିଟର୍ | ୧- ଏକ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ଭିଡିଓ ଏଡିଟିଙ୍ଗ୍‌ରେ ଅନ୍ୟୁନ ଡିପ୍ଲୋମା ଡିଗ୍ରୀ। ୨- ଭିଡିଓ ଏଡିଟର୍ ଭାବେ କୌଣସି ବୈଦ୍ୟୁତିକ ଗଣମାଧ୍ୟମରେ ୫ବର୍ଷ କାର୍ଯ୍ୟ କରିଥିବାର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ୩) ଅନ୍‌ଲାଇନ୍ ଗ୍ରାଫିକ୍ସ ଡିଜାଇନର | ୧- କୌଣସି ବୈଦ୍ୟୁତିକ ଗଣମାଧ୍ୟମରେ ୫ବର୍ଷ WASP SOFTWAREରେ କାର୍ଯ୍ୟ କରିଥିବାର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୨୫ ମାର୍ଚ୍ଚ ୨୦୨୪ ସୁଦ୍ଧା suhana.tabsum@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯


PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA